# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ସେପ୍ଟେମ୍ବର ୨୦/୨୦୨୨ (୧୪ ପୃଷ୍ଠା) | Sambalpur, Tuesday, September 20/2022 Page 14 | ₹ 7.00 | ★★

୧୮ଶ ଭାଗ ୨୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 274 | ମୂଲ୍ୟ ₹୭/-






ଭାରତ ଯୋଡ଼ ଯାତ୍ରାରେ ଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋମବାର କେରଳର ପୁନାମାଦା ହ୍ରଦରେ ଚାଲିଥିବା ସ୍ନେକ୍ ବୋଟ୍ ରେସ୍ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଛନ୍ତି।

# ଭାଜପାରେ ଅମରିନ୍ଦର ସିଂ

ନୂଆଦିଲ୍ଲୀ,୧୯।୯

କଂଗ୍ରେସ ଛାଡ଼ି ନୂଆ ଦଳ ଗଢ଼ିଥିବା ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପ୍ଟେନ ଅମରିନ୍ଦର ସିଂ ସୋମବାର ଭାଜପାରେ ସାମିଲ ହୋଇଛନ୍ତି। ଏଥିସହିତ ସେ ନିଜ ଦଳ ପଞ୍ଜାବ ଲୋକ କଂଗ୍ରେସ (ପିଏଲ୍‌ସି)କୁ ଭାଜପାରେ ମିଶାଇ ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ କେନ୍ଦ୍ର ଆଇନମନ୍ତ୍ରୀ କିରେନ୍ ରିଜିଜୁ ଏବଂ କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ଅମରିନ୍ଦରଙ୍କ ମତପାର୍ଥକ୍ୟ ପରେ ସେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଥିଲେ। ଏହା ପରେ ସେ ଦଳରୁ ବାହାରିଯାଇ ନୂଆ ଦଳ ପିଏଲ୍‌ସି ଗଠନ କରିଥିଲେ। ଭାଜପାରେ ପଞ୍ଜାବର ହେଭିଓ୍ୱେଟ୍ ନେତାଙ୍କୁ ସ୍ୱାଗତ କରିବା ଅବସରରେ ତୋମାର କହିଛନ୍ତି. କ୍ୟାପ୍ଟେନ ସର୍ବଦା ଦଳ ଅପେକ୍ଷା



ଅମରିନ୍ଦର ସିଂ ଭାଜପାରେ ଯୋଗଦେବା ଅବସରରେ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ତାଙ୍କୁ ସ୍ୱାଗତ କରୁଛନ୍ତି।

ରାଷ୍ଟ୍ରକୁ ଗୁରୁତ୍ୱ ଦେଇ ଆସିଛନ୍ତି। ସେ ତାଙ୍କ ଦଳ ସହ ଭାଜପାରେ ମିଶିଥିବାରୁ ବହୁତ ଖୁସି। ସୀମାନ୍ତ ରାଜ୍ୟ ପଞ୍ଜାବର ସୁରକ୍ଷା ସୁନିଶ୍ଚିତ କରିବା ଜରୁରୀ ବୋଲି କୃଷିମନ୍ତ୍ରୀ କହିଛନ୍ତି। ଲଣ୍ଡନରେ ମେରୁଦଣ୍ଡ ଅସ୍ତ୍ରୋପଚାର କରି ନିକଟରେ ଫେରିଥିବା ଅମରିନ୍ଦର ଇତିମଧ୍ୟରେ ଏକାଧିକ ଥର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିଥିଲେ।

# କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଲଢ଼ିବେ ଥରୁର

## ସୋନିଆ ଦେଲେ ସବୁଜ ସଙ୍କେତ

ନୂଆଦିଲ୍ଲୀ,୧୯।୯

ଆସନ୍ତା ମାସ ୧୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନରେ ବରିଷ୍ଠ ନେତା ଶଶୀ ଥରୁର ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି। ଏଥିପାଇଁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସବୁଜ ସଙ୍କେତ ଦେଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଅଧ୍ୟକ୍ଷ ପଦ ପାଇଁ ଥରୁରଙ୍କ ସହ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହେଲଟ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି ବୋଲି କୁହାଯାଉଛି। ବିଦେଶରୁ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରି ଫେରିଥିବା ସୋନିଆଙ୍କୁ ସୋମବାର ଥରୁରଙ୍କ ସମେତ କେତେଜଣ ବରିଷ୍ଠ ନେତା ଭେଟିଥିଲେ। ଥରୁର ନିଜ ନିଷ୍ପତ୍ତି ସମ୍ପର୍କରେ କଂଗ୍ରେସ ଅଧ୍ୟକ୍ଷାଙ୍କୁ


ଶଶୀ ଥରୁର

ଜଣାଇଥିଲେ। ନିର୍ବାଚନ ଲଢ଼ିବା ନିଷ୍ପତ୍ତି ଆପଣଙ୍କ ଉପରେ ନିର୍ଭର କରୁଛି, ଏହା ନିର୍ବାଚନ ପ୍ରକ୍ରିୟା ଅନୁଯାୟୀ ହେବ ବୋଲି ସୋନିଆ କହିଥିବା ଜଣାପଡ଼ିଛି। ଥରୁରଙ୍କ ସହ ବରିଷ୍ଠ ନେତା ଦୀପେନ୍ଦ୍ର ହୁଡା, ଜୟପ୍ରକାଶ ଅଗ୍ରୱାଲ ଏବଂ ବିଜେନ୍ଦ୍ର ସିଂ କଂଗ୍ରେସ ଅଧ୍ୟକ୍ଷାଙ୍କୁ ଭେଟିଥିଲେ।

ସୂଚନାଯୋଗ୍ୟ, ଦଳର ସାଂଗଠନିକ ସ୍ତରରେ ପରିବର୍ତ୍ତନ ଓ ଜଣେ ପୂର୍ଣ୍ଣକାଳୀନ ଅଧ୍ୟକ୍ଷ ନିର୍ବାଚନ ପାଇଁ ଦାବି କରିଥିବା ୨୩ ଅସନ୍ତୁଷ୍ଟ ନେତା (ଜି-୨୩)ଙ୍କ ମଧ୍ୟରେ ଥରୁର ନ ଥିଲେ। ତେବେ ଗତ ମାର୍ଚ୍ଚରେ ସେ ଜି-୨୩ ନେତାଙ୍କୁ ଭେଟିଥିଲେ। ଏଥିସହିତ ସେ ନିର୍ବାଚନ ଲଢ଼ିବା ନେଇ ନିକଟରେ ଇଚ୍ଛା ପ୍ରକାଶ କରିଥିଲେ। ଅଧ୍ୟକ୍ଷ ନିର୍ବାଚନ ନିମନ୍ତେ ୩ ଦିନ ପରେ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ୨୦୧୯ ଲୋକ ସଭା ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ରାହୁଲ ଗାନ୍ଧୀ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ଏବେ ଭାରତ ଯୋଡ଼ୋ ଯାତ୍ରାର ନେତୃତ୍ୱ ନେଉଥିବା ରାହୁଲଙ୍କ ପଛରେ ବିଭିନ୍ନ ରାଜ୍ୟ କଂଗ୍ରେସ କମିଟି ସମର୍ଥନ ଜଣାଇ ପ୍ରସ୍ତାବ ଗୃହୀତ କରାଇଛନ୍ତି। ରାହୁଲ ନିର୍ବାଚନରେ ଭାଗ ନେବେ ନାହିଁ ବୋଲି କହୁଥିବାବେଳେ, ପରବର୍ତ୍ତୀ ସମୟରେ ନିଷ୍ପତ୍ତି ବଦଳାଇପାରନ୍ତି ବୋଲି ଆଶା କରାଯାଉଛି।

# ସଂଖ୍ୟାଗରିଷ୍ଠତାର ପ୍ରମାଣ ଲାଗି ଅଧିବେଶନ ଡାକିଲେ ପଞ୍ଜାବ ସରକାର

ଚଣ୍ଡିଗଡ଼,୧୯।୯

ପଞ୍ଜାବରେ ସରକାର ଭାଙ୍ଗିବା ପାଇଁ ଭାଜପା ପକ୍ଷରୁ 'ଅପରେଶନ କମଳ' ଅଭିଯାନ ଚାଲିଥିବା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଅଭିଯୋଗ ହୋଇଥିଲା। ଏଏପିର ୧୦ ଜଣ ବିଧାୟକଙ୍କୁ ଭାଜପା କିଣିନେବା ପାଇଁ ୨୫ କୋଟି ଲେଖାଏ ଟଙ୍କା ଯାଚିଥିବା ଅଭିଯୋଗ ଉଠିଥିଲା। ବିଧାନସଭାରେ ସରକାରର ସଂଖ୍ୟାଗରିଷ୍ଠତା ପ୍ରମାଣ ଦେବା ଲାଗି ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ସେପ୍ଟେମ୍ବର ୨୨କୁ ଏକ ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି। ଜନସାଧାରଣଙ୍କ ବିଶ୍ୱାସକୁ ବିଶ୍ୱର କୌଣସି ମୁଦ୍ରାରେ ମୂଲ୍ୟାୟନ କରାଯାଇପାରିବ ନାହିଁ। ସରକାରଙ୍କ ପଛରେ ସଂଖ୍ୟାଗରିଷ୍ଠତା ରହିଛି କି ନାହିଁ, ତାହାର ପ୍ରମାଣ ଦେବା ନିମନ୍ତେ ୨୨ରେ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଥିବା ମାନ୍ ଟୁଇଟ୍ କରିଛନ୍ତି।

ସୂଚନାଯୋଗ୍ୟ, ଭାଜପା ପକ୍ଷରୁ ଶାସକ


ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍

ବିଧାୟକଙ୍କୁ କିଣିବା ଲାଗି ଉଦ୍ୟମ ଚାଲିଥିବା ଏଏପି ରାଜ୍ୟ ପୋଲିସ ଡିଜିଙ୍କ ନିକଟରେ ଅଭିଯୋଗ କରିଥିଲା। ଏହି ଅଭିଯୋଗ ଆଧାରରେ ଗତ ୧୪ ତାରିଖରେ ପଞ୍ଜାବ ପୋଲିସ ଏକ ମାମଲା ରୁଜୁ କରିଥିଲା। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ରାଜ୍ୟ ଅର୍ଥମନ୍ତ୍ରୀ ହରପାଲ ସିଂ ଚିମା ଏବଂ ବିଧାୟକମାନେ ଡିଜିପିଙ୍କ ନିକଟରେ ଦାବି କରିଥିଲେ।

# ସମାଜବାଦୀ ପାର୍ଟିର ବିଧାନସଭା ଅଭିଯାନକୁ ଅଟକାଇଲା ପୋଲିସ

ଲକ୍ଷ୍ନୌ,୧୯।୯

ଉତ୍ତରପ୍ରଦେଶ ବିଧାନସଭାର ମୌସୁମୀ ଅଧିବେଶନ ପୂର୍ବରୁ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି, ବେରୋଜଗାରୀ, ଦୁର୍ନୀତି ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ମୁଖ୍ୟ ବିରୋଧୀ ଦଳ ସମାଜବାଦୀ ପାର୍ଟି ପକ୍ଷରୁ ଏକ ବିକ୍ଷୋଭ ଶୋଭାଯାତ୍ରା ବାହାରିଥିଲା। ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଲେଶ ଯାଦବଙ୍କ ନେତୃତ୍ୱରେ ଦଳର ବିଧାୟକ ଓ ଅନ୍ୟ କର୍ମୀମାନେ ପାର୍ଟି ଅଫିସରୁ ବିଧାନ ଭବନ ଅଭିମୁଖେ ବାହାରିଥିବାବେଳେ ବିକ୍ରମାଦିତ୍ୟ ମାର୍ଗ ଛକ ନିକଟରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଫଳରେ ଅଖିଲେଶ ଓ ଅନ୍ୟମାନେ ରାସ୍ତାରେ ଧାରଣାରେ ବସିଥିଲେ। ସମାଜବାଦୀ ପାର୍ଟିକୁ ଏକ ନିର୍ଦ୍ଦିଷ୍ଟ ରାସ୍ତାରେ ଶୋଭାଯାତ୍ରା ବାହାର କରିବା ଲାଗି ଅନୁମତି ଦିଆଯାଇଥିଲା। ସେମାନେ ଅନ୍ୟ ରାସ୍ତାରେ ଶୋଭାଯାତ୍ରା ବାହାର କରିବାରୁ ପୋଲିସ ଅଟକାଇଥିଲା। ତେବେ କୌଣସି ନେତା କିମ୍ବା କର୍ମୀଙ୍କୁ ଗିରଫ କରାଯାଇ ନ ଥିବା ପୋଲିସ ଯୁଗ୍ମ କମିଶନର ପୀୟୂଷ ମୋର୍ଡିଆ କହିଛନ୍ତି।

# ରାଷ୍ଟ୍ରୀୟ ଅଧ୍ୟକ୍ଷ, ଗୃହମନ୍ତ୍ରୀଙ୍କୁ ଭେଟିଲେ ଜୟ ମିଶ୍ର


ବିରୋଧୀ ଦଳ ନେତାଙ୍କ ସହ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ସାହା ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା।

**ସମ୍ବଲପୁର,୧୯।୯(ବ୍ୟୁରୋ):** ଓଡ଼ିଶା ବିଧାନସଭା ବିରୋଧୀ ଦଳ ନେତା ତଥା ସମ୍ବଲପୁର ବିଧାୟକ ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର ସୋମବାର ଦିଲ୍ଲୀ ଗସ୍ତରେ ଯାଇ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ସାହାଙ୍କୁ ଭେଟିଛନ୍ତି। ଏହି ଅବସରରେ ସେ ରାଜ୍ୟର ଦଳୀୟ ସଙ୍ଗଠନକୁ ନେଇ ଦୁଇ ନେତାଙ୍କ ସହ ଆଲୋଚନା କରିଛନ୍ତି। ଏହାସହ ଆଗାମୀ ନିର୍ବାଚନ ପାଇଁ କ'ଣ ରଣନୀତି ରହିବ ଓ କିଭଳି ଦଳ ଭଲ ପ୍ରଦର୍ଶନ କରିବ ସେ ନେଇ ବିଚାରବିମର୍ଶ କରିଛନ୍ତି। ତୃଣମୂଳ ସ୍ତରରେ ଦଳକୁ ମଜଭୁତ କରିବା, ବୁଥ୍ ସ୍ତରରେ ସଙ୍ଗଠନ ସୁଦୃଢ଼ କରିବା ନେଇ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ବିରୋଧୀ ଦଳ ନେତା ମିଶ୍ର କହିଛନ୍ତି, ଦଳୀୟ କାର୍ଯ୍ୟପନ୍ଥାକୁ ନେଇ ଆଲୋଚନା ହୋଇଥିଲା। ରାଜ୍ୟରେ ବର୍ତ୍ତମାନ ଦଳର ସ୍ଥିତିକୁ ନେଇ ଅବଗତ କରାଇଥିଲି। ଆଗାମୀ ଦିନରେ ରାଜ୍ୟରେ ଦଳ କିଭଳି ଭଲ ପ୍ରଦର୍ଶନ କରିବ ଓ ସରକାର ଗଠନ କରିବ ସେ ନେଇ ପ୍ରସ୍ତୁତି କରିବାକୁ ପରାମର୍ଶ ଦେଇଥିଲେ।

# ବୁଦ୍ଧିଜୀବୀ, ସାମାଜିକ କର୍ମୀଙ୍କୁ ନେଇ ଭାରତ ଯୋଡ଼ୋ କାର୍ଯ୍ୟକ୍ରମ

## ଯୋଗଦେଲେ ୨ କେନ୍ଦ୍ର ନେତା

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ସମ୍ପ୍ରତି ଦେଶରେ କଂଗ୍ରେସ ପକ୍ଷରୁ ଚାଲିଥିବା ଭାରତ ଯୋଡ଼ୋ ଯାତ୍ରା ପ୍ରତି ଦେଶବାସୀଙ୍କ ଅଭୂତପୂର୍ବ ଜନ ସମର୍ଥନ ମିଳୁଛି। ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଲେଖକ ଇତ୍ୟାଦି ବିଭିନ୍ନ ବର୍ଗର ଲୋକମାନେ ଏହା ସହିତ ଯୋଡ଼ି ହେଉଛନ୍ତି। ଓଡ଼ିଶାରେ ମଧ୍ୟ ଏହାର ଆଭାସ ମିଳିଛି। ରବିବାର ଓଡ଼ିଶାର ବୁଦ୍ଧିଜୀବୀ, ଲେଖକ, ସାମାଜିକ କର୍ମୀ, ପୂର୍ବତନ ପ୍ରଶାସକ, କଳାକାର ପ୍ରମୁଖ ଏହା ସହିତ ଯୋଡ଼ି ହୋଇଛନ୍ତି। ଏହି ଉପଲକ୍ଷେ ଆୟୋଜିତ ଏକ ବୁଦ୍ଧିଜୀବୀ ଓ ସାମାଜିକକର୍ମୀ ସମ୍ମିଳନୀରେ ଯୋଗଦେଇ ସେମାନେ ଭାରତ ଯୋଡ଼ୋ ଯାତ୍ରା ପ୍ରତି ସେମାନଙ୍କ ସମର୍ଥନ ଜ୍ଞାପନ କରିଛନ୍ତି। ଭୁବନେଶ୍ୱର ସ୍ଥିତ ରେଡ୍‌କ୍ରସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରୀୟ ନେତା ଦିଗ୍‌ବିଜୟ ସିଂ କହିଛନ୍ତି, ଦେଶର ସାମ୍ପ୍ରତିକ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଦୁରବସ୍ଥା ସମୟରେ ସାମାଜିକ କର୍ମୀ ଏବଂ ବୁଦ୍ଧିଜୀବୀମାନେ ନୀରବଦ୍ରଷ୍ଟା ହୋଇ ନ ରହି ବାହାରକୁ ଆସି ଏହାର ପ୍ରବାଦ କରିବାକୁ ଆହ୍ୱାନ ଦେଇଛନ୍ତି। ଆରଏସ୍‌ଏସ ଏବଂ ଭାଜପାର ଜନବିରୋଧୀ ନୀତି, ସମ୍ବିଧାନ ପ୍ରତି ଅସମ୍ମାନ, ଦରଦାମ ସହିତ ବେକାରି ସମସ୍ୟାକୁ ନିୟନ୍ତ୍ରଣ କରିବାରେ ବିଫଳତା ନେଇ ସେମାନେ ସ୍ୱର ଉତ୍ତୋଳନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସ ଦଳର ଜାତୀୟ ପ୍ରବକ୍ତା ଜୟରାମ ରମେଶ ଏଥିରେ ଯୋଗଦେଇ ଭାରତ ଯୋଡ଼ୋର ଉଦ୍ଦେଶ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ସମ୍ପ୍ରତି କେନ୍ଦ୍ରର ଭାଜପା ଦେଶକୁ ଘୃଣା ଓ ବିଦ୍ୱେଷ ଭିତରକୁ ନେଇଯାଉଛି। ଧନୀ ଓ ଗରିବ ଭିତରେ ପାର୍ଥକ୍ୟ ବଢ଼ି ଚାଲିଛି। ଦେଶର ଏକତା ଓ ସମ୍ବିଧାନ ପ୍ରତି ବିପଦ ସୃଷ୍ଟି ହୋଇଛି। ଭାରତ ଯୋଡ଼ୋ ଯାତ୍ରା ମାଧ୍ୟମରେ ଦେଶବାସୀଙ୍କୁ ଯୋଡ଼ିବା ସହିତ ଭାଜପାକୁ ସେଥିରୁ କ୍ଷାନ୍ତ ହେବାକୁ ବାଧ୍ୟ କରିବା ଆହ୍ୱାନ ବୋଲି ସେ କହଛନ୍ତି। ବରିଷ୍ଠ ଖବରଦାତା ରବି ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଯୋଗଦେଇ ଓଡ଼ିଶାରେ ବିଜେଡି ଓ କେନ୍ଦ୍ରର ଭାଜପା ଗୋଟିଏ ମୁଦ୍ରାର ୨ଟି ପାର୍ଶ୍ୱ। ଏହି ୨ ଶକ୍ତିକୁ ପରାସ୍ତ କରିବା ପାଇଁ ସେ ଓଡ଼ିଶାରେ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନଙ୍କୁ ନିବେଦନ କରିଛନ୍ତି।

# ବିଜେଡିର ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ

ନୟାଗଡ଼ ଅଫିସ /ନୂଆଗାଁ,୧୯।୯(ଡି.ଏନ୍.ଏ.)

ନୟାଗଡ଼ ଜିଲା ନୂଆଗାଁ ଥାନା ମହିପୁରଠାରେ ଶନିବାର ରାତିରେ ଦଶପଲ୍ଲା ନିର୍ବାଚନମଣ୍ଡଳୀର ବିଜେଡିର ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଛି। ଏଥିରେ ଉଭୟପକ୍ଷର ୭ ଜଣ ଆହତ ହୋଇଥିବା ବେଳେ ମାଇଛେଳି ପଞ୍ଚାୟତର ପୂର୍ବତନ ସରପଞ୍ଚ ଲିଙ୍ଗରାଜ ପରିଡା ଗୁରୁତର ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ମହିପୁରରେ ଉତ୍ତେଜନା ବଢ଼ିବାରେ ଲାଗିଛି। ଏ ସମ୍ପର୍କରେ ନୂଆଗାଁ ଥାନାରେ ଉଭୟ ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହୋଇଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇନାହିଁ।

ପ୍ରାପ୍ତ ସୂଚନା ଅନୁସାରେ, ପଞ୍ଚାୟତ ନିର୍ବାଚନ ପରେ ଦଶପଲ୍ଲା ନିର୍ବାଚନମଣ୍ଡଳୀର ରାଜନୀତିରେ ଉଷ୍ମତା ବଢ଼ିବାରେ ଲାଗିଛି। ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଗୋଟିଏ ଦଳରେ ଦୁଇଜଣ ନେତାଙ୍କ ମଧ୍ୟରେ ପତିଆରାକୁ ନେଇ ଲଢ଼େଇ ଆରମ୍ଭ ହୋଇଛି। ବିଶ୍ୱକର୍ମା ପୂଜା ଅବସରରେ ଶାସକ ଦଳର ୨ ନେତା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ଶ୍ରୀହରି ନାୟକ ଅନେକ ପୂଜା କମିଟିରେ ଯୋଗଦେଇ ନିଜର ପତିଆରା ଦେଖାଉଥିଲେ। କେତେଗୋଟି ପୂଜା କମିଟି ବିଧାୟକ ବେହେରାଙ୍କୁ ଅତିଥି ଭାବେ ଡାକୁଥିବା ବେଳେ ଆଉ କେତେଗୋଟି ପୂଜା କମିଟି ନାୟକଙ୍କୁ ଅତିଥି ଭାବେ ଡାକିଥିଲେ। ଗୋଟିଏ ଦଳ ମଧ୍ୟରେ


ଆହତ ପୂର୍ବତନ ସରପଞ୍ଚ ଲିଙ୍ଗରାଜ ପରିଡ଼ା

ଦୁଇନେତାଙ୍କ ମଧ୍ୟରେ ଫାଟ ଯୋଗୁ କର୍ମୀଙ୍କ ମଧ୍ୟରେ କନ୍ଦଳ ଦେଖାଦେଇଥିଲା। ଶନିବାର ରାତିରେ ନାୟକ ନିଜ ସମର୍ଥକମାନଙ୍କ ସହ ଏକାଧିକ ପୂଜା କମିଟିରେ ଅତିଥି ରୂପେ ଯୋଗଦେଇ ଫେରୁଥିଲେ। ଅନ୍ୟପକ୍ଷେ ବିଧାୟକ ବେହେରା ମଧ୍ୟ ନିଜ ସମର୍ଥକମାନଙ୍କ ସହ ପୂଜା କମିଟିରେ ଯୋଗଦେଇ ଆସୁଥିଲେ। ରାତି ପ୍ରାୟ ୧୦ଟାରେ ମହିପୁର ଛକଠାରେ ଦୁଇଗୋଷ୍ଠୀ ମୁହାଁମୁହିଁ ହେବାରୁ ବିବାଦ ଦେଖାଦେଇଥିଲା। ପ୍ରଥମେ ବଚସା, ଗାଳି ଗୁଲଜ ଓ ପରେ ମାରପିଟ୍ ଆରମ୍ଭ ହୋଇଯାଇଥିଲା। ଏଥିରେ ବିଧାୟକ ବେହେରାଙ୍କ ଗୋଷ୍ଠୀର ୪ଜଣ ଓ ନାୟକଙ୍କ ଗୋଷ୍ଠୀର ୩ଜଣ ଆହତ ହୋଇଥିଲେ। ମାରପିଟ୍‌ରେ ନାୟକଙ୍କ ସମର୍ଥକ ମାଇଛେଳି ପଞ୍ଚାୟତର ପୂର୍ବତନ ସରପଞ୍ଚ ପରିଡା

■ ମହିପୁରରେ ଉତ୍ତେଜନା, ୭ ଆହତ, ଜଣେ ଗୁରୁତର

■ ପତିଆରାକୁ ନେଇ ଚାଲିଛି ଲଢ଼େଇ

ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସେହିପରି ନାୟକଙ୍କ ସମର୍ଥକଙ୍କ ଗୋଟିଏ ଗାଡିର କାଚ ଭଙ୍ଗା ଯାଇଛି। ସନନ୍ଦ ବେହେରା ଓ ତାଙ୍କ ଗାଡିକୁ ବିଧାୟକ ସମର୍ଥକମାନେ ମହିପୁରଠାରେ ଅଟକ ରଖିଥିଲେ। ପୋଲିସ ପହଞ୍ଚି ଗାଡି ଓ ବେହେରାଙ୍କୁ ଉଦ୍ଧାର କରିଥିବା ସୂଚନା ମିଳିଛି। ଉଭୟଗୋଷ୍ଠୀ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଆଇଆଇସି ପୁଷ୍ପଲତା ବେହେରାଙ୍କୁ ପଚାରିବାରେ ବିଜେଡିର ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ଘଟଣାରେ ୨ଟି ଅଭିଯୋଗ ମିଳିଛି। ଉଭୟପକ୍ଷ ସମାଧାନ କରିବାକୁ ଆଗ୍ରହୀ ଥିବାରୁ ମାମଲା ରୁଜୁ ହୋଇନାହିଁ। ବିବାଦ ସମାଧାନ ହେବାର ଅଛି ବୋଲି କହିଛନ୍ତି। ଏ ସମ୍ପର୍କରେ ଦଶପଲ୍ଲା ବିଧାୟକ ବେହେରାଙ୍କର ୯୪୩୭୧୬୧୬୧୨ ଓ ୭୦୦୮୫୧୩୪୬୬ ନମ୍ବରକୁ ବୁଝିବା ପାଇଁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ଉଠାଇ ନ ଥିଲେ।




ଧରିତ୍ରୀ
DHARITRI
ମଙ୍ଗଳବାର, ସେପ୍ଟେମ୍ବର ୨୦/୨୦୨୨ (୧୪ ପୃଷ୍ଠା) Tuesday, September 20/2022 Page 14




## ଅକ୍ଟୋବରରେ 'କୋଡ୍ ନେମ୍ ତ୍ରିରଙ୍ଗା'

ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରାଙ୍କ ଅଭିନୀତ ଫିଲ୍ମ 'କୋଡ୍ ନେମ୍ ତ୍ରିରଙ୍ଗା' ଅକ୍ଟୋବର ୧୪ରେ ପ୍ରେକ୍ଷାଳୟକୁ ଓହ୍ଲାଇବ।

୧୦

୧୨

## ଆଇନଗତ ପଦକ୍ଷେପ ନେଇପାରନ୍ତି ଭୂଟିଆ

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ ବିରୋଧରେ ଆଇନଗତ ପଦକ୍ଷେପ ନେଇପାରନ୍ତି ପୂର୍ବତନ ଅଧିନାୟକ ବାଇଚୁଙ୍ଗ ଭୂଟିଆ।











ବ୍ରିଟେନ୍ ମହାରାଣୀ ଏଲିଜାବେଥ୍-୨ୟଙ୍କ ଅନ୍ତିମ ସଂସ୍କାରଲାଗି ସୋମବାର ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଲଣ୍ଡନର ୱେଷ୍ଟମିନ୍‌ଷ୍ଟର ଆବେରୁ ୱିନ୍‌ସର୍ କାସ୍‌ଲେ ଅଭିମୁଖେ ନିଆଯାଉଛି।

# ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୩% ବଢ଼ିଲା

### ୨୦୨୨ ଜାନୁୟାରୀରୁ ଲାଗୁ ହେବ

**ଭୁବନେଶ୍ୱର,୧୯।୯(ବ୍ୟୁରୋ)**

ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଖୁସି ଖବର। ସରକାର କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୩ ପ୍ରତିଶତ ବୃଦ୍ଧି କରିଛନ୍ତି। ଏ ସଂକ୍ରାନ୍ତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଅନୁମୋଦନ କରିଛନ୍ତି। ଏଥିଯୋଗୁ ସରକାରୀ କର୍ମଚାରୀମାନଙ୍କ ମହଙ୍ଗା ଭତ୍ତା ୩୧ରୁ ୩୪ ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ପିଛିଲା ଭାବେ ୨୦୨୨ ଜାନୁୟାରୀ ପହିଲାରୁ ଲାଗୁ କରାଯାଇଛି। ଏଥିସହିତ ସଂଶୋଧିତ ହାରରେ ପେନ୍‌ସନ ପାଉଥିବା ଅବସରପ୍ରାପ୍ତ କର୍ମଚାରୀମାନେ ମଧ୍ୟ ଉପକୃତ ହେବେ। କର୍ମଚାରୀ ଓ ପେନ୍‌ସନଭୋଗୀମାନେ ଚଳିତ ମାସର ଦରମା ସହିତ ଏହି ବର୍ଦ୍ଧିତ ଭତ୍ତା ପାଇବେ। ୨୦୨୨ ଜାନୁୟାରୀରୁ ଅଗଷ୍ଟ ପର୍ଯ୍ୟନ୍ତ ବକେୟା ଭତ୍ତା ଅଲଗା ପ୍ରଦାନ କରାଯିବ। ଏହାଦ୍ୱାରା ରାଜ୍ୟ ସରକାରଙ୍କ ୪ ଲକ୍ଷ କର୍ମଚାରୀ ଓ ୩.୫ ଲକ୍ଷ ପେନ୍‌ସନଭୋଗୀ ଉପକୃତ ହେବେ।

### ଆଜିର ସମ୍ପାଦକୀୟ

**ହିଜାବ ଝଡ଼**

### ଆଜିର ମନ୍ତବ୍ୟ

" ବିରୋଧୀଙ୍କ ବିପକ୍ଷରେ ଏକ ଉଦ୍ଦେଶ୍ୟନିହିତ ମନ୍ଦ ମନୋଭାବ ପ୍ରଦର୍ଶନ ନ କରି ଜନକଲ୍ୟାଣ ଦିଗରେ ୟୁପି ସରକାର କେତେ ଦାୟିତ୍ୱବାନ୍ ତାହା ପ୍ରମାଣ କରନ୍ତୁ।

– ମାୟାବତୀ, ବହୁଜନ୍ ସମାଜ ପାର୍ଟି ଅଧ୍ୟକ୍ଷା

## ଆଖିବୁଜିଲେ ଗଣବଳାତ୍କାର ପୀଡ଼ିତା

**ଲକ୍ଷ୍ନୌ,୧୯।୯:** ଉତ୍ତରପ୍ରଦେଶର ପିଲିଭିଟ୍ ଜିଲା ଅନ୍ତର୍ଗତ କୁନ୍ୱାରପୁର ଗ୍ରାମରେ ଗତ ୭ ତାରିଖ ଦିନ ଜଣେ ୧୬ ବର୍ଷୀୟା ଦଳିତ ନାବାଳିକାଙ୍କୁ ଗଣବଳାତ୍କାର ପରେ ନିଆଁ ଲଗାଇ ଦିଆଯାଇଥିଲା। ଗୁରୁତର ଅବସ୍ଥାରେ ୧୨ ଦିନ ହେବ ଲକ୍ଷ୍ନୌର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ପୀଡ଼ିତା ସୋମବାର ଆଖି ବୁଜିଛନ୍ତି। ୨ ଅଭିଯୁକ୍ତ ରାଜବୀର (୧୯) ଏବଂ ତାରାଚାନ୍ଦ ଓରଫ ତରୁଣ କୁମାର (୨୫)ଙ୍କୁ ଗିରଫ କରାଯିବା ପରେ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସେମାନଙ୍କ ବିରୋଧରେ ଆଇପିସି ଏବଂ ପୋକ୍ସୋ ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ନାବାଳିକାଙ୍କ ମୃତଦେହକୁ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି।

## ବାପ ଘରକୁ ଛାଡ଼ିଲେନି ସ୍ୱାମୀ ଦେହରେ ନିଆଁ ଲଗାଇ ସ୍ତ୍ରୀଙ୍କ ମୃତ୍ୟୁ

**କପ୍ତିପଦା,୧୯।୯(ଡି.ଏନ.ଏ):** ବାପ ଘରକୁ ଯିବା ପାଇଁ ସ୍ୱାମୀ ନ ଛାଡ଼ିବାରୁ ରାଗିଯାଇ ଜଣେ ମହିଳା ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିବା ଚର୍ଚ୍ଚାର ବିଷୟ ହୋଇଛି। ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ତେନ୍ତୁଳିବାଡ଼ି ଗ୍ରାମରେ ରବିବାର ରାତିରେ ଏହି ଘଟଣା ଘଟିଛି। ମୃତ ମହିଳା ଜଣକ ହେଲେ ମୁନା ସିଂଙ୍କ ସ୍ତ୍ରୀ ଚନ୍ଦ୍ରମଣୀ। ବାପ ଘରକୁ ଯିବା ପାଇଁ ଚନ୍ଦ୍ରମଣୀ କହୁଥିବା ବେଳେ ପାଖରେ ଟଙ୍କା ନ ଥିବାରୁ ସ୍ୱାମୀ ମୁନା ବାରଣ କରିଥିଲେ। ଏଥିରେ ରାଗିଯାଇ ଚନ୍ଦ୍ରମଣୀ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଘର ଭିତରୁ ଧୂଆଁ ବାହାରିବା ଓ ଚନ୍ଦ୍ରମଣୀଙ୍କ ଚିତ୍କାର ଶୁଣି ପରିବାର ଲୋକେ ପଡ଼ୋଶୀଙ୍କ ସହାୟତାରେ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରିଥିଲେ। ମାତ୍ର ସେତେବେଳକୁ ସେ ୭୦ ପ୍ରତିଶତ ପୋଡ଼ି ଯାଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଉଦଳା ଡାକ୍ତରଖାନା ଓ ପରେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ କପ୍ତିପଦା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪୪/୨୨) ରୁଜୁ ହୋଇଛି।

# ପୁଣି ନକଲି ଔଷଧ ଠାବ

**କଟକ ଅଫିସ, ୧୯।୯**

ନକଲି ମେଡିସିନ୍‌କୁ ନେଇ କଟକରେ ପୁଣି ତନାଘନା ଜୋରଦାର ହୋଇଛି। ସୋମବାର ପୁରୀଘାଟ ଥାନା ପୋଲିସ ଏକ ଟ୍ରାନ୍ସପୋର୍ଟ ଏଜେନ୍ସିରୁ ୧୩୫୦ ଷ୍ଟ୍ରିପ୍ ନକଲି ଟେଲ୍‌ମା-୪୦ ମେଡିସିନ୍ ଜବତ କରିଛି। ଜବତ ମେଡିସିନ୍‌ର ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏସବୁକୁ ମାଣିକଘୋଷ ବଜାରସ୍ଥ ଭି.ଆର୍. ଡ୍ରଗ୍ସ ଏଜେନ୍ସି କୋଲକାତାରୁ କିଣିଥିବା ତଦନ୍ତରୁ ଜଣାପଡ଼ିଛି। ଏହି ଔଷଧ ବିକ୍ରିକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଷେଧ କରାଯାଇଥିବା ସତ୍ତ୍ୱେ ଏହାର କାରବାର ଚାଲିଥିବା ସୋମବାର ଚଢ଼ାଉରୁ ସ୍ପଷ୍ଟ ହେଉଛି।

ସୂଚନା ଅନୁଯାୟୀ, ଉଚ୍ଚ ରକ୍ତଚାପର ଚିକିତ୍ସା ପାଇଁ ବ୍ୟବହୃତ ହେଉଥିବା ଟେଲ୍‌ମା-୪୦ ଏବଂ ଟେଲ୍‌ମା-ଏଏମ୍ ଟାବ୍‌ଲେଟକୁ ନକଲି କରି ବିକ୍ରି କରାଯାଉଥିବା ନେଇ କିଛିଦିନ ତଳେ ଅଭିଯୋଗ ହୋଇଥିଲା। ଏନେଇ ୧୦ ତାରିଖରେ ଡ୍ରଗ୍ସ ଇନ୍ସପେକ୍ଟରଙ୍କ ପକ୍ଷରୁ ପୁରୀଘାଟ ଥାନାରେ ଏତଲା ଦିଆଯିବା ପରେ ଦୁଇଟି ମାମଲା ରୁଜୁ କରାଯାଇଥିଲା। ଯାଉଁଳିଆପଟିସ୍ଥିତ ପୂଜା ଏଣ୍ଟରପ୍ରାଇଜେସ୍‌ର ମାଲିକ ସଞ୍ଜୟ ଜଲାନ, ତାଙ୍କ ସ୍ତ୍ରୀ ଚଞ୍ଚଳ ଜଲାନ ଏବଂ ମାଣିକଘୋଷ ବଜାରର ଭି.ଆର୍. ଡ୍ରଗ୍ସ ଏଜେନ୍ସିର ମାଲିକ ବର୍ଷାରାଣୀ କ୍ୟାଲ ଓ ତାଙ୍କ ସ୍ୱାମୀ ରାହୁଲ କ୍ୟାଲଙ୍କୁ ଅଭିଯୁକ୍ତ ଦର୍ଶାଯାଇ ଥିଲା। ୧୧ ତାରିଖରେ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ☞ପୃଷ୍ଠା-୨

### ୧୩୫୦ ଷ୍ଟ୍ରିପ୍ 'ଟେଲ୍‌ମା-୪୦' ଜବତ

### ନିଷେଧ ସତ୍ତ୍ୱେ ଚାଲିଛି କାରବାର



କଟକ ମାଲଗୋଦାମସ୍ଥିତ ଏକ ଟ୍ରାନ୍ସପୋର୍ଟ ଏଜେନ୍ସିରେ ସୋମବାର ପୋଲିସ ଦ୍ୱାରା ଜବତ ଟେଲ୍‌ମା-୪୦।

### ଦୁଇ ମାଲିକାଣୀଙ୍କୁ ହାଇକୋର୍ଟଙ୍କ ଅନ୍ତରୀଣ ସୁରକ୍ଷା

ନକଲି ମେଡିସିନ କାରବାର ମାମଲାରେ ଅଭିଯୁକ୍ତ ଥିବା ମାଣିକଘୋଷ ବଜାର ଭି.ଆର୍. ଡ୍ରଗ୍ସ ଏଜେନ୍ସିର ମାଲିକାଣୀ ବର୍ଷାରାଣୀ କ୍ୟାଲ ଏବଂ ଯାଉଁଳିଆପଟିସ୍ଥିତ ପୂଜା ଏଣ୍ଟରପ୍ରାଇଜେସ୍‌ର ମାଲିକାଣୀ ଚଞ୍ଚଳ ଜଲାନଙ୍କୁ ସୋମବାର ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ଅନ୍ୟାଦେଶ ଯାଏ ଉଭୟଙ୍କୁ ଗିରଫ କରାଯାଇ ପାରିବ ନାହିଁ ବୋଲି ଅଦାଲତ ତାଙ୍କ ନିର୍ଦ୍ଦେଶରେ ଦର୍ଶାଇଛନ୍ତି। ନକଲି ମେଡିସିନ କାରବାର ସହ ସମ୍ପୃକ୍ତ ଥିବା ଅଭିଯୋଗରେ ୨ଜଣ ଗିରଫ ହୋଇଥିବା ବେଳେ ଯେକୌଣସି ମୁହୂର୍ତ୍ତରେ ପୋଲିସ ଏହି ମାଲିକାଣୀ ଦ୍ୱୟଙ୍କୁ ଗିରଫ କରିବାର ଆଶଙ୍କା ଥିଲା। ତେଣୁ ଉଭୟେ ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀଙ୍କ ପରଲୋକ

### ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର,୧୯।୯(ବ୍ୟୁରୋ)/ ଭଦ୍ରକ ଅଫିସ/ ଧାମନଗର(ଡି.ଏନ୍.ଏ.)**



ବିଷ୍ଣୁ ଚରଣ ସେଠୀ

ବିରୋଧୀ ଦଳ ଉପନେତା ତଥା ଧାମନଗର ଭାଜପା ବିଧାୟକ ବିଷ୍ଣୁ ଚରଣ ସେଠୀଙ୍କ ସୋମବାର ସକାଳ ୭ଟା ୪୫ରେ ପରଲୋକ ହୋଇଛି। ତାଙ୍କୁ ୬୧ ବର୍ଷ ହୋଇଥିଲା। ବିଷ୍ଣୁ ପ୍ରାୟ ବର୍ଷେ ହେବ କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ତାଙ୍କର ନିୟମିତ ଡାଏଲିସିସ୍ ଚାଲିଥିଲା। କିଛିଦିନ ତଳେ ମଧୁମେହ ଓ ରକ୍ତଚାପଜନିତ ରୋଗରେ ଅସୁସ୍ଥ ହେବାରୁ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ଅଗଷ୍ଟ ୨୮ରେ ପୁଣି ଅସୁସ୍ଥ ହେବାରୁ ତାଙ୍କୁ ପୁଣି ଏମ୍ସରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି। ଏ ନେଇ ଏମ୍ସର ଆଡିଶନାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଭାସ ରଞ୍ଜନ ତ୍ରିପାଠୀ ସୂଚନା ଦେଇଥିଲେ। ବିଷ୍ଣୁଙ୍କ ସ୍ତ୍ରୀ, ଗୋଟିଏ ପୁଅ ଓ ଝିଅ ଅଛନ୍ତି। ବିଧାୟକଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଧାମନଗରରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପାଇବା ପରେ ବିଭିନ୍ନ ରାଜନୈତିକ ଦଳର ବିଧାୟକ ଓ ନେତାମାନେ ଏମ୍ସ ଯାଇ ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟପାଳ ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ପ୍ରମୁଖ ବିଷ୍ଣୁଙ୍କ ଅକାଳ ବିୟୋଗରେ ☞ପୃଷ୍ଠା-୨

# କ୍ଲାସ୍ ସରିବା ପରେ କଲେଜରେ ରହିପାରିବେନି ପିଲା

### ଶୈକ୍ଷିକ ବାତାବରଣ ପାଇଁ ଗଣଶିକ୍ଷା ବିଭାଗର ପ୍ରୟାସ

**ଭୁବନେଶ୍ୱର, ୧୯।୯(ବ୍ୟୁରୋ)**

- **ଦୈନିକ ଉପସ୍ଥାନ ନିଆଯିବ**
- **ଗଠନ ହେବ ସ୍ୱତନ୍ତ୍ର ସୁରକ୍ଷା କମିଟି**
- **ନିୟମ ନ ମାନିଲେ ହେବ କାର୍ଯ୍ୟାନୁଷ୍ଠାନ**
- **ତିନିମାସରେ ଥରେ ବସିବ ଅଭିଭାବକ ବୈଠକ**

କଲେଜ କ୍ୟାମ୍ପସରେ ଶୈକ୍ଷିକ ବାତାବରଣ ସୃଷ୍ଟି ଲାଗି କେତେକ ନୂଆ ପଦକ୍ଷେପ ନେଇଛି ଗଣଶିକ୍ଷା ବିଭାଗ। କ୍ଲାସ ସରିବା ପରେ ଆଉ କ୍ୟାମ୍ପସରେ ରହିପାରିବେନି ଛାତ୍ରୀଛାତ୍ର। ପୂର୍ବଭଳି ଆଉ କ୍ଲାସ୍ ପରବର୍ତ୍ତୀ ଖଟିଜମିବ ନାହିଁ। ଶେଷ କ୍ଲାସ ଘଣ୍ଟା ବାଜିବାର ସର୍ବାଧିକ ଅଧଘଣ୍ଟା ଭିତରେ ପିଲାଙ୍କୁ କ୍ୟାମ୍ପସ ଛାଡ଼ିବାକୁ ପଡ଼ିବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। କରୋନା ସ୍ଥିତି ସୁଧୁରିଥିବାରୁ ଚଳିତ ଶିକ୍ଷାବର୍ଷରୁ ଯୁକ୍ତ୨ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ, ସୁରକ୍ଷା ଓ ଶୈକ୍ଷିକ ବାତାବରଣ ସୃଷ୍ଟିକୁ ଗୁରୁତ୍ୱ ଦିଆଯାଉଛି। ତେଣୁ ବୈଠକରେ ଏନେଇ ଆଲୋଚନା କରାଯିବା ସହ ଆଉ କେତେକ ନିଷ୍ପତ୍ତି ନିଆଯାଇଛି। ଏ ସଂକ୍ରାନ୍ତରେ ଖୁବ୍‌ଶୀଘ୍ର ରାଜ୍ୟର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଏବଂ ☞ପୃଷ୍ଠା-୨

# ବିମାନରେ କାଚ ଭାଙ୍ଗିଲେ, ତଳେ ଗଡ଼ିଲେ

**ଇସ୍‌ଲାମାବାଦ୍,୧୯।୯**

### ପାକ୍ ଯୁବକଙ୍କ ଉନ୍ମତ୍ତକାଣ୍ଡ



ପାକିସ୍ତାନରୁ ଦୁବାଇ ଯାଉଥିବା ବିମାନରେ ଜଣେ ଯାତ୍ରୀ ବାତଲାମି କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ମଝି ଆକାଶରେ ବିମାନରୁ ଓହ୍ଲାଇବା ପାଇଁ ଜିଦ୍ କରିଥିଲେ ସମ୍ପୃକ୍ତ ଯୁବକ। ଯେତେ ବୁଝାସୁଝା କଲେ ସୁଦ୍ଧା ସେ କାହା କଥା ଶୁଣି ନ ଥିଲେ। ଯୁବକଙ୍କ ଏ ପ୍ରକାର ଅସ୍ୱାଭାବିକ ବ୍ୟବହାର ପାଇଁ ପାକିସ୍ତାନ ଇଣ୍ଟରନ୍ୟାଶନାଲ ଏୟାରଲାଇନ୍ (ପିଆଇଏ) ଯୁବକଙ୍କୁ କଳା ତାଲିକାଭୁକ୍ତ କରିଦେଇଛି।

ପ୍ଲେନ୍‌ଟି ପେଶାୱରରୁ ଦୁବାଇ ଅଭିମୁଖେ ଯାଉଥିଲା। ଉଡ଼ାଣ ଭରିବା କିଛି ସମୟ ମଧ୍ୟରେ ହଠାତ୍ ଯୁବକ ଜଣକ ବିମାନରୁ ଓହ୍ଲାଇବାକୁ କହିଥିଲେ। ଖାଲି ସେତିକି ନୁହେଁ ନିଜ ସିଟ୍‌ରୁ ଉଠି ପାଖରେ ବସିଥିବା ଯାତ୍ରୀଙ୍କୁ ହଟାଇ ବିମାନ ଫ୍ଲୋର୍‌ରେ ଗଡ଼ିପଡ଼ିଥିଲେ। ଯୁବକଙ୍କ ଏ ପ୍ରକାର ବ୍ୟବହାରରେ ଅନ୍ୟ ଯାତ୍ରୀ ବିବ୍ରତ ହୋଇ ଏହାର ସୂଚନା ପ୍ଲେନ୍ କର୍ତ୍ତୃପକ୍ଷଙ୍କୁ ଦେଇଥିଲେ। କ୍ରିଉ ମେମ୍ବର ସେଠାରେ ପହଞ୍ଚି ଯୁବକଙ୍କୁ ଯେତେ ବୁଝାସୁଝା କରିଥିଲେ ହେଁ ସେ ବୁଝି ନ ଥିଲେ। ବିମାନ ଝରକାକୁ ଗୋଇଠା ମାରି ତା' ସଟର ଭାଙ୍ଗିବା ସହ ସିଟ୍‌କୁ ମଧ୍ୟ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ। ତା' ପରେ ସମ୍ପୃକ୍ତ ଯୁବକ ଜୋର୍ ପାଟିରେ ଆଜାନ୍ (ସାମୁହିକ ପ୍ରାର୍ଥନା) ପାଠ କରିଥିଲେ। ଅନ୍ୟ ଯାତ୍ରୀଙ୍କୁ ଅସୁବିଧା ହେବା ନେଇ ଯୁବକଙ୍କୁ କ୍ରିଉ ମେମ୍ବର ଏଭଳି ବ୍ୟବହାର ନ କରିବା ପାଇଁ କହିଥିଲେ ହେଁ ସେ କ୍ରିଉ ମେମ୍ବରଙ୍କ ଉପରକୁ ପାଲଟା ଆକ୍ରମଣ କରିଥିଲେ। ପରିଶେଷରେ ଅତିଷ୍ଠ ହୋଇ ବିମାନ କର୍ମଚାରୀ ଏଭିଏସନ୍ ଆଇନ ବଳରେ ଯୁବକଙ୍କୁ ତାଙ୍କ ସିଟ୍‌ରେ ବଳପୂର୍ବକ ବାନ୍ଧି ଦେଇଥିଲେ। ବିମାନଟି ଦୁବାଇରେ ଲ୍ୟାଣ୍ଡ୍ କରିବା ପରେ କର୍ତ୍ତୃପକ୍ଷ ତାଙ୍କୁ କାବୁ କରିନେଲେ। ପିଆଇଏ ସମ୍ପୃକ୍ତ ଯୁବକଙ୍କୁ କଳା ତାଲିକା ଭୁକ୍ତ କରିବା ସହ ତାଙ୍କୁ ପୁଣି ପାକିସ୍ତାନ ପଠାଇ ଦେଇଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୭୩,୮୩,୮୬୬ | ୬୫,୩୧,୨୦୦ | ୫୯,୭୦,୭୪,୮୮୫ |
| ଭାରତ | ୪,୪୫,୩୯,୦୪୬ | ୫,୨୮,୩୫୫ | ୪,୩୯,୬୨,୬୬୪ |
| ଓଡ଼ିଶା | ୧୩,୩୧,୯୧୮ | ୯୧୮୬(+୫୩) | ୧୩,୨୧,୧୨୬ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ବଦଳିବ ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନ ନାଁ
# ରାଜ୍ୟ ସରକାର ପ୍ରସ୍ତାବ ଦେଲେ

**ଯାଜପୁର ଅଫିସ,୧୯।୯**

ପୂର୍ବତଟ ରେଳପଥ ଅଧୀନ ହାଓଡା-ଚେନ୍ନାଇ ରେଳଲାଇନରେ ଥିବା ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନର ନାମ ପରିବର୍ତ୍ତନ ପ୍ରସ୍ତାବକୁ ରାଜ୍ୟ ସରକାର ଚୂଡାନ୍ତ କରିଛନ୍ତି। ଏହି ମର୍ମରେ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଉପସଚିବ କଳ୍ପତରୁ ସାମନ୍ତରାୟ ୧୭।୯।୨୦୨୨ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଚିବଙ୍କୁ ପ୍ରସ୍ତାବ ଦେଇଛନ୍ତି। ଯାଜପୁର ଜିଲାପାଳ ୧୮।୩।୨୦୨୦ରେ ଜଷ୍ଟିଫିକେଶନ ରିପୋର୍ଟ ଦେବା ପରେ ରାଜ୍ୟ ସରକାର ଉକ୍ତ ପ୍ରସ୍ତାବ ଦେବାକୁ ଅଢେଇ ବର୍ଷ ସମୟ ନେଇଛନ୍ତି। ଏହାବାଦ୍ ହରିଦାସପୁର-ପାରାଦୀପ ରେଳଲାଇନରେ ଥିବା ରତ୍ନଗିରି ରୋଡ୍ ରେଳଷ୍ଟେଶନ ନାଁକୁ ପରିବର୍ତ୍ତନ କରି ଉଦୟଗିରି-ରତ୍ନଗିରି ରୋଡ୍ ନାଁରେ ନାମିତ କରିବାକୁ ପ୍ରସ୍ତାବ ଦିଆଯାଇଛି।

**■ ରତ୍ନଗିରି ରୋଡ୍ ନାଁ ବଦଳରେ ଉଦୟଗିରି-ରତ୍ନଗିରି ରୋଡ୍ ହେବ**

କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଲାଗି ବ୍ୟାସନଗର ସହରରେ ଥିବା ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନକୁ ନାମ ପରିବର୍ତ୍ତନ କରି ଯାଜପୁର ରେଳ ଷ୍ଟେଶନ ନାମରେ ନାମିତ କରିବାକୁ ୩୦।୧୦।୨୦୧୮ ଓ ୩୦।୧୧।୨୦୧୮ରେ ତତ୍କାଳୀନ ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଦିଲ୍ଲୀ ବାରଡ଼ପୁରରେ ରହୁଥିବା ହରିଶ୍ଚନ୍ଦ୍ର ସାହୁ ପତ୍ର ମାଧ୍ୟମରେ ଦାବି କରିଥିଲେ। ଏପରି କି ସେ ଏନେଇ ୨୨।୭।୨୦୧୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦାବିପତ୍ରରେ ସେ ଦର୍ଶାଇଥିଲେ ଯେ, ଯାଜପୁର-କେନ୍ଦୁଝର ରୋଡ୍ ରେଳଷ୍ଟେଶନର ନାଁ ସମ୍ପୂର୍ଣ୍ଣ ଭୁଲ୍। କେନ୍ଦୁଝର ଜିଲାକୁ ପୂର୍ବରୁ ରେଳଲାଇନ ଯାଇଛି ଓ କେନ୍ଦୁଝର ରୋଡ୍ ରେଳଷ୍ଟେଶନ ନାମ ରହିଛି, ଯାହାକି କେନ୍ଦୁଝର ଜିଲା ଅନ୍ତର୍ଗତ। ଇଂରେଜ ଶାସନ କାଳରେ ଏହି ଷ୍ଟେଶନ ସ୍ଥାପିତ ହୋଇଥିଲା। ଯାଜପୁର ଓ କେନ୍ଦୁଝର ଜିଲା ସମ୍ପୂର୍ଣ୍ଣ ଅଲଗା। ଯାଜପୁର-କେନ୍ଦୁଝର ରୋଡ୍ ନାମ କେନ୍ଦୁଝର ଜିଲା ଅନ୍ତର୍ଗତ ବୋଲି ମନେହେଉଛି। ଯେହେତୁ ଯାଜପୁର ଜିଲା ଏକ ସ୍ୱତନ୍ତ୍ର ଜିଲାର ମାନ୍ୟତା ପାଇ ସାରିଛି, ତେଣୁ ଏହି ଷ୍ଟେଶନ ନାଁରେ କେନ୍ଦୁଝର ଯୋଡ଼ିବାର ଆଉ ଆବଶ୍ୟକତା ନାହିଁ। ତେଣୁ ଜିଲା ଅନୁସାରେ ଏହି ଷ୍ଟେଶନର ନାଁ ଯାଜପୁର ନାମରେ ନାମିତ କରିବାକୁ ସାହୁ ଦାବି କରିଥିଲେ। ଏହି ଦାବି ଉପରେ ଇଷ୍ଟକୋଷ୍ଟ ରେଳୱେ ପକ୍ଷରୁ ଯାଜପୁର ଜିଲାପାଳ ଏବଂ ସ୍ଥାନୀୟ ଲୋକଙ୍କ ମତାମତ ଲୋଡ଼ା ଯାଇଥିଲା। ଜିଲାପାଳ ଯାଜପୁର ରୋଡ୍‌ର କେତେଜଣ ବୁଦ୍ଧିଜୀବୀଙ୍କ ସହ ବୈଠକ କରି ଏହି ନାମ ପରିବର୍ତ୍ତନ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ସ୍ଥାନୀୟ ଲୋକେ ଏହି ଷ୍ଟେଶନର ନାମ ଯାଜପୁର ରୋଡ୍ କରିବାକୁ ଦାବି କରିଥିଲେ, ଅନ୍ୟଥା ନାମ ପରିବର୍ତ୍ତନର କୌଣସି ଆବଶ୍ୟକତା ନାହିଁ ବୋଲି ମତ ଦେଇଥିଲେ। ତଦନୁସାରେ ଯାଜପୁର ଜିଲାପାଳ ତାଙ୍କ ପତ୍ରସଂଖ୍ୟା ୯୫୨/ଜିଏମ୍/୧୮।୩।୨୦୨୦ରେ ପରିବହନ ବିଭାଗରେ ଜଷ୍ଟିଫିକେଶନ ରିପୋର୍ଟ ଦାଖଲ କରିଥିଲେ।




ଯାଜପୁର ଜିଲାରେ ଭାରତ ବର୍ଷର ବୌଦ୍ଧ କୀର୍ତ୍ତିରାଜିର ଏକ ଅଦ୍ୱିତୀୟ ପର୍ଯ୍ୟଟନ କ୍ଷେତ୍ର ତଥା ହୀରକ ତ୍ରିଭୁଜ ବଳୟ ରତ୍ନଗିରି-ଉଦୟଗିରି-ଲଳିତଗିରି ରହିଛି। ନିକଟରେ ଏହି ପର୍ଯ୍ୟଟନସ୍ଥଳ ଦେଇ ହରିଦାସପୁର-ପାରାଦୀପ ରେଳଲାଇନ କାର୍ଯ୍ୟକାରୀ ହୋଇଛି। ଏହି ରେଳଲାଇନରେ ରତ୍ନଗିରି ରୋଡ୍ ରେଳଷ୍ଟେଶନ ରହିଛି। ତେଣୁ ଲୋକଙ୍କ ଦାବି ଅନୁସାରେ ଏହି ଷ୍ଟେଶନର ନାମ ପରିବର୍ତ୍ତନ କରି ଉଦୟଗିରି-ରତ୍ନଗିରି ରୋଡ ରେଳଷ୍ଟେଶନ ନାଁରେ ନାମିତ କରିବାକୁ ପରିବହନ ବିଭାଗ ପ୍ରସ୍ତାବ ଦେଇଛି।




# ତଦନ୍ତ କଲା ସ୍ୱାସ୍ଥ୍ୟ ବିଭାଗ ଟିମ୍



ତଦନ୍ତ ପାଇଁ ଆସିଥିବା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ।

**କେନ୍ଦୁଝର,୧୯।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁମୃତ୍ୟୁ ଘଟଣାର ତଦନ୍ତ ପାଇଁ ପହଞ୍ଚିଛନ୍ତି ସ୍ୱାସ୍ଥ୍ୟ ବିଭାଗର ୨ଜଣିଆ ଟିମ୍। ଶିଶୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡା. ରଶ୍ମିରଞ୍ଜନ ଶତପଥୀ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ଶିଶୁ ସ୍ୱାସ୍ଥ୍ୟ ପରାମର୍ଶଦାତା ଡା. ରବୀନ୍ଦ୍ର ନାଥ ପଣ୍ଡା ସୋମବାର ଡାକ୍ତରଖାନାର ସ୍ୱତନ୍ତ୍ର ନବଜାତ ଶିଶୁ କେନ୍ଦ୍ର(ଏସ୍ଏନ୍‌ସିୟୁ) ୱାର୍ଡକୁ ଯାଇ ସେଠାରେ ସ୍ଥିତି ଅନୁଧ୍ୟାନ କରିଥିଲେ। ସେହିପରି ବିଭାଗର ଡାକ୍ତର, ନର୍ସ, ଅନ୍ୟାନ୍ୟ କର୍ମଚାରୀ ଏବଂ ରୋଗୀ ସମ୍ପର୍କୀୟଙ୍କ ସହ ଆଲୋଚନା କରି ତଥ୍ୟ ସଂଗ୍ରହ କରିଥିଲେ। ତଦନ୍ତ ରିପୋର୍ଟ ସେମାନେ ସରକାରଙ୍କ ନିକଟରେ ଦାଖଲ କରିବେ ବୋଲି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୨୪ଘଣ୍ଟା ମଧ୍ୟରେ ଏହି ଡାକ୍ତରଖାନାର ଏସ୍ଏନ୍‌ସିୟୁରେ ଚିକିତ୍ସାଧୀନ ଥିବା ୪ ନବଜାତ ଶିଶୁଙ୍କ ସମେତ ଗତ ୧୮ ଦିନରେ ସମୁଦାୟ ୧୩ଜଣ ନବଜାତ ଶିଶୁଙ୍କ ମୃତ୍ୟୁକୁ ନେଇ ରାଜ୍ୟରେ ଆଲୋଡନ ସୃଷ୍ଟି ହୋଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ଚିଠିନଂ. ୪୩୯୨/୧୯।୯।୨୦୨୨ ଅନୁଯାୟୀ ୨ ଜଣିଆ କମିଟି ଦ୍ୱାରା ତଦନ୍ତ କରି ତୁରନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଚିକିତ୍ସାରେ ଅବହେଳା ଏବଂ ଡାକ୍ତର ଅନୁପସ୍ଥିତି କାରଣରୁ ଶିଶୁଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା ବେଳେ ଯାଞ୍ଚ କମିଟି କେଉଁ ଆଧାରରେ ତଦନ୍ତ କରୁଛି ଏବଂ କ'ଣ ରିପୋର୍ଟ ଦାଖଲ କରୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି। ତଦନ୍ତ ସମୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଜାତାରାଣୀ ମିଶ୍ର, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ମେଡିକାଲ) ଡାକ୍ତର ଗିରିଶ ଚନ୍ଦ୍ର ରାଉତ, ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା. କିଶୋର ଚନ୍ଦ୍ର ପୃଷ୍ଟି, ପ୍ରଦୀପ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡା. କିଶୋର ଚନ୍ଦ୍ର ପୃଷ୍ଟି କହିଛନ୍ତି ଯେ, ଦୁଇଜଣିଆ କମିଟି ତଦନ୍ତ କରି ଫେରିଛନ୍ତି। ସେମାନେ ସରକାରଙ୍କ ନିକଟରେ ରିପୋର୍ଟ ଦାଖଲ କରିବା ପରେ ଯାହା କିଛି ପଦକ୍ଷେପ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ରବିବାର ବାଂଶପାଳ ବ୍ଲକ୍ ଅଞ୍ଚଳର ଜଣେ ମୃତଶିଶୁଙ୍କ ବାପା କାମ ଦେହୁରୀ ଟାଉନ ଥାନାରେ ଏତଲା ଦେଇଛନ୍ତି। ଚିକିତ୍ସାରେ ଅବହେଳା ଯୋଗୁ ତାଙ୍କ ପୁଅର ମୃତ୍ୟୁ ହୋଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ଟାଉନ ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁଙ୍କୁ ପଚାରିବାରୁ ଅଭିଯୋଗ ମିଳିଛି ଓ ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। କେନ୍ଦୁଝରଗଡ଼ ପୌରପାଳିକାର ପୌରାଧ୍ୟକ୍ଷା ନିକୁ ସାହୁ ମେଡିକାଲର ବିଭିନ୍ନ ସମସ୍ୟା ନେଇ ଡାକ୍ତରଙ୍କ ସହ ଆଲୋଚନା କରିଥିବା ମଧ୍ୟ ସୂଚନା ମିଳିଛି।

## କେନ୍ଦୁଝର ମେଡିକାଲରେ ଶିଶୁମୃତ୍ୟୁ ଘଟଣା
### ଚିକିତ୍ସା ଅବହେଳା ନେଇ ଥାନାରେ ଏତଲା

## ଏନ୍‌ଏଚ୍‌ଆର୍‌ସିରେ ମାମଲା

**ଭୁବନେଶ୍ୱର ୧୯।୯ (ବ୍ୟୁରୋ)**

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୮ ଦିନରେ ୧୩ ନବଜାତ ଶିଶୁଙ୍କ ମୃତ୍ୟୁ ଘଟଣାକୁ ନେଇ ସୋମବାର ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। କମିଶନ ତାଙ୍କ ଆବେଦନକୁ ଗ୍ରହଣ କରି ଡାଏରୀ (ନଂ.୧୫୬୯୦/ଆଇଏନ୍/୨୦୨୨) ରୁଜୁ କରିଛନ୍ତି। ହିମାଂଶୁ ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ଚିକିତ୍ସାରେ ଅବହେଳା କରାଯାଇଥିବାରୁ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୩୦ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ୩ ସପ୍ତାହ ମଧ୍ୟରେ ମୁଖ୍ୟ ଶାସନ ସଚିବ ଏହାର ପ୍ରମାଣ କମିଶନଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଉ। ଏଥିସହ ଏହି ଘଟଣାରେ ଚିକିତ୍ସା ସମ୍ବନ୍ଧିତ ତଥ୍ୟାବଳୀ ଦାଖଲ ସହ କର୍ତ୍ତବ୍ୟରେ ଅବହେଳା କରିଥିବା ଡାକ୍ତର, ନର୍ସ ଏବଂ ଅନ୍ୟ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କ'ଣ ଗ୍ରହଣ କରାଯାଇଛି ସେ ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବଙ୍କୁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦିଅନ୍ତୁ। ଏଥିସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ଏସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ ପୋଲିସ ଡିଜିଙ୍କୁ କମିଶନ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି।

# ଲଘୁଚାପ: ପ୍ରବଳ ବର୍ଷା ସମ୍ଭାବନା
## ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

**ଭୁବନେଶ୍ୱର,୧୯।୯(ବ୍ୟୁରୋ):** ଉତ୍ତର ଏବଂ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ସୋମବାର ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏହାର ପ୍ରଭାବରେ ରାଜ୍ୟରେ ବର୍ଷା ପରିମାଣ ବୃଦ୍ଧି ପାଇବ। ମଙ୍ଗଳବାର ପୁରୀ, ଖୋର୍ଦ୍ଧା, କଟକ, ନୟାଗଡ଼, ଜଗତ୍‌ସିଂହପୁର, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଏବଂ କୋରାପୁଟ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଚେତାବନୀ ଦିଆଯାଇଛି। ବିଶେଷକରି ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର, ଦେବଗଡ଼, ବରଗଡ଼, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରେ ପ୍ରବଳ ବର୍ଷା ହୋଇପାରେ। ଏଥିଯୋଗୁ ପାର୍ବତ୍ୟାଞ୍ଚଳରେ ଭୂସ୍ଖଳନ ହେବା ଆଶଙ୍କା ରହିଛି। ସେହିପରି ଏହି ସମୟରେ କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ନୟାଗଡ଼, କଟକ, ଢେଙ୍କାନାଳ, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହେବା ନେଇ ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷେ ୨୧ ଓ ୨୨ ତାରିଖରେ ବରଗଡ଼ ଓ ଝାରସୁଗୁଡ଼ାରେ ୭ରୁ ୨୦ ସେଣ୍ଟିମିଟର ବର୍ଷା ହେବ। ସେହିପରି ଏହି ସମୟ ମଧ୍ୟରେ ବଲାଙ୍ଗୀର, ସୋନପୁର, ସମ୍ବଲପୁର, ନୂଆପଡ଼ା ଏବଂ ସୁନ୍ଦରଗଡ଼ ଜିଲାରେ ପ୍ରବଳ ବର୍ଷା ହୋଇପାରେ। ଲଘୁଚାପ ପ୍ରଭାବରେ ଉପକୂଳରେ ଘଣ୍ଟାକୁ ୪୦ରୁ ୫୦ କି.ମି. ବେଗରେ ପବନ ବହିବ। ମଙ୍ଗଳବାର ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ସୋମବାର ଚାନ୍ଦବାଲିରେ ୩୩.୯ ମି.ମି. ବର୍ଷା ହୋଇଥିବାବେଳେ ପାରାଦୀପ ୫୦.୩, ଭୁବନେଶ୍ୱର ୩୪, ସମ୍ବଲପୁର ୪୨.୪, ହୀରାକୁଦ ୩୩.୮, ବଲାଙ୍ଗୀର ୪୨.୪, ମାଲକାନଗିରି ୩୩.୪୩, ବୌଦ୍ଧ ୩୫ ଓ ତାଳଚେରରେ ୩୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## ସୀମାନ୍ତରେ ପୂର୍ବତନ ସରପଞ୍ଚଙ୍କୁ ହତ୍ୟା କଲେ ମାଓବାଦୀ

**ମାଲକାନଗିରି,୧୯।୯ (ଡି.ଏନ.ଏ./ସ୍ୱ.ପ୍ର.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ମାଓବାଦୀମାନେ ଜଣେ ପୂର୍ବତନ ସରପଞ୍ଚଙ୍କୁ ହତ୍ୟା କରିଛନ୍ତି। ତାଙ୍କ ନାମ ନୋହର ସିଂ ତୁଲାଭି। ସେ ଖଣିଜ ପରିବହନ କାର୍ଯ୍ୟରେ ନିୟୋଜିତ ଥିଲେ। ଛତିଶଗଡ଼ର କାଙ୍କେର ଜିଲାରେ ଥିବା ମୋନେଟ ଇସ୍ପାତ ଏବଂ ଏନର୍ଜି ଲିମିଟେଡର ଖଣିରେ ସୋମବାର ସକାଳେ ୩ ସଶସ୍ତ୍ର ମାଓବାଦୀ ଖଣି ଭିତରକୁ ପଶି କାର୍ଯ୍ୟ କରୁଥିବା ତୁଲାଭିଙ୍କ ଉପରକୁ ଗୁଳି ଚଳାଇଥିଲେ। ସେଠାରେ କାମ କରୁଥିବା ଲୋକେ ତାଙ୍କୁ ଦୁର୍ଗୁକୋଣ୍ଡାଲ କମ୍ୟୁନିଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତୁଲାଭିଙ୍କ ମୃତ୍ୟୁ ହୋଇଯାଇଥିଲା। ଅନ୍ୟପକ୍ଷରେ ରବିବାର ରାତିରେ ମାଲକାନଗିରି ସୀମାନ୍ତରେ ମାଓବାଦୀମାନେ ଏକ ମାଲବାହୀ ଟ୍ରେନ୍ ଅଟକାଇ ଚାଳକ ଓ ଗାର୍ଡଙ୍କଠାରୁ ୱାକିଟକି ଲୁଟି ନେଇ ଟ୍ରେନ୍‌ରେ ପୋଷ୍ଟର ବ୍ୟାନର ଲଗାଇଛନ୍ତି। ଛତିଶଗଡ଼ର ଦାନ୍ତେୱାଡା ଜିଲା ବଚେଲି-ଭାନସି ମଧ୍ୟରେ ଏହି ଘଟଣା ଘଟିଛି। ୫୦ରୁ ଉର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ଏକ ମାଲବାହୀ ଟ୍ରେନ୍ ଅଟକାଇ ଡ୍ରାଇଭର ଓ ଗାର୍ଡଙ୍କଠାରୁ ଦୁଇ ସେଟ୍ ୱାକିଟକି ଲୁଟି ନେଇଥିଲେ। ପରେ ବ୍ୟାନର, ପୋଷ୍ଟର ଓ ପାମ୍ଫ୍ଲେଟ ବାଣ୍ଟି ଦେବାକୁ ଚାଳକ ଏବଂ ଅନ୍ୟମାନଙ୍କୁ ଦେଇଥିଲେ।







# ଏଲାୟନ୍ସ ଏୟାର ସିଇଓଙ୍କୁ ଭେଟିଲେ ସ୍ୱାସ୍ଥ୍ୟମନ୍ତ୍ରୀ



ଏଲାୟନ୍ସ ଏୟାର ସିଇଓଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ଆଲୋଚନା କରୁଛନ୍ତି।

**ଝାରସୁଗୁଡ଼ା ଅଫିସ,୧୯।୯**

**ଝାରସୁଗୁଡ଼ାରୁ ନୂତନ ବିମାନ ଚଳାଚଳ ଦାବି**

ଝାରସୁଗୁଡ଼ା ବିମାନବନ୍ଦରରୁ ଦେଶର ବିଭିନ୍ନ ସହରକୁ ନୂତନ ବିମାନ ଚଳାଚଳ କରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଦାବି କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ସୋମବାର ଦିଲ୍ଲୀସ୍ଥିତ ଓଡ଼ିଶା ଭବନରେ ଏଲାୟନ୍ସ ଏୟାର ସିଇଓ ବିନୀତ ଶୋଦଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରି ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ଝାରସୁଗୁଡ଼ାରୁ ଭୁବନେଶ୍ୱର, ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଓ ବିଶାଖାପାଟଣା ଭଳି ପ୍ରମୁଖ ସହରକୁ ଆଉ ଗୋଟିଏ ଲେଖାଏ ବିମାନ ଚଳାଚଳ କରାଯାଉ। ସେହିପରି ରାଜ୍ୟର ବିମାନ ପାର୍କିଂ ପାଇଁ ନନ୍‌ଷ୍ଟାଣ୍ଡାର୍ଡ ପାର୍କିଂ ବ୍ୟବସ୍ଥା, କର୍ପୋରେଟ୍ ସେକ୍ଟରକୁ ରାତିରେ ବିମାନରେ ଯାତାୟାତ ପାଇଁ ଭିଆଇପି ଅନୁମତି ପ୍ରଦାନ, ନୂତନ ବିମାନ ଚଳାଚଳକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ା ଭିଏସ୍ଏସ୍ ବିମାନବନ୍ଦରରେ ମ୍ୟାନ୍‌ପାୱାର ବୃଦ୍ଧି କରିବାକୁ ସେ ଦାବି କରିଛନ୍ତି।



ଧରିତ୍ରୀ
DHARITRI
ମଙ୍ଗଳବାର, ୨୦ ସେପ୍ଟେମ୍ବର, ୨୦୨୨

ଯଦି ତୁମେ ଠିକ୍ କାର୍ଯ୍ୟ କରୁଛ ବୋଲି ଜାଣୁଥାଅ– ତେବେ ଅନ୍ୟର ମତାମତ ଉପରେ ଗୁରୁତ୍ୱ ଦେବାର କିଛି କାରଣ ନାହିଁ। ଅନ୍ତରର ଯଥାର୍ଥ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କରାଯାଏ, ତାହା ନିର୍ଭୁଲ ହେବା ସ୍ୱାଭାବିକ। କିନ୍ତୁ ଏହି ଯଥାର୍ଥ ପ୍ରେରଣାକୁ ବୁଝିବା ମଧ୍ୟ ସହଜ ନୁହେଁ। –ଶ୍ରୀମା



# ହିଜାବ ଝଡ଼

ହିଜାବ ପ୍ରସଙ୍ଗ ପୁଣି ବିଶ୍ୱରେ ହଇଚଇ ସୃଷ୍ଟି କରିଛି। ହେଡ୍‌ସ୍କାର୍ଫ ନ ପିନ୍ଧିବା ଓ ଡ୍ରେସ୍ କୋଡ୍‌କୁ ଅବମାନନା କରିବା ଅଭିଯୋଗରେ ୨୨ ବର୍ଷୀୟା ମହିଳା ମାହସା ଅମିନିଙ୍କୁ ଇରାନ୍ ପୋଲିସ ଅଟକ ରଖିବା ପରେ ସେ କୋମାକୁ ଚାଲିଯାଇଥିଲେ। ୧୬ ସେପ୍ଟେମ୍ବରରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଓ ସମ୍ପର୍କୀୟ ଅଭିଯୋଗ କରିଛନ୍ତି ଯେ, ପୋଲିସ ମାହସାଙ୍କ ଉପରେ ଅତ୍ୟାଚାର କରିବା ପରେ ତାଙ୍କ ପ୍ରାଣ ଯାଇଛି। ଇରାନ୍‌ରେ କିଛି ମାସ ହେବ ସର୍ବସାଧାରଣ ସ୍ଥାନରେ ମହିଳାଙ୍କ ହିଜାବ ପିନ୍ଧା ଉପରେ କଡ଼ାକଡ଼ି ନିୟମ କରାଯିବାରୁ ତାହାକୁ ବିରୋଧ କରାଯାଇଆସୁଥିଲା। ପୋଲିସ ଉଲ୍ଲଂଘନକାରୀଙ୍କ ଉପରେ ଅତ୍ୟଧିକ ଦମନଲୀଳା ଚଳାଇବାରୁ ପ୍ରତିବାଦ ବଢ଼ିଥିଲା। ମାହସାଙ୍କ ମୃତ୍ୟୁ ଫଳରେ ଏହା ଏବେ ଅଧିକ ତେଜି ଉଠିଛି। କେଉଁଠାରେ ମହିଳାମାନେ ସେମାନଙ୍କ ଲମ୍ବା କେଶକୁ କାଟି ଛୋଟ କରି ଦେଉଥିବା ବେଳେ ଆଉ କେଉଁଠି ହିଜାବ ପୋଡ଼ି ଦିଆଯାଉଥିବା ଦେଖିବାକୁ ମିଳିଛି। ଚଳଚ୍ଚିତ୍ର ନିର୍ମାତା, କଳାକାର, ରାଜନୈତିକ ଓ ଏପରିକି ଧର୍ମଗୁରୁମାନେ ମଧ୍ୟ ପୋଲିସ କାର୍ଯ୍ୟକୁ ନିନ୍ଦା କରିଛନ୍ତି। ବିକ୍ଷୋଭକାରୀ ଓ ପୋଲିସ ମଧ୍ୟରେ ସଂଘର୍ଷ ଘଟି ଅନେକେ ଆହତ ହୋଇଛନ୍ତି। ମାହସାଙ୍କ ଅନ୍ତ୍ୟେଷ୍ଟି ପରେ ଦେଶର ଖବରକାଗଜଗୁଡ଼ିକ ପ୍ରଥମ ପୃଷ୍ଠାକୁ ତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ଏକ ନୂଆ ବିପ୍ଳବକୁ ଜନ୍ମ ଦେଇଛି। ମାହସାଙ୍କ ନାମ ଏକ ପ୍ରତୀକ ପାଲଟି ଯାଇଛି ବୋଲି ଗଣମାଧ୍ୟମରେ ବର୍ଣ୍ଣନା କରାଯାଇଛି।

ଆଜି ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ ଜଳବାୟୁ ପରିବର୍ତ୍ତନ ମଣିଷର ଜୀବନକୁ ଦୁର୍ବିସହ କରି ପକାଇଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧଠାରୁ ଆରମ୍ଭକରି ବିଭିନ୍ନ ଦେଶ ମଧ୍ୟରେ ସଂଘର୍ଷ ଜାରି ରହିଛି। ଏପରି କି ସବୁ ରାଷ୍ଟ୍ର ଭିତରେ ଆଭ୍ୟନ୍ତରୀଣ ସମସ୍ୟା ଯେଭଳି ବଢ଼ି ଚାଲିଛି, ସେଥିରେ ଲୋକେ ସନ୍ତୁଳି ହେଉଛନ୍ତି। ଏଭଳି ସମୟରେ ମହିଳାମାନେ କ'ଣ ପିନ୍ଧିବା ଉଚିତ ତାହାକୁ ନେଇ କଠୋର ପଦକ୍ଷେପ ନିଆଯିବା ନିଶ୍ଚିତ ଭାବେ ପରିତାପର ବିଷୟ। ସେଥିପାଇଁ ହିଜାବକୁ ପ୍ରତିବାଦ କରୁଥିବା ଇରାନୀୟ ମହିଳା ଓ ସଂସ୍କାର ଚାହୁଁଥିବା ବ୍ୟକ୍ତିମାନେ ଲିଙ୍ଗଗତ ବୈଷମ୍ୟକୁ ଆଉ ସହ୍ୟ କରାଯିବ ନାହିଁ ବୋଲି କହି ସୋସିଆଲ୍ ମିଡିଆରେ ହାସ୍‌ଟ୍ୟାଗ୍ ଦେଇ ଆନ୍ଦୋଳନକୁ ତୀବ୍ରତର କରିଛନ୍ତି। ଏଥିରୁ ବୁଝିବାକୁ ହେବ ଯେ ପୋଷାକ ପରିଚ୍ଛେଦକୁ ନେଇ ମହିଳାଙ୍କୁ ଚାପି ରଖାଯିବାର ମାନସିକତାକୁ ସାଧାରଣରେ ବିରୋଧ କରାଗଲାଣି। କିଛିମାସ ତଳେ ଭାରତର କର୍ନାଟକରେ ମୁସଲମାନ ଛାତ୍ରୀମାନେ ଶିକ୍ଷାନୁଷ୍ଠାନରେ ହିଜାବ ପିନ୍ଧିବାକୁ ଅଡ଼ି ବସିଥିଲେ। ସେହି ଜିଦ୍ ଯୋଗୁ ଆଜି ସୁପ୍ରିମକୋର୍ଟରେ ଏ ସମ୍ପର୍କିତ ମାମଲା ବିଚାରାଧୀନ ଅଛି। କେଉଁଠି କ'ଣ ହେଉଛି ତାହା ସମଗ୍ର ପୃଥିବୀବ୍ୟାପୀ ଆଜି ସୋସିଆଲ ମିଡିଆ ମାଧ୍ୟମରେ ଜାଣିପାରିବା କଥା। ଇରାନ୍ ଭଳି କଠୋର ଇସ୍‌ଲାମୀୟ ଦେଶରେ ମହିଳାମାନେ ହିଜାବ ବିରୋଧରେ ସ୍ୱର ଉତ୍ତୋଳନ କରି ମୃତ୍ୟୁବରଣ କରୁଥିବା ବେଳେ ଭାରତରେ ବିଶ୍ୱର ଧାରାକୁ ନ ବୁଝି ଅଳ୍ପ କେତେକ ଛାତ୍ରୀ ଭ୍ରାନ୍ତପଥ ଧାରଣ କରିବା ଫଳରେ ତିକ୍ତତା ବୃଦ୍ଧି ପାଉଛି। ଆଜି ଯେତେବେଳେ ଇରାନ୍‌ରେ ହିଜାବକୁ ବିରୋଧ କରାଯାଇ ପୋଲିସ କାର୍ଯ୍ୟକୁ ନିନ୍ଦା କରାଯାଉଛି, ସେଥିରୁ ହୃଦ୍‌ବୋଧ ହେବା କଥା ଯେ ମହିଳାମାନେ ଏଭଳି ପଶ୍ଚାତ୍‌ପଦ ନିୟମକୁ ବିରୋଧ କଲେଣି। ଧର୍ମାନ୍ଧତା ମଣିଷର ଜୀବନକୁ ସୁସ୍ଥରେ ରହିବାକୁ ଦେଉ ନ ଥିବାରୁ ଏଥିପ୍ରତି ସମସ୍ତେ ବୀତସ୍ପୃହ ହେବା ସ୍ୱାଭାବିକ। କେବଳ ଇସ୍‌ଲାମ ଧର୍ମରେ ଏହି ଅନ୍ଧାର ଚିନ୍ତାଧାରା ସୀମିତ ରହିନାହିଁ, ଏପରି ନକାରାତ୍ମକ ଭାବନା ଅନ୍ୟ ଧର୍ମ ଓ ବିଶ୍ୱାସରେ ବୁଡ଼ି ରହିଛି। ଉଦାହରଣ ସ୍ୱରୂପ, ତଥାକଥିତ ବିକଶିତ ରାଷ୍ଟ୍ର ଆମେରିକାରେ ମହିଳାଙ୍କ ଗର୍ଭପାତ ଅଧିକାରକୁ ସେଠାକାର ଅନେକ ରାଜ୍ୟରେ ଛଡ଼ାଇ ନିଆଯାଉଛି। ଏଥିପାଇଁ ଖ୍ରୀଷ୍ଟିଆନ ଧର୍ମର ଦ୍ୱାହି ଦେଇ ଏଭଳି କରାଯାଉଛି, ଯାହାକି ଜଣେ ମହିଳାଙ୍କ ବ୍ୟକ୍ତିଗତ ସ୍ୱାଧୀନତା ଉପରେ ପ୍ରବଳ ଆଞ୍ଚ ଆଣୁଛି। ସେହିଭଳି ଆଫଗାନିସ୍ତାନରେ ଶାସନ କରୁଥିବା ତାଲିବାନ ଉଦାହରଣ ନିଆଯାଇପାରେ। ଆଶା କରାଯାଉଥିଲା ଦୀର୍ଘ ଦୁଇ ଦଶନ୍ଧି ପରେ କ୍ଷମତାକୁ ଫେରିଥିବା ତାଲିବାନ ମହିଳାଙ୍କ ପ୍ରତି ଅଭିମୁଖ୍ୟରେ ପରିବର୍ତ୍ତନ ଆଣିବ। ହେଲେ ତାହା ଦିନକୁ ଦିନ ଅଧିକ କଠୋର ଆଭିମୁଖ୍ୟ ପ୍ରଦର୍ଶନ କରୁଥିବା ଗଣମାଧ୍ୟମରୁ ଶୁଣିବାକୁ ମିଳୁଛି। ନାରୀ ଶିକ୍ଷାରେ ବାଧା ସୃଷ୍ଟି କରାଯାଇଥିବା ବେଳେ ଅନେକାଂଶରେ ମହିଳାଙ୍କୁ ଚାକିରି କରିବାକୁ ଅନୁମତି ଦିଆଯାଉ ନାହିଁ। ଫଳରେ ସେଠାକାର ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକ ମହିଳା ରୋଜଗାରରୁ ବଞ୍ଚିତ ହେଉଛନ୍ତି। ତାହା ଦ୍ୱାରା ଆଫଗାନିସ୍ତାନ ଅର୍ଥନୀତି ଦୁର୍ବଳ ହୋଇଯାଉଛି। ଏଥିରୁ ବୁଝାଯାଉଛି ଯେ, ଧର୍ମ ସହିତ ପ୍ରଶାସନକୁ ଜଡ଼ିତ କରିଦେଲେ ଅନ୍ଧବିଶ୍ୱାସକୁ ନେଇ ଶାସନ ବ୍ୟବସ୍ଥା ସୃଷ୍ଟି ହୋଇଥାଏ। ସେଭଳି ସ୍ଥିତିରେ ସାଧାରଣ ଲୋକ ପାଇଁ ଅନ୍ୟାୟ ଓ ଅତ୍ୟାଚାର ବୃଦ୍ଧି ପାଇବାର ସମସ୍ତ ଲକ୍ଷଣ ବିଶ୍ୱବ୍ୟାପୀ ଦେଖାଯାଉଛି। ଧର୍ମ ହେବା କଥା ନିଜର ବ୍ୟକ୍ତିଗତ ଜୀବନର ଧାରା। ପ୍ରଶାସନରେ ତାହାର କୌଣସି ସ୍ଥାନ ରହିବା ଉଚିତ ନୁହେଁ।

ଧର୍ମ ସହିତ ପ୍ରଶାସନକୁ ଜଡ଼ିତ କରିଦେଲେ ଅନ୍ଧବିଶ୍ୱାସକୁ ନେଇ ଶାସନ ବ୍ୟବସ୍ଥା ସୃଷ୍ଟି ହୋଇଥାଏ। ସେଭଳି ସ୍ଥିତିରେ ସାଧାରଣ ଲୋକ ପାଇଁ ଅନ୍ୟାୟ ଓ ଅତ୍ୟାଚାର ବୃଦ୍ଧି ପାଇବାର ସମସ୍ତ ଲକ୍ଷଣ ବିଶ୍ୱବ୍ୟାପୀ ଦେଖାଯାଉଛି।

# ବଢୁଛି ମହିଳା ସୁରକ୍ଷା ଚିନ୍ତା



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଗତ କିଛିଦିନ ମଧ୍ୟରେ ଘଟିଥିବା ତିନୋଟି ଲଜ୍ଜାଜନକ ଘଟଣା, ଭାରତରେ ମହିଳାମାନଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ସମାଜରେ ମହିଳାମାନଙ୍କ ବିରୋଧରେ ରହିଥିବା ପୁରୁଷବାଦୀ ମାନସିକତାକୁ ଉଜାଗର କରିଛି। ପ୍ରଥମ ଘଟଣାଟି ଉତ୍ତର ପ୍ରଦେଶର ଲଖିମପୁର ଖେରି ଜିଲାରେ ଘଟିଛି। ୨ଜଣ ଦଳିତ ନାବାଳିକାଙ୍କୁ କେତେଜଣ ଯୁବକ ଅପହରଣକରି ନେଇ ସେମାନଙ୍କୁ ସାମୂହିକ ବଳାତ୍କାର ଓ ହତ୍ୟା କରିବା ସହିତ ଉଭୟଙ୍କ ମୃତଦେହକୁ ରାସ୍ତାକଡ଼ରେ ଥିବା ଏକ ଗଛରେ ଝୁଲାଇ ଦେଇଥିଲେ। ଦ୍ୱିତୀୟ ଘଟଣାଟି ପଡ଼ୋଶୀ ଝାଡ଼ଖଣ୍ଡର ଦୁମ୍‌କାଠାରେ ଘଟିଛି। ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାଙ୍କୁ ଏକତରଫା ପ୍ରେମ କରୁଥିବା ଜଣେ ଯୁବକ ନିଜର ଉଦ୍ଦେଶ୍ୟରେ ସଫଳ ନ ହୋଇ ଘରେ ଶୋଇଥିବା ଅବସ୍ଥାରେ ନାବାଳିକାଙ୍କ ଉପରେ ପେଟ୍ରୋଲ ଢାଳି ପୋଡ଼ି ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ତୃତୀୟ ଘଟଣାଟି ଗତ ଅଗଷ୍ଟ ୧୫ରେ ଗୁଜରାଟରେ ଘଟିଛି। ବହୁଚର୍ଚ୍ଚିତ ବିଲ୍‌କିସ୍ ବାନୋ ଗଣବଳାତ୍କାର ମାମଲାରେ କୋର୍ଟ ଦ୍ୱାରା ଆଜୀବନ ଜେଲଦଣ୍ଡରେ ଦଣ୍ଡିତ ହୋଇଥିବା ୧୧ ଜଣ ଅପରାଧୀଙ୍କୁ ସେମାନଙ୍କ ଦଣ୍ଡ ସମାପ୍ତି ପୂର୍ବରୁ ଗୁଜରାଟ ସରକାର ସ୍ୱାଧୀନତା ଦିବସ ଅବସରରେ ଜେଲରୁ ମୁକ୍ତ କରିଦେବା ଦେଖିବାକୁ ମିଳିଛି। ଉଦ୍‌ବେଗଜନକ ବିଷୟ ହେଲା, ଜେଲରୁ ମୁକୁଳିବା ପରେ ସମ୍ପୃକ୍ତ ଅପରାଧୀମାନଙ୍କୁ ଭାଜପାର ସ୍ଥାନୀୟ ସମର୍ଥକମାନେ ଯେଉଁଭଳି ସମ୍ବର୍ଦ୍ଧନା ଜଣାଇଛନ୍ତି, ତାହା ଅମାନବୀୟତା ଓ ବିବେକବୋଧର ସମସ୍ତ ସୀମାକୁ ପାରକରିଛି। ବୋଧହୁଏ ପ୍ରଥମଥର ପାଇଁ ଏକ ଗଣବଳାତ୍କାର ଓ ଗଣହତ୍ୟା ମାମଲାର ଦୁର୍ଦ୍ଦାନ୍ତ ଅପରାଧୀମାନଙ୍କ କାର୍ଯ୍ୟକୁ ଘୃଣା କରିବା ପରିବର୍ତ୍ତେ ସେମାନଙ୍କୁ ସମ୍ବର୍ଦ୍ଧନା ଜଣାଇ ପରୋକ୍ଷ ଭାବେ ବଳାତ୍କାରକୁ ମହିମାମଣ୍ଡିତ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଆଜିକୁ ୨୦ ବର୍ଷ ତଳେ ଗୁଜରାଟର ଗୋଧ୍ରା ସହରରେ ଦଙ୍ଗାକାରୀମାନେ ବିଲ୍‌କିସ୍ ବାନୋଙ୍କ ପରିବାରର ୧୨ଜଣ ସଦସ୍ୟଙ୍କୁ ଅତ୍ୟନ୍ତ ନୃଶଂସ ଭାବେ ହତ୍ୟା କରିବା ସହିତ ତାଙ୍କ ସାମ୍‌ନାରେ ହିଁ ତାଙ୍କର ୩ବର୍ଷର ଝିଅର ମୁଣ୍ଡରେ ପଥର ଛେଚି ହତ୍ୟା କରିଥିଲେ। କେବଳ ବିଲ୍‌କିସ୍ ନୁହନ୍ତି, ତାଙ୍କ ପରିବାରର ଅନ୍ୟ ୩ଜଣ ମହିଳାଙ୍କୁ ବି ଦଙ୍ଗାକାରୀମାନେ ସାମୂହିକ ବଳାତ୍କାର କରିଥିଲେ। ପୀଡ଼ିତା ନ୍ୟାୟ ପାଇବା ପାଇଁ ବାଧ୍ୟହୋଇ କୋର୍ଟର ଆଶ୍ରୟ ନେବା ପରେ ଘଟଣାର ସିବିଆଇ ତଦନ୍ତ କରିବା ପାଇଁ ତଥା ଅପରାଧୀଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ମିଳିଥିଲା। ଏପରିକି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ମାମଲାର ନିରପେକ୍ଷ ବିଚାର ପାଇଁ ରାଜ୍ୟ ବାହାରେ ମହାରାଷ୍ଟ୍ରରେ ଏହା କରାଯାଇଥିଲା। କୋର୍ଟର ଶକ୍ତ ଆଭିମୁଖ୍ୟ ଓ ସିବିଆଇର ନିରନ୍ତର ପ୍ରୟାସ ଏବଂ ସର୍ବୋପରି ବିଲ୍‌କିସ୍‌ଙ୍କ ନିରବଚ୍ଛିନ୍ନ ଲଢ଼େଇ ଫଳରେ ଅପରାଧୀମାନେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ। ନିଜର ସମଗ୍ର ପରିବାରକୁ ହରାଇ ସୁଦ୍ଧା ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତିରେ ଗଣ ବଳାତ୍କାରର ଶିକାର ଏହି ମହିଳାଙ୍କ ଦୀର୍ଘ ଓ ସାହସିକ ଲଢ଼େଇ ନିଶ୍ଚିତ ରୂପେ ଐତିହାସିକ ଥିଲା।



ବଳାତ୍କାର ଘଟଣାରେ ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ପରି କଠୋରଦଣ୍ଡ ଦେବାକୁ ଦାବିକରି ଆସିଥିବା ଭାଜପା ସରକାର ବିଲ୍‌କିସ୍‌ଙ୍କ କ୍ଷେତ୍ରରେ ବଳାତ୍କାରୀଙ୍କ ପ୍ରତି କୋହଳ ମନୋବୃତ୍ତି ଦେଖାଇ ସେମାନଙ୍କ ସଜା ସମାପ୍ତି ପୂର୍ବରୁ ଛାଡ଼ିଦେବା ଲଜ୍ଜାଜନକ ମନେହୁଏ। ପୁଣି ସେମାନଙ୍କ ସଜାମୁକ୍ତି ପାଇଁ ନିଷ୍ପତ୍ତି ନେଇଥିବା ସରକାରୀ କମିଟିର ଅନ୍ୟତମ ସଦସ୍ୟ ତଥା ସ୍ଥାନୀୟ ଭାଜପା ବିଧାୟକ ନିଜର ବକ୍ତବ୍ୟରେ ବିଲ୍‌କିସ୍‌ଙ୍କ ବଳାତ୍କାରୀମାନେ ସମସ୍ତେ ବ୍ରାହ୍ମଣ ଜାତିର ହୋଇଥିବାରୁ ସେମାନଙ୍କ ସଂସ୍କାରୀ ମନୋଭାବ ଲାଗି ତାଙ୍କୁ ମୁକ୍ତ କରାଗଲା ବୋଲି ଅତ୍ୟନ୍ତ ଲଜ୍ଜାଜନକ ଯୁକ୍ତି କରିଛନ୍ତି। ଉପରୋକ୍ତ ତିନୋଟି ଯାକ ଘଟଣା ଆମ ସମାଜର ପୁରୁଷ ପ୍ରଧାନତା ଓ ମହିଳା ବିରୋଧୀ ଚରିତ୍ରକୁ ସ୍ପଷ୍ଟ କରୁଛି। ବଳାତ୍କାରୀମାନଙ୍କୁ ଏଭଳି ସମ୍ବର୍ଦ୍ଧନା ଆମ ସମାଜରେ ରହିଥିବା ବଳାତ୍କାରୀ ମାନସିକତାକୁ ପ୍ରତିଫଳିତ କରୁଛି।

କେବଳ ଉପରୋକ୍ତ ଦୁଇଟି ଘଟଣା ନୁହେଁ, ଦେଶରେ ମହିଳାବିରୋଧୀ ହିଂସାର ଘଟଣା ଅବ୍ୟାହତ ରହିବା ସହ ପ୍ରତିବର୍ଷ ବୃଦ୍ଧି ପାଇବା ଦେଖିବାକୁ ମିଳିଛି। ନିକଟରେ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ୨୦୨୧ର 'ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ'ର ତଥ୍ୟ ବି ସେହି କଥାକୁ ପ୍ରମାଣିତ କରୁଛି। ପ୍ରତି ଏକ ଲକ୍ଷ ଜନସଂଖ୍ୟାରେ ମହିଳାଙ୍କ ବିରୋଧରେ ଅପରାଧର ହାର ପୂର୍ବ ବର୍ଷର ୫୬.୫ ତୁଳନାରେ ୨୦୨୧ରେ ୬୪.୫କୁ ବୃଦ୍ଧି ପାଇଛି। ୨୦୨୦ରେ ମହିଳା ବିରୋଧୀ ଅପରାଧର ୩,୭୧,୫୦୩ ମାମଲା ଦାଏର ହୋଇଥିବା ବେଳେ ୨୦୨୧ରେ ତାହା ୧୫.୩% ବୃଦ୍ଧି ପାଇ ୪,୨୮,୨୭୮ରେ ପହଞ୍ଚିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମହିଳାଙ୍କ ବିରୋଧରେ ଅପରାଧର ସର୍ବାଧିକ ଘଟଣା (୩୧.୮%) ପରିବାର ଓ ନିକଟ ସମ୍ପର୍କୀୟମାନଙ୍କ ଦ୍ୱାରା ସଂଗଠିତ ହୋଇଛି। ମହିଳାଙ୍କ ବିରୋଧରେ ମୋଟ ଅପରାଧର ୨୦.୮% ଅସଦାଚରଣ ହୋଇଥିବା ବେଳେ ୭.୪% ବଳାତ୍କାର ମାମଲା ରହିଛି।

ଭାଜପା ଶାସିତ ଆସାମରେ ମହିଳା ବିରୋଧୀ ଅପରାଧ ଘଟଣାରେ ସର୍ବାଧିକ ବୃଦ୍ଧି (୧୬୮.୩%) ଦେଖିବାକୁ ମିଳିଛି। କେବଳ ୨୦୨୧ରେ ମୋଟ୍ ୨୯,୦୦୦ ଅପରାଧ ଘଟିଛି। ଆସାମ ପରେ ଓଡ଼ିଶା, ହରିୟାଣା ଓ ତେଲଙ୍ଗାନା ଏ କ୍ଷେତ୍ରରେ ଆଗରେ ରହିଛନ୍ତି। ୨୦୨୦ରେ ଓଡ଼ିଶାରେ ୨୫,୪୮୯ ମାମଲା ଦାଏର ହୋଇଥିବା ବେଳେ ୨୦୨୧ରେ ଏହି ସଂଖ୍ୟା ୩୧,୩୫୨କୁ ବୃଦ୍ଧି ପାଇଛି। ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ୧୩୭.୮ ମାମଲା ରୁଜୁକରି ଓଡ଼ିଶା ମହିଳାଙ୍କ ବିରୋଧୀ ଅପରାଧରେ ଆସାମ (୧୬୮.୩) ପରେ ଦ୍ୱିତୀୟ ସ୍ଥାନରେ ରହିଛି। ମହିଳାଙ୍କୁ ଅସଦାଚରଣ କ୍ଷେତ୍ରରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ରହିଛି। ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ୬୫.୩ ଅସଦାଚରଣର ଘଟଣା ଘଟିଥିବା ବେଳେ ୨୬.୧ଟି ଘଟଣା ସହ ଆସାମ ଦ୍ୱିତୀୟ ସ୍ଥାନରେ ରହିଛି।

ଦେଶରେ ମହିଳାଙ୍କ ବିରୋଧରେ ଅପରାଧ ହାର ଲଗାତର ବୃଦ୍ଧି ପାଉଥିବା ବେଳେ ଦଣ୍ଡବିଧାନ ହାର ବୃଦ୍ଧି ନ ଘଟିବା ଅତ୍ୟନ୍ତ ଉଦ୍‌ବେଗଜନକ। ଦେଶରେ ମହିଳା ଅପରାଧ କ୍ଷେତ୍ରରେ ଦଣ୍ଡବିଧାନ ହାର ୨୦୨୦ରେ ୨୯.୮% ଥିବା ବେଳେ ୨୦୨୧ରେ ତାହା ୨୫.୨%କୁ ହ୍ରାସ ପାଇଛି। କେବଳ ବଳାତ୍କାର ମାମଲାରେ ଦଣ୍ଡ ହାର ୨୦୨୦ରେ ୨୯.୮% ଥିବା ବେଳେ ୨୦୨୧ରେ ତାହା ୨୮.୬%କୁ ହ୍ରାସ ପାଇଛି। ଆମ ରାଜ୍ୟରେ ମଧ୍ୟ ମହିଳା ବିରୋଧୀ ଅପରାଧ ମାମଲାରେ ଦଣ୍ଡ ହାର ଅତ୍ୟନ୍ତ ଖରାପ ସ୍ଥାନରେ ଅର୍ଥାତ୍ ମାତ୍ର ୮.୩% ରହିଛି। ଗତବର୍ଷ ୨,୩୧୩ ମାମଲାର ବିଚାରଣା ଶେଷ ହୋଇଥିବା ବେଳେ ମାତ୍ର ୧୯୩ ମାମଲାରେ ହିଁ ଦୋଷୀଙ୍କ ବିରୋଧରେ ଦଣ୍ଡବିଧାନ ହୋଇପାରିଛି। ତେବେ ଏଭଳି ସ୍ଥିତି ପାଇଁ ଖୋଦ୍ ସରକାର ହିଁ ଦାୟୀ। କାରଣ ଆମର ପରିବାର ପରି ଶାସନ ବ୍ୟବସ୍ଥାରେ ବି ଲିଙ୍ଗଗତ ଭେଦଭାବ ମହିଳାଙ୍କ ପ୍ରତି ସମ୍ବେଦନଶୀଳତାର ଅଭାବ ରହିଛି। ମହିଳା ବିରୋଧୀ ଅପରାଧର ତଦନ୍ତ ପାଇଁ ଉପଯୁକ୍ତ ତାଲିମପ୍ରାପ୍ତ ତଥା ଲିଙ୍ଗ ସଚେତନ ଥିବା ତଦନ୍ତକାରୀ ପୋଲିସ କର୍ମଚାରୀଙ୍କ ଅଭାବ ଯୋଗୁ ତଦନ୍ତ ପ୍ରକ୍ରିୟା ବିଳମ୍ବିତ ଓ ତ୍ରୁଟିପୂର୍ଣ୍ଣ ହେଉଛି। ଫଳରେ ଅପରାଧୀମାନେ ଖସିଯିବାକୁ ସକ୍ଷମ ହେଉଛନ୍ତି। ସେହିପରି କୋର୍ଟରେ ଆବଶ୍ୟକ ଅନୁସାରେ ବିଚାରପତି ନ ଥିବାରୁ ବିଚାର ପ୍ରକ୍ରିୟା ଅନାବଶ୍ୟକ ଭାବେ ବିଳମ୍ବିତ ହେଉଛି। ତେବେ ମହିଳାଙ୍କ ବିରୋଧରେ ଅପରାଧର ମୂଳ ହେଉଛି ଲିଙ୍ଗଗତ ଭେଦଭାବ ଓ ପୁରୁଷବାଦୀ ମାନସିକତା। ଆମ ପରିବାରଗୁଡ଼ିକରେ ଝିଅ ଓ ପୁଅଙ୍କୁ ଭିନ୍ନ ଭାବେ ଦେଖିବାର ପୁରୁଷବାଦୀ ମାନସିକତା ହିଁ ମହିଳାମାନଙ୍କ ଉପରୋକ୍ତ ସ୍ଥିତି ପାଇଁ ସବୁଠାରୁ ବେଶି ଦାୟୀ।

ମୋ:୯୪୩୭୧୬୭୩୯୧

# ଜୀବନ ପାଇଁ ଦିନଟିଏ



ଦ୍ୟୁତି ଚନ୍ଦ୍ର ସାହୁ

ପିଲାଟି ଗଛରୁ ତୋଳିଦେଲା ଡାଳିମ୍ବଟିଏ। ବାକି ପିଲାଏ ଦେଖୁଥିଲେ। କଥା ପହଞ୍ଚିଲା ଶ୍ରେଣୀ ଶିକ୍ଷକ ନିକଟକୁ। ଶ୍ରେଣୀ ଶିକ୍ଷକ ରାଗରେ ପାଚିଗଲେ। ଗୁଡ଼ାଏ ବକିଲେ ପିଲାକୁ ଅପରାଧୀ ଭଳି। ସିଧା ଧରିଗଲେ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ନିକଟକୁ। ସମସ୍ତେ ଏଥର ବହୁତ ଖୁସି। ପିଲାଙ୍କୁ ଦଣ୍ଡ ମିଳିବ। ସମସ୍ତେ ଉପଭୋଗ କରିବେ। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଅଧ୍ୟକ୍ଷ ତୋଳିଥିବା ଡାଳିମ୍ବକୁ ପିଲାଟି ହାତକୁ ବଢ଼େଇ ଦେଲେ। କହିଲେ – ଏ ଡାଳିମ୍ବ ଖାଇବା ନେଇ ତୁମର ଲୋଭ ଅଛି ନିଶ୍ଚିତ। ସେଥିପାଇଁ ତୋଳିଥିବ। ଏଇଟା ତ ନେବ। କିନ୍ତୁ ଗୋଟେ କାମ କରିବାକୁ ପଡ଼ିବ। ତୁମେ ଘରେ ଗୋଟେ ଡାଳିମ୍ବ ଗଛ ଲଗେଇବ। ତାକୁ ଯତ୍ନ ନେବ। ଗଛରେ ଫଳ ଧରିଲେ ତାକୁ ତୋଳି ଖାଇଲେ ତୁମ ଭିତରେ କେମିତି ଅନୁଭବ ହେବ? ପିଲାଟି କହିଲା – ଖୁବ୍ ଖୁସି ଲାଗିବ। ଏମିତି ଖୁସିକୁ ସାଉଁଟିବାକୁ ହେଲେ ତୁମ ବାଡ଼ିରେ ଗଛ ଲଗେଇବ ଓ ତା'ର ଫଟୋ ଦେଖାଇବାକୁ ହେବ। ବାକି ପିଲାଏ ଓ ଶ୍ରେଣୀ ଶିକ୍ଷକ ଚକିତ ହୋଇଗଲେ। ଡାଳିମ୍ବ ଧରି ପିଲାଟି ଫେରିଗଲା ଖୁସିରେ। ଏଇ ଘଟଣା ପରେ ଅଧ୍ୟକ୍ଷଙ୍କ ତୃତୀୟ ନୟନ ଖୋଲିଗଲା। ସେଇ ଅନୁଷ୍ଠାନରେ ପଢୁଥିବା ଶହ ଶହ ପିଲାଙ୍କ କ୍ଷେତ୍ରରେ ଏଇ ଭାବକୁ ଉଜ୍ଜୀବିତ କରିବା ଲାଗି ପ୍ରୟୋଗ କଲେ ଆଉ ଏକ ଅଭିନବ ପଦକ୍ଷେପ। ପିଲାମାନେ ଜନ୍ମଦିନ ଅବସରରେ ପ୍ରାର୍ଥନା ସଭାରେ ପାଳନ କରୁଥିଲେ ଶୁଭ ଜନ୍ମ ଦିବସ। ବାଣ୍ଟୁଥିଲେ ଚକୋଲେଟ। ବର୍ଷର ଅଧିକାଂଶ ଦିନ ଏମିତି ଚକୋଲେଟ ଖାଇବା ଦ୍ୱାରା ପେଟ ରୋଗ ସହ ଦାନ୍ତ କ୍ଷୟ ବଢ଼ିଚାଲିଥିଲା। ଏଇ ସବୁର ସଫଳ ସମାଧାନ ପାଇଁ ଜନ୍ମଦିନରେ ଚକୋଲେଟ ବଣ୍ଟନକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଲେ। ପ୍ରତିବଦଳରେ ଯିଏ ସକ୍ଷମ ସେ ନିଜ ଖୁସି ଅନୁସାରେ ବିଦ୍ୟାଳୟକୁ ଏକ ଫଳ ଗଛ ପ୍ରଦାନ ଲାଗି ଅନୁରୋଧ କଲେ। ତେଣିକି ଆସିଲା ହରେକ କିସମର ଗଛ। ପିଲା ନିଜ ଜନ୍ମ ଦିନରେ ଗଛ ଲଗାଇଲେ ବିଦ୍ୟାଳୟ ହତାରେ। ପ୍ରତିଦିନ ଆବେଗର ସହ ନିଜ ଗଛ ନିକଟକୁ ଯାଇ କିଛି ସମୟ ବିତେଇଲେ। ପ୍ରଚୁର ଖୁସି ମଧ୍ୟ ପାଇବାକୁ ଲାଗିଲେ। ଦିନେ ପଡ଼ିଆ ପଡ଼ି ରୁକ୍ଷ ଲାଗୁଥିବା ବିଦ୍ୟାଳୟ ହତା ସବୁଜ ସୁନ୍ଦର ହୋଇଗଲା। ନାନାଦି ପକ୍ଷୀଙ୍କ ଭିଡ଼ ଜମିଲା। ନିଜେ ଲଗାଇଥିବା ଗଛରୁ ଫଳ ଫଳିବା ଆରମ୍ଭ ପରେ ପିଲାମାନେ ହର୍ଷ ଗଦଗଦ ହୋଇପଡ଼ିଲେ। ବିଦ୍ୟାଳୟରେ ଥିବା ଶତାଧିକ ଉତ୍ପାଦିତ ନଡ଼ିଆ, ପଣସ ଆଦି ଫଳକୁ ବିକ୍ରି କରିବାକୁ ଏବେ ଯୋଜନା କରିଛନ୍ତି ଅଧ୍ୟକ୍ଷ। ସେଥିରୁ ମିଳିବାକୁ ଥିବା ଅର୍ଥରାଶି ଏକ ଆକାଉଣ୍ଟରେ ଗଚ୍ଛିତ ରହିବ। ସେଇ ଅର୍ଥରେ ମାସ ମାସ ଧରି ବିଦ୍ୟାଳୟ ଅର୍ଥ ଜମା କରିପାରୁ ନ ଥିବା ଗରିବ ପିଲାଙ୍କ ବିଦ୍ୟାଳୟ ଫି ଭରଣା କରାଯିବ। ବିଦ୍ୟାଳୟରେ କର୍ମରତ ଅସ୍ଥାୟୀ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଜରୁରିକାଳୀନ ଆବଶ୍ୟକତା ବେଳେ ବ୍ୟୟ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଏସବୁ କାହାଣୀ ନୁହଁ। ରାୟଗଡ଼ା କେନ୍ଦ୍ରୀୟ ବିଦ୍ୟାଳୟର ବାସ୍ତବ କଥା।



ଏସବୁ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା ଗୋଟିଏ ପଦକ୍ଷେପରେ ଅନେକ ସମାଧାନ। ଗଛ ପାଇଁ ଦିନଟିଏ ଦେଲେ ପିଲାଏ ସତ, ତା'ର ପ୍ରତିବଦଳରେ ପ୍ରତିଦିନ ଗଛ ସମସ୍ତଙ୍କ ମନରେ ଖୁସି ଭରିଦେଲା। ଆଜି ଆମ ଚାରିପଟର ପୃଥିବୀ ଧ୍ୱଂସ ହେଉଛି। ସାଟେଲାଇଟ ଚିତ୍ରରେ ଓଡ଼ିଶାରେ ସବୁଜ ଅଂଶ ବୃଦ୍ଧି ପାଉଛି ବୋଲି ଦର୍ଶାଯାଉଛି। ଏହା ସତ୍ୟ, ହେଲେ ସୁଖଦ ଖବର। କିନ୍ତୁ ଆମ ଚାରିପଟର ପୃଥିବୀ କିଛି ଅଲଗା କହୁଛି। ଘରକୁ ଲାଗିଥିବା ଜଙ୍ଗଲ ଦୂର ଦୂର ଯାଏଁ ଘୁଞ୍ଚି ଗଲାଣି। ଆଦିବାସୀ ଅଧ୍ୟୁଷିତ ଇଲାକାରେ ବି ସାମାନ୍ୟ ଦାନ୍ତକାଠି ପାଇଁ ଅନେକ କିଲୋମିଟର ଯାଏ ଦୌଡ଼ିବାକୁ ପଡୁଛି। ଚାରିପଟେ ସୁନ୍ଦର ଭାବେ ପଦା ହୋଇପଡିଛି ଗଛ। ପାହାଡ଼ର ଚୂଡ଼ାରେ ଚୁଟି ଭଳି କିଛି ଅଂଶରେ ଗଛ ନିଜର ଉପସ୍ଥିତି ଜାହିର କରୁଛି। ଚାଷ ଜମିରେ ଅଟ୍ଟାଳିକା। ଉଜୁଡ଼ି ଗଲା ଚାଷ ବେଉଷା। କଂକ୍ରିଟ ଜଙ୍ଗଲରେ ଭରପୂର ଆମ ପରିବେଶ। ବର୍ଷତମାମ ବର୍ଷାରେ ଅନିୟମିତତା। ଶୀତ ଗାୟବ। ଶରତରେ ମରୁଡ଼ିର ପଦଧ୍ୱନି। ଏଭଳି ଅବସ୍ଥାରେ ବିକାଶ ପାଇଁ ଯେତେସବୁ ପ୍ରୟାସ କାହା ପାଇଁ।

ଜୀବଜଗତ ନାହିଁ ତ ମଣିଷ ନାହିଁ। ମଣିଷ ବଞ୍ଚିବାକୁ ହେଲେ ପୁଣି ପରିବେଶ ସବୁଜିମା ହେବା ଦରକାର। ବିକାଶ ଲାଗି ଆମେ ସବୁ ଯେତେ ବ୍ୟଥିତ, ଜୀବନ ପାଇଁ ବି ସେତିକି ଚିନ୍ତା ପ୍ରକଟ କରିବା ଆବଶ୍ୟକ। ଏବେ ସମୟ ଯାହା ଆମେ ଆମ ଜୀବନଶୈଳୀକୁ ସହଜରେ ବଦଳେଇ ପାରିବାନି କଦାପି। ଏହା ଏକ ଆଜିର ସମୟର ବଡ଼ ଆହ୍ୱାନ। କିନ୍ତୁ ଜୀବନକୁ ବଞ୍ଚେଇବାକୁ ଛୋଟିଆ ପ୍ରୟାସ କରିପାରିବା। କେବଳ ଜନ୍ମଦିନରେ ନୁହେଁ ଜୀବନର ବଡ଼ ବଡ଼ ଖୁସିରେ ଆମ ପରିବେଶର ମିତ ଗଛକୁ ବି ସାମିଲ କରିବା ଉଚିତ। ଗଛ ହିଁ ଏବେ ଜୀବନ। ଜୀବନର ଏଇ ଅନନ୍ୟ ସ୍ମୃତିକୁ ସତେଜ ରଖିବା ଲାଗି ଗଛଟିଏ ଲଗେଇବା ଆବଶ୍ୟକ। କେବଳ ଲଗେଇବା ନୁହେଁ, ତାକୁ ବଞ୍ଚେଇବା ଲାଗି କିଛି ମୁହୂର୍ତ୍ତ ଦେବା ଆବଶ୍ୟକ। ଏଇ ଅଳ୍ପ କ୍ଷଣ ବହୁଗୁଣିତ ହୋଇ ଚକ୍ରବୃଦ୍ଧି ସୁଧ ସହ ଆମକୁ ଫେରାଇବ ଗଛ। ଛାଇ, ଅମ୍ଳଜାନ ଓ ବର୍ଷାରେ ଭିଜେଇବ। ପୁଣି ଥରେ ଛଅ ଋତୁର ଅନୁଭବ ହୁଏତ ଆମକୁ ଫେରେଇଦେବ।

ସାମାନ୍ୟ ଛୋଟିଆ ପ୍ରୟାସରେ ଗୋଟେ ଅନୁଷ୍ଠାନର ପରିବେଶ ବଦଳିଗଲା। ତା' ଭିତରେ ଥିବା ଆଗାମୀ କାଲିର ଭବିଷ୍ୟତଙ୍କ ଭିତରେ ଗଛ ପ୍ରୀତି ବଢ଼ିଗଲା। ଡାଳିମ୍ବ ଚୋରାଇ ଖାଇବାର ଉଦ୍ୟମ କରୁଥିବା କୁନି ଛାତ୍ର ଜଣକ ପରବର୍ତ୍ତୀ ସମୟରେ ଘରେ ଡାଳିମ୍ବ ଗଛ ଲଗାଇ ନିଜ ଭିତରେ ଦୃଢ଼ ଆତ୍ମପ୍ରତ୍ୟୟ ଜାଗରିତ କରିପାରିଲା। ସେ ଦୃଢ଼ ନିଶ୍ଚିତ – ଡାଳିମ୍ବ ହେବ ଓ ସେ ନିଶ୍ଚୟ ଖାଇବ। ଆମେ ତ ବେଶ୍ ଜ୍ଞାନୀ, ଗୁଣୀ, କୁଶଳୀ ଓ ପାରଙ୍ଗମ। ଆମକୁ କେବଳ ଛୋଟ ଉଦ୍ୟମ କରିବାକୁ ହେବ। ଜୀବନ ପାଇଁ ଦିନଟିଏ ଦେଇ ଦେଖ। ସତରେ ଆମ ଜୀବନ ବଦଳିଯିବ।

ଇନ୍ଦିରା ନଗର, ଚତୁର୍ଥ ଗଳି,
ରାୟଗଡ଼ା, ମୋ–୯୪୩୭୯୦୯୬୭୧

## ଏଇ ଭାରତରେ

ବହୁ ସମୟରେ ଗୋଟିଏ ଘଟଣା ଜଣଙ୍କ ଆଖି ଖୋଲିଦିଏ ; ଯାହା ଘଟିଛି ଶ୍ରୀରାମ ଭି. ଆୟାରଙ୍କ ଜୀବନରେ। ଚେନ୍ନାଇରେ ଜନ୍ମିତ ଆୟାର ଉଚ୍ଚଶିକ୍ଷା ଲାଭ ପରେ କର୍ପୋରେଟ କମ୍ପାନୀରେ ଉଚ୍ଚ ଦରମାରେ ଚାକିରି କରିଥିଲେ। ଗୁଜରାଟ ଦଙ୍ଗା ପରେ ଦିନେ ରାସ୍ତାକଡ଼ରେ ଧୂପକାଠି ବିକ୍ରି କରୁଥିବା ପିଲାଟିକୁ ଦେଖି ତାଙ୍କ ଜୀବନର ଗତି ବଦଳିଯାଇଥିଲା। ପରେ ୨୦୦୩ରେ 'ନାଳନ୍ଦା ୱେ' ସଂସ୍ଥା ଗଠନକରି ରାସ୍ତାରେ ଜିନିଷ ବିକ୍ରି କରୁଥିବା ଏଭଳି ପିଲାଙ୍କ ସହ ଶିଶୁ ଶ୍ରମିକ, ହିଂସା ଓ ବିପର୍ଯ୍ୟୟ ପ୍ରପୀଡ଼ିତ, ଏଚ୍‌ଆଇଭି ସଂକ୍ରମିତ ପିଲାମାନଙ୍କୁ ଶିକ୍ଷା ଦେବାରେ ଲାଗିଛନ୍ତି। ତାଙ୍କ ସଂସ୍ଥା ମୁଖ୍ୟତଃ ତାମିଲନାଡୁ, ଦିଲ୍ଲୀ, ବିହାର ଏବଂ ଜମ୍ମୁ-କଶ୍ମୀରରେ ଏଭଳି ପିଲାମାନଙ୍କୁ ଶିକ୍ଷା ଦେଉଛି। ଆୟାର ଏବେ ସୁଦ୍ଧା ଲକ୍ଷାଧିକ ପିଲାଙ୍କୁ ଶିକ୍ଷା ଦେଇସାରିଛନ୍ତି। ଆର୍ଟ ମାଧ୍ୟମରେ ମଜାଳିଆ ଢଙ୍ଗରେ ଦିଆଯାଉଥିବା ଶିକ୍ଷା ପିଲାମାନଙ୍କ ପାଇଁ ଗ୍ରହଣୀୟ ହୋଇପାରିଛି। ଏଠାରେ ପଢୁଥିବା ପିଲାମାନେ ମଧ୍ୟ ନାଚ, ଗୀତ ଡ୍ରାମା, ଫଟୋଗ୍ରାଫି ଶିକ୍ଷା କରିପାରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ସେପ୍ଟେମ୍ବର ୧୯୯୭

- ବାଂଲାଦେଶର କେନ୍ଦ୍ରାଞ୍ଚଳରେ ପ୍ରମୁଖ ବିରୋଧୀ ଦଳ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍‌ପି) ଏବଂ ପୋଲିସ ମଧ୍ୟରେ ମୁହାଁମୁହିଁ ସଂଘର୍ଷ ଘଟି ୧୦୦ ମୃତ।
- ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ଜେ.ଏସ୍. ବର୍ମାଙ୍କ ବିରୁଦ୍ଧରେ ରାଜସ୍ଥାନ ହାଇକୋର୍ଟ ଦେଇଥିବା ରାୟର କାର୍ଯ୍ୟକାରିତା ଉପରେ ସୁପ୍ରିମ୍‌କୋର୍ଟ ରହିତାଦେଶ ଜାରି କରିଛନ୍ତି।
- ମଣିପୁରର ସେନାପତ ଜିଲାରେ ଥିବା ଏକ ଗ୍ରାମରେ କୁକି ଉଗ୍ରପନ୍ଥୀମାନେ ୨୦ ଘର ଜାଳିଦେବା ସହ ୨୦ ଜଣଙ୍କୁ ହତ୍ୟା କରିଛନ୍ତି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | | | | | |
| 9 | | | | 3 | 7 | | 1 | 5 |
| 5 | | | 1 | | | | 3 | 4 |
| | 3 | | | | | | | 8 |
| | 6 | | | | | 9 | 7 | |
| 1 | | | 2 | | | | 5 | |
| 3 | | | | | 5 | 4 | | |
| 2 | 4 | | | | | | | |
| | | 7 | | 1 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 6 | 4 | 3 | 8 | 1 | 2 | 7 |
| 8 | 7 | 2 | 5 | 9 | 1 | 3 | 4 | 6 |
| 3 | 1 | 4 | 7 | 2 | 6 | 8 | 5 | 9 |
| 2 | 4 | 3 | 9 | 1 | 7 | 6 | 8 | 5 |
| 7 | 5 | 9 | 8 | 6 | 4 | 2 | 3 | 1 |
| 6 | 8 | 1 | 2 | 5 | 3 | 9 | 7 | 4 |
| 1 | 6 | 7 | 3 | 4 | 2 | 5 | 9 | 8 |
| 9 | 2 | 8 | 6 | 7 | 5 | 4 | 1 | 3 |
| 4 | 3 | 5 | 1 | 8 | 9 | 7 | 6 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରତ୍ନଭଣ୍ଡାର ତଥ୍ୟ ପ୍ରକାଶ ନ ପାଉ

ମହାଶୟ,

କିଏ ଜାଣେ ଜଗନ୍ନାଥ ମହାପ୍ରଭୁଙ୍କର ରତ୍ନଭଣ୍ଡାରରେ କେତେ ଅଳଙ୍କାର ଅଛି ,କି କି ପ୍ରକାର ଅଳଙ୍କାର ଅଛି। ଖବର ପ୍ରକାଶ ପାଉଛି ପ୍ରଭୁଙ୍କର ରତ୍ନଭଣ୍ଡାର ସମ୍ପୂର୍ଣ୍ଣ ଅସୁରକ୍ଷିତ । ତାହାର ପୁନଃ ମରାମତି ନିହାତି ଆବଶ୍ୟକ। ଏହାକୁ ଦେଖି ରତ୍ନ ଭଣ୍ଡାର ଖୋଲଯିବାର ନିଷ୍ପତ୍ତି ହୋଇଛି। ଯଦି ଏହା ସତ୍ୟ, ରତ୍ନଭଣ୍ଡାର ଖୋଲାଯିବା ପରେ ତାହାକୁ ମରାମତି କରାଯିବା ଉଚିତ। ଏଥିରେ ବିଳମ୍ବ ଆଦୌ ଗ୍ରହଣୀୟ ନୁହେଁ। ରତ୍ନଭଣ୍ଡାର ଖୋଲିଲେ ଲୋକ ବହୁତ ତଥ୍ୟ ଜାଣିପାରିବେ। କିନ୍ତୁ ତଥ୍ୟ ବିଷୟରେ ମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଓ ସରକାରଙ୍କ ଭିତରେ ସୀମିତ ରହିଲେ ଭଲ ହେବ। ଏ ବିଷୟରେ ଖବରକାଗଜରେ ବ୍ୟାପକ ଆଲୋଚନା ରତ୍ନଭଣ୍ଡାରର ସୁରକ୍ଷା ଦୃଷ୍ଟିରୁ ନ ହେବା ଭଲ । ରତ୍ନ ତଥ୍ୟ ବାହାରକୁ ଆସିଲେ ଚୋରଙ୍କ ଲୋଲୁପ ଦୃଷ୍ଟିପଡ଼ିବ । ଅତୀତରେ ଶ୍ରୀମନ୍ଦିରରୁ ଚୋରି ମଧ୍ୟ ହୋଇଥିଲା। ରତ୍ନଭଣ୍ଡାର ଖୋଲାଗଲେ ଖୁବ୍ ଗୁପ୍ତରେ ହେଉ । ସମସ୍ତ ତଥ୍ୟ ବାହାରକୁ ପ୍ରକାଶ ନ ପାଉ ।

– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପବନ ସିରି ସିରି
ବରଷା ଝିରି ଝିରି
ପଡ଼ଇ ପଥଘାଟେ ବରଷି।
କି କଥା ତୁନି ତୁନି
କହିବି ହୁଏଁ ଗୁଣି
ସଖିରେ ନ ପାରଇଁ ଭରସି!
–(ବର୍ଷାରତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଜଙ୍ଗଲରୁ ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଠାବ

**ବାଲିଗୁଡ଼ା, ୧୯।୯(ଡି.ଏନ୍.ଏ.)**

କନ୍ଧମାଳ ଜିଲା ସାରଙ୍ଗଡ଼ ଥାନା ପାବୁରିଆ ପଞ୍ଚାୟତ ମାଲେରିମାହା ଗ୍ରାମର ଗାରାମାହା ଜଙ୍ଗଲରୁ ସୋମବାର ଏକ ଦମ୍ପତିଙ୍କର ଝୁଲନ୍ତା ମୃତଦେହ ପୋଲିସ ଠାବ କରିଛି। ମୃତ ଦମ୍ପତି ହେଲେ ମାଲେରିମାହା ଗ୍ରାମର ମନୋରଞ୍ଜନ ନାୟକ ଓ ତାଙ୍କ ସ୍ତ୍ରୀ ସ୍ମିତାଞ୍ଜଳି। ମନୋରଞ୍ଜନ ଗାଁ ସାଥୀ ଥିବାବେଳେ ସ୍ମିତାଞ୍ଜଳି ଆଶାକର୍ମୀ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ଦୁଇଟି ପୁଅ ଓ ଗୋଟିଏ ଝିଅ ଥିବା ଜଣାପଡ଼ିଛି। ରବିବାର ରାତିରେ ସମସ୍ତେ ଖାଇ ସାରି ଶୋଇଥିଲେ। ସକାଳେ ଉଠି ସମ୍ପୃକ୍ତ ଦମ୍ପତି ଜଙ୍ଗଲକୁ ଯାଇଥିଲେ। କିଛି ସମୟ ପରେ ସେମାନଙ୍କ ମୃତଦେହ ଏକ ଗଛରେ ଝୁଲୁଥିବା ଦେଖି ଗ୍ରାମବାସୀ ସାରଙ୍ଗଡ଼ ଥାନାରେ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ବାଲିଗୁଡ଼ା ମେଡିକାଲକୁ ପଠାଇଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନଥିବା ବେଳେ ପୋଲିସ ନଂ. ୮/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଏସ୍ଆଇ କୃଷ୍ଣଚନ୍ଦ୍ର ଗୌଡ଼ କହିଛନ୍ତି। ଅନ୍ୟପଟେ ପାରିବାରିକ କଳହ ଯୋଗୁ ଏହି ଘଟଣା ଘଟିଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି।

# ଫୁଲିଲା ହୀରାକୁଦ ଜଳଭଣ୍ଡାର, ଖୋଲିଲା ଗେଟ୍

**ସମ୍ବଲପୁର, ୧୯।୯(ବ୍ୟୁରୋ)**

## ତୃତୀୟ ପର୍ଯ୍ୟାୟରେ ୬ ଗେଟ୍‌ରେ ଜଳ ନିଷ୍କାସନ



ହୀରାକୁଦ ଡ୍ୟାମ୍‌ରୁ ଜଳ ନିଷ୍କାସନ ହେଉଛି।

ସମ୍ବଲପୁର ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡ ଛତିଶଗଡ଼ରେ ଆଗକୁ ବର୍ଷାହେବା ସମ୍ଭାବନା ରହିଛି। ପାଣିପାଗ ବିଭାଗ ମଧ୍ୟ ଆସନ୍ତା ୨୦ରୁ ୨୨ତାରିଖ ପର୍ଯ୍ୟନ୍ତ ବର୍ଷା ହେବ ବୋଲି ସୂଚନା ଦେଇଛି। ହୀରାକୁଦ ଡ୍ୟାମ୍‌ର ଜଳଧାରଣ କ୍ଷମତା ୬୩୦ଫୁଟ୍ ରହିଥିବାବେଳେ ସୋମବାର ଅପରାହ୍ନ ସୁଦ୍ଧା ଜଳସ୍ତର ୬୨୯.୨୯ଫୁଟ୍ ରହିଛି। ଦେଖିବାକୁ ଗଲେ ଜଳଭଣ୍ଡାର ଫୁଲି ରହିଛି। ତେଣୁ ବନ୍ଧ ସୁରକ୍ଷା ତଥା ରୁଲକର୍ଭ ନିୟମ ଅନୁସାରେ ସୋମବାର ପୁଣି ଗେଟ୍ ଖୋଲାଯାଇଛି। ବାମ ଓ ଡାହାଣ ପାର୍ଶ୍ୱରେ ମୋଟ ୬ ଗେଟ୍ ଦେଇ ଚଳିତବର୍ଷର ତୃତୀୟ ପର୍ଯ୍ୟାୟରେ ବନ୍ୟାଜଳ ନିଷ୍କାସନ କରାଯାଉଛି।

ଏ ସମ୍ପର୍କରେ ହୀରାକୁଦ ଡ୍ୟାମ୍ ମୁଖ୍ୟଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ କହିଛନ୍ତି, ଜଳଭଣ୍ଡାରର ଜଳସ୍ତର କ୍ଷମତା ପାଖରେ ପହଞ୍ଚିଥିଲା। ଜଳଭଣ୍ଡାରକୁ ଜଳ ପ୍ରବେଶ ପରିମାଣ ମଧ୍ୟ ଧୀରେ ଧୀରେ ବୃଦ୍ଧି ପାଉଛି। ପାଣିପାଗ ବିଭାଗ ଆଗାମୀ ଦିନରେ ବର୍ଷା ହେବା ସୂଚନା ଦେଇଛି। ତେଣୁ ବନ୍ଧ ସୁରକ୍ଷା ଦୃଷ୍ଟିରୁ ଜଳ ନିଷ୍କାସନ କରାଯାଉଛି। ବର୍ଷା ଓ ଜଳ ପ୍ରବେଶ ଅନୁପାତ ଦେଖି ଆଗାମୀ ଦିନରେ ଗେଟ୍ ସଂଖ୍ୟା ବୃଦ୍ଧି କରାଯିବ ବୋଲି ସେ କହିଛନ୍ତି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୮୧ହଜାର ୮୩୫ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ସେହିପରି ସ୍ପିଲ୍‌ୱେ, ପାୱାର ଚାନେଲ, ଚାଷ, କମ୍ପାନୀକୁ ମୋଟ ୧ଲକ୍ଷ ୭ହଜାର ୨୬୭ କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାର ତଳମୁଣ୍ଡ ପର୍ଥଲାରେ ୨୨ହଜାର ୫୧୯, ଖଇରମାଲରେ ୫୪ହଜାର ୪ଶହ, ବରମୁଲାରେ ୭୨ହଜାର, ମୁଣ୍ଡୁଲିରେ ୬୨ହଜାର ୬୦୦ କ୍ୟୁସେକ ଜଳ ପ୍ରବାହିତ ହେଉଛି। ସୂଚନାଯୋଗ୍ୟ, ଚଳିତବର୍ଷ ଜୁଲାଇ ୧୮ରେ ହୀରାକୁଦ ଡ୍ୟାମ୍‌ରୁ ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଥିଲା। ଉପରମୁଣ୍ଡରେ ବର୍ଷା ଅଭାବ ଯୋଗୁ ଜଳଭଣ୍ଡାରକୁ ଜଳ ପ୍ରବେଶ ପରିମାଣ କମିଯିବାରୁ ଖୋଲାଯାଇଥିବା ଗେଟ୍ ଜୁଲାଇ ୩୧ରେ ବନ୍ଦ କରିଦିଆଯାଇଥିଲା। ପରେ ଛତିଶଗଡ଼ରେ ବର୍ଷାହୋଇ ବନ୍ୟା ପରିସ୍ଥିତି ସୃଷ୍ଟି ହେବାରୁ ସେଠାକାର ସମସ୍ତ ଗେଟ୍ ଖୋଲିଦିଆଯାଇଥିଲା। ଫଳରେ ହୀରାକୁଦ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧୦ଲକ୍ଷ କ୍ୟୁସେକ୍‌ରୁ ଅଧିକ ପାଣି ପ୍ରବେଶ କରିଥିଲା। ଦ୍ୱିତୀୟ ପର୍ଯ୍ୟାୟ ଅଗଷ୍ଟ ୧୧ରେ ପୁଣି ଗେଟ୍ ଖୋଲିବା ଆରମ୍ଭ ହୋଇଥିଲା। ପ୍ରଥମେ ୭ଗେଟ୍ ଖୋଲିଥିବାବେଳେ ପର୍ଯ୍ୟାୟକ୍ରମେ ଏହି ସଂଖ୍ୟା ୪୪ରେ ପହଞ୍ଚିଥିଲା। ଉପରମୁଣ୍ଡ ଓ ତଳମୁଣ୍ଡରେ ବର୍ଷା ସ୍ଥିତି ସ୍ୱାଭାବିକ ହେବା ପରେ ସେପ୍ଟେମ୍ବର ୮ରେ ସମସ୍ତ ଗେଟ୍ ବନ୍ଦ କରିଦିଆଯାଇଥିଲା।

# ଗୌରହରି ଦାସ ପାଇବେ 'ଶାରଳା ପୁରସ୍କାର'

## ପ୍ରଫୁଲ୍ଲ ମହାନ୍ତି ଏବଂ ଘନଶ୍ୟାମ ପଣ୍ଡାଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'

**ଭୁବନେଶ୍ୱର, ୧୯।୯ (ବ୍ୟୁରୋ)**

ସାହିତ୍ୟିକ, ଗାଳ୍ପିକ ତଥା କଥାକାର ଗୌରହରି ଦାସଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ ୪୩ତମ 'ଶାରଳା ପୁରସ୍କାର' ମିଳିବ। ତାଙ୍କର ସାହିତ୍ୟ କୃତି 'ବାଘ ଓ ଅନ୍ୟାନ୍ୟ ଗଳ୍ପ' ପାଇଁ ସେ ଏହି ସମ୍ମାନ ପାଇବେ ବୋଲି ଇମ୍ପା ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ୨୦୧୮ ମସିହାରେ ଟାଇମ୍ ପାସ୍ ପବ୍ଲିକେଶନ ଦ୍ୱାରା ଏହି ଗଳ୍ପ ପୁସ୍ତକ ପ୍ରକାଶିତ ହୋଇଥିବାବେଳେ ପାଠକୀୟ ମହଲରେ ବେଶ୍ ଆଦୃତି ଲାଭ କରିଛି। ଅକ୍ଟୋବର ୨୬ରେ ଏକ ବର୍ଣ୍ଣାଢ୍ୟ ସାରସ୍ୱତ ସମାବେଶରେ ଡ. ଦାସଙ୍କୁ ଉତ୍ତରୀୟ, ସମ୍ମାନପତ୍ର, ଫଳକ ସହ ୫ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ଏଥିସହ କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନାର ଉତ୍କର୍ଷ ପାଇଁ ଟ୍ରଷ୍ଟ ପକ୍ଷରୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ ୨୦୨୨' ଘୋଷଣା କରାଯାଇଛି। ଦୁଇ କଳା ସାଧକ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚିତ୍ରକର ପ୍ରଫୁଲ୍ଲ ମହାନ୍ତି ଏବଂ ଓଡ଼ିଶୀ ସଙ୍ଗୀତସାଧକ ଗୁରୁ ଘନଶ୍ୟାମ ପଣ୍ଡା ଏହି ସମ୍ମାନ ପାଇବେ। ସମ୍ମାନ ବାବଦରେ ଉଭୟଙ୍କୁ ଦେଢ଼ ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ଓ ଫଳକ ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ବିଶିଷ୍ଟ ଶିଳ୍ପପତି ବୈଜ୍ଞାନିକ ଡ. ବଂଶୀଧର ପଣ୍ଡା ଓ ତାଙ୍କର ସହଧର୍ମିଣୀ କଳାବିଦୂଷୀ ଇଲା ପଣ୍ଡାଙ୍କ କଳାତ୍ମକ ଚେତନାର ଫଳଶ୍ରୁତି ହେଉଛି 'ଶାରଳା ପୁରସ୍କାର ଉତ୍ସବ'। ୧୯୮୦ ମସିହାରୁ ପ୍ରଦାନ କରାଯାଉଥିବା 'ଶାରଳା ପୁରସ୍କାର' ୪୩ ବର୍ଷ ଧରି ଏହାର ଅଭିଯାତ୍ରା ଜାରି ରଖିଛି। ପରବର୍ତ୍ତୀ ସମୟରେ ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ ଏହି ଗୌରବମୟ ପରମ୍ପରାରେ ସାମିଲ ହୋଇଛି।



ଗୌରହରି ଦାସ

# ବିଷ୍ଣୁଙ୍କ ବିୟୋଗରେ ଶୋକ

*ଭୁବନେଶ୍ୱର, ୧୯।୯(ବ୍ୟୁରୋ): ଭାଜପା ବିଧାୟକ ବିଷ୍ଣୁ ସେଠୀ ୬୧ ବର୍ଷ ବୟସରେ ସୋମବାର ସକାଳେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ବିଷ୍ଣୁଙ୍କ ବିୟୋଗ ସାରା ରାଜ୍ୟରେ ଶୋକର ଛାୟା ଖେଳାଇ ଦେଇଛି। ତାଙ୍କ ପରଲୋକରେ ଦେଶର ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ସେହିପରି ବହୁ ମନ୍ତ୍ରୀ, ବିଧାୟକ, ପିସିସି ସଭାପତି ଶରତ ପଟ୍ଟନାୟକ ଏବଂ ପୂର୍ବତନ ମନ୍ତ୍ରୀଙ୍କ ସମେତ ବରିଷ୍ଠ ନେତାମାନେ ଦଳମତ ନିର୍ବିଶେଷରେ ଶୋକ ପ୍ରକାଶ କରିଛନ୍ତି।*

ବିଷ୍ଣୁ ସେଠୀ ଓଡ଼ିଶାର ଜଣେ ସୁପରିଚିତ ଜନପ୍ରତିନିଧି। ଜଣେ ଉଚ୍ଚକୋଟୀର ଲେଖକ ମଧ୍ୟ ଥିଲେ। ଜଣେ ପରିଚିତ ନିର୍ବାଚିତ ପ୍ରତିନିଧି ଭାବେ ତାଙ୍କ ଖ୍ୟାତି ରହିଛି। ତାଙ୍କ ବିୟୋଗରେ ଯେଉଁ ଶୂନ୍ୟସ୍ଥାନ ହୋଇଛି ତାକୁ ପୂରଣ କରାଯାଇପାରିବ ନାହିଁ। ତାଙ୍କ ପରିବାରବର୍ଗ, ବନ୍ଧୁବାନ୍ଧବ ଏବଂ ସମର୍ଥକଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରୁଛି।

**-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି**

ଓଡ଼ିଶାର ପ୍ରଗତି ପାଇଁ ବିଷ୍ଣୁଚରଣ ସେଠୀଙ୍କ ଅବଦାନ ଅତୁଳନୀୟ। ଜଣେ କଠିନ ପରିଶ୍ରମୀ ବିଧାୟକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ସାମାଜିକ ସଶକ୍ତୀକରଣ ପାଇଁ ତାଙ୍କ ଯୋଗଦାନ ପ୍ରଶଂସାଯୋଗ୍ୟ। ତାଙ୍କ ବିୟୋଗରେ ମୁଁ ଅତ୍ୟନ୍ତ ଦୁଃଖିତ। ତାଙ୍କ ପରିବାର ଏବଂ ସମର୍ଥକମାନଙ୍କୁ ସମବେଦନା ଜଣାଉଛି।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

ଧାମନଗର ବିଧାୟକ ବିଷ୍ଣୁ ସେଠୀଙ୍କ ଦେହାନ୍ତ ବିଷୟରେ ଜାଣି ଦୁଃଖିତ। ଜନପ୍ରତିନିଧି ଭାବେ ଲୋକଙ୍କ ପାଇଁ ତାଙ୍କ କଲ୍ୟାଣକାରୀ କାର୍ଯ୍ୟ ସର୍ବଦା ସ୍ମରଣୀୟ ହୋଇ ରହିବ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ସମବେଦନା ଜଣାଇବା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି।

**-ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ**

ଓଡ଼ିଶା ବିଧାନସଭାରେ ଭାଜପାର ଉପନେତା ବିଷ୍ଣୁ ସେଠୀଙ୍କ ଜୀବନ ଜନସେବା ତଥା ସଙ୍ଗଠନ ପାଇଁ ଉତ୍ସର୍ଗୀକୃତ ଥିଲା। ରାଜ୍ୟରେ ସଙ୍ଗଠନକୁ ମଜଭୁତ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ଦେହାନ୍ତ ଭାଜପା ପରିବାର ଏବଂ ଓଡ଼ିଶା ପାଇଁ ଏକ ଅପୂରଣୀୟ କ୍ଷତି।

**-ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

ଓଡ଼ିଶାର ବରିଷ୍ଠ ଭାଜପା ନେତା ତଥା ବିଧାୟକ ବିଷ୍ଣୁ ଚରଣ ସେଠୀଙ୍କ ଦେହାନ୍ତ ଖବର ଆସିଛି। ସେ ସବୁବେଳେ ରାଜ୍ୟର ଲୋକଙ୍କ ସ୍ୱାର୍ଥ ପାଇଁ ଚେଷ୍ଟା କରୁଥିଲେ। ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରୁଛି।

**-ଜେ.ପି. ନଡ୍ଡା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**

ବିରୋଧି ଦଳର ଉପନେତା ବିଷ୍ଣୁବାବୁ କେବଳ ଜଣେ ଲୋକପ୍ରିୟ ବିଧାୟକ ନ ଥିଲେ, ସେ ଥିଲେ ଅମାୟିକ ଓ ବନ୍ଧୁ ବତ୍ସଳ। ଜନସାଧାରଣଙ୍କ ସମସ୍ୟା ଓ ଅସୁବିଧାକୁ ବିଧାନସଭାରେ ଉପସ୍ଥାପିତ କରିବାରେ ତାଙ୍କର ସ୍ୱତନ୍ତ୍ର ଶୈଳୀ ରହିଥିଲା। ବ୍ୟକ୍ତିଗତ ଭାବେ ଜଣେ ବନ୍ଧୁଙ୍କୁ ହରାଇ ମୁଁ ଅତ୍ୟନ୍ତ ମର୍ମାହତ।

**-ବିକ୍ରମ କେଶରୀ ଆରୁଖ, ବାଚସ୍ପତି**

# ରାଜପଥରେ ବସିଲେ ଚାଷୀ



ରାଜପଥ ଉପରେ ବସିରହିଛନ୍ତି ଚାଷୀ।

**ଜମନକିରା, ୧୯।୯(ଡି.ଏନ.ଏ.)**

## ମିଳୁନି ପ୍ରଧାନମନ୍ତ୍ରୀ ଫସଲ ବୀମାରାଶି

ବାରମ୍ବାର ଦାବି, ଆନ୍ଦୋଳନ ପରେ ମଧ୍ୟ ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡର ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ମିଳିପାରୁ ନାହିଁ। ଏହାର ପ୍ରତିବାଦରେ ସୋମବାର ଉପଖଣ୍ଡ ମିଳିତ କୃଷକ ସଂଗଠନ ନେତୃତ୍ୱରେ ଶତାଧିକ ଚାଷୀ ଜମନକିରା ନିକଟ ଷଣ୍ଢପଥରଠାରେ ୫୩ନଂ. ଜାତୀୟ ରାଜପଥ ଉପରେ ବସିରହି ଆନ୍ଦୋଳନ କରିଥିଲେ।

ସଂଗଠନ କର୍ମକର୍ତ୍ତା ଦର୍ଶାଇଥିଲେ, ୨୦୨୧ରେ ଜମନକିରା ଅଞ୍ଚଳରେ ଖରିଫ ଚାଷ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। କ୍ଷତିଗ୍ରସ୍ତ ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ପ୍ରଦାନ ପାଇଁ ପ୍ରଶାସନ ନିକଟରେ ଦାବି କରିଆସୁଥିଲେ। ଏହାକୁ ନେଇ ଗତ ଅଗଷ୍ଟ ୩ରେ ବ୍ଲକ କୃଷକ ସଂଗଠନ ସଭାଗୃହରେ ଉପଖଣ୍ଡସ୍ତରୀୟ ଚାଷୀଙ୍କ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କୁଚିଣ୍ଡା, ଜମନକିରା ଓ ବାମରା ଅଞ୍ଚଳର ଚାଷୀମାନେ ଏକତ୍ରିତ ହୋଇ ଅଗଷ୍ଟ ୧୦ ମଧ୍ୟରେ ଏହାର ସମାଧାନ ନ ହେଲେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ପ୍ରଶାସନର ଅନୁରୋଧକ୍ରମେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା। କୃଷକ ସଙ୍ଗଠନ ୨୦ ତାରିଖ ପର୍ଯ୍ୟନ୍ତ ପ୍ରଶାସନ ଓ ବୀମା କମ୍ପାନୀକୁ ସମୟ ଦେଇଥିଲା। ହେଲେ ସମୟସୀମା ମଧ୍ୟରେ ଦାବି ପୂରଣ ନ ହେବାରୁ ଅଗଷ୍ଟ ୨୩ରେ ଚାଷୀମାନେ ୫୩ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ପ୍ରଶାସନ ଓ ବୀମା କମ୍ପାନୀର ଟାଳଟୁଳ ନୀତି ଯୋଗୁ ଚାଷୀମାନେ ବୀମାରାଶି ପାଇପାରିନାହାନ୍ତି। ତେଣୁ ସେମାନେ ପୁଣି ୫୩ନଂ ଜାତୀୟ ରାଜପଥ ଅବରୋଧ କରିଥିବା କହିଛନ୍ତି। ପ୍ରଶାସନ ପକ୍ଷରୁ ଜମନକିରା ତହସିଲଦାର ଡ. ସୌମ୍ୟାରୂପା ରଥ ଆନ୍ଦୋଳନସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ ସୁଦ୍ଧା ଚାଷୀମାନେ ଅଟଳ ଥିଲେ। ପରେ ଅପରାହ୍ନ ୪ଟାରେ କୁଚିଣ୍ଡା ଉପଜିଲାପାଳ ଆଦିତ୍ୟ ଗୋୟଲ, ଏସ୍‌ଡିପିଓ ରାଜକିଶୋର ମିଶ୍ର, ତହସିଲଦାର ଡ. ରଥ, ଜମନକିରା ଥାନା ଅଧିକାରୀ ପ୍ରେମଜିତ ଦାସ ଆସି ଚାଷୀ ସଂଗଠନ ସହ ଆଲୋଚନା କରିଥିଲେ ସୁଦ୍ଧା ସୁଫଳ ମିଳିନାହିଁ। ରାସ୍ତାରୋକୋ ଯୋଗୁ ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକିଥିବା ବେଳେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଇଛି। ଶ୍ରୀଲକ୍ଷ୍ମୀ କୃଷକ ସଂଗଠନ ସଭାପତି ବୀରେନ୍ଦ୍ର ଚୌଧୁରୀଙ୍କ ନେତୃତ୍ୱରେ ହେଉଥିବା ରାସ୍ତାରୋକୋରେ ପୂର୍ବତନ କୁଚିଣ୍ଡା ବିଧାୟକ ରବି ନାରାୟଣ ନାୟକ, ସୁନୀଲ ମୁଦୁଲି, ଦୁଷ୍ମନ୍ତ ନାୟକ, ବିପିନ ବିହାରୀ ପଟେଲ, ଅମୋଘ ବୈରିଗଞ୍ଜନ ପାଣିଗ୍ରାହୀ, ରାଜୀବ ନାୟକ, କିଶୋର ମହାପାତ୍ର, ନୃପଲାଲ ପଲେଇ, ଦିଲୀପ ପଟେଲ, ଗୁରୁଚରଣ ପଟେଲ, ମନୋଜ ମାଝି, ଶ୍ରୀକାନ୍ତ ପଟେଲଙ୍କ ସମେତ ଚାଷୀମାନେ ସାମିଲ ହୋଇଛନ୍ତି। ଆନ୍ଦୋଳନରେ ଜମନକିରା ବ୍ଲକ ବିଜେଡି ସାମିଲ ହୋଇ ନ ଥିବାବେଳେ ଚାଷୀଙ୍କ ସମସ୍ୟା ସହ ଦଳ ରହିଛି ବୋଲି ନେତାମାନେ ପ୍ରକାଶ କରିଛନ୍ତି। ତେବେ ସନ୍ଧ୍ୟା ୭ଟାରେ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଗିରଫ କରିବା ପାଇଁ ପ୍ରୟାସ କରିଥିଲା।


# ତହସିଲ କାର୍ଯ୍ୟାଳୟ, ଗୁଡ଼ାରୀ

## ଦୀର୍ଘମିଆଦୀ ଲିଜ୍ ନିମନ୍ତେ ଇସ୍ତାହାର

**ବିଜ୍ଞପ୍ତି ସଂଖ୍ୟା-୨୩୬୭/୨୦୨୨ ତାରିଖ-୧୯.୦୯.୨୦୨୨**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗୁଡାରୀ ତହସିଲର (୦୧) ଏକ ଗୋଟି ସୈରାତ ଉତ୍ସ ଗୁଡାରୀ ବାଲୁକା ଶଯ୍ୟା-୧ର ଦୀର୍ଘମିଆଦୀ ଲିଜ୍ ସୂତ୍ରେ ଓଡ଼ିଶା ଲଘୁ ଖଣିଜ ରିହାତି ଆଇନ ୨୦୧୬ ମୁତାବକ ପାଞ୍ଚ ବର୍ଷ ନିମନ୍ତେ (୨୦୨୨-୨୩ ଠାରୁ ୨୦୨୬-୨୭) ଦିଆଯିବ । ଏଥି ସମ୍ପର୍କିତ ସମସ୍ତ ବିବରଣୀ ଯଥା- ବିଜ୍ଞାପନ, ସର୍ତ୍ତାବଳୀ, ସୈରାତ ଉତ୍ସର ନାମ ଓ ଅବସ୍ଥାନ, ନିଲାମ ତାରିଖ ଓ ସ୍ଥାନ ଆଦି www.rayagada.nic.in ରେ ଉପଲବ୍ଧ କରାଯାଇଛି । ଇଚ୍ଛୁକ ବ୍ୟକ୍ତି ବିଶେଷ ବିଜ୍ଞାପନରେ ଦର୍ଶାଯାଇଥିବା Form-M ପୂରଣ କରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟକୁ ରେଜିଷ୍ଟ୍ରି/ସ୍ପିଡ ଡାକ ଯୋଗେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦାଖଲ କରିପାରିବେ ।

**ସ୍ୱା./-ତହସିଲଦାର, ଗୁଡ଼ାରୀ**

# OFFICE OF THE SPECIAL OFFICER KKDA, LANJIGARH, KALAHANDI

## NOTICE

**No. 458** **Dated: 17.09.2022**

No. CAD-1879: It is notified that the Date of Opening of Tender for the Project "Construction of Check Dam at Dengsargi" vide Bid Identification No. 01/2022-23 schedule to be held on 21.09.2022 is hear by postponed due to unavoidable reason. The date of opening of tender is reschedule on 27.09.2022 in the designated place notified earlier.

**Sd./- Special Officer**
**KKDA, Lanjigarh, Kalahandi**
OIPR-26051/11/0003/2223

Form No.13

**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014 (Orissa)**
**O.A. No. 647/2019**

**State Bank of India, SARB, Bhubaneswar........** **Applicant**
**-Versus-**
**Milan Jyoti Swain........** **Defendant**

**To,**
**Defendant: Milan Jyoti Swain,** S/o.: Purusottam Swain, At/P.O: Flat No. 306, Trilok Apartment, Atala, Hanspal, Balianta, Dist.: Khurda, Pin-752101

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 647/19** in the court of the Debts Recovery Tribunal for recovery of ₹ **11,84,849.10 (Eleven lakh eighty four thousand eight hundred forty nine and paisa ten)** only together with current and future interest, costs and other reliefs. The above mentioned defendant is therefore directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **02.11.2022 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **15th day of September, 2022.**

**Sd/- (M.K. Patnaik)**
**REGISTRAR**

# OFFICE OF THE EXECUTIVE ENGINEER RWS&S DIVISION, BARIPADA

**Tel. No.: 06792-254029, Fax No.: 06792-259464**
**E-mail: eerwss_bpd@rediffmail.com, eerwss_bpd@ori.nic.in**
**No. O-1013**

## Govt. of Odisha, e-Procurement Notice

**Bid Identification No. 21 of 2022-23, Date: 17.09.2022**

1. Nature of the work: Shifting of Pipeline for widening under Saraskana & Kuliana Blocks in Mayurbhanj district is Percentage rate (02 Packages).
2. Estimated Cost: 5.70 lakh to 17.90 lakhs
3. Period of Completion: 60 days
4. Date and time of availability of bid document in portal: From 11 hour of 01.10.2022 to 10.10.2022 upto 17 hours.
5. Last date/time for receipt of bids in the portal: Both Technical & Financial Bid for each Package upto 17 hours of 10.10.2022.
6. Name and address of the O.I.T.: Executive Engineer, RWS&S Division, Baripada
7. Date & time for Opening of Tender: 11.10.2022 at 11.00 A.M.
8. Corrigednum and addendum if any shall only be published in the above website **http://www.tenderodisha.gov.in**.

Further details can be seen from the e-procurement portal: **"https://tendersodisha.gov.in"**.

**Sd./- Executive Engineer**
**RWS&S Division, Baripada**
OIPR-25014/11/0013/2223

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C) IDCO, IDCO TOWER,BHUBANESWAR**

**Tender Call Notice No.H.O./P&C/EST-E-1880/01/2022 23947 Dated:16.09.2022**
**NOTICE INVITING TENDER THROUGH e-Procurement- 2nd**

**No.CAD-1883: Name of the Work:** Construction of 1000 persons workers hostel (G+2) at Bolangir, Odisha. **Estimated Cost:** Rs.2986.00 lakhs (approx.). **Period of Completion:**18 (Eighteen) Calendar Months. **Pre-bid Meeting is to held on dt.26.09.2022 at IDCO Board room at 12.30 PM.**

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, Idco Tower, Bhubaneswar | Bid Id No.PC/ES-T/E-67/ 2022-23 | 17.00 hours of 20.08.2022 | 17.00 hours of 28.09.2022 |

Further details can be seen from the e-Procurement Portal www.tendersorissa.gov.in and Corrigendum if any will not be published in newspapers and can only be seen in the e-Procurement portal www.tenderorissa.gov.in and IDCO website www.idco.in.

OIPR-14003/11/0144/2223 **Sd./- Chief General Manager (P&C), IDCO, Bhubaneswar**

# ODISHA PUBLIC SERVICE COMMISSION, CUTTACK

## NOTICE

**No.8680/PSC, Dt.19.09.2022**
**(DR-IV) (2PC-01-2022-23)**

**No.D-166:**It is for information of all concerned that written examination for recruitment to the post of Assistant Director in Group-B of O.S.& E.S. Cadre, pursuant to Advt. No. 05 of 2021-22 will be held as per the following programme.

| DATE | SITTING | TIME | PAPER/SUBJECT |
|---|---|---|---|
| 29.10.2022 (Saturday) | 1st SITTING | 10.00 A.M. to 12.00 Noon (10.00 A.M. to 12.40 P.M. for PwD candidates) | (Paper-1) General English |
| | 2nd SITTING | 2.00 P.M. to 5.00 P.M. (2.00 P.M. to 6.00 P.M. for PwD candidates) | (Paper-III) Statistics |
| 30.10.2022 (Sunday) | 1st SITTING | 10.00 A.M. to 12.00 Noon (10.00 A.M. to 12.40 P.M. for PwD candidates) | (Paper-II) General Knowledge |
| | 2nd SITTING | 2.00 P.M. to 5.00 P.M. (2.00 P.M. to 6.00 P.M. for PwD candidates) | (Paper-IV) Economics |

The candidates are advised to visit (www.opsc.gov.in.) the website of the Commission regularly for further information relating to Admission Certificate and Centre allocation.

OIPR-12002/11/0163/2223 **Sd./- Secretary**

ODISHA

# ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)

No. CAD-1831 ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର - ୭୫୧୦୧୨

## ପ୍ରଦୂଷଣମୁକ୍ତ ଦୁର୍ଗାପୂଜା, ଲକ୍ଷ୍ମୀପୂଜା ତଥା କାଳୀପୂଜା ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିବେଦନ

**ପୂଜା କମିଟି କର୍ମକର୍ତ୍ତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**

- ମୂର୍ତ୍ତି ନିର୍ମାଣରେ ପୋଡା ମାଟି ତଥା Plaster of Paris ପରିବର୍ତ୍ତେ ପ୍ରାକୃତିକ ମୃତ୍ତିକା ବ୍ୟବହାର କରନ୍ତୁ।
- ମୂର୍ତ୍ତିରେ ବିଷାକ୍ତ ରାସାୟନିକ ରଙ୍ଗ ବଦଳରେ ପ୍ରାକୃତିକ ରଙ୍ଗ ବ୍ୟବହାର କରନ୍ତୁ।
- ମୂର୍ତ୍ତିର ଉଚ୍ଚତାକୁ ୨୦ଫୁଟ ଏବଂ ମଣ୍ଡପ ଉଚ୍ଚତାକୁ ୪୦ ଫୁଟ ମଧ୍ୟରେ ସୀମିତ ରଖନ୍ତୁ।
- ପୂଜା ପରେ ମୂର୍ତ୍ତିକୁ ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରନ୍ତୁ।
- ବିସର୍ଜନ ପୂର୍ବରୁ ମୂର୍ତ୍ତି ଓ ମେଢ଼ରୁ ଫୁଲ ତଥା ଅନ୍ୟ ସାଜସଜ୍ଜା ପଦାର୍ଥକୁ ମୂର୍ତ୍ତିରୁ କାଢ଼ି ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ନିର୍ଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ। ଏହାକୁ ବିସର୍ଜନ ସ୍ଥଳରେ ପୋତନ୍ତୁ ନାହିଁ।
- ସାଜସଜ୍ଜା ତଥା ପ୍ରସାଦ ବିତରଣ ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ।

**ଜିଲ୍ଲା ପ୍ରଶାସନ ତଥା ପୌରାଞ୍ଚଳ କର୍ତ୍ତୃପକ୍ଷଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**

- ଜନ ସାଧାରଣଙ୍କୁ ମୂର୍ତ୍ତି ବିସର୍ଜନ ଜନିତ ଜଳ ପ୍ରଦୂଷଣ ସମ୍ବନ୍ଧରେ ସଚେତନ କରନ୍ତୁ।
- ଜନ ସାଧାରଣଙ୍କୁ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣିବାକୁ ସଚେତନ କରନ୍ତୁ।
- ସମ୍ପୃକ୍ତ ସହରରେ ଅନୁଷ୍ଠିତ ପୂଜାର ସଂଖ୍ୟା ଅନୁପାତରେ ଆବଶ୍ୟକ ଅସ୍ଥାୟୀ ପୋଖରୀ ଖୋଳାଯାଇ ଏଠାରେ ବିସର୍ଜନ ନିମନ୍ତେ ପୂଜା କମିଟିକୁ ଅବଗତ କରାନ୍ତୁ।
- ନଦୀ ତଟବର୍ତ୍ତୀ ଅଞ୍ଚଳରେ ମୂର୍ତ୍ତି ବିସର୍ଜନ ନିମନ୍ତେ ମାଟିବନ୍ଧ ଓ Synthetic Liner ଥାଇ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇ ସମସ୍ତ ପୂଜା କମିଟିମାନଙ୍କୁ ଏହି ପୋଖରୀରେ ମୂର୍ତ୍ତି ବିସର୍ଜନ କରିବା ନିମନ୍ତେ ଅନୁରୋଧ କରନ୍ତୁ।
- ମୂର୍ତ୍ତି ବିସର୍ଜନ ହେବାର ୨୪ ଘଣ୍ଟା ମଧ୍ୟରେ ଅସ୍ଥାୟୀ ପୋଖରୀ ମଧ୍ୟରୁ ବିସର୍ଜିତ ସାମଗ୍ରୀକୁ ବାହାର କରି ନିର୍ଦ୍ଦିଷ୍ଟ Municipal Dumpsiteକୁ ସ୍ଥାନାନ୍ତର କରିବା ସଙ୍ଗେ ସଙ୍ଗେ ଅସ୍ଥାୟୀ ପୋଖରୀ ଜଳକୁ ଚୂନ ପକାଇ ବିଶୋଧନ ପରେ ନଦୀ ବା ନାଳକୁ ନିଷ୍କାସିତ କରାଯାଇପାରେ।

**ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**

- ପୂଜା ନିମନ୍ତେ କେବଳ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣନ୍ତୁ। ସାଜସଜ୍ଜା ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ।
- ପୂଜା ପରେ ମୂର୍ତ୍ତି ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରୀକୁ ନିଜ ଘରେ ବିସର୍ଜନ କରନ୍ତୁ କିମ୍ବା ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ କିମ୍ବା ଚିହ୍ନିତ କୃତ୍ରିମ ଭ୍ରାମ୍ୟମାଣ କୁଣ୍ଡରେ ବିସର୍ଜନ କରନ୍ତୁ।

**ଫାଇନ ଓ ଦଣ୍ଡ ବ୍ୟବସ୍ଥା:** Odisha Prevention and Control of Water Pollution (Procedure for Immersion of Idol after Pijas) Rules, 2021 ଅନୁଯାୟୀ, ମୂର୍ତ୍ତି କାରିଗରମାନେ ରୁଲ୍ ୩ର ଅବମାନନା କଲେ, ସମ୍ପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ସେମାନେ ଦୁଇ ବର୍ଷ ପାଇଁ ମୂର୍ତ୍ତି ତିଆରିରୁ ବାସନ୍ଦ ହେବେ। ଏହା ବ୍ୟତୀତ ମୂର୍ତ୍ତି ନିର୍ମାତାମାନଙ୍କର ରେଜିଷ୍ଟ୍ରେସନ ଫି ମଧ୍ୟ ଜବତ କରାଯିବ।

ପୂଜା କମିଟି କର୍ମକର୍ତ୍ତାମାନଙ୍କ ଦ୍ୱାରା ରୁଲ୍ ୫ ଏବଂ ୬ର ଅବମାନନା ହେଲେ, ସମ୍ପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ନିମ୍ନଲିଖିତ ଜୋରିମାନା ଆଦାୟ କରାଯିବ।

- ପଞ୍ଚାୟତ ସୀମା ମଧ୍ୟରେ ଥିଲେ ୩୦୦୦ ଟଙ୍କା।
- ମ୍ୟୁନିସିପାଲିଟି କିମ୍ବା NAC ସୀମା ମଧ୍ୟରେ ଥିଲେ ୫୦୦୦ ଟଙ୍କା।
- ମ୍ୟୁନିସିପାଲିଟି କର୍ପୋରେସନ ସୀମା ମଧ୍ୟରେ ଥିଲେ ୭୦୦୦ ଟଙ୍କା।

**ଆସନ୍ତୁ, ମିଳିମିଶି ପ୍ରଦୂଷଣମୁକ୍ତ ପୂଜା ପାଳନ ନିମନ୍ତେ ଯତ୍ନବାନ ହେବା ।**

- **ବି.ଦ୍ର.:** ଏ ସମ୍ବନ୍ଧୀୟ ବିଶଦ ବିବରଣୀ "The Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021ରେ ମିଳିପାରିବ। **(Weblink: http://ospcboard/org/wp-content/uploads/2022/02/1741-F-E-Idol-immersion-Rule-by-Odisha.pdf)**

OIPR-08012/11/0259/2223 **ସ୍ୱା./- ସଦସ୍ୟ ସଚିବ**

## ବଜ୍ରପାତରେ ମହିଳା ମୃତ

ନୂଆପଡ଼ା ଅଫିସ: ନୂଆପଡା ଜିଲା କୋମନା ଥାନା ସୁନାବେଡା ଅଭୟାରଣ୍ୟ ସୋଶେଙ୍ଗ ପଞ୍ଚାୟତ ତାଲାବେଲା ଗାଁରେ ବଜ୍ରପାତରେ ଗାଁର ଶ୍ରାବଣୀ ମାଝି (୩୭)ଙ୍କ ମୃତ୍ୟୁ ଘଟିଛି। ରବିବାର ସନ୍ଧ୍ୟାରେ ତାଲାବେଲା ଗାଁର ଉମ୍ବଧର ମାଝିଙ୍କ ସ୍ତ୍ରୀ ଶ୍ରାବଣୀ ଘର ପିଣ୍ଡାରେ ବସିଥିଲେ। ଏହି ସମୟରେ ପ୍ରବଳ ଝଡବର୍ଷା ସହ ହୋଇଥିଲା। ସେହି ସମୟରେ ଶ୍ରାବଣୀଙ୍କ ଉପରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ସୋମବାର ମୃତଦେହ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। କୋମନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ତଦନ୍ତ ନିର୍ଦ୍ଦେଶ ଦେଲେ ପ୍ରକଳ୍ପ ନିର୍ଦ୍ଦେଶକ

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ଅନିୟମିତତା

**ଲୋଇସିଂହା, ୧୯।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଲୁଚକିବାହାଲ ଗ୍ରାମରେ ଏମ୍‌ଜିଏନ୍‌ଆଇରଜିଏସ୍ କାମରେ ଅନିୟମିତତା ହୋଇଥିବା ନେଇ ଜିଲା ପରିଷଦ ଅଫିସରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ସିଂ ଲୋଇସିଂହା ବିଡିଓଙ୍କୁ ଘଟଣାର ଅନୁସନ୍ଧାନ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଲୁଚକିବାହାଲ ଗ୍ରାମର ଖଜୁରୀ କଟାଁ ଓ ଲିମ୍ବମୁଣ୍ଡାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ମାଟି ଉନ୍ନତୀକରଣ କାମ ପଞ୍ଚାୟତ ପକ୍ଷରୁ ହାତକୁ ନିଆଯାଇଛି। ଗତ ଜୁନ ମାସରେ ଗ୍ରାମର କେତେକ ପରିବାର ଉକ୍ତ ପ୍ରକଳ୍ପରେ କାମ କରିଥିଲେ। ଦୀର୍ଘଦିନ ଧରି କାମ କଲା ପରେ ମଧ୍ୟ ସେମାନଙ୍କୁ ପ୍ରାପ୍ୟ ମିଳି ନ ଥିଲା। ବରଂ ଉକ୍ତ ପ୍ରକଳ୍ପରେ କାମ କରି ନ ଥିବା ପଞ୍ଚାୟତ ଅଧୀନ ଅନ୍ୟଗ୍ରାମର କେତେକ ଜବକାର୍ଡଧାରୀ ଶ୍ରମିକଙ୍କ ଆକାଉଣ୍ଟରେ ଟଙ୍କା ପଡିଥିବା ନେଇ ଗତ ନବାନ୍ନ ପୂର୍ବରୁ ଶ୍ରମିକମାନେ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ମଧ୍ୟ ସେମାନଙ୍କୁ ସୁଫଳ ମିଳି ନ ଥିଲା। ୩ ସେପ୍ଟେମ୍ବରରେ ଜିଲା ପରିଷଦ ଅଫିସରେ ମୁକେଶ ଭୁଏ ଏବଂ ଗ୍ରାମବାସୀ ଲିଖିତ ଫେରାଦ ହୋଇ ନ୍ୟାୟ ଦାବି କରିଛନ୍ତି। ଏଥିପୂର୍ବରୁ ଲୋଇସିଂହା ବିଡିଓଙ୍କ ପତ୍ର ସଂଖ୍ୟା ୨୬୩୩/ ତା ୨୬।୮।୨୦୨୨ରିଖରେ ପିଇଓ, ଯନ୍ତ୍ରୀ, ଜିଆରଏସ ଓ ଗାଁ ସାଥୀଙ୍କୁ କାମ କରିଥିବା ଜବକାର୍ଡଧାରୀ ଶ୍ରମିକଙ୍କୁ କାହକିଁ ଟଙ୍କା ପୈଠ କରାଯାଇନାହିଁ, ପ୍ରକଳ୍ପରେ ଅନିୟମିତତା ଏବଂ ଆତ୍ମସାତ ନେଇ କାରଣ ଦର୍ଶାଅ ନୋଟିସ୍ ଜାରି କରି ୩ ଦିନ ମଧ୍ୟରେ ଉତ୍ତର ରଖିବାକୁ କୁହାଯାଇଥିଲା। ହେଲେ ଏହାକୁ ସମ୍ପୃକ୍ତ କର୍ମଚାରୀ ଏହାକୁ ଟାଳି ଦେଇଥିବା କୁହାଯାଇଛି।

# ନୁନମାଠ ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର



ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**କେସିଙ୍ଗା,୧୯।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ନୁନମାଠ ପଞ୍ଚାୟତରେ ସୋମବାର ପଞ୍ଚାୟତ ସମିତିସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶୁଣାଣିରେ ପଞ୍ଚାୟତର ପ୍ରାୟ ୧୮୫ଜଣ ଅଭିଯୋଗକାରୀ ସେମାନ ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୯୦ଜଣ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ୨୭ଜଣ ବାର୍ଦ୍ଧକ୍ୟ ଭତ୍ତା, ୩୨ଜଣ ରାଶନ କାର୍ଡ ଏବଂ ୩୬ଜଣ ଅନ୍ୟାନ୍ୟ ସୁବିଧା ପାଇ ନ ଥିବା ଅଭିଯୋଗ କରିଥିଲେ। କେତେକ ଅଭିଯୋଗକାରୀଙ୍କ ଅସୁବିଧା ତୁରନ୍ତ ସମାଧାନ କରାଯାଇଥିବା ବେଳେ ଆଉ କେତେଜଣଙ୍କ ଅଭିଯୋଗ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ବ୍ଲକ ଅଧକ୍ଷ ଚନ୍ଦନ ସେନାପତି, ବିଡିଓ ପ୍ରଫୁଲ୍ଲ କୁମାର ଅଡୁ, ତହସିଲଦାର ଜ୍ୟୋର୍ତିମୟ କର, ସରପଞ୍ଚ ପ୍ରେମଲାଲ ଭୋଇ, ପିଇଓ ରୂପାଧର ମାଝିଙ୍କ ସହ ପିଡିଏସ ବିଭାଗ, ବିଦ୍ୟୁତ୍ ବିଭାଗ, ଆର୍‌ଡ଼ବ୍ଲ୍ୟୁଏସ ବିଭାଗ, ବନ ବିଭାଗ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ଗୀତା ଶ୍ଳୋକାବୃତ୍ତି ପ୍ରତିଯୋଗିତା

**ଟିଟିଲାଗଡ, ୧୯।୯(ଡି.ଏନ.ଏ.):** ପ୍ରଜ୍ଞାନ ମିଶନ ତରଫରୁ ଗୀତା ଶ୍ଳୋକାବୃତ୍ତି ପ୍ରତିଯୋଗିତା ଚିତ୍ତରଞ୍ଜନ ଷଡଙ୍ଗୀଙ୍କ ଆବାହକତ୍ୱରେ ଟିଟିଲାଗଡ ବାଳିକା ଉଚ୍ଚବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ ବ୍ରାହ୍ମଣ ସମାଜର ଜଗନ୍ନାଥ ପଣ୍ଡା, ବୃନ୍ଦାବନ ପଣ୍ଡା, ବୀରେନ୍ଦ୍ର ଗୁରୁ, ନେତ୍ରାନନ୍ଦ ମିଶ୍ର, ଚିନ୍ତାମଣି ମହାପାତ୍ର, ବନମାଳୀ ଦାଶ ବିଚାରକ ଥିଲେ। ସହରରେ ପ୍ରାଥମିକସ୍ତରରୁ କଲେଜସ୍ତରର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବ୍ରାହ୍ମଣ ସମାଜ ସଭାପତି ବିଶ୍ୱରାମ ଠାକୁର ସମ୍ମାନୀତ ଅତିଥିଭାବେ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରୋତ୍ସାହିତ କରିବା ସହିତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ପିଲାମାନଙ୍କୁ ମାନପତ୍ର ସହ ଗୀତା ପୁସ୍ତକ ପ୍ରଦାନ କରିଥିଲେ।

### ମୋଟର ଅଚଳ, ୫ ଦିନ ହେଲା ଜଳ ଯୋଗାଣ ବନ୍ଦ

**ଲୋଇସିଂହା,୧୯।୯(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ଟେଭାଡୁଙ୍ଗରୀ ଗ୍ରାମର ପାନୀୟ ପ୍ରକଳ୍ପ ମୋଟର ଅଚଳ ହୋଇ ପଡିଛି। ପ୍ରକଳ୍ପରୁ ୫ ଦିନ ହେଲା ପାଇପ ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ୩ ଗ୍ରାମର ଶହଶହ ପରିବାର ପାଣି ପାଇଁ ହଟହଟାର ସମ୍ମୁଖୀନ ହେଉଛନ୍ତି। ଟେଭାଡୁଙ୍ଗରୀସ୍ଥିତ ସୁକତେଲ ନଦୀରେ ପାନୀୟ ପ୍ରକଳ୍ପ ବସିଛି। ଏଠାରେ ଟେଭାଡୁଙ୍ଗରୀ,ବାରଡୋଲ ଏବଂ ପଞ୍ଚାୟତର ସଦର ଗାଁ ହୀରାପୁରକୁ ଜଳ ଯୋଗାଣ ହେଉଛି। ଏନେଇ ସରପଞ୍ଚ ରମାକାନ୍ତ ବିଶ୍ୱାଳ କହିଛନ୍ତି ମୋଟର ମରାମତି ପାଇଁ ଦିଆଯାଇଛି। ମରାମତି ହୋଇ ଆସିଲେ ଜଳଯୋଗାଣ ସ୍ୱାଭାବିକ ହେବ।

### ଭାଜପା ଜିଲା ସଭାପତିଙ୍କ ପିତୃ ବିୟୋଗ

**କଣ୍ଟାବାଞ୍ଜି,୧୯।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଜାମୁଟଝୁଲା ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତିଙ୍କ ବାପା ଦେବରାଜ ମହାନ୍ତି(୯୦)ଙ୍କ ରବିବାର ବିୟୋଗ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ଶିବାଜୀ ମହାନ୍ତି, ରାମଚନ୍ଦ୍ର ମହାନ୍ତି, ଶୁଭେନ୍ଦ୍ର ମହାନ୍ତି ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡପୁଅ ବାବୁଲା ମହାନ୍ତି ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ମହାନ୍ତି ଆଦିବାସୀ ବହୁଳ ଜାମୁଟଝୁଲା ଗ୍ରାମରେ ଉଚ୍ଚ ଶିକ୍ଷାର ବିସ୍ତାର ପାଇଁ ଏକ ଆଦିବାସୀ ହାଇସ୍କୁଲ ପ୍ରତିଷ୍ଠା କରିଥିଲେ। ସେହିପରି କଣ୍ଟାବାଞ୍ଜି-ବଙ୍ଗୋମୁଣ୍ଡା ରାଜ୍ୟ ରାଜପଥ ୪୨ପାର୍ଶ୍ୱରେ ଥିବା ପ୍ରସିଦ୍ଧ ଡଙ୍ଗରବୁଡ଼ା ପୁଞ୍ଜିପଥର ମନ୍ଦିର ସେ ଜଣେ ସକ୍ରିୟ ସଭ୍ୟ ଥିଲେ। ଜଣେ ପରିବେଶପ୍ରେମୀଭାବେ ଜଣାଶୁଣା ସ୍ୱର୍ଗତ ମହାନ୍ତି ପୁଞ୍ଜିପଥର ମନ୍ଦିର ଚତୁପାର୍ଶ୍ୱ ଏବଂ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରେ ଜଙ୍ଗଲ ସୃଷ୍ଟି କରି ତାର ରକ୍ଷଣାବେକ୍ଷଣା ଦାୟିତ୍ୱ ନେଇଥିଲେ। ଏଥିପାଇଁ ତାଙ୍କୁ ମାଟିପୁତ୍ର ସମ୍ମାନରେ ପ୍ରଶାସନ ତରଫରୁ ସମ୍ମାନିତ କରାଯାଇଥିଲା।

### ବଜ୍ରପାତରେ ଯୁବକ ମୃତ

**ଖଡ଼ିଆଳ,୧୯।୯(ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ବ୍ଲକ ସରଧାପୁର ଗାଁରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଯୁବକଙ୍କ ନାଁ ଦଶରଥ ଶବର। ସୋମବାର ସକାଳ ୮ଟାରେ ଜମିରେ କାମ କରୁଥିବାବେଳେ ଦଶରଥଙ୍କ ଉପରେ ବଜ୍ରପାତ ହୋଇଥିଲା। ଗୁରୁତର ଅବସ୍ଥାର ପରିବାର ଲୋକମାନେ ତାଙ୍କୁ ଖଡିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଦଶରଥଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ବିଜ୍ଞାନ ସାହିତ୍ୟ ପରିଷଦ କାର୍ଯ୍ୟକାରିଣୀ ବୈଠକ

**ବଲାଙ୍ଗୀର ଅଫିସ,୧୯।୯:** ବିଜ୍ଞାନ ସାହିତ୍ୟ ପରିଷଦ କାର୍ଯ୍ୟକାରିଣୀ ବୈଠକ ସଭାପତି ଡ. ଅଭିମନ୍ୟୁ ମିଶ୍ରଙ୍କ ସଭାପତିତ୍ୱରେ କ୍ଲବପଡା ସ୍ଥିତ ଅଚ୍ୟୁତାନନ୍ଦ ଉଦ୍‌ଗାତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଛି। ସମ୍ପାଦକ ରାଜେନ୍ଦ୍ର କୁମାର ଶର୍ମା ବିଗତ ବୈଠକର ବିବରଣୀ ପାଠ କରିଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ପ୍ରକାଶିତ ବିଜ୍ଞାନ ପତ୍ରିକା ବିଜ୍ଞାନ ମଧୁପର ମେ, ଜୁନ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ଉକ୍ତ ସଭାରେ ଉପସଭାପତି ପ୍ରଫେସର ତରୁଣ କୁମାର ମିଶ୍ର, ଡ. ଗୋଦାବରୀଶ ରଥ, ବାସନ୍ତୀ ସାହୁ, ଚିତ୍ତ ରଞ୍ଜନ ପଟେଲ, ସନାତନ ଠାକୁର, ଯତୀନ୍ଦ୍ର ମୋହନ ପାଠୀ, ଡ. ବି.ଏନ୍.ଶ୍ରୀକାନ୍ତ, ଡ. ଜଗଜିତ କାମିଲା ଉପସ୍ଥିତ ରହି ମତାମତ ବ୍ୟକ୍ତ କରିଥିଲେ। ଆଗାମୀ ଜୁଲାଇ-ଅଗଷ୍ଟ ଏବଂ ସେପ୍ଟେମ୍ବର-ଅକ୍ଟୋବରର ପତ୍ରିକା ସଂଖ୍ୟା ଶୀଘ୍ର ପ୍ରକାଶନ ପାଇଁ ସ୍ଥିରକୃତ ହୋଇଥିଲା।

# ବ୍ଲକସ୍ତରୀୟ ଯୁଗ୍ମଜନଶୁଣାଣି ଶିବିର




ବ୍ଲକସ୍ତରୀୟ ଯୁଗ୍ମଜନଶୁଣାଣି ଶିବିରରେ ଉପସ୍ଥିତ ଅତିଥି।

**ଜୁନାଗଡ,୧୯।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ତଳମଲା ପଞ୍ଚାୟତରେ ସୋମବାର ବ୍ଲକସ୍ତରୀୟ ଯୁଗ୍ମଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବ୍ଲକ ଅଧକ୍ଷା ସବିତା ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ବିଡିଓ ଦୁଲାରାମ ମାରାଣ୍ଡି, ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା, ଡାକ୍ତର ବାଳଚନ୍ଦ୍ର ପାଣିଗ୍ରାହୀ, ସରପଞ୍ଚ ପୂଜା ମନହିରା, ଡବ୍ଲୁଇଓ ସୁମନ୍ତ ମାଝି, ବ୍ଲକ କୃଷି ଅଧିକାରୀ ରଞ୍ଜନ କୁମାର ପଟେଲ, ସମିତିସଭ୍ୟା କାଞ୍ଚନ ମାଝି ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗର ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଶିବିରରେ ୧୬୫ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୧୭ଜଣଙ୍କ ଅଭିଯୋଗ ଘଟଣାସ୍ଥଳରେ ସମାଧାନ କରାଯାଇଥିଲା। ସେହିପରି ଅନ୍ୟ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଜଣାଯାଇଥିଲା। କାର୍ଯ୍ୟକ୍ରମ ଜିପିଓ ରାଜେନ୍ଦ୍ର ଭୋଇ ପରିଚାଳନା କରିଥିଲେ। ବିଏସଏସଓ ତୁଷାର ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

# ଏସ୍‌ଡିପିଓ, ଅତିରିକ୍ତ ଥାନାଧିକାରୀଙ୍କ ଛାନଭିନ

**ପୋଲିସ ଏସ୍‌ଆଇଙ୍କ ଘରୁ ଡକାୟତି ଘଟଣା**

**କେସିଙ୍ଗା,୧୯।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଜଣେ ପୋଲିସ ଏସ୍‌ଆଇଙ୍କ ଘରୁ ଦିନ ଦ୍ୱିପ୍ରହରରେ ମାରଣାସ୍ତ୍ର ଦେଖାଇ ଡକାୟତି ହେବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ଜିଲାରେ ପୋଲିସ ଅଧିକାରୀ ଯଦି ଅସୁରକ୍ଷିତ, ସାଧାରଣ ଲୋକଙ୍କ କଥା କିଏ ପଚାରେ ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷେ ଏହି ଘଟଣାରେ ସୋମବାର ଅତିରିକ୍ତ ଥାନାଧିକାରୀ ମମତା ହେମ୍ବ୍ରମ ଓ ଏସ୍‌ଡିପିଓ ଅଭିନବ ଶଙ୍କର ଘଟଣାସ୍ଥଳକୁ ଯାଇ ଛାନଭିନ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ କେସିଙ୍ଗା ଥାନା ବୋରିଆ ପଞ୍ଚାୟତ ଖଜୁରୀପଡ଼ା ଗ୍ରାମର ଅଶ୍ୱିନୀ ପ୍ରଧାନ ମାଲକାନଗିରି ଥାନାରେ ପୋଲିସ ଏସ୍‌ଆଇ ଭାବେ କାର୍ଯ୍ୟ କରୁଛନ୍ତି। ରବିବାର ଦିନ ଦ୍ୱିପ୍ରହରରେ ଜଣେ ମହିଳା ଡକାୟତ ମୁଖାପିନ୍ଧି ତାଙ୍କ ଘରେ ପ୍ରବେଶ କରିଥିଲେ। ଫିଲ୍ମ ଷ୍ଟାଇଲରେ ଘରେ ଏକୁଟିଆ ଥିବା ପୋଲିସ ଏସ୍‌ଆଇଙ୍କ ସ୍ତ୍ରୀଙ୍କୁ ଛୁରି ଦେଖାଇ ସୁନାରୁପା ଓ ଟଙ୍କା ନେଇଯାଇଥିବା କେସିଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। ଘଟଣାସ୍ଥଳରେ କେସିଙ୍ଗା ପୋଲିସ ପହଞ୍ଚିବା ପରେ ଭବାନୀପାଟଣାରୁ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ପହଞ୍ଚିଥିଲା। ରାତିରେ ସନ୍ଧାନୀ କୁକୁର ଖଜୁରୀପଡ଼ାଠାରୁ କିକିଆ ରାସ୍ତାରେ ଯାଉଥିବା ବେଳେ ରାତି ହୋଇଥିବାରୁ ବିଭାଗୀୟ ଅଧିକାରୀ ଅଧା ରାସ୍ତାରୁ ସନ୍ଧାନୀ କୁକୁରକୁ ଫେରାଇ ଆଣିଥିଲେ। ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଠିକ୍ ଭାବେ ତଦନ୍ତ କରାଯାଉ ନ ଥିବା ଅଭିଯୋଗ କରି ସମ୍ପୃକ୍ତ ଅଧିକାରୀଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ପୋଲିସର ବୁଝାଶୁଝା ପରେ ଗ୍ରାମବାସୀ ଛାଡି ଦେଇଥିଲେ।

# ଦୁଗ୍ଧଚାଷୀଙ୍କ ସହ ଦିନଟିଏ କାର୍ଯ୍ୟକ୍ରମ



ଜିଲାପାଳ ଚଞ୍ଚଳ ରାଣା ଜଣେ ଦୁଗ୍ଧଚାଷୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

### ଅଗ୍ରଣୀ ଚାଷୀଙ୍କୁ ସମ୍ବର୍ଦ୍ଧନା

**ଖପ୍ରାଖୋଲ, ୧୯।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାଲୁଡୁଙ୍ଗୁରିରେ ପ୍ରାଣୀ ସମ୍ପଦ ବିଭାଗ ଓ ଓମଫେଡର ମିଳିତ ଆନୁକୂଲ୍ୟରେ ଦୁଗ୍ଧ ଚାଷୀଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଓମଫେଡ ଜିଏମ ସରୋଜ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲାପାଳ ଚଞ୍ଚଳ ରାଣା, ସମ୍ମାନୀତ ଅତିଥି ଜିଲା ପ୍ରାଣୀ ସମ୍ପଦ ଅଧିକାରୀ ଡ଼ା. ସନ୍ତୋଷ କୁମାର ପଣ୍ଡା, ପାଟଣାଗଡ ଉପ ଜିଲାପାଳ ମନୋଜ ମହାଜନ, ଏସଡିଭିଓ ଗଣେଶ ଜେନା, ବିଡ଼ିଓ ରଶ୍ମିରଞ୍ଜନ ରାଉତ, ବିଭିଓ ସପ୍ନେଶ୍ୱର୍ ନାଏକ, ଏବିଭିଓ ଡ଼ା . ସୁଜିତ କୁମାର ଶତପଥୀ ଯୋଗ ଦେଇଥିଲେ। ଚାଷୀମାନେ କିଭଳି ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିପାରିବେ ଏନେଇ ଚାଷୀଙ୍କୁ ଜିଲାପାଳ କହିଥିଲେ। ଏହି ଅବସରରେ ତିନି ଦୁଗ୍ଧ ଚାଷୀଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ସର୍ଗିପାଲିର ମହିଳା କୁକୁଡ଼ା ଚାଷୀ ଭାନୁମତୀ ଛତ୍ରିଆ ନିଜର ସଂଘର୍ଷମୟ କାହାଣୀ କହି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ଼ା. ରାଜେଶ କୁମାର ବେଦ ବାଗ, ଡ଼ା. କାରୁ ମାରାଣ୍ଡି, ଭୀଷ୍ମଦେବ ସାହୁ, ଘାସ ଚାଷ ବିଶେଷଜ୍ଞ ସୁଜିତ କୁମାର ବାରିକ, ଓମଫେଡ ଏବଂ ପ୍ରାଣୀ ସମ୍ପଦ ବିଭାଗ କର୍ମଚାରୀ ସମେତ ଅଞ୍ଚଳର ଦୁଗ୍ଧ ଚାଷୀ ଉପସ୍ଥିତ ଥିଲେ।

# ଚପ୍ରିଆଠାରେ ଭାଜପାର ଶକ୍ତିକେନ୍ଦ୍ର ବୈଠକ

**ଗୋଲାମୁଣ୍ଡା,୧୯।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ଭାଜପା ନିର୍ବାଚନ ମଣ୍ଡଳୀ ପକ୍ଷରୁ ସୋମବାର ଗୋଲାମୁଣ୍ଡା ବ୍ଲକ ଶକ୍ତିକେନ୍ଦ୍ର ବୈଠକ ଚପ୍ରିଆ ମଣ୍ଡିଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ସମ୍ମାନିତ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ କୁମାର ମେହେର, ସଂଯୋଜକ ସତ୍ୟ ବେହେରା, ପ୍ରଭାରୀ ଲକ୍ଷ୍ମିକାନ୍ତ ବାଗ, ମଣ୍ଡଳ ସଭାପତି ପ୍ରଦୀପ ପଣ୍ଡା, ଲଳିତ ପ୍ରଧାନ, ଲିଙ୍ଗରାଜ ଭୋଇ, ଜିଲା ଯୁବ ମୋର୍ଚ୍ଚା ସଭ୍ୟ ସମୀର ସାହୁ, ସମ୍ପାଦକ ବୈଶାଖୁ କେତକୀ, ଏମ୍‌ପି ପ୍ରତିନିଧି ଭାଗ୍ୟବାନ ବାଗ ଓ ୨୮ଟି ପଞ୍ଚାୟତ ପ୍ରମୁଖ ସହ ପ୍ରମୁଖ ପ୍ରଭାରୀ, ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତି ଥିଲେ। କାର୍ଯ୍ୟକ୍ରମରେ ମୋ ବୁଥ ମଜଭୁତ କରିବା ପାଇଁ ପଞ୍ଚାୟତ ସଭାପତି, ସହ ସଭାପତି, ପ୍ରଭାରୀମାନଙ୍କୁ ଜିଲା ନେତୃମଣ୍ଡଳୀ ମାର୍ଗଦର୍ଶନ ଦେଇଥିଲେ। ଜେପି ନଡ୍ଡାଙ୍କ ଓଡିଶା ଗସ୍ତ ବାବଦରେ ଆଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ୧୭ ତାରିଖରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସେବା ସପ୍ତାହ ପାଳନ ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ ସ୍ଥିର କରାଯାଇଥିଲା। ଏଥି ପୂର୍ବରୁ ସୋମବାର ସକାଳେ ଧାମନଗର ବିଧାୟକ ବିଷ୍ଣୁଚରଣ ସେଠୀଙ୍କ ଅକାଳ ବିୟୋଗରେ ତାଙ୍କ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।




ବୈଠକରେ ଉପସ୍ଥିତ ଭାଜପର ନେତୃମଣ୍ଡଳୀ।

# ୨୩ରେ ଜିଲାସ୍ତରୀୟ ତୀରଚାଳନା ପ୍ରତିଯୋଗିତା

**ଭବାନୀପାଟଣା,୧୯।୯(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ଏସ୍‌ଏସ୍‌ଡି ହାଇସ୍କୁଲ ପଡିଆରେ ଆସନ୍ତା ୨୩ ତାରିଖ ଜିଲାସ୍ତରୀୟ ତୀର ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ଇଚ୍ଛୁକ ପ୍ରତିଯୋଗୀମାନେ ଆସନ୍ତା ୨୦ରୁ ୨୨ ତାରିଖ ସମୟ ୧୧ଟାରୁ ୧ଟା ପର୍ଯ୍ୟନ୍ତ ମଧ୍ୟରେ ନିଜର ସମସ୍ତ ପ୍ରମାଣପତ୍ର ସହ ଭବାନୀପାଟଣାସ୍ଥିତ ଲାଲବାହାଦୁର ଷ୍ଟାଡିୟମ ଅଫିସଠାରେ ପଞ୍ଜୀକରଣ କରିପାରିବେ। ଜିଲା କ୍ରୀଡା ସଂସ୍ଥା ଆନୁକୁଲ୍ୟରେ ହେବାକୁ ଥିବା ଏହି ପ୍ରତିଯୋଗିତାକୁ ବେଦାନ୍ତ ଆଲୁମିନିୟମ ଲିମିଟେଡ ପ୍ରାୟୋଜିତ କରିବ ବୋଲି ଜଣାପଡିଛି। ଏହି ପ୍ରତିଯୋଗିତାରେ କୃତୀ ଖେଳାଳିମାନେ ଆସନ୍ତା ଅକ୍ଟୋବର ୧ ତାରିଖ ରାଜ୍ୟସ୍ତରୀୟ ତୀର ଚାଳନା ପ୍ରତିଯୋଗିତାରେ ଭାଗନେବେ। ସେହିପରି ଏହି ପ୍ରତିଯୋଗିତା ୫ଟି ବର୍ଗର ହେବ।

# ଜାତୀୟ ରାଜପଥ ସହର ମଝିରେ ଗର୍ତ୍ତ

**ଖଡ଼ିଆଳ,୧୯।୯(ଡି.ଏନ.ଏ.)**

ନୂଆପଡା ଜିଲାର ଖଡ଼ିଆଳ ସହର ଦେଇଯାଇଥିବା ଜାତୀୟ ରାଜପଥ ୩୫୩ ହନୁମାନ ମନ୍ଦିର ସାମ୍ନାରେ ବଡ ଗର୍ତ୍ତ ହୋଇଛି। ଏଥିଯୋଗୁ ଜନସାଧାରଣ ସମସ୍ୟା ଭୋଗୁଛନ୍ତି। ଖଡ଼ିଆଳ ଜିଲାର ପ୍ରମୁଖ ସହର ହୋଇଥିବା ବେଳେ ଏଠାରେ ରାସ୍ତାଘାଟ ବର୍ତ୍ତମାନ ପର୍ଯ୍ୟନ୍ତ ଠିକନାହିଁ। ସହର ମଝିରେ ୩୫୩ ନମ୍ବର ଜତୀୟ ରାଜପଥ ଯାଇଥିବା ବେଳେ ଏହି ରାସ୍ତା ଉପରେ ଅନେକ ଛୋଟବଡ ଗର୍ତ୍ତ ରହିଛି। ସେଥି ମଧ୍ୟରେ ହନୁମାନ ମନ୍ଦିର ସାମ୍ନାରେ ଥିବା ଗର୍ତ୍ତ ଯୋଗୁ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟୁଛି। ବର୍ଷା ଯୋଗୁ ଗର୍ତ୍ତରେ ପାଣି ରହୁଥିବାରୁ ଲୋକେ ଛୋଟ ଗର୍ତ୍ତ ଭାବି ଯାଉଥିବା ବେଳେ ସେଠାରେ ପଡି ଦୁର୍ଘଟଣାର ଶିକାର ହେଉଛନ୍ତି। ଜାତୀୟ ରାଜପଥ କାର୍ଯ୍ୟ ଚାଲୁ ରହିଛି। କିନ୍ତୁ କାର୍ଯ୍ୟ ଶେଷ ହେବାର ନେଉନାହିଁ। ରାସ୍ତା କାର୍ଯ୍ୟ ନିମ୍ନମାନର ଯୋଗୁ ଅନେକ ସ୍ଥାନରେ ଫାଟ ସୃଷ୍ଟି ହେଉଛି। ସେହିପରି ରାସ୍ତା ମଝିରେ ଡିଭାଇଡର ତିଆରି ହୋଇଛି, ତାହା ମଧ ଅର୍ଦ୍ଧ ନିର୍ମିତ ଭାବେ ପଡି ରହି ମଇଳା ଆବର୍ଜନାରେ ଭରିରହିଛି। ଜାତୀୟ ରାଜପଥ ବିଭାଗ ଦୃଷ୍ଟି ହୋଇ ଗର୍ତ୍ତଗୁଡିକ ଠିକ କରିବା ସହିତ ଅର୍ଦ୍ଧ ନିର୍ମିତ ଜାତୀୟ ରାଜପଥ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସାଧାରଣରେ ଦାବି ହେଉଛି।



ଖଡ଼ିଆଳ ସହର ମଝିରେ ୩୫୩ ନଂ. ଜତୀୟ ରାଜପଥରେ ଗର୍ତ୍ତ ହୋଇଛି।

# ହଳଦୀରେ ନୂଆଁଖାଇ ଭେଟ୍‌ଘାଟ୍

- ଜମିଲା କବିତା ଆସର
- ୬ ବିଶିଷ୍ଟ ପ୍ରତିଭା ସମ୍ବର୍ଦ୍ଧିତ

**ମୁରିବାହାଲ, ୧୯।୯(ଡି.ଏନ.ଏ.)**




ଗାୟକ ସୁଦର୍ଶନ ଦୀପଙ୍କୁ କୋଶଲି ହୀରା ସମ୍ମାନରେ ସମ୍ମାନୀତ କରାଯାଉଛି।

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଳଦୀ ସପ୍ତରଙ୍ଗ ସାଂସ୍କୃତିକ ସଂସଦ ଓ ଜୟରାମ ମହାନନ୍ଦ ପାଠାଗାର ପକ୍ଷରୁ ସ୍ଥାନୀୟ କଲ୍ୟାଣମଣ୍ଡପରେ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। କବିତା ପାଠୋତ୍ସବ ସହ ପ୍ରତିଭା ସମ୍ମାନ ପୁରସ୍କାର ପ୍ରଦାନ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ସଭାପତି ବରିଷ୍ଠ ମଞ୍ଚ କଳାକାର ମଧୁସୂଦନ ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବର୍ଷୀୟାନ ସାମାଜିକ କର୍ମୀ କବି ନିମାଇଁ ଚରଣ ପାଣିଗ୍ରାହୀ ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ମୁରିବାହାଲ ଡିଗ୍ରୀ କଲେଜ ଅଧକ୍ଷ ସରୋଜ ନାୟକ, କବି ଗଜାନନ ମିଶ୍ର, ଲାଲଚନ ବରଗ୍ତ, ନାରାୟଣ ମିଶ୍ର, ନୀଳମଣି ସାହୁ ଯୋଗଦେଇ ସପ୍ତରଙ୍ଗ ସଂସ୍କୃତିକ ସଂସଦ ଓ ଜୟରାମ ମହାନନ୍ଦ ପଠାଗାରର ଉଦ୍ୟମକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନ ସମ୍ପାଦକ ଦୀପକ ରଞ୍ଜନ ବାଗ ଉଦ୍ଦେଶ୍ୟ ଜ୍ଞାପନ, ଅଧାପକ ଦିଲ୍ଲୀପ ପସାୟତ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ୬ଜଣ ବିଶିଷ୍ଟ ବ୍ୟକ୍ତିତ୍ୱ କୋଶଲି କବି ସଂଯୁକ୍ତା ପରିଚ୍ଛାଙ୍କୁ କୋଶଲି କୁଇଲି ସମ୍ମାନ, ଗାୟକ ସୁଦର୍ଶନ ଦୀପଙ୍କୁ କୋଶଲି ହୀରା, କବି ସୁଶାନ୍ତ ବାଗଙ୍କୁ କୋଶଲି କବିତାଶ୍ରୀ ସମ୍ମାନ, ଟିକେଲାଲ ବେହେରାଙ୍କୁ କୋଶଲି ବ୍ୟଙ୍ଗଶ୍ରୀ, ଅଧାପକ ବିନୟ ଦାସଙ୍କୁ କୋଶଲ ପ୍ରଜ୍ଞାଶ୍ରୀ ଓ କୃଷ୍ଣଚନ୍ଦ୍ର ଭୋଇଙ୍କୁ କୋଶଲଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟାର୍ଦ୍ଧରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ସାବିତ୍ରୀ ସାହୁ, ମିନତୀ ମେହେର, ଲକ୍ଷ୍ମୀ ବରଗ୍ତ, ଜ୍ୟୋତିପ୍ରକାଶ ଗଡ଼ତ୍ୟା, ବୃନ୍ଦାବନ କୁମ୍ଭାର, ମଧୁସୂଦନ ନାଗ, ଅଶୋକ ତରିଆ, ସୁଦାମ ବଘାର, ନରସିଂହ ସାହୁ, ପୁଲସ୍ତି ବେହେରା, ଲିଲୁମୋହନ ପଧାନ, ରାଜ ନାଗ, ରୋହିତ ସାହୁ, ଯଶୋବନ୍ତ ସାହୁ, ନୀଳକଣ୍ଠ ବାରିକ, କେବିସିଂ ଭୋଇ, ମୋହନ ପୁଟେଲ ପ୍ରମୁଖ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ କବି ତରୁଣ ସିଂ ଦୀପ ଅତିଥି ପରିଚୟ ଓ ଚୈତନ୍ୟ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଜମିପଟ୍ଟା ପାଇଁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

ବରପାଲି,୧୯।୯(ଡି.ଏନ.ଏ.)

ବରପାଲି ଏନ୍‌ଏସି ୱାର୍ଡ ନଂ. ୩ ଅଧୀନ କାଇଁଶିର ରୋଡ୍, ବେହେରାପଡା ଓ ଗୋପାଇପାଲି ମେନ୍ ରୋଡ୍‌ରେ ବାସ କରୁଥିବା କିଛି ଲୋକ ଜମିପଟ୍ଟା ପାଇନାହାନ୍ତି। ଫଳରେ ସେମାନଙ୍କୁ ଜମିପଟ୍ଟା ପ୍ରଦାନ ଦାବି କରି ସୋମବାର ଉକ୍ତ ଲୋକମାନେ ସ୍ଥାନୀୟ ତହସିଲଦାରଙ୍କୁ ଏକ ଦାବିପତ୍ର ଦେଇଛନ୍ତି।

ବରପାଲି ୱାର୍ଡ ନଂ. ୩ର ପ୍ରାୟ ୪୦ ଜଣ ଭୂମିହୀନ ବସ୍ତିବାସିନ୍ଦା ଓ ଗୋପାଇପାଲି ମେନ ରୋଡ଼ ପାର୍ଶ୍ୱରେ ରହୁଥିବା ଭୂମିହୀନମାନେ ସରକାରଙ୍କ ଜାଗା ମିଶନ ଯୋଜନାରେ ଜମିପଟ୍ଟା ପାଇଁ ଆବେଦନ କରିଥିଲେ। ଡ୍ରୋନ ସହାୟତାରେ ଚିହ୍ନଟ କରି ସେମାନଙ୍କୁ ଉଚିତ ହିତାଧିକାରୀ ବୋଲି ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ସେମାନଙ୍କ ନାମରେ ରାସନ କାର୍ଡ ରହିଛି। ପାଇଖାନା ତିଆରି କରିବା ପାଇଁ ବରପାଲି ଏନ୍‌ଏସିରୁ ଏହି ବସ୍ତିବାସୀଙ୍କ ନାମରେ ୱାର୍କ ଅର୍ଡର ମଧ୍ୟ ଆସିଛି । କିନ୍ତୁ ବର୍ତ୍ତମାନ ସେମାନଙ୍କୁ ଗ୍ରାମାଞ୍ଚଳର ବାସିନ୍ଦା କହି ପଟ୍ଟା ଦେବା ପାଇଁ ମନା କରାଯିବାରୁ ହିତାଧିକାରୀମାନେ ସ୍ଥାନୀୟ ଏନ୍‌ଏସି ଅଧିକାରୀଙ୍କୁ ଏ ସମ୍ପର୍କରେ ଗତ ୧୩ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ସେହିପରି ପୂର୍ବରୁ ଗୋପାଇପାଲି ରାସ୍ତା କଡରେ ବସବାସ କରୁଥିବା ଲୋକଙ୍କୁ ସ୍ଥାୟୀ ପଟ୍ଟା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ତାର କୋଣସି ସମାଧାନ ହୋଇନାହିଁ। ଫଳରେ ଜିଲା ଯୁବ କଂଗ୍ରେସ ସଭାପତି ଅଭିଷେକ ସେଠଙ୍କ ନେତୃତ୍ୱରେ ସମସ୍ତ ହିତାଧିକାରୀ ତହସିଲଦାରଙ୍କୁ ଭେଟି ଜମିପଟ୍ଟା ପ୍ରଦାନ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଅକ୍ଷୟ କୁମାର ବାଘଙ୍କୁ ପଚାରିବାରୁ ବସ୍ତିବାସୀଙ୍କ ଦାବି ନେଇ ଜିଲାପାଳ ଓ ଏନ୍‌ଏସି କାର୍ଯ୍ୟନିବାହୀ ଅଧିକାରୀଙ୍କୁ ଜଣାଇବି ଏବଂ ଯେତେ ଶୀଘ୍ର ହେବ ତାର ସମାଧାନ କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ।



ତହସିଲଦାରଙ୍କୁ ଦାବିପତ୍ର ଦେବାକୁ ଆସିଥିବା ହିତାଧିକାରୀବୃନ୍ଦ।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ଜଣେ ଗିରଫ



ବାଉଁଶୁଣୀ, ୧୯।୯(ଡି.ଏନ୍.ଏ.): ବୌଦ୍ଧ ଜିଲା ବାଉଁଶୁଣୀ ଥାନା ସାହୁପଡା ଛକ ନିକଟରୁ ପୋଲିସ ଗଞ୍ଜେଇ ଜବତ କରିଛି। ଏହା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ସୋମବାର କୋର୍ଟ ଚାଲାଣ କରାଯାଇଛି। ରବିବାର ରାତିରେ ବାଉଁଶୁଣୀ ଥାନା ଖଜାପଦର ଗ୍ରାମରୁ ବୌଦ୍ଧ ଅଭିମୁଖେ ଏକ ବାଇକ୍ ନଂ. ଓଡି ୩୧ ବି ୯୦୨୭ ଯୋଗେ ଗଞ୍ଜେଇ ଚୋରାଚାଲାଣ କରାଯାଉଥିବା ପୋଲିସ ଖବର ପାଇଥିଲା। ବାଉଁଶୁଣୀ ଥାନା ଅଧିକାରୀ ସସ୍ମିତା ମଗରଙ୍କ ତତ୍ତ୍ୱାବଧାନରେ ଏକ ପୋଲିସ ଟିମ୍ ଗାଡ଼ିକୁ ପିଛା କରି ସାହୁପଡା ଛକ ନିକଟରେ ଗାଡିକୁ ଅଟକାଇଥିଲେ। ସେଠାରେ ଗାଡ଼ିକୁ ଯାଞ୍ଚ କଲାପରେ ଗୋଟିଏ ବସ୍ତାରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଗଞ୍ଜେଇ ସହ ଚାଲାଣକାରୀଙ୍କୁ ଥାନାକୁ ଆଣିଥିଲେ। ମାଜିଷ୍ଟ୍ରେଟ ଭାବରେ ବୌଦ୍ଧ ତହସିଲଦାର ଦେବୀପ୍ରସାଦ ଦାସ ଥାନାରେ ପହଞ୍ଚି ଥିଲେ। ତାଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କଲା ପରେ ୪ କିଲୋ ୮୦୦ ଗ୍ରାମ ଗଞ୍ଜେଇ ଥିବା ଜଣାପଡିଥିଲା। ଗଞ୍ଜେଇ ଚୋରାଚାଲାଣରେ ସମ୍ପୃକ୍ତ ଥିବା ବାଉଁଶୁଣୀ ଥାନା ଖଜାପଦର ଗ୍ରାମର ବିହାରି ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ସସ୍ମିତା ମଗର କହିଛନ୍ତି।

### କଠିନ ପରିଶ୍ରମ ସଫଳତାର ଚାବିକାଠି

ଡୁଙ୍ଗୁରିପାଲି, ୧୯।୯(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଫଟାମୁଣ୍ଡାସ୍ଥିତ ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ସମାରୋହ ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଘନଶ୍ୟାମ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବୈଶାଖୁ ପଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଆଦର୍ଶ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ମୁକେଶ ଭୋଇ ଯୋଗ ଦେଇଥିଲେ। ଅଷ୍ଟମ ବର୍ଷରେ ପଦାର୍ପଣ କରିଥିବା ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଶିକ୍ଷୟିତ୍ରୀ ରୂପକଲା ତିୱାରୀ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ପଧାନ କଠିନ ପରିଶ୍ରମ ସଫଳତାର ଚାବିକାଠି ବୋଲି ମତ ରଖିଥିଲେ। ଅଧକ୍ଷ ଘନଶ୍ୟାମ ବିଶ୍ୱାଳ ବିଦ୍ୟାଳୟ ବିକାଶ ଉପରେ ମତ ରଖିଥିଲେ। ସାଧୁ ଚରଣ ଖମାରୀ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉତ୍ତୀର୍ଣ୍ଣ ଛାତ୍ରଛାତ୍ରଙ୍କୁ ଅତିଥିମାନେ ପ୍ରଶାମପତ୍ର ଓ ଟ୍ରଫି ବିତରଣ କରିଥିଲେ। ଶିକ୍ଷକ ଜୟକୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବୋଲେରୋ ଦୁର୍ଘଟଣା: ୫ ଆହତ

ବାଉଁଶୁଣୀ, ୧୯।୯(ଡି.ଏନ.ଏ.)

### ଛତିଶଗଡ଼ରୁ ପୁରୀ ଜଗନ୍ନାଥ ଦର୍ଶନ ପାଇଁ ଯାଉଥିଲେ

ବୌଦ୍ଧ ଜିଲା ଦେଇ ଯାଇଥିବା ୫୭ନଂ. ଜାତୀୟ ରାଜପଥର ବାଉଁଶୁଣୀ ମାଉଲୀ ମନ୍ଦିର ନିକଟରେ ସୋମବାର ଭୋର ସମୟରେ ଏକ ବୋଲେରୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ବୋଲେରୋରେ ଥିବା ୫ଜଣ ଯାତ୍ରୀ ଆହତ ହୋଇଛନ୍ତି। ଛତିଶଗଡ଼ ରାଜ୍ୟର କେତେଜଣ ତୀର୍ଥ ଯାତ୍ରୀ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ୫ଟି ବୋଲେରୋ ଯୋଗେ ପୁରୀ ଯାଉଥିଲେ। ଭୋର ସମୟରେ ଏକ ବୋଲେରୋ ସିଜି୧୩ ଏଜି ୭୫୮୨ ବାଉଁଶୁଣୀ ମାଉଲୀ ମନ୍ଦିର ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବୋଲେରୋଟି ଓଲଟି ରାସ୍ତାପାର୍ଶ୍ୱ ଜମିରେ ପଡ଼ିଥିଲା। ଗାଡ଼ିରେ ଥିବା ଯାତ୍ରୀମାନଙ୍କ ମଧ୍ୟରୁ ୫ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିବାବେଳେ କେହି ଗୁରୁତର ନ ଥିବାରୁ ସେମାନେ ଅନ୍ୟ ଏକ ବୋଲେରୋରେ ଚାଲି ଯାଇଥିବା ସୂଚନା ମିଳିଛି। ଖବରପାଇ ବାଉଁଶୁଣୀ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ଆହତମାନେ ଚାଲି ଯାଇଥିବାରୁ ଫେରି ଆସିଥିଲେ।


ଦୁର୍ଘଟଣାଗ୍ରସ୍ତ ବୋଲେରୋ।

# ବ୍ୟାଙ୍କ, ଡାକ ଘର ପରିଦର୍ଶନ କଲେ ଶିଶୁଗୃହ ଅନ୍ତେବାସୀ


ସୋନପୁର ଡାକ ଘର ସମ୍ମୁଖରେ ଶିଶୁ ଗୃହର ଅନ୍ତେବାସୀ ।

ସୋନପୁର,୧୯।୯(ନି.ପ୍ର.)

ଶିଶୁ ଯତ୍ନ ଅନୁଷ୍ଠାନ ସୋନପୁର ଶିଶୁ ଗୃହର ଅନ୍ତେବାସୀମାନେ ନିଜର ବ୍ୟବହାରିକ ଜ୍ଞାନର ଅଭିବୃଦ୍ଧି ନିମନ୍ତେ ସୋମବାର ବ୍ୟାଙ୍କ ଓ ପୋଷ୍ଟ ଅଫିସ ପରିଦର୍ଶନ କରିଛନ୍ତି। ଟିମ୍‌ରେ ୧୦ ରୁ ୧୮ ବର୍ଷ ବୟସର ୨୧ ଜଣ ଶିଶୁ ଥିଲେ । ଏହି ଟିମ୍ ପ୍ରଥମେ ସୋନପୁର ଷ୍ଟେଟ୍ ବ୍ୟାଙ୍କ୍‌ର ମୁଖ୍ୟ ଶାଖା ପରିଦର୍ଶନ କରିଥିଲେ। ବ୍ୟାଙ୍କ ଶାଖା ପରିଚାଳକ ଶରତ ଚନ୍ଦ୍ର ଦେହୁରୀ ଶିଶୁମାନଙ୍କୁ ସ୍ୱାଗତ କରିବା ସହ ବ୍ୟାଙ୍କର ବିଭିନ୍ନ କାଉଣ୍ଟର ବୁଲାଇ ଥିଲେ। ବ୍ୟାଙ୍କ୍ କର୍ମଚାରୀ ମାନେ ଶିଶୁମାନଙ୍କୁ ବ୍ୟାଙ୍କ୍ କାର୍ଯ୍ୟାବଳୀ ଓ ବିଭିନ୍ନ ଫର୍ମ ବିଷୟରେ ବୁଝାଇଥିଲେ। ପରେ ମଝିପଡା ସ୍ଥିତ ମୁଖ୍ୟ ଡାକ ଘରକୁ ଏହି ଟିମ୍ ପରିଦର୍ଶନରେ ଯାଇଥିଲେ। ସେମାନେ ଡାକ ଘରୁ ପୋଷ୍ଟ କାର୍ଡ, ଇଂଲଣ୍ଡ ଲେଟର ଓ ଡାକ ଟିକେଟ ଆଦି କ୍ରୟ କରିଥିଲେ। ପୋଷ୍ଟ ମାଷ୍ଟର ସୁଜିତ ହରିପାଲ ଡାକ ଘରର କାର୍ଯ୍ୟ ବିଷୟରେ ବୁଝାଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର, ସରିତା ସୁନା, ଶିଶୁ ଗୃହ ସୁପରିଟେଣ୍ଡେଣ୍ଟ ମାଳତି ଜେନା ଓ ହାଉସ ମଦର ସୁଜାତା ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ଜିଲାପାଳ ଓ ଏସ୍‌ପି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି ।

ସୋନପୁର,୧୯।୯(ନି.ପ୍ର.)

### ମୋଟ ୫୯ ଅଭିଯୋଗରୁ ୨ଟି ସାମୂହିକ

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଡିଆରଡିଏ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲି ସୁନିଲ ନରୱଣେ ଓ ଏସ୍‌ପି ଅମରେଶ କୁମାର ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୫୯ ପଞ୍ଜୀକୃତ ଅଭିଯୋଗ ସମ୍ବଳିତ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୫୭ ଗୋଟି ଓ ସାମୂହିକ ଦରଖାସ୍ତ ୨ ଗୋଟି ଗ୍ରହଣ କରାଯାଇଥିଲା। ଗ୍ରାହଣ କରାଯାଇଥିବା ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସୋନପୁର ବିଡିଓ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ.ଦାମୋଦର କୈବର୍ତ୍ତ, ଅଧିକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଇଂ ବିଭୁପ୍ରସାଦ ପଣ୍ଡା, ଡାକ୍ତର ପ୍ରଦୀପ କୁମାର ଗୁରୁ, ଜିଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା, ଜିଏମ ଡିଆଇସି ବଳଭଦ୍ର ନାଏକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ, ଜିଲା କଲ୍ୟାଣ ଅଧିକାରୀ ପାଲାକା ରବିନ୍ଦ୍ର, ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍ ଓ ସୋନପୁର ତହସିଲଦାର ନବୀନ କିଶୋର ପାଢୀଙ୍କ ସମେତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସୋନପୁର ବ୍ଲକ ପକ୍ଷରୁ ଆୟୋଜିତ ସ୍ୱଚ୍ଛତା ଅଭିଯାନ ସଚେତନତା ରଥକୁ ଜିଲାପାଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

# ଅତାବିରାରେ ଭାଜପାର ସାଙ୍ଗଠନିକ ବୈଠକ

ଜାମଟିକ୍ରା, ୧୯।୯(ଡି.ଏନ.ଏ.)

ଅତାବିରା ନଗର ସଭାପତି ସୁରେନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ସୋମବାର ଭାଜପାର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମିଳନ ସେଟ, ଭେଡେନ ବ୍ଲକ ଏମ୍‌ପି ପ୍ରତିନିଧି ବିପିନ ଭୋସାଗର, ଜିଲା ଉପସଭାପତି ଉର୍କୁଲୁ ତାଣ୍ଡି, ସମ୍ପାଦକ ଯଶୋବନ୍ତ ସେଠ, ସମ୍ପାଦିକା କ୍ଷୀରେଶ୍ୱରି ସ୍ୱାଇଁ, ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଅର୍ଚ୍ଚନା ପ୍ରିୟଦର୍ଶନୀ ବାଗ, ଜିଲା ଯୁବମୋର୍ଚ୍ଚା ଉପସଭାପତି ନିରୋଜ ବାରିକ, ଜିଲା ଯୁବମୋର୍ଚ୍ଚା ସମ୍ପାଦକ କ୍ରିଷ୍ଣା ପଟେଲ, ଜିଲା ମିଡ଼ିଆ ସେଲ ସଂଯୋଜକ ଅର୍ଜୁନ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନରେ ବୁଥସ୍ତରୀୟ ସଙ୍ଗଠନକୁ କିପରି ମଜବୁତ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ନିରୋଜ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆବର୍ଜନାରେ ଭରିଯାଇଛି ପାପକ୍ଷୟ ଘାଟ


ଶବଦାହ ସ୍ଥଳ ଘାସଲଟାରେ ଭରି ଯାଇଛି।

ବିନିକା,୧୯।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ପାପକ୍ଷୟ ଘାଟ ନିକଟରେ ଥିବା ସ୍ୱର୍ଗଦ୍ୱାରର ପରିବେଶ ଦୂଷିତ ହୋଇପଡିଛି। ସଫେଇ ହେଉ ନ ଥିବାରୁ ଯୁଆଡେ ଦେଖିବ ଅଳିଆ ଆବର୍ଜନାରେ ଭରି ଯାଇଛି। ଏହାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ପାପକ୍ଷୟ ଘାଟର ସ୍ୱର୍ଗଦ୍ୱାରରେ ଅନ୍ତିମସଂସ୍କାର କଲେ ସ୍ୱର୍ଗପ୍ରାପ୍ତି ମିଳେବୋଲି ଲୋକଙ୍କର ବିଶ୍ୱାସ ରହି ଆସିଥିବାରୁ ବିନିକା ସହରାଞ୍ଚଳ ସମେତ ଦୂରଦୂରାନ୍ତରୁ ଏଠାକୁ ଲୋକେ ଶବ ସତ୍କାର ପାଇଁ ଆସିଥାନ୍ତି। ଏପରିସ୍ଥିତିରେ ସେଠାରେ ଆବର୍ଜନା ଅସନ୍ତୋଷ ସୃଷ୍ଟି କରିଛି। ଏନଏସି ପ୍ରଶାସନ ଶୀଘ୍ର ସଫେଇ କରିବା ସହିତ ପାଣି, ଷ୍ଟ୍ରିଟଲାଇଟ ବ୍ୟବସ୍ଥା କରିବାକୁ ଦାବି ହେଉଛି।

# ଘରୁ ଯୁବକଙ୍କ ମୃତଦେହ ଜବତ

ମନମୁଣ୍ଡା,୧୯।୯(ଡି.ଏନ.ଏ.)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଖଇରମାଲ ଗ୍ରାମରେ ଏକ ଘରୁ ସାଗର ମହଲା ନାମକ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି ମନମୁଣ୍ଡା ପୋଲିସ। ସାଗର ରବିବାର ରାତିରେ ଖାଇ ସାରି ଶୋଇଥିଲେ। ସୋମବାର ସକାଳେ ସେ ନ ଉଠିବାରୁ ତାଙ୍କର ବଡ ବାପା ସୀତାରାମ ମହଲା ଘର କବାଟ ବାଡେଇଥିଲେ। ସାଗର ନ ଶୁଣିବାରୁ ଘରର ସ୍କାଇଲାଇଟ ପଟୁ ଦେଖିଲେ ସାଗରଙ୍କ ଶରୀର ଘର ଭିତରେ ଝୁଲୁଛି। ଏନେଇ ମନମୁଣ୍ଡା ପୋଲିସକୁ ଖବର ଦେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସାଗର ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ସାଗରଙ୍କ ବାପାମା କିଛି ବର୍ଷ ପୂର୍ବେ ପୃଥକ ପୃଥକ ଭାବରେ ମୃତ୍ୟୁବରଣ କରିଥିବାବେଳେ ସମାନ ଭାବରେ ସାଗରଙ୍କ ମୃତ୍ୟୁ ଘଟିଛି। ସେ ସୋନପୁର ଜିଲା କୁଞ୍ଜାଛକରେ ଫଳ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିଲେ। ମନମୁଣ୍ଡା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

# ବିନିକା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସ ସମାରୋହରେ ମଞ୍ଚାସୀନ ଅତିଥିମାନେ।

ବିନିକା, ୧୯।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଅଧକ୍ଷ ସୌମ୍ୟ ରଞ୍ଜନ କ୍ଷେତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ସିଦ୍ଧାର୍ଥ ଜୁନିଅର କଲେଜ ଅଧକ୍ଷା ରେଖା ପ୍ରଧାନ ଯୋଗଦେଇଥିଲେ। ଏହି ବିଦ୍ୟାଳୟ ମାଧ୍ୟମରେ ଗ୍ରାମାଞ୍ଚଳର ମେଧାବୀ ଛାତ୍ରୀଛାତ୍ରମାନେ ସିବିଏସଇ (ଗୁଣାତ୍ମକ) ଢାଞ୍ଚାରେ ଶିକ୍ଷାଦାନ କରି ପାରୁଛନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଲାଇବ୍ରେରିଆନ ଗରିବ ସାଲମା ଯୋଗଦେଇ ଏହି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ଉପଯୁକ୍ତ ଶିକ୍ଷା ଲାଭ କରି ନିଜ କ୍ୟାରିଅର ଗଠନରେ ନିଶ୍ଚିତ ସଫଳତା ପାଇବେ ବୋଲି ଆଶାବ୍ୟକ୍ତ କରିଥିଲେ । ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଶିକ୍ଷକ ଶୁଭମ ଶୁକ୍ଳା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ମିତେଶ ଦଣ୍ଡସନା ଧନ୍ୟବାଦ ଅର୍ପଣ କରିଥିଲେ।

# ବୀରମହାରାଜପୁର ଚାମ୍ପିୟନ

ଅମରପାଲି, ୧୯।୯(ଡି.ଏନ.ଏ.)

### ଭଗବତୀ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟେସିଂଘା ପଞ୍ଚାୟତର କୁଡାପଡା ଗ୍ରାମରେ ୪ର୍ଥ ମା'ଭଗବତୀ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବୀରମହାରାଜପୁର ଓ ଫୁଲଚରା ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟର ଖେଳ ଗୋଲଶୂନ୍ୟ ରହିବାରୁ ପେନାଲଟି ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ବୀରମହାରାଜପୁର ୫-୩ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପୂର୍ବରୁ ପ୍ରଥମ ସେମିଫାଇନାଲରେ ପେନାଲଟିରେ ୫-୪ ଗୋଲରେ କୁମୁରସିଂହାକୁ ହରାଇ ଫୁଲଚରା ଫାଇନାଲରେ ପ୍ରବେଶ କରିଥିବାବେଳେ ଦ୍ୱିତୀୟ ସେମିରେ ଆୟୋଜକ କୁଡାପଡାକୁ ୫-୩ଗୋଲରେ ହରାଇ ବୀରମହାରାଜପୁର ଫାଇନାଲରେ ପ୍ରବେଶ କରିଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ବିନୋବାନନ୍ଦ ପ୍ରଧାନ ମୁଖ୍ୟଅତିଥି, ବୀରମହାରାଜପୁର ବ୍ଲକ ଯୁବ କଂଗ୍ରେସ ସଭାପତି ବିଦ୍ୟାଧର ଖୁର୍ଡିଆ, କ୍ରୀଡାବିତ ଚନ୍ଦ୍ରଶେଖର ମହାଲିକ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ବୀରମହାରାଜପୁର ଦଳକୁ ଟ୍ରଫି ସହ ୫ହଜାର ଏକ ଏବଂ ରନର୍ସ ଅପ ଫୁଲଚରାକୁ ନଗଦ ୪ହଜାର ଏକ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାଚ ଗୁଡିକରେ ଶ୍ରୀକାନ୍ତ ବିଶ୍ୱାଳ, ସିଦ୍ଧାର୍ଥ ପାତ୍ର, ସାନୁଜ ବିଶ୍ୱାଳ ରେଫରିଭାବେ କାର୍ଯ୍ୟ ତୁଲାଇଥିଲେ।



ଫାଇନାଲ ମ୍ୟାଚରେ ଉଭୟ ଦଳର ଖେଳାଳିମାନେ।

# ମେଲୋଡ଼ି, ମୀନାବଜାର ମୁଖ୍ୟ ଆକର୍ଷଣ

ସୋନପୁର,୧୯।୯(ନି.ପ୍ର.)

### କାଳୀପୂଜା ମହୋତ୍ସବ ପାଇଁ ପ୍ରସ୍ତୁତି

ସୋନପୁର ମଝିପଡା ସ୍ଥିତ ରାମଧୂନ କ୍ଲବ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ୫୪ତମ ସାର୍ବଜନୀନ କାଳୀପୂଜା ମହୋତ୍ସବ ପାଇଁ ରାମଜୀ ମନ୍ଦିରଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗତ ବର୍ଷ ପୂଜା ପାଇଁ ଆୟ ଓ ବ୍ୟୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଚଳିତବର୍ଷ ପାଇଁ ପୂଜା କମିଟିର ସଭାପତି ସୁରଜ କୁମାର ସାହୁ, ଉପସଭାପତି ବୁବୁନ ନାଏକ, ସମ୍ପାଦକ ପୁରେନ୍ଦ୍ର ନାଏକ ଓ କୋଷାଧ୍ୟକ୍ଷ ଭାବେ ରାଜୀବ କୁମାର ସାହୁଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ସେହିପରି ନୂତନ ଭାବେ ସାଂସ୍କୃତିକ କମିଟି ଓ ଭୋଗ କମିଟି ଗଠନ ହୋଇଥିଲା। ପୂଜା ମହୋତ୍ସବରେ ୭ଦିନ ଧରି ମେଲୋଡି କାର୍ଯ୍ୟକ୍ରମ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। ବିଶେଷ ଆକର୍ଷଣ ଭାବେ ହାତୀଶାଳ କଲ୍ୟାଣ ମଣ୍ଡପରେ ଅକ୍ଟୋବର ୨୪ରୁ ନଭେମ୍ବର ୮ ତାରିଖ ପର୍ଯ୍ୟନ୍ତ ମୀନାବଜାର ବସିବାର କାର୍ଯ୍ୟକ୍ରମ ରହିଛି। ନଭେମ୍ବର ୬ରେ ମା କାଳୀଙ୍କ ଭସାଣୀ ଶୋଭାଯାତ୍ରା ଅନୁଷ୍ଠିତ ହେବ। ସ୍ଥାନୀୟ କାଳୀ ପୂଜା ମହୋତ୍ସବ ବହୁ ପୁରୁଣା ହୋଇଥିବାରୁ ପୂଜାକୁ କିପରି ଅଧିକ ଆକର୍ଷଣୀୟ କରା ଯାଇପାରିବ ସେ ନେଇ ବିଶଦ ଆଲୋଚନା ହୋଇଥିଲା। କାଳୀଙ୍କ ରୁପା ମୁକୁଟ ଠାରୁ ଆରମ୍ଭ କରି ତୋରଣ, ଆଲୋକ ସଜ୍ଜା, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରତି ସନ୍ଧ୍ୟାରେ ଆଳତୀ ଓ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବିଷୟରେ ବୈଠକରେ କ୍ଲବ ସଦସ୍ୟ ଓ ମଝିପଡାର ଅଧିବାସୀ ଆଲୋଚନା କରିଥିଲେ ।


କାଳୀପୂଜା ପାଇଁ ପ୍ରସ୍ତୁତି ବୈଠକରେ ଉପସ୍ଥିତ ସଭ୍ୟ ବୃନ୍ଦ ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଯୁବକ ମୃତ

**ରାଉରକେଲା ଅଫିସ,୧୯।୯:** ରାଉରକେଲା ପାନପୋଷ ଛକରେ ସୋମବାର ଏକ ଟ୍ରକ୍ ଧକ୍କା ଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସମରା ଧାନୁଆର(୩୩)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୮୫।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ କଚାରୁ ଗ୍ରାମର ସମରା ରବିବାର ରାତି ସାଢ଼େ ୮ଟାରେ ରାଉରକେଲାରୁ ଘରକୁ ଫେରୁଥିଲେ। ଏହି ସମୟରେ ପାନପୋଷ ସରକାରୀ କଲେଜ ସମ୍ମୁଖରେ ଏକ ଟ୍ରକ୍ ତାଙ୍କୁ ପଛପଟୁ ତାଙ୍କୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ପୋଲିସ ପାଟ୍ରୋଲିଂ ଟିମ୍ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସାଲାଗି ଆରଜିଏଚ୍‌ରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ହାତୀ ଆକ୍ରମଣରେ ଯୁବକ ଗୁରୁତର

**ରାଉରକେଲା ଅଫିସ,୧୯।୯:** ରାଉରକେଲା ଲାଠିକଟା ଥାନା ଅନ୍ତର୍ଗତ ରାମଯୋଡି ଅଞ୍ଚଳରେ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ହୁମା ଓରାମ(୫୬)। ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ସୂଚନା ଅନୁସାରେ, ରବିବାର ରାତି ସାଢ଼େ ୧୧ଟାରେ ରାମଯୋଡି ଗ୍ରାମ ଓରାମ ବସ୍ତିକୁ ଏକ ଦନ୍ତାହାତୀ ପଶି ଆସିବାରୁ ଗ୍ରାମବାସୀ ତାକୁ ଗ୍ରାମରୁ ଘଉଡାଇ ଦେଇଥିଲେ। ହାତୀଟି ଗ୍ରାମର କିଛି ଦୂର ଯାଇ ପୁଣିଥରେ ରାତି ସାଢେ ୨ଟାରେ ଗ୍ରାମ ଭିତରକୁ ପଶିଥିଲା। ଏହା ଦେଖି ହୁମା ଦେଖି ହାତୀକୁ ପଛପଟୁ ଗୋଡାଇବାକୁ ଯାଇଥିବାବେଳେ ହଠାତ ହାତୀ ଶୁଣ୍ଢରେ ତାଙ୍କୁ ଟେକି ଫୋପାଡି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଲାଠିକଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଆରଜିଏଚ୍‌ରେ ଚିକିତ୍ସାଲାଗି ଭର୍ତ୍ତି କରାଯାଇଛି।

### ଜେନେରେଟର ଗୁଡ଼ାଇ ହୋଇ ଯୁବକଙ୍କ ମୃତ୍ୟୁ

**ରାଜଗାଙ୍ଗପୁର, ୧୯।୯(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଭାଲୁଡୁମାରେ ବିଶ୍ୱକର୍ମା ମୂର୍ତ୍ତି ବିସର୍ଜନବେଳେ ଅଘଟଣ ଘଟି ଜଣଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ରବିବାର ରାତିରେ ପ୍ରାୟ ୮ଟା୩୦ରେ ଭାଲୁଡୁମାରୁ ଫଙ୍କରପଡା ନଦୀକୁ ବିଶ୍ୱକର୍ମା ମୂର୍ତ୍ତି ବିସର୍ଜନ ପାଇଁ ଶୋଭାଯାତ୍ରାରେ ଯାଉଥିବାବେଳେ ଏକ ଗାଡି ଉପରେ ଥିବା ଜେନେରେଟର କୁଟୁଣିଆ ରାହୁପଡା ନିବାସୀ ବିରାଜ ମିଞ୍ଜଙ୍କୁ ଟାଣି ନେଇଥିଲା। ଫଳରେ ବିରାଜଙ୍କ ମୃତ୍ୟୁ ହୋଇଥିଲା। ସୋମବାର ବିରାଜଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଥିଲା। ଶବବ୍ୟବଚ୍ଛେଦ ପରେ ଗାଁ ଲୋକେ ଶବକୁ ଘରକୁ ନେଇ ନ ଥିଲେ। ରାଜଗାଙ୍ଗପୁର ଥାନାରେ କ୍ଷତିପୂରଣ ଦାବି କରିଥିଲେ। ଏହି ଘଟଣାରେ ଆପୋସ ବୁଝାମଣା କରି କ୍ଷତିପୂରଣ ବାବଦକୁ ଜେନେରେଟର ମାଲିକ ୬୦ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେବା ପରେ ବିରାଜଙ୍କ ଘରଲୋକ ଓ ଗ୍ରାମବାସୀ ମୃତ ଶରୀରକୁ ନେଇ ଗାଁ ଅଭିମୁଖେ ଯାଇଥିଲେ।

# ଛାତ୍ରୀଛାତ୍ର ଆଦର୍ଶ ହେବା ଉଚିତ

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ

**ଲହୁଣୀପଡ଼ା,୧୯।୯(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ କଲେଇପୋଷ ପଞ୍ଚାୟତ ଅନ୍ତର୍ଗତ ପରାଗପୋଷ ଗ୍ରାମସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଏବିଇଓ ନରହରି କିଷାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସିଆରସିସି ଅନିଲ କୁମାର ପରିଡା ଯୋଗଦେଇଥିଲେ। ପରିଚାଳନା କମିଟି ସଭାପତି ତପନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ର ପୁଷ୍ପଗୁଚ୍ଛ ଦେଇ ଓ ସ୍ୱାଗତ ସଙ୍ଗୀତ ଗାଇ ସ୍ୱାଗତ କରିଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଅଧ୍ୟକ୍ଷ ଅଶ୍ୱିନୀ କୁମାର ଗୋପାଳ ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୁନିତା ପଟେଲ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟ ଓଡିଶା ଆଦର୍ଶ ବିଦ୍ୟାଳୟ ଭାବରେ ପରିଚିତ ହୋଇଥିବାରୁ ପ୍ରତ୍ୟେକ ଛାତ୍ରୀଛାତ୍ର ଆଦର୍ଶ ଛାତ୍ରୀଛାତ୍ର ହେବା ଉଚିତ। ଏଥିପାଇଁ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ଅପେକ୍ଷା ଅଭିଭାବିକା ଅଭିଭାବକମାନଙ୍କର ଦାୟିତ୍ୱ ଅଧିକ ଏବଂ ବିଦ୍ୟାଳୟକୁ ଉତ୍ତମ ଭାବରେ ପରିଚାଳନା କରିବା ପାଇଁ ପରିଚାଳନା କମିଟିର ସମସ୍ତ ସଦସ୍ୟାସଦସ୍ୟମାନେ ଯତ୍ନବାନ ହେବା ଉଚିତ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଜ୍ଞାନ ସମ୍ପର୍କୀତ ବିଭିନ୍ନ ପ୍ରକାର ବିଜ୍ଞାନ କୌଶଳ ପ୍ରଦର୍ଶିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଉପହାର ଦେଇ ପୁରସ୍କୃତ କରାଯାଇଥିଲା। ଶେଷରେ ପରିଚାଳନା କମିଟିର ସମ୍ପାଦକ ଝସକେତନ ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଅଭୟ ନାୟକ, ଛାତ୍ରୀ ଆଂଶିକା ମାହାନ୍ତଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଭୀମସେନ ସବର, ବର୍ଷାରାଣୀ ମୁଣ୍ଡା, ରଞ୍ଜନ କୁମାର ମହାରଣା, ହାଫିଜ ଅହମଦ, ସୁରେନ୍ଦ୍ର କୁମାର ଦେହୁରୀ, ଅସିତ କୁମାର ଏକା, ହୃଦେଶ କୁମାର ରକସା, ଉର୍ମିଳା ସିଂ, ଲକ୍ଷ୍ମଣ କାରଜି, ଆଶିଷ କୁମାର ସେଠୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ କର୍ମଚାରୀଙ୍କ ସହିତ ପରିଚାଳନା କମିଟି ସଦସ୍ୟା ସଦସ୍ୟ ଅଭିଭାବିକା ଅଭିଭାବିକ ବହୁ ସଂଖ୍ୟାରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।



ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି।


ଜଣେ ଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

### କୁରାଢ଼ି ଆକ୍ରମଣରେ ବୃଦ୍ଧ ମୃତ

**ଲହୁଣୀପଡ଼ା,୧୯।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଭୁଡୁଡା ପଞ୍ଚାୟତ ଓଏମ୍‌ସି ହାଟିଂରେ ଜଣେ ଯୁବକଙ୍କ କୁରାଢ଼ି ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଓଏମ୍‌ସି ହାଟିଂରେ ରହୁଥିବା ତେମ୍ଭା କୁଜୁର (୬୦)। ପୋଲିସ ଅଭିଯୁକ୍ତ ଜାଲୁ ମିଞ୍ଜ (୪୪)ଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ତେମ୍ଭା ଓ ଜାଲୁ ମିଞ୍ଜଙ୍କ ସ୍ତ୍ରୀ ଏକ ନିରୋଳା ଜାଗାରେ ବସି କଥା ହେଉଥିବା ଦେଖି ଜାଲୁ ଗାଳିଗୁଲଜ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ପ୍ରବଳ ଝଗଡା ହେବାରୁ ତେମ୍ଭା ରାଗିଯାଇଥିଲେ। ନିଜ ଘରେ ଥିବା ଏକ ତୀର ଆଣି ଜାଲୁଙ୍କୁ ଆକ୍ରମଣ କରି ଘରକୁ ପଳାଇ ଯାଇଥିଲେ। ଏଥିରେ ଜାଲୁ ରାଗିଯାଇ ନିଜ ଘରୁ ଏକ କୁରାଢ଼ୀ ଆଣି ତେମ୍ଭାକୁ ତା ଘର ଭିତରେ ଆକ୍ରମଣ କରି ଚାଲି ଯାଇଥିଲେ। ଘରେ କେହି ନ ଥିବାରୁ ରକ୍ତାକ୍ତ ଅବସ୍ଥାରେ ତେମ୍ଭା ପଡିରହି ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। କୌଣସି ସୂତ୍ରରୁ ଖବରପାଇ ଲହୁଣୀପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ଡାକ୍ତରଖାନାକୁ ପଠାଇ ସୋମବାର ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲା। ଜାଲୁଙ୍କୁ ଗିରଫ କରିବା ସହିତ ହତ୍ୟାକାଣ୍ଡରେ ବ୍ୟବହୃତ କୁରାଢ଼ି ଓ ତୀରକୁ ମଧ୍ୟ ଜବତ କରିଛି।

# କୋଶଳ ସମାଜ ପକ୍ଷରୁ ବଡ଼ଗାଁ ଅବକାରୀ ଅଫିସ, ଥାନା ଘେରାଉ ୨୧ରେ

**ବଡ଼ଗାଁ, ୧୯।୯(ଡି.ଏନ୍.ଏ.)**

କୋଶଳ ସମାଜ ପକ୍ଷରୁ ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଓ ଅବକାରୀ ଅଫିସ ୨୧ରେ ଘେରାଉ କରାଯିବ। ବଡ଼ଗାଁ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ସୋମବାର କୋଶଳ ସମାଜ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ଏହି ସୂଚନା ଦିଆଯାଇଛି। ବଡ଼ଗାଁ ବ୍ଲକ ଅଞ୍ଚଳର ପ୍ରତି ଗାଁ, ପଡ଼ାରେ ଦେଶୀ ବିଦେଶୀ ମଦ ବିକ୍ରି ଯୋଗୁ ଗାଁ ଅଶାନ୍ତ ହେଉଛି। କମ ବୟସର ପିଲାମାନେ ମଧ ମଦ କବଳରେ ପଡ଼ି ଜୀବନ ନଷ୍ଟ କରୁଥିବା ସତ୍ତ୍ୱେ ଅବକାରୀ ଓ ପୋଲିସ କର୍ମଚାରୀ ମଦ ବେପାରୀଙ୍କ ପ୍ରତି କୋହଳ ମନୋଭାବ ରଖିଥିବାରୁ ଗାଁ ଗୁଡିକରେ ମଦ ବିକ୍ରି ବଢ଼ିଚାଲିଛି। ଏହିପରି ଅଭିଯୋଗ ଉଠାଇ କୋଶଳ ସମାଜ ପକ୍ଷରୁ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଖବରଦାତା ସମ୍ମିଳନୀରେ ଉପସ୍ଥିତ କୋଶଳ ସମାଜ କେନ୍ଦ୍ରୀୟ ସଚିବ ଦିଲ୍ଲୀପ କୁମାର ପଣ୍ଡା, କୋଶଳ ସମାଜ ଆନ୍ଦୋଳନ ସଚିବ ସନ୍ତୋଷ ଧନୁଆର, ଡୁଡାଲଗା ପଞ୍ଚାୟତ ମହିଳା ସଚିବ ଦୀପ୍ତିରାଣୀ ରାଉତରାୟ କହିଛନ୍ତି, ମଦ ଭାଟିରୁ ଅଞ୍ଚଳର ସମସ୍ତ ଗାଁକୁ ଚୋରା ମଦ ଯୋଗାଇ ଦିଆଯାଉଛି। ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିବା ମଦ ବେପାର ଯୋଗୁ ଗରିବ ପରିବାର ସର୍ବସ୍ୱାନ୍ତ ହେଉଛନ୍ତି। ରାଜ୍ୟ ସରକାର ମଦ ବେପାରକୁ ବଢ଼ାଇଚାଲିଛନ୍ତି। ଏହାକୁ ବନ୍ଦ କରିବା ପାଇଁ କୋଶଳ ସମାଜ ସମର୍ଥିତ ଅଞ୍ଚଳର ମହିଳାମାନେ ସଙ୍ଗଠିତ ହୋଇଛନ୍ତି। ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି।



ଖବରଦାତା ସମ୍ମିଳନୀରେ କୋଶଳ ସମାଜର କର୍ମକର୍ତ୍ତା।

# ରାସ୍ତାରେ ଅଟକି ରହିଛି ଶହଶହ ଟ୍ରକ

## ମିଳିତ ଟ୍ରକ ମାଲିକ ସଂଘର ଚକାବନ୍ଦ ଆନ୍ଦୋଳନ ଦ୍ୱିତୀୟ ଦିବସରେ

**ସୁନ୍ଦରଗଡ଼,୧୯।୯ (ଡି.ଏନ୍.ଏ)**

ଏମ୍‌ସିଏଲ କୋଇଲା ଖଣିରୁ ବିଭିନ୍ନ କଳକାରଖାନାକୁ ରୋଡସେଲ ମାଧ୍ୟମରେ ହେଉଥିବା କୋଇଲା ପରିବହନ ଭଡା ବୃଦ୍ଧି ଦାବିନେଇ ସୁନ୍ଦରଗଡ଼ ମିଳିତ କୋଇଲା ଟ୍ରକ ମାଲିକ ସଂଘ ପକ୍ଷରୁ ରବିବାରଠାରୁ ଆରମ୍ଭ ହୋଇଥିବା ଚକାବନ୍ଦ ଆନ୍ଦୋଳନ ସୋମବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ଫଳରେ ଏମ୍‌ସିଏଲ୍‌ର ୩ଟି କୋଇଲା ଖଣିରୁ ରୋଡସେଲ ମାଧ୍ୟମରେ ଝାରସୁଗୁଡା, ସମ୍ବଲପୁର ଓ ପଡୋଶୀ ରାଜ୍ୟ ଛତିଶଗଡ଼ର ବିଭିନ୍ନ କଳକାରଖାନାକୁ କୋଇଲା ପରିବହନ ବନ୍ଦ ରହିଛି। ଏମ୍‌ସିଏଲ କୋଇଲା ଖଣିରୁ ବିଭିନ୍ନ କଳକାରଖାନାକୁ ରୋଡସେଲ ମାଧ୍ୟମରେ ହେଉଥିବା କୋଇଲା ପରିବହନ ବନ୍ଦ ଯୋଗୁଁ ଖଣି ଭିତରେ ରାସ୍ତାରେ ଶହଶହ ଟ୍ରକ୍ ଅଟକି ରହିଛି। ହେଲେ କୋଇଲାଖଣିରୁ କନିକା ରେଲୱେ ସାଇଡିଂ ଓ ସରଡେଗାରୁ ରେଲଯୋଗେ କୋଇଲା ପରିବହନ ଚାଲୁ ରହିଛି। ପରିବହନ ଭଡା ବୃଦ୍ଧି ନେଇ ରବିବାର ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ବିଭିନ୍ନ କଳକାରଖାନା କର୍ତ୍ତୃପକ୍ଷ ଓ ଟ୍ରକମାଲିକ ସଂଘ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସମାଧାନର ରାସ୍ତା ଫିଟି ନ ଥିଲା। ସୋମବାର ଏନେଇ ଟ୍ରାନ୍ସପୋର୍ଟର ଓ ଟ୍ରକ ମାଲିକ ସଂଘଗୁଡ଼ିକ ମଧ୍ୟରେ ଆପୋଷ ଆଲୋଚନା ଚାଲିଥିବା ଜଣାଯାଇଛି।

### ସ୍ୱର୍ଗତ ବିଷ୍ଣୁ ଚରଣ ସେଠୀଙ୍କ ପାଇଁ ଶୋକସଭା

**ବଡ଼ଗାଁ, ୧୯।୯(ଡି.ଏନ୍.ଏ.)**

ଓଡ଼ିଶାର ଜଣେ ଆଗଧାଡ଼ିର ରାଜନେତା ସ୍ୱର୍ଗତ ବିଷ୍ଣୁଚରଣ ସେଠୀଙ୍କ ବିୟୋଗରେ ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ଧାମନଗରରୁ ଦୁଇ ଥର ବିଧାୟକ ଆସନ ଅଳଙ୍କୃତ କରିଥିବା ଓଡ଼ିଶା ବିରୋଧୀ ଦଳର ଉପନେତା ସ୍ୱର୍ଗତ ସେଠୀଙ୍କ ବିୟୋଗରେ ବଡ଼ଗାଁ ସାମ୍ବାଦିକ ସଂଘ ପକ୍ଷରୁ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଶୋକସଭା ଅନୁଷ୍ଠିତ ହୋଇଛି। ଏହି ଶୋକ ସଭାରେ ଗଣମାଧ୍ୟମ ପ୍ରତିନିଧି ଦିଲ୍ଲୀପ କୁମାର ପଣ୍ଡା, ଲବଣୀଧର ପୃଷେଟ, ଅଶୋକ ଷଡଙ୍ଗୀ, ଅନୁପ ବିଶି ଉପସ୍ଥିତ ଥିଲେ। ସ୍ୱର୍ଗତ ସେଠୀଙ୍କ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ବୋନସ୍ ମିଟିଂ ବିଫଳ, ୨୭ରେ ପରବର୍ତ୍ତୀ ମିଟିଂ

**ରାଉରକେଲା ଅଫିସ,୧୯।୯**

ସେଲ୍‌ର କାର୍ଯ୍ୟରତ କର୍ମଚାରୀଙ୍କ ଦୁର୍ଗାପୂଜା ବୋନସ୍ ନେଇ ସୋମବାର ଦିଲ୍ଲୀଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ଆରମ୍ଭ ପୂର୍ବରୁ ସେଲ୍ ଉଚ୍ଚ କର୍ତ୍ତୃପକ୍ଷ ବିଶେଷ କରି ଦ୍ୱିତୀୟ କ୍ୱାର୍ଟରରେ ହୋଇଥିବା କ୍ଷତି ଆଳ ଦେଖାଇ ପୂର୍ବ ବର୍ଷ ମିଳିଥିବା ବୋନସ୍ ରାଶି ୨୧ ହଜାର ଟଙ୍କା ଦେଇପାରିବେ ବୋଲି ପ୍ରସ୍ତାବ ଦେଇଥିଲେ। ବୈଠକରେ ଉପସ୍ଥିତ ୫ଟି ଏନ୍‌ଜେସିଏସ୍ ୟୁନିୟନଙ୍କ ପ୍ରତିନିଧି ଉକ୍ତ ପ୍ରସ୍ତାବକୁ ଖାରଜ କରିଥିଲେ। ସମସ୍ତ ୟୁନିୟନ ପକ୍ଷରୁ ଦାବି ହୋଇଥିଲା ଯେ, ଚଳିତ ବର୍ଷ ସେଲ୍ ରେକର୍ଡ ଲାଭ କରିଛି। ଯାହାକି ପୂର୍ବ ବର୍ଷର ଲାଭଠାରୁ ତିନିଗୁଣାରୁ ଅଧିକ। ତେଣୁ ପୂର୍ବବର୍ଷ ତୁଳନାରେ ଚଳିତ ବର୍ଷ ବୋନସ୍ ରାଶି ୩ ଗୁଣା ଅର୍ଥାତ୍ ୬୩ ହଜାର ଟଙ୍କା ପ୍ରଦାନ ଲାଗି ୟୁନିୟନ ପକ୍ଷରୁ ଦାବି ହୋଇଥିଲା। କିନ୍ତୁ ସେଲ କର୍ତ୍ତୃପକ୍ଷ କୋଇଲା ରେଟ୍ ବଢ଼ିବା ଓ ଷ୍ଟିଲ ଦର ମାର୍କେଟରେ କମିବା ଆଳ ଦେଖାଇଥିଲେ। ତେଣୁ ବହୁ କଷ୍ଟରେ ସେଲ୍ କର୍ତ୍ତୃପକ୍ଷ ୨୨ ହଜାର ଟଙ୍କା ବୋନସ ପ୍ରଦାନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଏହାକୁ ୟୁନିୟନ ଗ୍ରହଣ ନ କରିବାରୁ ସେଲ କର୍ତ୍ତୃପକ୍ଷ ଆସନ୍ତା ୨୭ ତାରିଖରେ ପୁଣି ଉକ୍ତ ବୈଠକ କରି ବୋନସ୍ ନିଷ୍ପତି ନେବାକୁ ଧାର୍ଯ୍ୟ କରିଛନ୍ତି ବୋଲି ବିଏମ୍‌ଏସ୍‌ର ଦେବେନ୍ଦ୍ର ପାଣ୍ଡେ, ସିଆଇଟିୟୁର ଲଳିତ ମିଶ୍ର, ଆଇଏନ୍‌ଟିୟୁସିର ସଞ୍ଜୀବ ରେଡ୍ଡୀ, ଏଚ୍‌ଏମ୍‌ଏସ୍‌ର ରାଜେନ୍ଦ୍ର ସିଂ ପ୍ରମୁଖ ସୂଚନା ଦେଇଛନ୍ତି।

# ଆରଏସ୍‌ପି ମହିଳା ବ୍ୟାଡମିଣ୍ଟନ ଟିମ୍‌ର ସ୍ୱର୍ଣ୍ଣପଦକ ହାସଲ

**ରାଉରକେଲା ଅଫିସ,୧୯।୯**

ବୋକାରେ ଷ୍ଟିଲ ପ୍ଲାଣ୍ଟ ଆନୁକୂଲ୍ୟରେ ଗତ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ସେଲ୍ ସ୍ୱର୍ଣ୍ଣଜୟନ୍ତୀ ବ୍ୟାଡମିଣ୍ଟନ୍ ଚାମ୍ପିୟନସିପ୍‌ରେ ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି) ମହିଳା ବ୍ୟାଡମିଣ୍ଟନ ଦଳର ଖେଳାଳିମାନେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏହି ଚାମ୍ପିୟନସିପ୍‌ରେ ଆରଏସ୍‌ପି ପୁରୁଷ ଦଳ ମଧ୍ୟ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଆରଏସ୍‌ପି ମହିଳା ଦଳରେ ପାୱାର ଡିଷ୍ଟ୍ରିବ୍ୟୁଶନ ବିଭାଗର ଡିଜିଏମ୍ ଶାନ୍ତି କୁମାରୀ, ସିସିଡବ୍ଲ୍ୟୁ ବିଭାଗର ଏଜିଏମ୍ ବିଦ୍ୟା ଦାସ, ନୂତନ ପ୍ଲେଟ୍ ମିଲର ମ୍ୟାନେଜର ଜ୍ୟୋତିର୍ମୟୀ ରାଉତିଆ, ହଟ୍ ଷ୍ଟ୍ରିପମିଲ-୧ ବିଭାଗର ଜିଏମ ରୀତା ମୁର୍ମୁ ଦଳରେ ସାମିଲ ହୋଇଥିଲେ। କୋକ୍ ଓଭେନ ବିଭାଗର ସିନିୟର ମ୍ୟାନେଜର ପିଏନ୍‌ଏମ୍‌କେ ସ୍ୱାମୀ ଆରଏସ୍‌ପି ଦଳର କୋଚ୍ ଥିବାବେଳେ ଇଡି ୱାର୍କର୍ସ ସଚିବାଳୟର ରାଜୀବ କୁମାର ନାୟକ ଦଳର ମ୍ୟାନେଜର ଥିଲେ। ସେଲ୍‌ର ସମସ୍ତ ୟୁନିଟ୍ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

### ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ଏକଲବ୍ୟ ପୁରସ୍କାର ପାଇଁ ମନୋନୀତ

**ରାଉରକେଲା ଅଫିସ,୧୯।୯**

ଓଡିଶାର ଏକମାତ୍ର ମହିଳା ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ଅନ୍ତର୍ଜାତୀୟ ସ୍ତରରେ ସ୍ୱର୍ଣ୍ଣପଦକ ହାସଲ କରି ଏକଲବ୍ୟ ପୁରସ୍କାର ପାଇବାକୁ ମନୋନିତ ହୋଇଛନ୍ତି। ସ୍ୱସ୍ତି ତାଙ୍କ କୋଚ୍ ଶୁଶିଲ କୁମାର ଦାସଙ୍କ ଉଦ୍ୟମରେ ଯେଉଁ ସ୍ତରରେ ପହଞ୍ଚିଛନ୍ତି ସେଥିପାଇଁ ରାଉରକେଲା ସାଇକ୍ଲିଂ କ୍ଲବର ସଭାପତି ସମେନ୍ଦ୍ର ରାଜା ସିଂ, ସମ୍ପାଦକ ନରସିଂହ ସାହୁ, ସହ ସମ୍ପାଦକ ଦେବବ୍ରତ ଜେନା, ରାମକୃଷ୍ଣ ଦାସ, ମନୋରଞ୍ଜନ ବେହେରା, ଲିଙ୍ଗରାଜ ଷଡ଼ଙ୍ଗୀ, ଲକ୍ଷ୍ମୀ ସାହୁ, ଟିଁନି ତ୍ରିପାଠୀ, ନିରଞ୍ଜନ ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବଣିଆଁସାହି ଗଜଲକ୍ଷ୍ମୀ ପୂଜା କମିଟିର ନୂତନ କର୍ମକର୍ତ୍ତା

**ଦେବଗଡ଼,୧୯।୯(ଡି.ଏନ.ଏ)**

ଆଗାମୀ ଅକ୍ଟୋବର ୯ରେ ଅନୁଷ୍ଠିତ ହେବାକୁ ଥିବା ପବିତ୍ର ଗଜଲକ୍ଷ୍ମୀ ପୂଜା ନିମନ୍ତେ ଏଠାକାର ଅଗ୍ରଣୀ ଅନୁଷ୍ଠାନ ବଣିଆଁସାହି ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଥିନିମନ୍ତେ ବଣିଆଁସାହି କ୍ଲବ ଗୃହଠାରେ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ପତିତପାବନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠରେ ଗତବର୍ଷ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜାର ଆୟବ୍ୟୟର ହିସାବ ପ୍ରଦାନ କରାଯିବା ସହ ଚଳିତବର୍ଷର ପୂଜାକୁ ଅଧିକ ଆକର୍ଷଣୀୟ କରିବାକୁ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏଥିସହ ପୂଜାର ସଫଳ ଆୟୋଜନ ନିମନ୍ତେ ଏହି ଅବସରରେ କମିଟିର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ଜନ୍ମେଜୟ ନାୟକ, ଉପସଭାପତି ଭାବେ ସନ୍ତୋଷ ସେନାପତି, ସମ୍ପାଦକ ଭାବେ ସରୋଜ ପୃଷ୍ଟି, ସହସମ୍ପାଦକ ଭାବେ ପ୍ରିୟାଂଶୁ ନାୟକ, କୋଷାଧ୍ୟକ୍ଷ ଭାବେ କାବୁଲୁ ଜେନା, ସହ କୋଷାଧ୍ୟକ୍ଷ ଭାବେ ସୁବ୍ରତ ସାହୁ ଓ ସାଂସ୍କୃତିକ ସମ୍ପାଦକ ଭାବେ ସୌରଭ ନାୟକ, ସତ୍ୟମ ଝାଙ୍କର ଓ ସିପୁନ ସାହୁଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଏହି ବୈଠକରେ ଗଜଲକ୍ଷ୍ମୀ ପୂଜା କମିଟିର ବହୁ ସଦସ୍ୟଙ୍କ ସମେତ ବଣିଆଁସାହିର ବହୁ ବାସିନ୍ଦା ଉପସ୍ଥିତ ଥିଲେ।


ବଣିଆଁସାହି ଗଜଲକ୍ଷ୍ମୀ ପୂଜା କମିଟି କର୍ମକର୍ତ୍ତା।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ଦେବଗଡ଼,୧୯।୯(ଡି.ଏନ.ଏ)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ବମ୍ପରଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଲୁକାସ ପ୍ରଧାନ ଏହି ଶିବିରରେ ଯୋଗଦେଇ ଉକ୍ତ ପଞ୍ଚାୟତରୁ ଆସିଥିବା ୨୯୨ଟି ଅଭିଯୋଗର ଶୁଣାଣି କରିଥିଲେ। ଏଗୁଡିକ ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ୨୯୨ଟି ଅଭିଯୋଗ ମଧ୍ୟରୁ ୨୨ଟି ସାମୂହିକ ସମସ୍ୟା ଏବଂ ୨୭୦ଟି ବ୍ୟକ୍ତିଗତ ସମସ୍ୟା ଉପରେ ଆଧାରିତ ଥିବା ଜଣାପଡିଛି। ଏହି ଶିବିରରେ ବିଶେଷ ଭାବେ ଜମି ପଟ୍ଟା, ରାସ୍ତା ସମସ୍ୟା, ପାନୀୟ ଜଳ ସମସ୍ୟା, ରାସ୍ତାଘାଟର ସମସ୍ୟା, ସ୍ୱାସ୍ଥ୍ୟ ସେବାରେ ସମସ୍ୟା, ଶିକ୍ଷକ ଅଭାବ, ନଳକୂପ ଖନନ, ପାଇଖାନା ନିର୍ମାଣ,ବିଦ୍ୟୁତ୍ ସମସ୍ୟା, ଗାଈଗୁହାଳ ଏବଂ ଛେଳି ଗୁହାଳ ନିର୍ମାଣ, ବାର୍ଦ୍ଧକ୍ୟ ଭତା ଓ କାଳିଆ ଯୋଜନାର ପ୍ରାପ୍ୟ ସମ୍ପର୍କିତ ଅଭିଯୋଗ ରହିଥିଲା। ଏହି ଶିବିରରେ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଙ୍କୁର ମଲ୍ଲିକ ଓ ଉପଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।


ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ।

## ସଂକ୍ଷେପରେ

### ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମଜନଶୁଣାଣି ଶିବିର

ଭବାନୀପାଟଣା,୧୯।୯(ସ୍ୱ.ପ୍ର.): କଳାହାଣ୍ଡି ଜିଲା କଳମପୁର ବ୍ଲକ ସମ୍ମିଳନୀ ଗୃହରେ ଜିଲାପାଳ ପି. ପି. ଅନ୍ୱେଷା ରେଡ୍ଡୀ ଓ ଏସ୍‌ପି ଅଭିଲାଷ ଜିଙ୍କ ଯୁଗ୍ମଅଧ୍ୟକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ସୁଶାନ୍ତ କୁମାର ପଟେଲ, ଧର୍ମଗଡ ଉପଜିଲାପାଳ ପାୱାର ସଚିନ ପ୍ରକାଶ, କଳମପୁର ବ୍ଲକ ଅଧ୍ୟକ୍ଷ ମୋତି ବିହାରୀ, ବିଡିଓ ପ୍ରସନ୍ନ କୁମାର ପଟେଲଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଜନଶୁଣାଣି ଶିବିରରେ ମୋଟ ୪୮୭ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୪୭୦ଟି ବ୍ୟକ୍ତିଗତ ସମସ୍ୟା ଓ ୧୭ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତଥିଲା। ୧୨ଟି ଅଭିଯୋଗ ସମାଧାନ ତତକ୍ଷଣା କରାଯାଇଥିଲା। ଅଭିଯୋଗ ମୁଖ୍ୟତଃ ଆବାସ ଗୃହ, ଭତ୍ତା, ରାଶନ କାର୍ଡ, ରାସ୍ତା ଉପରେ ଥିଲା।

### ଫେବୃୟାରୀ ୧ରୁ ୫ ପର୍ଯ୍ୟନ୍ତ ଖଡ଼ିଆଳ ମହୋତ୍ସବ

ଖଡ଼ିଆଳ,୧୯।୯(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ସଂସ୍କୃତି ଅନୁଷ୍ଠାନ ପରିସରରେ ଖଡ଼ିଆଳ ମହୋତ୍ସବ ୨୦୨୩ ପାଇଁ ତାରିଖ ସ୍ଥିର ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଡ଼ିଆଳ ମହୋତ୍ସବ ପାଳନ କମିଟି ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ସଭାପତିତ୍ୱରେ ମହୋତ୍ସବ କମିଟି ସମସ୍ତ ବିଭାଗ ଉପକମିଟି ସମସ୍ତ ସଦସ୍ୟ ଯୋଗଦେଇ ଖଡ଼ିଆଳ ମହୋତ୍ସବ ପାଇଁ ଲଗ୍ନ ସ୍ଥିର କରାଯାଇଥିଲା। ଲଗ୍ନ ଅନୁଯାଇ ଆସନ୍ତା ୨୦୨୩ ଫେବୃୟାରୀ ୧ ତାରିଖରୁ ୫ ପର୍ଯ୍ୟନ୍ତ ୫ ଦିନ ଧରି ମହୋତ୍ସବ ପାଳନ ନେଇ ଲଗ୍ନ ସ୍ଥିର ହୋଇଥିଲା । ବୈଠକରେ ସଭାପତି ପଟ୍ଟନାୟକଙ୍କ ସମେତ ସମ୍ପାଦକ ସୁନୀଲ କୁମାର ସାହୁ, ସଦସ୍ୟ ଲୋହିତାକ୍ଷ ଯୋଶୀ, ଡ଼ ସୁଶାନ୍ତ ବିଶି, ପବିତ୍ର ମୋହନ ପ୍ରଧାନ, ଅମେରେଶ ପଟ୍ଟନାୟକ, ଗୋବିନ୍ଦ ପଣ୍ଡା, ଅମିତାଭ ପଟେଲ, ସାନ ଜଗତ, ବଡ ଜଗତ, ପୀୟୁଷ ପଣ୍ଡା, ମୁରଲୀ ପଟେଲ, ନିଶାର ମହମ୍ମଦ ଖାନ, ଶାନ୍ତନୁ ପଣ୍ଡାଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ।

### ନୂତନ ବିଡିଓଙ୍କ ଦାୟିତ୍ୱ ଗ୍ରହଣ



କୋକସରା,୧୯।୯(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକରେ ସୋମବାର ପୁଣି ଥରେ ନୂତନ ବିଡିଓ ଭାବେ ଉତ୍ତମ କୁମାର ବାଗ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଥିବା ବିଡିଓ ବିନୟ କୁମାର ଭୋଇଙ୍କୁ ମଦନପୁର ରାମପୁର ବ୍ଲକକୁ ବଦଳି ପରେ ସେହି ବ୍ଲକରେ ବିଡିଓ ବାଗଙ୍କୁ କୋକସରା ବ୍ଲକକୁ ବଦଳି ହୋଇଛି। ବ୍ଲକ ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ ସହକାରୀ ଯନ୍ତ୍ରୀ ଗୋବିନ୍ଦ ବଲ୍ଲଭ ମହାରଣା, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ମୁଖ୍ୟ କିରାଣି ଅଚ୍ୟୁତାନନ୍ଦ ନାଗ, ସଞ୍ଜୟ ସିଙ୍ଘଲ, ବ୍ଲକ କର୍ମଚାରୀଙ୍କ ସମେତ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ସମସ୍ତ ଜନପ୍ରତିନିଧି, କର୍ମଚାରୀ ଓ ଜନସାଧାରଣଙ୍କ ସହଯୋଗରେ ବ୍ଲକକୁ ଆଗେଇ ନେବାକୁ କାମ କରିବେ ବୋଲି ବିଡିଓ ବାଗ୍ କହିଛନ୍ତି।

### କର୍ଲାମୁଣ୍ଡା ପ୍ରେସ କ୍ଲବର ରୌପ୍ୟ ଜୟନ୍ତୀ ସମାରୋହ

କର୍ଲାମୁଣ୍ଡା,୧୯।୯(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ଦୁର୍ଗାମଣ୍ଡପଠାରେ ପ୍ରେସ କ୍ଲବର ରୌପ୍ୟ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ପ୍ରେସକ୍ଲବ ସଭାପତି ନରୋତ୍ତମ ସେଲମାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ କୁଳସଚିବ ଡା. ନୃପରାଜ ସାହୁ, ସମ୍ମାନିତ ଅତିଥି ଭାବେ ଗଜପତି ଜିଲା ପ୍ରକଳ୍ପ ପ୍ରଶାସକ (ଆଇଟିଡିଏ) ଫାଲଗୁନୀ ମାଝି, ବ୍ଲକ ଅଧ୍ୟକ୍ଷା କୁନି ସାହୁ, ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧା, ବ୍ଲକ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା ଓ ସୁରେଶ ଚୌଧୁରୀ, ବରିଷ୍ଠ ସାମ୍ବାଦିକ ଅଂଶୁମାନ ପାତ୍ର, ଲାଞ୍ଜିଗଡ ପ୍ରେସ କ୍ଲବ ସଭାପତି କୈଳାସ ସାହୁ, ମ.ରାମପୁର ପ୍ରେସକ୍ଲବ ସମ୍ପାଦକ ହେମନ୍ତ ସାହୁ ଯୋଗଦେଇ କର୍ଲାମୁଣ୍ଡା ବ୍ଲକ ପରି ଗ୍ରାମାଞ୍ଚଳରେ ପ୍ରେସକ୍ଲବ ୨୫ବର୍ଷ ପୂରଣ କରିବା ଅତ୍ୟନ୍ତ ଗୌରବ ଓ ଅଗ୍ରଗତିର ସୂଚନା ବୋଲି ପ୍ରକାଶ କରିଥିଲେ। ସମ୍ପାଦକ ପ୍ରଦୀପ କୁମାର ସାହୁ ସ୍ୱାଗତ ଭାଷଣ ରଖିଥିବା ବେଳେ ଉପଦେଷ୍ଟା କମ୍ବୁପାଣି ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ସାମ୍ବାଦିକ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ ମ.ରାମପୁର, ଲାଞ୍ଜିଗଡ, ନର୍ଲା ଅଞ୍ଚଳର ସାମ୍ବାଦିକଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ଯୁବକଙ୍କ ଅପହରଣ ନେଇ ଥାନାରେ ଅଭିଯୋଗ

- ୪ ଜଣଙ୍କ ନାଁରେ ମାମଲା ରୁଜୁ
- ଏନ୍‌ଏସି ଅଧ୍ୟକ୍ଷଙ୍କ ସମ୍ପୃକ୍ତି ଚର୍ଚ୍ଚା
- ମୁହଁ ଖୋଲୁନାହିଁ ପୋଲିସ



ଦୀନଦୟାଲ ଅଗ୍ରୱାଲ

ବଲାଙ୍ଗୀର ଅଫିସ/ ଲାଠୋର, ୧୯।୯ (ଡି.ଏନ୍.ଏ.)

ଜଣେ ଯୁବକଙ୍କୁ ଘରୁ ଅପହରଣ କରାଯାଇଥିବା ନେଇ ବଲାଙ୍ଗୀର ଜିଲା ଲାଠୋର ଥାନାରେ ଲିଖିତ ଅଭିଯୋଗ ହେବାପରେ ଜିଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାରେ ଅଭିଯୋଗକାରିଣୀ ୩ଜଣଙ୍କ ନାଁରେ ଏବଂ ଜଣେ ଅଜଣା ବ୍ୟକ୍ତିଙ୍କ ସମ୍ପୃକ୍ତି ନେଇ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଜଣେ ଏନଏସି ଅଧ୍ୟକ୍ଷଙ୍କ ସମ୍ପୃକ୍ତି ରହିଥିବା ଚର୍ଚ୍ଚା ହେବା ପରେ ଘଟଣାଟି ଆଲୋଡନ ଖେଳାଇ ଦେଇଛି। ଲାଠୋର ଥାନା ପୋଲିସ ଏହି ଘଟଣା ସମ୍ପର୍କରେ ୪ଜଣଙ୍କ ନାଁରେ ମାମଲା ରୁଜୁ କରିଥିଲେ ମଧ୍ୟ ଗଣମାଧ୍ୟମ ସମ୍ମୁଖରେ ଘଟଣାକୁ ନେଇ ପାଟି ଖୋଲୁନାହିଁ।

ଲାଠୋର ନିବାସୀ କୌଶଲ୍ୟାଦେବୀ ଅଗ୍ରୱାଲ(୪୬) ଥାନାରେ ରବିବାର ତାଙ୍କ ପୁଅ ଦୀନଦୟାଲ ଅଗ୍ରୱାଲ(୨୮)ଙ୍କୁ ୪ ଜଣ ବ୍ୟକ୍ତି ଅପହରଣ କରିନେଇଥିବା ଅଭିଯୋଗ କରିଥିଲେ। ଅଭିଯୋଗପତ୍ରରେ ସେ ଉଲ୍ଲେଖ କରିଥିଲେ ଯେ, ରବିବାର ମଧ୍ୟାହ୍ନ ୧୨ଟା ୩୦ରେ ତାଙ୍କ ଘରକୁ ରାୟପୁରର ସୁନୀଲ ଅଗ୍ରୱାଲ, ଅଜୟ ଅଗ୍ରୱାଲ, କଣ୍ଟାବାଞ୍ଜିର ନାଗୁ ସିଂ ସାଲୁଜା ଏବଂ ଅନ୍ୟ ଜଣେ ବ୍ୟକ୍ତି ଆସି ତାଙ୍କ ପୁଅ ଦୀନଦୟାଲଙ୍କୁ ମାଡ ମାରି ଜୋର ଜବରଦସ୍ତି ଏକ କାରରେ ଉଠାଇ ନେଇଥିଲେ। ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ତାଙ୍କୁ ମଧ୍ୟ ଧକ୍କା ଦେଇଥିବା କୌଶଲ୍ୟାଦେବୀ ଅଭିଯୋଗ କରିଥିଲେ। ତାଙ୍କ ପୁଅକୁ ଜୀବନରେ ମାରିଦେବାର ଧମକ ଦିଆଯାଇଥିବା କହିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଲାଠୋର ଥାନାରେ ଏକ ମାମଲା (୧୦୮/୨୨) ରୁଜୁ କରିଥିଲା। ଅପହରଣ ପଛର କାରଣ ସମ୍ପର୍କରେ ଅଭିଯୋଗପତ୍ରରେ କିଛି ଲେଖାଯାଇନାହିଁ। ତେବେ ପୋଲିସ ଦଫା ୩୪୧, ୩୬୫, ୩୨୩, ୫୦୬, ୩୪ରେ ମାମଲା ରୁଜୁ କରିଛି। ପୋଲିସ ମାମଲା ରୁଜୁ କରିଥିଲେ ମଧ୍ୟ ଗଣମାଧ୍ୟମକୁ କିଛି ବି ସୂଚନା ଦେଇନାହିଁ। ଅନ୍ୟପକ୍ଷେ ଏହି ମାମଲାରେ ଜଣେ ଏନ୍‌ଏସି ନଗରପାଳଙ୍କ ସମ୍ପୃକ୍ତି ଚର୍ଚ୍ଚା ପ୍ରଚାରିତ ହେବା ପରେ ଘଟଣାଟି ରାଜନୈତିକ ନାଁ ବ୍ୟବସାୟିକ ତାକୁ ନେଇ ସାଧାରଣରେ ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ହୋଇଛି। ପାଟଣାଗଡ ଏସ୍‌ଡିପିଓ ଜ୍ୟୋତିର୍ମୟ ଭୁକ୍ତାଙ୍କୁ ତାଙ୍କ ମୋବାଇଲ ନମ୍ବର ୯୪୩୭୯୦୬୦୬୦ରେ ଯୋଗାଯୋଗ କରାଯାଇଥିଲା। ହେଲେ ରିଙ୍ଗ୍ ହେବା ସେତ୍ତ୍ୱ ସେ ଫୋନ୍ ରିସିଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଲାଠୋର ଥାନାଧିକାରୀ ଏନେଇ କିଛି କହିବାକୁ ମନା କରିଦେଇଛନ୍ତି। ତେବେ ଅସମର୍ଥିତ ସୂତ୍ରରୁ ମିଳିଥିବା ଖବର ମୁତାବକ ପୋଲିସ ଅପହୃତ ଯୁବକଙ୍କୁ ଉଦ୍ଧାର କରି ଘରେ ଛାଡିଥିବା ଜଣାପଡିଛି।

# ଆମପାଣି ବୁଢ଼ାରଜା ମହାପ୍ରଭୁଙ୍କ ପ୍ରସିଦ୍ଧ ଦଶରା ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଉଛି।

କୋକସରା,୧୯।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ବୁଢାରଜଦେବଙ୍କ ପ୍ରସିଦ୍ଧ ବାର୍ଷିକ ଦଶରା ପର୍ବ ନିମନ୍ତେ ମନ୍ଦିର ପ୍ରଙ୍ଗଣରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଫକିର ମୋହନ ପୂଝାରୀଙ୍କ ସଭାପତିତ୍ୱରେ ଆସନ୍ତା ଅକ୍ଟୋବର ୧୫ ତାରିଖ (ଶନିବାର) ପ୍ରଭୁ ବୁଢାରଜା ଦେବଙ୍କ ବାର୍ଷିକ ଦଶରା ପର୍ବ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ପୂଜା କିପରି ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା ହେବ ସେ ନେଇ ଆଲୋଚନା ହୋଇଥିଲା। ଏଥିସହ ପରିଚାଳନା ପାଇଁ ୧୫ଜଣିଆ ନୂତନ କମିଟି ଗଠନ କରାଯାଇଛି। ଏଥିରେ ସଭାପତି ଭାବେ କୁମୁଦ ଚନ୍ଦ୍ର ପୂଝାରୀ, ସମ୍ପାଦକ ନକୁଳ ବାଣୁଆ, ଉପସଭାପତି ତିଲୋତ୍ତମା ନାଏକ, ସହସମ୍ପାଦକ ସନ୍ତୋଷ ମାଝି ଓ କୋଷାଧ୍ୟକ୍ଷ ଭାବେ ଯୀତେନ୍ଦ୍ର ପଣ୍ଡା, ସଭ୍ୟ ମନୋରଞ୍ଜନ ବାଣୁଆ, ନିତ୍ୟା ମାଝି, ଟିକିଚନ୍ଦ୍ର ଧଙ୍ଗଡାମାଝି, କେଶବ ବେଣୁପାଣି, ଭାସ୍କର ରାଓ, ମହେଶ୍ୱର ପୂଝାରୀ, ତ୍ରିନାଥ ପ୍ରସନ୍ନ ରାୟ, ବିଘ୍ନେଶ୍ୱର ନାଏକ, ଫକିର ମାଝି, ଦୟାନିଧି ନାଏକ ପ୍ରମୁଖ ମନୋନୀତ ହୋଇଛନ୍ତି।

# ପିତାମାତା ଚରଣ ବନ୍ଦନା କାର୍ଯ୍ୟକ୍ରମ



ସଭାରେ ଉପସ୍ଥିତ ସମାଜର ବୟୋଜ୍ୟେଷ୍ଠ ବ୍ୟକ୍ତି ବିଶେଷ।

ଲୋଇସିଂହା,୧୯।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦଶପୁର ନିକଟ ବେହେରାପାଲି ଗ୍ରାମରେ ଜିଲା ଷାଠିଏ ଘର ଡୁମାଲ ସମାଜ ପକ୍ଷରୁ ଯୋଗାଯୋଗ ଓ ପିତାମାତା ଚରଣ ବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇନ୍ଦୁଭୂଷଣ ଡାଙ୍ଗଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ନାରାୟଣ କର୍ମୀ ଅଧ୍ୟକ୍ଷତା କରିଥିଲେ । ପୂଜ୍ୟପୂଜା ପରମ୍ପରା ଅବକ୍ଷୟ ହେବାକୁ ଯାଉଛି । ସେହି ପରମ୍ପରାକୁ ଉଜ୍ଜିବିତ ରଖିବା ପାଇଁ ଗୁରୁ ପୂଜନ, ମାତୃପିତୃ ପୂଜନ ଭଳି କାର୍ଯ୍ୟକ୍ରମ ଜିଲା ଷାଠିଏ ଘର ଡୁମାଳ ସମାଜ ଯେପରି ଚଳାଇଛି ତାହା ଯୁବପିଢିଙ୍କୁ ପ୍ରେରଣା ଯୋଗାଇବ ବୋଲି ବକ୍ତାମାନେ କହିଥିଲେ। ସଭାରେ ଶମ୍ଭୁ ପଧାନ, ପ୍ରକାଶ ମେର୍ଲ୍ଲି, ଜଗନ୍ନାଥ କରଣ, ଈଶ୍ୱର କରଣ, ବରୁଣ ବଘାର, ଗୁପ୍ତେଶ୍ୱର ବଘାର ଓ ବଜରଙ୍ଗି ଅମାତ ଉପସ୍ଥିତ ଥିଲେ । ସଭାପୂର୍ବରୁ ଉପସ୍ଥିତ ବୟୋଜ୍ୟେଷ୍ଠମାନଙ୍କ ପଦଧୌତ କରି ସମ୍ବର୍ଦ୍ଧନା ଦିଆଯାଇଥିଲା ।

## ଚମ୍ପାଦେଇପୁର ପଞ୍ଚାୟତରେ ଅଭିଯୋଗ, ସମାଧାନ ଶିବିର

ଲାଞ୍ଜିଗଡ଼,୧୯।୯(ଡି.ଏନ.ଏ.)

କଳାହାଣ୍ଡିଜିଲା ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତରେ ଲାଞ୍ଜିଗଡ଼ ବ୍ଲକ ପଞ୍ଚାୟତ ସମିତି ପକ୍ଷରୁ ସାପ୍ତାହିକ ସର୍ବସାଧାରଣ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ତହସିଲଦାର ମୁନିନ୍ଦ୍ର ହୋନ୍ନାଙ୍ଗା, ଏପିଓ ସଞ୍ଜୀବ କୁମାର ପରିଡା, ଜଳଯୋଗାଣ ଯନ୍ତ୍ରୀ ଦଶମନ୍ତ ମାଝି, ବ୍ଲକ ଯୋଗାଣ ଅଧିକାରୀ ହରିହର ସାହୁ, ଏବିଇଓ ପଦ୍ମଲୋଚନ ସୁନା, ବିଡିଓ ରଞ୍ଜିତ କୁମାର ସାହୁ, ନଙ୍ଗଲବେଡା ରାଜସ୍ୱ ନିରୀକ୍ଷକ ସରୋଜ କୁମାର ସାହୁ, ଡାକ୍ତର ନରେନ୍ଦ୍ର ଦାସ, ଚମ୍ପାଦେଇପୁର ନାଏବ ସରପଞ୍ଚ ଭାନୁମତି ଘଡେଇଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗ ଅଧିକାରୀମାନେ ଉପସ୍ଥିତଥିଲେ। ଅଧିକାରୀମାନେ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ବନବିଭାଗ, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଆବାସ ଯୋଜନା ବିଭିନ୍ନ ସମସ୍ୟା ସମ୍ପର୍କରେ ଲୋକେ ଦୃଷ୍ଟି ଆକର୍ଷଣ କରିଥିଲେ। ଶିବିରରେ ୨୦୪ଜଣ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରିଥିଲେ। ସରପଞ୍ଚ ନରେନ୍ଦ୍ର ମାଝିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପଞ୍ଚାୟତ ଅଞ୍ଚଳର ୧୫ଟି ଗ୍ରାମର ଜନସାଧାରଣ ଅଭିଯୋଗ କରିଥିଲେ। ଏହି ଅବସରରେ ଡା. ଦାସ ଓ ସ୍ୱାସ୍ଥ୍ୟ କମୀ ଅଞ୍ଜଳି ସାହୁ ୬୫୭ଜଣଙ୍କୁ କୋଭିଡ୍ ବୋଷ୍ଟରଡୋଜ ଟିକା ଦେଇଥିବା ବେଳେ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ୮୦ଟି ଗୃହ ପାଳିତ ପ୍ରାଣୀଙ୍କୁ ଭ୍ୟାକ୍ସିନ ଦିଆଯାଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ପଞ୍ଚାୟତ ଯୋଗାଣ ସହାୟକ ଗୁପ୍ତେଶର ପ୍ରଧାନ, ଡିଏଫଟି କନ୍ହେଇ କଟା ପ୍ରମୁଖ ସହଯୋଗ କରିଥିଲେ।

# ପଞ୍ଚାୟତସ୍ତରୀୟ ଲୋକ ସେବା ଶିବିର

ଲାଠୋର, ୧୯।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବେନ୍ଦେର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଞ୍ଚାୟତସ୍ତରୀୟ ଲୋକ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ନୀତିନ କଶଲକର, ଟିଟିଲାଗଡ଼ ଉପଜିଲାପାଳ ମନୋଜ ମହାଜନ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ପ୍ରଥମେ ଅତିଥିମାନେ ମିଶନ ଶକ୍ତି ଦ୍ୱାରା ଖୋଲା ଯାଇଥିବା ଷ୍ଟଲମାନ ବୁଲି ଦେଖିଲା ପରେ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସରପଞ୍ଚ ସସ୍ମିତା ମାଝି ଏକ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ବେନ୍ଦେର ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଗୃହ ସମ୍ପୂର୍ଣ୍ଣ କରିବା ସହ ଶିକ୍ଷକ ନିଯୁକ୍ତି ଏବଂ ଶୌଚାଳୟ ଓ ରୋଷେଇ ଗୃହ ନିର୍ମାଣ, ପଞ୍ଚାୟତରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ଏବଂ ପ୍ରାଣୀ ଚିକିତ୍ସକ ନିଯୁକ୍ତ, ବେନ୍ଦେର-ଫୁଲକିମୁଣ୍ଡା ରାସ୍ତା ନିର୍ମାଣ ସହ ଲାଠୋରକୁ ସଂଯୋଗ କରୁଥିବା ରାସ୍ତାରେ ଦୁଇଟି ବ୍ରିଜ ନିର୍ମାଣ କରାଯାଉ। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ମାଲପଡ଼ା ପର୍ଯ୍ୟନ୍ତ ସଡ଼କ ନିର୍ମାଣ, ଭାଲୁଟୁଆଁଠାରୁ ବେଲପଡ଼ା ବ୍ଲକର ପଣ୍ଡକିମାଲ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଆଦି ଦାବି ରହିଥିଲା। ବିଶେଷ କରି ବୃଦ୍ଧାବୃଦ୍ଧ ଦୀର୍ଘ ୬ ମାସ ହେବ ଭତ୍ତା ପାଇ ନାହାନ୍ତି। ବ୍ୟାଙ୍କ କର୍ମଚାରୀ ଗାଁକୁ ଆସି କେମିତି ଭତ୍ତାପ୍ରଦାନ କରିବେ ସେ ଦିଗରେ ପଦକ୍ଷେପ ନେବାକୁ ଜିଲାପାଳ ରାଣା ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅଞ୍ଚଳରେ ଦୁଗ୍ଧଚାଷୀଙ୍କ ସୁବିଧା ପାଇଁ ଦୁଗ୍ଧ ବିକ୍ରୟ କେନ୍ଦ୍ର ଖୋଲାଯିବ ଦିଗରେ ସିଡ଼ିଭିଓ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। ଏହି ଅବସରରେ ବିଡ଼ିଓ ରଶ୍ମିରଞ୍ଜନ ରାଉତ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଉପସ୍ଥିତ ରହି ଲୋକଙ୍କଠାରୁ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ତହସିଲଦାର ଶିବିରରେ କେତେକ ଛାତ୍ରୀଛାତ୍ରଙ୍କୁ ଜାତିଗତ ପ୍ରମାଣ ପତ୍ର ପ୍ରଦାନ କରିଥିଲେ।



ଲୋକସେବା ଶିବିରରେ ଉପସ୍ଥିତ ଅଧିକାରୀମାନେ।

## ଓପେପା କର୍ମଚାରୀ ସେବା ସଂଘ ନୂତନ କର୍ମକର୍ତ୍ତା

ବଲାଙ୍ଗୀର ଅଫିସ,୧୯।୯

ବଲାଙ୍ଗୀର ଜିଲା ଓପେପା କର୍ମଚାରୀ ସେବା ସଂଘ ସଭ୍ୟଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ସଭ୍ୟମାନଙ୍କ ଦ୍ୱାରା ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ନୂତନ ସଭାପତି ଭାବେ ସନ୍ତୋଷ କୁମାର ମହାରଣା, ଉପସଭାପତି ସୁରେନ୍ଦ୍ର ବାଗ, ସମ୍ପାଦକ ରାଜେଶ ବିଶ୍ୱାଳ, ଯୁଗ୍ମ ସମ୍ପାଦକ ଆନିନ୍ଦ୍ୟ ମହାପାତ୍ର ଓ କୋଷାଧ୍ୟକ୍ଷ ଭାବେ ଭୋଳାନାଥ ବେହେରା ଚୟନ ହୋଇଥିଲେ । ଉପଦେଷ୍ଟା କମିଟି ସଦସ୍ୟ ଭାବେ ଭୁବନାନନ୍ଦ ହୋତା, ଗୋପାଳ ଚନ୍ଦ୍ର ମିଶ୍ର, ଶମ୍ଭୁ ପ୍ରସାଦ ନାଏକ ମନୋନୀତ ହୋଇଛନ୍ତି । ସମସ୍ତ ପଦାଧିକାରୀଙ୍କୁ ସଂଘ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ସରପଞ୍ଚଙ୍କ ସମେତ ୮ କୋର୍ଟ ଚାଲାଣ

## ପୋଲିସ ଉପରକୁ ଟେକାମାଡ଼ ଘଟଣା

ନୂଆପଡ଼ା ଅଫିସ,୧୯।୯

ନୂଆପଡା ଜିଲା ସିନାପାଲି ଥାନା ପୋଲିସ ଉପରକୁ ଟେକାପଥର ମାଡ ଓ ମହିଳା ପୋଲିସ କର୍ମଚାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଘଣ୍ଟିଗୁଡା ସରପଞ୍ଚଙ୍କ ସମେତ ୮ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ୧୬ ତାରିଖରେ ଦଳିତ ଅଧିକାର ମଞ୍ଚ ଡାକରାରେ ଶହଶହ ଲୋକ ସିନାପାଲି ଘଣ୍ଟିଗୁଡା ଗାଁରେ ଏକତ୍ରିତ ହୋଇଥିଲେ। ପରେ ଦଳିତ ଅଧିକାର ମଞ୍ଚ କର୍ମକର୍ତ୍ତାମାନେ କାପସି ଗାଁ ଲୋକଙ୍କ ସହ ଘଣ୍ଟିଗୁଡାରୁ ସିନାପାଲି ଯାଏ ପଦଯାତ୍ରା କରିଥିଲେ। ସିନାପାଲି ଥାନାକୁ ପଦଯାତ୍ରା ପହଞ୍ଚିବା ପରେ ଆନ୍ଦୋଳନକାରୀମାନେ କାପସି ଗାଁର ତୁଳାରାମ ତାଣ୍ଡିଙ୍କ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଦାବି କରିଥିଲେ। ଆନ୍ଦୋଳନକାରୀମାନେ ପୋଲିସ ବିରୋଧରେ ନାରା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ସମୟରେ ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରରେ ଧସ୍ତାଧସ୍ତି ହୋଇଥିଲା। ଆନ୍ଦୋଳନକାରୀଙ୍କ ରାଲିକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଖଡିଆଳ, ବୋଡେନ ଓ ସିନାପାଲି ଆଇଆଇସିଙ୍କ ସମେତ ଖଡିଆଳ ଏସ୍‌ଡିପିଓ ସନ୍ତକ ଜେନା ମଧ୍ୟ ଉପସ୍ଥିତ ଥିଲେ। କେତେଜଣ ଆନ୍ଦୋଳନକାରୀଙ୍କୁ ପୋଲିସ ବଳପୂର୍ବକ ଟାଣି ନେଇ ଥାନା ଭିତରେ ପୁରେଇ ଦେଇଥିଲେ। ଏହି ସମୟରେ ପୋଲିସ ଓ ଆନ୍ଦୋଳନକାରୀ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିଲା। ଏଥିରେ ପୋଲିସ ଓ ଆନ୍ଦୋଳନକାରୀ ଆହତ ମଧ୍ୟ ହୋଇଥିଲେ। ଏହି ସମୟରେ ପୋଲିସ ଉପରକୁ ଟେକାପଥର ଫିଙ୍ଗିବା ଏବଂ ମହିଳା ପୋଲିସକୁ ଦୁର୍ବ୍ୟବହାର କରିଥିବା ଖଡିଆଳ ଏସ୍‌ଡିପିଓ ଜେନା ପ୍ରକାଶ କରିଛନ୍ତି। ଆନ୍ଦୋଳନରେ ଘଣ୍ଟିଗୁଡା ସରପଞ୍ଚ ଖୁଟୁରାମ ସୁନାନୀ ମଧ୍ୟ ଦୁର୍ବ୍ୟବହାର କରିଛନ୍ତି ଅଭିଯୋଗ ହୋଇଛି। ଏ ନେଇ ସିନାପାଲି ଥାନାରେ ଏକ ମାମଲା (ନଂ.୨୪୮/୨୨) ରୁଜୁ କରି ଘଣ୍ଟିଗୁଡା ସରପଞ୍ଚ ସୁନାନୀଙ୍କ ସମେତ ୮ଜଣ ପଦ୍ମନାଭ ଜଗତ, ହେମନ୍ତ ତାଣ୍ଡି, ଲିଙ୍ଗରାଜ ଜଗତ, ଶ୍ରବଣ ଜଗତ, ଅଜୟ ବାଗ, ଦିଲୀପ ଦୀପ, ଅନ୍ତରାମ ସୁନାନୀ, ଲମ୍ୱୋଦର ତାଣ୍ଡିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରାପ୍ତ ସୂଚନାନୁସାରେ ଗତ ୨ ତାରିଖ ନୂଆଁଖାଇବାସୀ ଦିନରେ କାପସି ଗାଁର ତୁଳାରାମ ତାଣ୍ଡି ନାମକ ଯୁବକ ଅପହରଣ ହୋଇଥିଲେ। ତାର ଅନ୍ୟ ଦିନେ ସିନାପାଲି ଥାନା ସରଧାପୁର ଗାଁ ପାଖରେ ଯାଇଥିବା ଫୋରଲାଇନ ରାସ୍ତା ଉପରେ ମୃତଦେହ ପଡିଥିଲା। ତୁଳାରାମଙ୍କୁ ହତ୍ୟା କରିଥିବା ମୃତକ ପରିବାରବର୍ଗ ଅଭିଯୋଗ କରିଛନ୍ତି।

# ଏସ୍‌ସି, ଏସ୍‌ଟି ଛାତ୍ରୀଙ୍କ ପାଇଁ ବୃହତ୍ ନିଯୁକ୍ତି ମେଳା

- ଜିଲା ପ୍ରଶାସନ ପ୍ରସ୍ତୁତି ବୈଠକ
- ଟାଟା ଇଲେକ୍ଟ୍ରୋନିକ୍ସ ପ୍ରାଇଭେଟ କମ୍ପାନୀ ପକ୍ଷରୁ ନିଯୁକ୍ତି

ଭବାନୀପାଟଣା,୧୯।୯(ସ୍ୱ.ପ୍ର.)

ଭବାନୀପାଟଣାସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ଟାଟା ଇଲେକ୍ଟ୍ରୋନିକ୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ତାମିଲନାଡୁର ହୋସୁରଠାରେ ଥିବା ପ୍ଲାଣ୍ଟ ପାଇଁ ଏକ ବୃହତ ନିଯୁକ୍ତି ମେଳା ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଓସୱାନ କେନ୍ଦ୍ରରେ ଭର୍ଚୁଆଲ ମାଧ୍ୟମରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାସ୍ତରୀୟ ଅଧିକାରଙ୍କ ସମେତ ଜିଲାର ସମସ୍ତ ବିଡିଓମାନେ ସାମିଲ ହୋଇଥିଲେ। ଏଥିରେ ୩୦।୯।୨୦୨୨ ସୁଦ୍ଧା ୧୮ରୁ ୨୦ ବର୍ଷ ବୟସ ପ୍ରାପ୍ତ ହୋଇଥିବା ଅନୁସୂଚିତଜାତି ଓ ଜନଜାତି ବର୍ଗର କେବଳ ଛାତ୍ରୀମାନେ ଯେଉଁମାନେ କି ୨୦୨୧ କିମ୍ୱା ୨୦୨୨ରେ ଯୁକ୍ତ ୨ (କଳା, ବାଣିଜ୍ୟ, ବିଜ୍ଞାନ ବିଭାଗ) ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ ହୋଇଥିବେ, ସେମାନେ କମ୍ପାନୀ ପକ୍ଷରୁ ଆୟୋଜିତ ଏହି ପରୀକ୍ଷାରେ ଭାଗ ନେଇପାରିବେ। ପ୍ରାର୍ଥିନୀଙ୍କ ଓଜନ ୪୩ରୁ ୬୫ କେଜି ଏବଂ ଉଚ୍ଚତା ୧୫୦ ସିଏମ ହୋଇଥିବେ। ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ହୋସୁର୍‌ଠାରେ ୧୨ ଦିନିଆ ତାଲିମ ନେଇ ଡାଟା ଏଣ୍ଟ୍ରି ଅପରେଟର ରୂପେ ମାସିକ ୧୫୦୦୦ ଟଙ୍କା ଦରମାରେ ନିଯୁକ୍ତି ପାଇବେ। ସେମାନଙ୍କ ଖାଇବା, ରହିବା ଓ ସମସ୍ତ ସୁବିଧା କମ୍ପାନୀ ପକ୍ଷରୁ କରାଯାଉଛି। ବିଡିଓମାନଙ୍କୁ ନିଜ ବ୍ଲକରେ ପଢୁଥିବା ଇଚ୍ଛୁକ ଛାତ୍ରୀମାନଙ୍କୁ ବସରେ ଆଣି ୨୪।୯।୨୦୨୨ ତାରିଖ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଭବାନୀପାଟଣା ଆଇଟିଆଇଠାରେ ଏଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି। ପ୍ରକାଶ ଥାଉକି, ରାଜ୍ୟର ୪ଟି ଜିଲା ସୁନ୍ଦରଗଡ଼, କୋରାପୁଟ, ମୟୂରଭଞ୍ଜ ଓ କଳାହାଣ୍ଡିରେ ଟାଟା ଇଲେକ୍ଟ୍ରୋନିକ୍ସ ପାର୍ଥି ଚୟନ କରିବ। ଏଥିରୁ କଳାହାଣ୍ଡି ଜିଲାରୁ ୨୦୦ଜଣ ପ୍ରାର୍ଥିନୀଙ୍କୁ ଚୟନ କରିବ। ପ୍ରସ୍ତୁତି ବୈଠକରେ ଜିଲା ଉନ୍ନୟନ ଅଧିକାରୀ ଜିଲା ପରିଷଦ ସୁଶାନ୍ତ କୁମାର ପଟେଲ, ଧର୍ମଗଡ଼ ଉପଜିଲାପାଳ ସଚିନ ପାୱାର, ଡିଏସଡବ୍ଲୁଓ ଜ୍ୟୋସ୍ନାରାଣୀ ପାତ୍ର, ପିଏଆଇଟିଡିଏ ବିରଞ୍ଚିନାରାୟଣ ଦରୱାନ, ଡିଡବ୍ଲୁଓ ଅରବିନ୍ଦ ରାୟ, ଡିଆଇପିଆରଓ ମନୋଜ କୁମାର ବେହେରା, ଆରଟିଓ ଶ୍ରୀନିବାସ ସିଂକା, ମ୍ୟୁନିସିପାଲଟି ଇଓ ବଳୟ ଦେହୁରୀ, ଏପିଡି ବିମ୍ବାଧର ସାହୁ, ଜିଲା କର୍ମ ନିୟୋଜନ ଅଧିକାରୀ ଅଜିତ କୁମାର ଉତ୍ତରାୟ ଉପସ୍ଥିତ ଥିଲେ।




କଳାହାଣ୍ଡି ଜିଲା ପ୍ରଶାସନର ବୈଠକ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା: ଜଣେ ମୃତ, ୧ ଗୁରୁତର

**ମନମୁଣ୍ଡା,୧୯।୯(ଡି.ଏନ.ଏ.):** ବୌଦ୍ଧ ଜିଲା ମନମୁଣ୍ଡା ଥାନା ଶଗଡା ରାସ୍ତାରେ ବାଇକ୍ ଦୁର୍ଘଟଣା ଘଟିଛି। ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସୋମବାର ଅପରାହ୍ନରେ ଶଗଡା ପଞ୍ଚାୟତର ସିଗାଡି ଗ୍ରାମର ଗୋବର୍ଦ୍ଧନ ମଲିକ (୪୦) ଓ ଚୁହୁରାକନ ଗ୍ରାମର ପ୍ରମୋଦ କହଁର ଏକ ମୋଟର ସାଇକେଲ ଓଡି-୩୧-୯୭୫୨ ଯୋଗେ ଶଗଡାରୁ ନିଜ ଗ୍ରାମକୁ ଆସୁଥିଲେ। ଭାଲିଆପଦର ମେଟାକାନି ନିକଟରେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ଯୋଗୁ ଉଭୟେ ଗୁରୁତର ଆହତ ହୋଇପଡିଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ମନମୁଣ୍ଡା ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। କିନ୍ତୁ ମେଡିକାଲରେ ଡାକ୍ତର ଗୋବର୍ଦ୍ଧନ ମଲିକଙ୍କୁ ମୃତ ଘୋଷଣା କରିଥିଲେ। ପ୍ରମୋଦ ଗୁରୁତର ହେବାରୁ ତାଙ୍କୁ ସୋନପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମନମୁଣ୍ଡା ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

**ପଦ୍ମପୁର, ୧୯।୯(ଡି.ଏନ.ଏ.):** ବରଗଡ଼ ଜିଲା ରାଜବୋଡାସମ୍ବର ବ୍ଲକ ବାନ୍ଧୁପାଲିଠାରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଛି। ଛାତ୍ରୀ ଚୁଲବୁଲି ସାହୁ ସଭା ପରିଚାଳନା କରିଥିବା ବେଳେ ଇଂରାଜୀ ଶିକ୍ଷକ ସୁଶାନ୍ତ ବଢେଇ ସ୍ୱାଗତ ଭାଷଣ ଦେଇଥିଲେ। ଅଧକ୍ଷ ରୁଦ୍ରନାରାୟଣ ଭୋଇ ପ୍ରତିଷ୍ଠା ଦିବସର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ କାଳୀପ୍ରସାଦ ଦୁବେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ନୈତିକ ଶିକ୍ଷା ପ୍ରତି ଗୁରୁତ୍ୱାରୋପ କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ଡମ୍ବରୁଧର ଗଡତିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ଗୋଁଣ୍ଡ ସମାଜର ନୂଆଁଖାଇ ଭେଟ୍‌ଘାଟ୍

**ଜାମଟିକ୍ରା, ୧୯।୯(ଡି.ଏନ.ଏ.):** ଅତାବିରା ଅଗ୍ରସେନ ଭବନରେ ବରଗଡ଼ ଜିଲା ଗୋଁଣ୍ଡ ସମାଜର ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା, ଜିଲା ଆୟୋଜନ ସମିତି ତରଫରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତାବିରା ସମ୍ବଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରି ଶତାଧିକ ମହିଳା ପୁରୁଷ ଅସ୍ତ୍ରଶସ୍ତ୍ର ଧରି ଏକ ବିରାଟ ଶୋଭାଯାତ୍ରାରେ ଅଗ୍ରସେନ ଭବନରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମିଳନ ସେଠ, ବ୍ଲକ ଅଧକ୍ଷା ଗୀତାଞ୍ଜଳି ନାଏକ, ଏନଏସି ଅଧକ୍ଷା ଦୀପାଞ୍ଜଳି ଭୋରାସାଗର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜର ଜିଲା ସଭାପତି ଭାଗିରଥି ସିଂ, ଉପସଭାପତି ଅହିଲିଆ ଭୋଇ, ଜିଲା ସଚିବ ଧନେଶ୍ୱର ସିଂହ, ବ୍ଲକ ସଭାପତି ରମାକାନ୍ତ ଭୁଏ, ବ୍ଲକ ସମ୍ପାଦକ ଗଜେନ୍ଦ୍ର ଭୋଇ, କନ୍ତଲ ସର୍କଲ ସଭାପତି ନରେଶ ଧରୁଆ, ସମ୍ପାଦକ ସନ୍ତୋଷ ଧରୁଆ, ବୁଗବୁଗା ଗୁଡି ସଭାପତି ଯାଦବ ଭୋଇ, ସମ୍ପାଦକ ରଞ୍ଜନ କୁମାର ମରପାଚି ପ୍ରମୁଖ ଉପସ୍ଥିତ ଥିଲେ।

### ଯୁବ ସ୍ୱେଚ୍ଛାସେବୀ ସଂଗ୍ରାମ ଭୋଇଙ୍କ ପରଲୋକ



**ଅମରପାଲି,୧୯।୯(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉଫୁଲା ରଣାପାଲି ଗ୍ରାମର ଯୁବ ସ୍ୱେଚ୍ଛାସେବୀ ସଂଗ୍ରାମ ଭୋଇ(୩୬)ଙ୍କ ହୃଦଘାତରେ ପରଲୋକ ଘଟିଛି । ସ୍ୱର୍ଗତ ଭୋଇଙ୍କ ପରିବାରରେ ତାଙ୍କ ପତ୍ନୀ ନଳିନୀ, ବାପା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନାରାୟଣ ଭୋଇ, ମା, ବଡ଼ଭାଇ ବୀରମହାରାଜପୁର ବ୍ଲକର ପୂର୍ବତନ ଅଧକ୍ଷ ସନ୍ତୋଷ କୁମାର ଭୋଇ, ବଡ଼ ଭାଉଜ ପୂର୍ବତନ ବ୍ଲକ ଉପାଧକ୍ଷ ସୁଷମା ଭୋଇ ଓ ପରିବାର ଲୋକଙ୍କୁ ଛାଡ଼ି ଯାଇଛନ୍ତି। ତାଙ୍କ ଅନ୍ତିମ ସଂସ୍କାର ପଣ୍ଡିଆପାଲି ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଥିଲା। ପୁତୁରା ଶୁଭମ ମୁଖାଗ୍ନି ଦେଇଥିଲେ।

# ଜିଲାପାଳଙ୍କ ଅଫିସ ଆଗରେ ଧାରଣା

**ବରଗଡ଼ ଅଫିସ,୧୯।୯**

ବରଗଡ଼ ସହର ସ୍ଥିତ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଥିବା ରକ୍ତ ପୃଥକୀକରଣ ୟୁନିଟ ଦୀର୍ଘ ୪ବର୍ଷ ହେଲା କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ସୋମବାର ସ୍ଥାନୀୟ ନିଷ୍ଠା ପରିବାର ପକ୍ଷରୁ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦିଆଯାଇଥିଲା। ରକ୍ତ ପୃଥକୀକରଣ ୟୁନିଟକୁ କାର୍ଯ୍ୟକ୍ଷମ ଦାବିରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନବୀନ କୁମାର ପଟେଲ ସ୍ମାରକପତ୍ର ଗ୍ରହଣ କରିଥିଲେ।

ପ୍ରକାଶ ଯେ, ୪ବର୍ଷ ତଳେ ବରଗଡ଼ ଜିଲାର ଏକମାତ୍ର ସରକାରୀ ରକ୍ତଭଣ୍ଡାରରେ ରକ୍ତ ପୃଥକୀକରଣ ୟୁନିଟ୍ ଉଦ୍‌ଘାଟିତ ହୋଇଥିଲା। କିନ୍ତୁ ବିଭିନ୍ନ ଆଳ ଦେଖାଇ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ। କୋଟି କୋଟି ଟଙ୍କା ବ୍ୟୟ କରି କୋଠା, ଯନ୍ତ୍ରପାତି ସବୁ ଲାଗିଛି। ଏହାସତ୍ତ୍ୱେ ଏହା କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଏଠାରେ ଏହି ରକ୍ତ ପୃଥକୀକରଣ ୟୁନିଟ ସ୍ଥାପନ ଲକ୍ଷ୍ୟଚ୍ୟୁତ ହୋଇପଡିଛି। ଅନ୍ୟପକ୍ଷରେ ରକ୍ତ ପୃଥକୀକରଣ ପାଇଁ ରୋଗୀମାନେ ଖର୍ଚ୍ଚାନ୍ତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ନିଷ୍ଠା ପରିବାର ଗତ ୨୦୨୧ ମାର୍ଚ୍ଚ ମାସରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲା। ଦୁଇମାସ ମଧ୍ୟରେ ଏହା ଚାଲୁ କରିବା ପାଇଁ ସେତେବେଳେ ବିଭାଗୀୟ ଅଧିକାରୀମାନେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା ପାଣିର ଗାର ପାଲଟିଛି। ଧାରଣାସ୍ଥଳକୁ ଅତିରିକ୍ତ ଜିଲାପାଳ ପଟେଲ ଆସି ସ୍ମାରକପତ୍ର ଗ୍ରହଣ କରିବା ସହିତ ରକ୍ତ ପୃଥକୀକରଣ ୟୁନିଟକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ଜିଲାପାଳଙ୍କ ସହିତ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଧାରଣାରେ ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ , ଉତ୍ତମ ଦାଶ , ସମ୍ପାଦକ ଲୋକନାଥ ସାହୁ, କୋଷାଧକ୍ଷ ଶ୍ୟାମ ସୁନ୍ଦର ସାହୁ, ଆଶିଷ କର, କ୍ଷୀରୋଦ ସାହୁ, ରୀନା ମହାରଣା, ଜୟନ୍ତ ପ୍ରଧାନଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ସାମିଲ ହୋଇଥିଲେ।



ରକ୍ତ ପୃଥକୀକରଣ ୟୁନିଟ୍ କାର୍ଯ୍ୟକ୍ଷମ ଦାବିରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଉଛି।

**ରକ୍ତ ପୃଥକୀକରଣ ୟୁନିଟ କାର୍ଯ୍ୟକ୍ଷମ ଦାବି**

# ପଦ୍ମପୁର ପରିବା ବଜାର କର୍ଦ୍ଦମାକ୍ତ



ପଦ୍ମପୁର ଦୈନିକ ବଜାର କର୍ଦ୍ଦମାକ୍ତ ହୋଇପଡିଛି।

**ପଦ୍ମପୁର,୧୯।୯(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ସହରର ମଧ୍ୟଭାଗରେ ଥିବା ଏକମାତ୍ର ପରିବା ବଜାର ବର୍ତ୍ତମାନ କର୍ଦ୍ଦମାକ୍ତ ହୋଇପଡିଛି। ଗତ କିଛି ମାସ ହେଲା ବଜାରର ଅବସ୍ଥା ଶୋଚନୀୟ ହୋଇପଡିଛି। ବଜାର ପରିସର ଖାଲଢିପ ହୋଇଥିବା ବେଳେ ବର୍ଷା ପାଣି ଜମି ନାହିଁ ନ ଥିବା ସମସ୍ୟା ସୃଷ୍ଟି କରୁଛି। ଏହି ବଜାର ଉପରେ ପ୍ରତିଦିନ ବହୁ ପରିବା ବିକାଳି ଓ ଖାଉଟି ନିର୍ଭର କରୁଛନ୍ତି। କାଦୁଅ ଯୋଗୁ ଗ୍ରାହକ ବଜାର ଭିତରକୁ ଯାଉ ନ ଥିବାରୁ ଅନେକ ବେପାରୀ ରାସ୍ତା କଡରେ ପରିବା ବିକ୍ରି କରୁଛନ୍ତି। ଜିଲା ପ୍ରଶାସନ ଏ ନେଇ ପଦକ୍ଷେପ ନେବାକୁ ଦାବି ହେଉଛି।

# କେଏମ୍‌ଏମ୍‌ର ସାଙ୍ଗଠନିକ ବୈଠକ

**ବରଗଡ଼ ଅଫିସ୍,୧୯।୯**

ବରଗଡ଼ ସ୍ଥିତ ମଙ୍ଗଳମ୍ ପ୍ୟାଲେସ୍‌ରେ ସୋମବାର କୋସଲ ରାଜ୍ୟ ମୁକ୍ତିମୋର୍ଚ୍ଚା (କେଏମ୍‌ଏମ୍)ର ପ୍ରଥମ ରାଜ୍ୟସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭକ୍ତ ପ୍ରସାଦ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବରଗଡ଼, ବଲାଙ୍ଗୀର, ସୋନପୁର, ନୂଆପଡ଼ା, କଳାହାଣ୍ଡି, ସମ୍ବଲପୁର, ଝାରସୁଗୁଡ଼ା ଜିଲାର କେଏମଏମ୍ ନୂତନ ଅଧିକାରୀମାନେ ଉପସ୍ଥିତ ଥିଲେ। ସଙ୍ଗଠନକୁ ମଜଭୁତ କରିବା ପାଇଁ ବୈଠକରେ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଆଗାମୀ ଦିନରେ ପଶ୍ଚିମ ଓଡ଼ିଶାର ଏମ୍‌ପିମାନଙ୍କୁ ଘେରିବା, ୨୮ତାରିଖରେ ଓକିଲ ସମୂହଙ୍କ ପ୍ରତିବାଦକୁ ସମର୍ଥନ, କୋସଲାଞ୍ଚଳକୁ ୪ଟି ଜୋନ୍ କରି ପଦଯାତ୍ରା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ କେଏମଏମ୍‌ର ସଭାପତି ସାଗର ଚରଣ ଦାଶ, କାର୍ଯ୍ୟକାରୀ ସଭାପତି ସୁବାଷ ନାୟକ, ସମ୍ପାଦକ ଜନାର୍ଦ୍ଦନ ସିଂ, ଉପସଭାପତି ଗଣେଶ ସାହୁ, ବିକାଶ ଅଗ୍ରୱାଲ, କେନ୍ଦ୍ରୀୟ କମିଟିର ସପନ ମିଶ୍ର, ଭକ୍ତ ନନ୍ଦ, ସଦାନନ୍ଦ ପଣ୍ଡା, କେଏମଏମ୍‌ର ବରଗଡ଼ ଜିଲା ସଭାପତି ଘନଶ୍ୟାମ ସାହୁ, ବଲାଙ୍ଗୀର ଜିଲା ସଭାପତି ବିକାଶ ସା, କେଏମ୍‌ଏମ୍ ଛାତ୍ର ମୋର୍ଚ୍ଚା ଆବାହକ ଆକାଶ ପଣ୍ଡା, ଯୁଗ୍ମ ସମ୍ପାଦକ ବନମାଳି ନାଏକ, ଚାଷୀନେତା ରମେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ମଞ୍ଚାସୀନ କେଏମ୍‌ଏମ୍‌ର ନେତୃବୃନ୍ଦ ।

# ଇମ୍ପେରିୟଲ କଲେଜରେ ନୂଆଁଖାଇ ଭେଟ୍

**ବରଗଡ଼ ଅଫିସ୍,୧୯।୯**

ବରଗଡ଼ ଇମ୍ପେରିୟଲ କଲେଜ ପରିସରରେ ନୂଆଖାଇ ଭେଟ୍ ଉତ୍ସବ ପାଳନ ସହିତ ୟଶ୍ ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କୋୟଲ ସାହୁ, ରାନୀ ନାୟକ, ତିରଜରାଜ ନାୟକ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ଅନୁଷ୍ଠାନର ଚେୟାରମ୍ୟାନ ଦୀପକ ଗୋୟଲ, ଅଧ୍ୟକ୍ଷ ଦୁର୍ଗେଶ ଶତପଥିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଦେବେନ୍ଦ୍ର ଯାଦବ, ଅରୁଣ ମହାନ୍ତି, ପଞ୍ଚାୟତ କଲେଜ ଅଧ୍ୟକ୍ଷ ପ୍ରଫେସର ପତିତପାବନ ସାହୁ, ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ପ୍ରଶିକ୍ଷକ ଜୟପ୍ରକାଶ ଶତପଥୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସେମିଷ୍ଟର, ବିଶ୍ୱବିଦ୍ୟାଳୟରେ ଟପ୍ପର ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଚଳିତବର୍ଷ ବିବିଏରେ ପ୍ରଥମ ସ୍ଥାନ ଅଧିକାର କରିଥିବା କାହ୍ନାଚରଣ ପଣ୍ଡାଙ୍କୁ ଡାଇରେକ୍ଟର ଗୋଲ୍ଡ ମେଡ଼ାଲ ଏବଂ ସେମିଷ୍ଟାର ଟପ୍ପର ହୋଇଥିବା ନୈନା ପ୍ରଧାନ, ଟିଟୁ କୁମାର ମୁନା, ଦିନେଶ ନାୟକ, ପ୍ରିୟାଂଶୁ ଭଗତଙ୍କୁ ପ୍ରିନ୍ସିପାଲ ଗୋଲ୍ଡ ମେଡ଼ାଲ ପ୍ରଦାନ କରାଯାଇଥିଲା। ଏହାଛଡ଼ା ୨୬ଜଣ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସେମିଷ୍ଟାରରେ ଟପ୍ପର ହୋଇଥିବାରୁ ନଗଦ ଅର୍ଥରାଶି ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କଲେଜର ଅତିଥି ଅଧ୍ୟାପକ ଏବଂ ନିୟମିତ ଅଧ୍ୟାପିକା, ଅଧ୍ୟାପକଙ୍କୁ ସମ୍ମାନଜନକ ସ୍ମୃତି ଚିହ୍ନ ପ୍ରଦାନ କରାଯାଇଥିଲା। କଲେଜ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



କାର୍ଯ୍ୟକ୍ରମରେ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ନିର୍ମାଣାଧୀନ ଦୋକାନ ଗୃହକୁ ନେଇ ଅସନ୍ତୋଷ

**ପାଇକମାଳ, ୧୯।୯(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ବ୍ଲକର ନୃସିଂହନାଥରେ ନିର୍ମାଣାଧୀନ ଦୋକାନ ଗୃହକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ପାଇକମାଳର ଖବରଦାତାମାନେ ବିଡିଓ ଉପାଞ୍ଜଳି ମାଝିଙ୍କ ଦୃଷ୍ଟି ଆର୍କଷଣ କରିଛନ୍ତି। ସୋମବାର ଅପରାହ୍ନରେ ଏବିଡିଓ ଦେବାଶିଷ ସିହ୍ନା, ବେଦବ୍ୟାସ ଦଇ, ନୃସିଂହନାଥ ମନ୍ଦିରର ସୁବୋଧ ପଣ୍ଡା, ଖବରଦାତା ବଡ ସତପଥୀ, ସୁରଥ ସାହୁ ପ୍ରମୁଖ ନୃସିଂହନାଥ ଯାଇ ଦୋକାନଗୃହ କାମର ସମୀକ୍ଷା କରିଥିଲେ। ଦୋକାନ ଗୃହଗୁଡିକ ଛୋଟ ହେଉଥିବାରୁ ଜନସାଧାରଣ ଆପତ୍ତି କରୁଛନ୍ତି। ଜେଇ ବିଶ୍ୱଜିତ ମହାରଣା କହିଥିଲେ, ଓଡିଶାର ସମସ୍ତ ତୀର୍ଥସ୍ଥଳୀମାନଙ୍କରେ ଏହି ସମାନ ସାଇଜ୍‌ର ଗୃହ ନିର୍ମାଣ କରାଯାଉଛି । ଏହାସହିତ ମନ୍ଦିର ଯିବା ପୂର୍ବରୁ ୬୦ ମିଟର ଲମ୍ବ ରାସ୍ତା ଓ ଉଭୟ ପାର୍ଶ୍ୱରେ ଦୋକାନ ଗୃହ କରାଯିବ ବୋଲି ସେ କହିଥିଲେ।

# କଣ୍ଟାମାଳରେ ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି

**ଅନୁପସ୍ଥିତ ଥିବା ବିଭାଗୀୟ ଅଧିକାରୀଙ୍କୁ କୈଫିୟତ ମାଗିବା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ**



ଶୁଣାଣିରେ ଯୋଗ ଦେଇଥିବା ଜିଲାସ୍ତରୀୟ ଅଧିକାରୀ।

**ବୌଦ୍ଧ,୧୯।୯(ସ୍ୱ.ପ୍ର)**

ବୌଦ୍ଧ ଜିଲା କଣ୍ଟାମାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସତ୍ୟରଞ୍ଜନ ସାହୁ ଓ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମିନାଙ୍କ ଉପସ୍ଥିତିରେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ସମୁଦାୟ ୭୪ ଗୋଟି ଆପତ୍ତି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୬୬ଗୋଟି ବ୍ୟକ୍ତିଗତ ମାମଲା ଓ ୮ଟି ବିଭିନ୍ନ ଗ୍ରାମର ସାମୂହିକ ମାମଲା ରହିଥିଲା। ଅଭିଯୋଗଗୁଡିକ ମଧ୍ୟରୁ ୪ଗୋଟି ଅଭିଯୋଗକୁ ତତ୍କାଳ ଫଇସଲା କରାଯାଇ ସେଥିମଧ୍ୟରୁ ୨ଟି ଅଭିଯୋଗ ସମ୍ପର୍କରେ ଅନୁଧାନ କରାଯାଇ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୭ ହଜାର ଟଙ୍କାର ସହାୟତା ଓ ଜିଲା ରେଡକ୍ରସ ପାଣ୍ଠିରୁ ୧ଜଣଙ୍କୁ ୮ ହଜାର ଟଙ୍କାର ସହାୟତା ଯୋଗାଇ ଦିଆଯାଇଥିଲା। ଏହି ଶିବିରରେ ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ସନତ କୁମାର ନାଏକ, ବିଡିଓ କଣ୍ଟାମାଳ କଳାକୃଷ୍ଣ ପ୍ରଧାନ, ତହସିଲଦାର ଧନଞ୍ଜୟ ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ କୁମାର ପ୍ରଧାନ, ଜିଲା ସମାଜ ମଙ୍ଗଳ ଅଧିକାରୀ ଏସ.କୁଜୁର, ସହକାରୀ କୃଷି ଅଧିକାରୀ ନିବେଦିତା ପ୍ରଧାନ, ଜଳଛାୟା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ୍ତ କୁମାର ମହାନ୍ତି, ଜିଲା ମତ୍ସ୍ୟ ଅଧିକାରୀ ଲିପସା ପଟ୍ଟନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପୂଝାହାରୀ, ସିଡିପିଓ ଜ୍ୟୋତ୍ସ୍ନାରାଣୀ ପାଢି, ଆଇଆଇସି କଣ୍ଟାମାଳ ନଳିନିକାନ୍ତ ଦାଶଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ଅଭିଯୋଗଗୁଡିକର ତୁରନ୍ତ ସମାଧାନ ନିର୍ଦ୍ଦେଶ ଦେବା ସହିତ ଯେଉଁ ବିଭାଗୀୟ ଅଧିକାରୀମାନେ ଅଭିଯୋଗ ଶୁଣାଣି ଶିବିରରେ ଅନୁପସ୍ଥିତ ଥିଲେ, ସେମାନଙ୍କୁ କୈଫିୟତ ମାଗିବା ପାଇଁ ଜିଲାପାଳ ସାହୁ ନିର୍ଦ୍ଦେଶ ଦେଇଥିଲେ।

# ପ୍ରବାସୀ ଓଡ଼ିଆ ପାଳିଲେ ନୂଆଁଖାଇ

**ବରଗଡ଼ ଅଫିସ୍,୧୯।୯**

ଗୁଜୁରାଟର ଭଦୋଦରା ସହରରେ ପ୍ରବାସୀ ଓଡିଆ ଜୁହାର ପରିବାର ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ସ୍ଥାନୀୟ ଓଏନ୍‌ଜିସି ଅଫିସର କ୍ଲବରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁରୀ ଲୋକନୃତ୍ୟ ବିଷାରଦ ତୁଳାରାମ କଲେତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ କଳାଜୀବୀ ସାଂସ୍କୃତିକ ଅନୁଷ୍ଠାନର ମୁଖ୍ୟ ଦିଲୀପ ସାହୁ ଏବଂ ତାଙ୍କ ଦଳ ସମ୍ବଲପୁରୀ ନୃତ୍ୟଗୀତ ପରିବେଷଣ କରିଥିଲେ। ଜୁହାର ପରିବାରର ସଭାପତି ମନୋଜ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଆଶିଷ ରଞ୍ଜନ ମିଶ୍ର, ଅନନ୍ତ ମିଶ୍ର, ଋତ୍ୱିକ ଷଡଙ୍ଗୀ, ବିଜୟ ବିଶି, ସୁଶାନ୍ତ ପାଢୀ, ବିବେକା ପାଢୀ, ଅମୀୟ ପୁଜାରୀ, ଦିଲୀପ ମହାପାତ୍ର, ଜଗନ୍ନାଥ ଦାଶ, ବିକାଶ ପାତ୍ର, ଭରତ ସାହୁ, ଶଚିନ ଶର୍ମା, ଅନନ୍ତ ମିଶ୍ର, ଅଭିନବ ଭୋଇ ପ୍ରମୁଖ କର୍ମକର୍ତ୍ତା ତଥା ଓଏନ୍‌ଜିସିର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ "ଆମର ମାଟି" ସ୍ମରଣିକାକୁ ଉନ୍ମୋଚିତ କରାଯାଇଥିଲା। ସମ୍ପାଦକ ସୁନିଲ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଶା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ପାଇକମାଳ,୧୯।୯(ଡି.ଏନ.ଏ.):** ବରଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ଏବଂ ଆଜକା ଅନୁଷ୍ଠାନ ସହଯୋଗରେ ଆଶାମାନଙ୍କ ମଡ୍ୟୁଲ ୬ ଓ ୭ (ପ୍ରଥମ ପର୍ଯ୍ୟାୟ) ତାଲିମ ଶିବିର ସୋମବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ବରଗଡ ଜିଲା ଅତାବିରା, ବରଗଡ଼, ସୋହେଲା, ପଦ୍ମପୁର, ଗାଇସିଲେଟ ଏବଂ ପାଇକମାଳ ବ୍ଲକର ମୋଟ ୨୭ ଜଣ ଆଶା ଯୋଗ ଦେଇ ତାଲିମ ଗ୍ରହଣ କରିଥିଲେ। ପ୍ରଶିକ୍ଷକ ଡା. ସୁଧୀର କୁମାର ପଣ୍ଡା ଓ ପ୍ରଶିକ୍ଷିକା ସନ୍ତୋଷିନୀ ମହାପାତ୍ର ତାଲିମ ପ୍ରଦାନ କରିଥିଲେ । ପ୍ରୋଗ୍ରାମ ମ୍ୟାନେଜର ନିତ୍ୟାନନ୍ଦ ଜେନା ତାଲିମ ପରିଚାଳନା କରିଥିଲେ।

# ସିଦ୍ଧାର୍ଥ କଲେଜରେ ଆଇନ ସଚେତନତା ଶିବିର

**ବିନିକା, ୧୯।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ କଲେଜରେ ତାଲୁକ ଆଇନ ସେବା କମିଟି ତରଫରୁ ଓକିଲ ସଂଘ ସଭାପତି ସୁଧାଂଶୁ ଶେଖର ଦାଶଙ୍କ ସଭାପତିତ୍ୱରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ବିନିକା ତାଲୁକ ଆଇନ ସେବା କମିଟି ଅଧକ୍ଷା ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରେଶମା ଧଲ ବିଶୋଇ ଯୋଗଦେଇ ଆଇନ ସେବାର ଉପକାରିତା ଉପରେ ବର୍ଣ୍ଣନା କରିଥିଲେ। ସତନ୍ତ୍ର ଅତିଥିଭାବେ ସିଦ୍ଧାର୍ଥ ଜୁନିଅର କଲେଜ ଅଧକ୍ଷା ରେଖା ପ୍ରଧାନ, ସମ୍ମାନିତ ଅତିଥି ସିଦ୍ଧାର୍ଥ ଡିଗ୍ରୀ କଲେଜ ଅଧକ୍ଷ ଧୀରେନ୍ଦ୍ର ନାୟକ ଯୋଗଦେଇଥିଲେ। ଶେଷରେ ଅଧାପକ ନିରଞ୍ଜନ ପାଣ୍ଡିଆ ଧନ୍ୟବାଦ ଦେଇଥିଲେ।



ଆଇନ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

# ଲୋକନୃତ୍ୟରେ ଝୁମିଲେ ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀ

**ସୋନପୁର,୧୯।୯(ନି. ପ୍ର.)**

ମଧ୍ୟପ୍ରଦେଶର ରାଜଧାନୀ ଭୋପାଳରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ଭୋପାଳରେ ରହୁଥିବା ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ପ୍ରବାସୀ ପଶ୍ଚିମ ଓଡିଶାବାସୀ ନୂଆଁଖାଇ ଭେଟ୍‌ଘାଟ ଆୟୋଜନ କରିଥିଲେ। ଏଥିରେ ପଶ୍ଚିମ ଓଡିଶାରୁ ପ୍ରାୟ ୫୦ ଜଣ କଳାକାର ଯୋଗଦେଇ ନିଜର କଳା ପ୍ରଦର୍ଶନ କରିଥିଲେ। ପ୍ରସିଦ୍ଧ କଣ୍ଠଶିଳ୍ପୀ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭ୍ୟ ଶାଶ୍ୱତ କୁମାର ତ୍ରିପାଠୀଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ସୁବର୍ଣ୍ଣପୁର ଜିଲା ବିନିକାର ରୁମକୁଝୁମାନା ସାଂସ୍କୃତିକ ଦଳର ଗୀତ ଓ ନୃତ୍ୟର ତାଳେ ତାଳେ ନାଚି ଉଠିଥିଲେ ପୁରା ପ୍ରବାସୀ ପଶ୍ଚିମ ଓଡିଶା ବାସୀ। ଏଥିସହିତ ପଶ୍ଚିମ ଓଡିଶାରୁ ଆସିଥିବା ବିଭିନ୍ନ ସାଂସ୍କୃତିକ ଦଳ ନିଜର ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ ଶାଶ୍ୱତ ତ୍ରିପାଠୀ, ଲିପସା ମହାରଣା ଓ ଉପେନ୍ଦ୍ର ସୁନାଙ୍କ ସହ ଭୋପାଳରେ ରହୁଥିବା କଣ୍ଠଶିଳ୍ପୀ ଡିଲେଶ୍ୱର ବିଶ୍ୱାଳ, ଟିହିଲୁ ବାଘ ସଙ୍ଗୀତ ପରିବେଷଣ କରିଥିଲେ। କୁନିକୁନି ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଅତିଥି ଡି.କେ.ଶତପଥୀ, ପି.କେ.ଦାସ, ଜି.ଏନ.ସାହୁ ଓ ଏ.ସି.ହୋତାଙ୍କ ଦ୍ୱାରା ବାର୍ଷିକ ସାଂସ୍କୃତିକ ପତ୍ରିକା 'କହଁର' ଉନ୍ମୋଚିତ ହୋଇଥିଲା। ବରଗଡର କିଶୋର ମିଶ୍ର ପାରମ୍ପରିକ ଖାଦ୍ୟ ପରିବେଷଣ କରିଥିଲେ। ଏଥିରେ ଲେଥା, କାକାରା ଓ କରଡିରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟର ସମସ୍ତେ ମଜା ନେଇଥିଲେ। ମାଁ ସମଲେଶରୀଙ୍କ ମୂର୍ତ୍ତି ସହିତ ଡାଲଖାଇ, ସରକେଲି, ମାଏଲା ଜଡ, ରଙ୍ଗବତୀ ଗୀତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। କାର୍ଯ୍ୟକ୍ରମକୁ ପ୍ରମୋଦ ମୋହର ପରିଚାଳନା କରିଥିବା ବେଳେ ସଭାପତି ଭାବଗ୍ରାହୀ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଦିଲିପ ମିଶ୍ର, କିଶୋର କେର୍କେଟା, ତ୍ରିଲୋଚନ ନାଏକ, ବିଶ୍ୱଜିତ ମାଝି, ଯୋଗେନ୍ଦ୍ର କିଶାନ, ଜିତେନ୍ଦ୍ର ତ୍ରିପାଠୀ, ରମେଶ ପ୍ରଧାନ, ରୀନା ମାଝୀ ଓ ଜୋତ୍ସ୍ନା ମୟୀ ଧରୁଆଙ୍କ ସମେତ ସମ୍ବଲପୁରୀ ପରିବାର କର୍ମକର୍ତ୍ତା ସହଯୋଗ କରିଥିଲେ।

**ଭୋପାଳରେ ନୂଆଁଖାଇ ଭେଟ୍‌ଘାଟ**



କଣ୍ଠଶିଳ୍ପୀ ଶାଶ୍ୱତ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ସଂକ୍ଷେପରେ

### ମହିଳା କଲେଜରେ ଅତିରିକ୍ତ ବ୍ୟାଖ୍ୟାନମାଳା ଉଦ୍‌ଘାଟିତ

**ସମ୍ବଲପୁର,୧୯।୯(ବ୍ୟୁରୋ):** ସମ୍ବଲପୁର ସରକାରୀ ମହିଳା କଲେଜ ସଭାକକ୍ଷଠାରେ ସୋମବାର ଅତିରିକ୍ତ ବ୍ୟାଖ୍ୟାନମାଳା ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷାବିତ୍ ପ୍ରଫେସର ଦିଲୀପ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଜିବନୀ ବିଷୟରେ ଆଲୋକପାତ କରିଥିଲେ। ପ୍ରଫେସର ଉମାଶଙ୍କର ଦାଶ ଅତିଥି ପରିଚୟ ପ୍ରଦାନ ଓ ପ୍ରଫେସର ମୋନାଶ୍ରୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତ ମାସ ୨୬ତାରିଖରେ ବ୍ୟାଖ୍ୟାନମାଳା ଉଦ୍‌ଯାପିତ ହେବ।

### ଶ୍ରୀଅରବିନ୍ଦ ସ୍କୁଲର ପ୍ରତିଷ୍ଠା ଦିବସ

**ସମ୍ବଲପୁର,୧୯।୯(ବ୍ୟୁରୋ):** ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ୪୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିସହ ସୁବର୍ଣ୍ଣ ଜୟନ୍ତୀ ସମାରୋହ ବର୍ଷ ଶୁଭାରମ୍ଭ କରାଯାଇଛି। ମାତୃନିବାସ ସମ୍ପାଦକ ଦାଶରଥି ସାହୁ ମାତୃ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ସ୍କୁଲ ଅଧକ୍ଷ ଅଜିତ କୁମାର ଦାଶଙ୍କ ଅଧକ୍ଷତାରେ ସଭା ହୋଇଥିଲା। ସ୍କୁଲ ପରିଚାଳନା କମିଟି ସମ୍ପାଦକ ମନୋରଞ୍ଜନ ପଟ୍ଟନାୟକ, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ଡ. ବିଷ୍ଣୁପ୍ରିୟ ହୋତା, ଡ. ବାବୁଲ ପଟ୍ଟନାୟକ ବକ୍ତାଭାବେ ଯୋଗଦେଇ ଶ୍ରୀଅରବିନ୍ଦଙ୍କ ଦର୍ଶନ ଉପରେ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ କମଳିନୀ ପଣ୍ଡା ସୂଚନା ପ୍ରଦାନ ଓ ସ୍କୁଲ ଉପାଧକ୍ଷ ବ୍ରଜକିଶୋର ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

### ଉତ୍ତମ ମଣିଷ ରାଷ୍ଟ୍ରର ପ୍ରକୃତ ସମ୍ପଦ

**ସୁନ୍ଦରଗଡ଼,୧୯।୯(ଡି.ଏନ୍.ଏ):** ସୁନ୍ଦରଗଡ଼ ସତ୍‌ସଙ୍ଗ ବିହାର ଆନୁକୂଲ୍ୟରେ ଯୁଗପୁରୁଷୋତ୍ତମ ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୫ତମ ଶୁଭଆବିର୍ଭାବ ଦିବସ ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସୁନ୍ଦରଗଡ଼ ସହର ସମେତ ଆଖପାଖ ଅଞ୍ଚଳରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ବ୍ରାହ୍ମ ମୂହୁର୍ତ୍ତରୁ ନଗର ପରିକ୍ରମା ସହ ବେଦମାଙ୍ଗଳିକ, ଉଷାକୀର୍ତ୍ତନ, ସମବେତ ପ୍ରାର୍ଥନା, ବାଣୀପାଠ, ସଙ୍ଗୀତାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୦ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ସମବେତ ବିନତି ପ୍ରାର୍ଥନା ସହ ସତସଙ୍ଗର ଆୟୋଜନ ହୋଇଥିଲା। ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ଏକ ମନୋଜ୍ଞ ସଙ୍ଗୀତାଞ୍ଜଳି ତଥା ଭଜନକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର କେୟାର ହସ୍ପିଟାଲରୁ ଆଗତ ନ୍ୟୁରୋସର୍ଜନ ଡା. ସୁଶାନ୍ତ ଦାଶ ସତସଙ୍ଗରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଠାକୁରଙ୍କ ଭାବାଦର୍ଶ ଉପରେ ଆଲୋଚନା କରିଥିଲେ। ଉତ୍ତମ ମଣିଷଟିଏ ସମାଜ ତଥା ରାଷ୍ଟ୍ରର ସମ୍ପଦ। ଏହାର ଅଭାବରେ ଦେଶରେ ନାନା ସମସ୍ୟା ଦେଖାଯାଇଥାଏ। ତେଣୁ ସୁସନ୍ତାନଟିଏ ରାଷ୍ଟ୍ର ପାଇଁ କିପରି ମଙ୍ଗଳକାରୀ ହୋଇଥାଏ ସେ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ର ଓ ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ ପୌର ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ ଯୋଗଦେଇଥିଲେ। ଅପରାହ୍ନରେ ମାତୃସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

# ତହସିଲ ପକ୍ଷରୁ କମ୍ପାନୀକୁ ନୋଟିସ୍

## ପତରାଜଙ୍ଗଲ ମାଡିବସିବା ଘଟଣା

**ସମ୍ବଲପୁର,୧୯।୯(ବ୍ୟୁରୋ)**

ସମ୍ବଲପୁର ଜିଲା ଝୁଝୁମୁରା ତହସିଲ ଆମଲିପାଏନ ମୌଜାରେ ୩ ଏକରରୁ ଉର୍ଦ୍ଧ୍ୱ ପତରାଜଙ୍ଗଲ ଜମିକୁ ଏକ କମ୍ପାନୀ ମାଡି ବସିଛି। ଏହାକୁ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ରାଜସ୍ୱ ବିଭାଗ ସର୍‌ଜମିନ ତଦନ୍ତ କରି ରିପୋର୍ଟ ସଂଗ୍ରହ କରିଥିଲା। ତଦନ୍ତ ପରେ ବାସ୍ତବରେ ଜମି ଜବରଦଖଲ କରିଥିବା ନେଇ ପ୍ରମାଣ ମିଳିଥିଲା। ଏହାକୁ ନେଇ ତହସିଲ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଉକ୍ତ ଠିକା କମ୍ପାନୀକୁ କାରଣ ଦର୍ଶାଅ ନୋଟିସ ଜାରି କରି ଶୀଘ୍ର ଜବାବ ରଖିବାକୁ କୁହାଯାଇଛି। ଅନ୍ୟପଟେ ବନ ବିଭାଗ ପକ୍ଷରୁ ମଧ ତଦନ୍ତ କରିବା ପାଇଁ ଡିଏଫ୍‌ଓ ସ୍ଥାନୀୟ ରେଞ୍ଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ଫରେଷ୍ଟର ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ହେଲେ ରେଞ୍ଜର ଅନୁପସ୍ଥିତ ଥିବାରୁ ରିପୋର୍ଟ ଦାଖଲ କରି ନ ଥିବା ଜଣାପଡିଛି। ଉଭୟ ବିଭାଗ ଘଟଣାକୁ ଗମ୍ଭୀରତା ସହିତ ନେଇଛନ୍ତି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନା କେବଳ ନୋଟିସ ଦେଇ ଚୁପ ବସିଯିବେ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରୀ ଆଇନ ଅନୁସାରେ ବେଆଇନ କାର୍ଯ୍ୟ କରିଥିବା ସମ୍ପୃକ୍ତ ସଂସ୍ଥା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସରକାରୀ ଓ ବିକାଶ କାମ ହେଲେ ମଧ ବେଆଇନ କାମକୁ ପ୍ରଶ୍ରୟ ଦିଆ ନ ଯାଉ ବୋଲି ସେମାନେ ମତ ଦେଇଛନ୍ତି।

ସୂଚନାଯୋଗ୍ୟ, ଝୁଝୁମୁରା ବ୍ଲକର ୭ ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ ପାଇଁ ପ୍ରକଳ୍ପ ମଞ୍ଜୁର ହୋଇଛି। ଏଥିରେ ନିୟୋଜିତ ଏକ ଘରୋଇ କମ୍ପାନୀ ଝୁଝୁମୁରା ତହସିଲ ଆମଲିପାଏନ ମୌଜାରେ ପତରାଜଙ୍ଗଲକୁ ମାଡିବସିଛି। ଉକ୍ତ ଜଙ୍ଗଲରେ ଥିବା ଗଛଗୁଡିକୁ ମଧ କାଟି ଦିଆଯାଇଛି। ଏହାକୁ ନେଇ ସ୍ଥାନୀୟ ଲୋକେ ତହସିଲଦାରଙ୍କ ପାଖରେ ଅଭିଯୋଗ କରିଥିଲେ। ଉକ୍ତ ଜମିରୁ କମ୍ପାନୀକୁ ଉଚ୍ଛେଦ କରା ନ ଗଲେ ଲୋକମାନେ ନିକଟରେ ଥିବା ସମସ୍ତ ଜଙ୍ଗଲ ଅଞ୍ଚଳକୁ ଦଖଲ କରିନେବେ ବୋଲି ଚେତାବନୀ ଦେଇଥିଲେ। ଗଛଗୁଡିକୁ କାଟି ମାଟିରେ ପୋତି ଦିଆଯାଇଥିବାରୁ ବନ ବିଭାଗ ମଧ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ଦାବି କରିଥିଲେ।

# ନାକଟିଦେଉଳରେ ଗଡ଼ିଲା କୃଷି ସଚେତନତା ରଥ


କୃଷି ରଥ ଶୁଭାରମ୍ଭ କରାଯାଉଛି।

**ନାକଟିଦେଉଳ,୧୯।୯(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକରେ ସୋମବାର କୃଷକଙ୍କୁ କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନମ୍ କରିବା ପାଇଁ ଏକ ସଚେତନତା ରଥ ଶୁଭାରମ୍ଭ କରାଯାଇଛି। ବାଟଗାଁ ପଞ୍ଚାୟତ କାର୍ଯ୍ୟାଳୟଠାରେ ରେଢାଖୋଲ ଉପଜିଲାପାଳ ପବିତ୍ର ବେହେରା ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ଏହି ରଥ ୭ଦିନ ଧରି ବ୍ଲକର ବିଭିନ୍ନ ପଞ୍ଚାୟତ ପରିକ୍ରମା କରିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ସ୍ୱରୁପାରାଣୀ ସାହୁ, ବିଡିଓ ବିବେକାନନ୍ଦ ସାହୁ, ତହସିଲଦାର ସୁକାନ୍ତ କୁମାର ନାଏକ, ବ୍ଲକ କୃଷି ଅଧିକାରୀ ପ୍ରହ୍ଲାଦ କୁମାର ସେନାପତି, ସହକାରୀ କୃଷି ଅଧିକାରୀ ମଧୁମିତା ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜମନକିରାରେ ଜନ ଅଭିଯୋଗ ଶୁଣାଣି


ଶିବିରରେ ଉପସ୍ଥିତ ଅଧିକାରୀ ଓ ଲୋକପ୍ରତିନିଧି।

**ଜମନକିରା,୧୯।୯(ଡି.ଏନ.ଏ.)**

ଜମନକିରା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ପ୍ରଶାସନ ପକ୍ଷରୁ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ଉପଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ମୋଟ ୩୨ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିରେ ୨୨ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ରହିଥିଲା। ତେବେ ଜିଲାପାଳ ଓ ଏସ୍‌ପି ଉପସ୍ଥିତ ନ ଥିବାରୁ କେତେଜଣ ଅଭିଯୋଗକାରୀ ନିରାଶ ହୋଇ ଫେରିଥିବା ଜଣାଯାଇଛି। ଶିବିରରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଦିଲୀପ ବଳ, କୁଚିଣ୍ଡା ଆଇଟିଡିଏ ପିଡି ସୁରେଶ ଚନ୍ଦ୍ର ପ୍ରଧାନ, ପଞ୍ଚାୟତ ସମିତି ଅଧକ୍ଷା ଅଶ୍ରିତା ଭୋଇ, ଜିଲା ପରିଷଦ ଜୋନ ୧ ସଭ୍ୟା ସୁଜାତା ଖୁଣ୍ଟିଆ, ଏସଡିପିଓ ରାଜ କିଶୋର ମିଶ୍ର, ବିଡ଼ିଓ ଟୁନୁ ମେହେରଙ୍କ ସମେତ ଜିଲା, ଉପଖଣ୍ଡ, ବ୍ଲକ ଓ ପଞ୍ଚାୟତସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ।

# ପଢ଼ାବାସୀଙ୍କ ସ୍କୁଲ ଛାତ ମରାମତି ଦାବି

**ସମ୍ବଲପୁର,୧୯।୯(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ପୁଟିବନ୍ଧସ୍ଥିତ ପିଲାକନ୍ଦେଇ ପଢ଼ା ସ୍କୁଲ ଛାତ ମରାମତି ଓ ନିକଟରେ ଥିବା ୧୧କେଭି ବିଦ୍ୟୁତ୍ ତାରକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି ହୋଇଛି। ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ସ୍କୁଲ ପରିଚାଳନା କମିଟି ଓ ପ୍ରଧାନ ଶିକ୍ଷକ ଲିଖିତ ଭାବେ ଏ ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ, ପ୍ରାଥମିକ ସ୍କୁଲରେ ୪୨ ଛାତ୍ରୀଛାତ୍ର ପାଠ ପଢୁଥିବାବେଳେ ମାତ୍ର ୨ଟି କୋଠରି ରହିଛି। ଛାତରୁ ପାଣି ଝରିବା ସହ ସିମେଣ୍ଟ ଅତଡ଼ା ପଡୁଛି। ଫଳରେ ମଧାହ୍ନ ଭୋଜନ ସାମଗ୍ରୀ ଓ ଅଫିସ କାଗଜପତ୍ର ରଖିବାରେ ସମସ୍ୟା ହେଉଛି। ପିଲାମାନଙ୍କୁ ଶିକ୍ଷାଦାନ ସମୟରେ ମଧ ଅସୁବିଧା ହେଉଛି। ଅନ୍ୟପଟେ ଛାତକୁ ଲାଗି ୧୧କେଭି ବିଦ୍ୟୁତ୍ ତାର ରହିଥିବାରୁ ପିଲାମାନଙ୍କ ଜୀବନ ପ୍ରତି ବିପଦ ରହିଛି। ଏ ନେଇ ପଦକ୍ଷେପ ଗ୍ରହଣ କରିବାକୁ ପଢ଼ାବାସୀ ଦାବି କରିଛନ୍ତି । ଅଜୟ ମୁଣ୍ଡା, ଅନୀତା ସିଂ, କମଲ କରାଲି, ରୀତା ପଟେଲ, ସିମ୍ରନ ସିଂ, ପୁତୁଲି ନାଗ, କିରନ ଲୁହା ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳଙ୍କ ଅଫିସ ସମ୍ମୁଖରେ ପଢ଼ାବାସୀ ।

# କୁଚିଣ୍ଡାରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି

**କୁଚିଣ୍ଡା,୧୯।୯(ଡି.ଏନ.ଏ.)**

କୁଚିଣ୍ଡା ପଞ୍ଚାୟତ ସମିତ ସଭାଗୃହରେ ସୋମବାର ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ନିରଞ୍ଜନ ସାଙ୍କ ଅନୁପସ୍ଥିତିରେ ଏବିଡିଓ ସହଦେବ ନନ୍ଦ ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ପୋଲିସ, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପାନୀୟ ଜଳ, କୃଷି ତଥା ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ସର୍ବମୋଟ ୧୬ଟି ଅଭିଯୋଗ ଆସିଥିଲା। ତନ୍ମଧ୍ୟରୁ ବ୍ୟକ୍ତିଗତ ୧୪ଟି ଓ ୨ ଗୋଟି ସାମୂହିକ ରହିଥିଲା। ଏଥିରୁ ୩ଟି ଅଭିଯୋଗର ସଙ୍ଗେ ସଙ୍ଗେ ସମାଧାନ କରାଯାଇଛି। ଏହି ଅବସରରେ ଜଣେ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି ବକ୍ସମା, ଚନ୍ଦନିମାଲ, କୁଟୁରାଚୂଆଁ, କୁଲେଇଗଡ଼, ହାଡ଼ିପାଲି, ଖଣ୍ଡୋକଟା ପ୍ରଭୃତି ୬ ଗ୍ରାମ ପଞ୍ଚାୟତର ବାସିନ୍ଦାମାନଙ୍କ ପାଇଁ ଉଦ୍ଦିଷ୍ଟ ରହିଥିଲା। ହେଲେ ଆଶାନୁରୂପ ଲୋକ ଏଥିରେ ଅଂଶ ଗ୍ରହଣ କରି ନ ଥିବା ଦେଖାଯାଇଥିଲା।

# ବିଦ୍ୟୁତ୍ ପାଇଁ ସଫଳ ହେଉନି ବିଜୁ କୃଷକ ଯୋଜନା

**ସମ୍ବଲପୁର,୧୯।୯(ବ୍ୟୁରୋ)**

କୃଷକ ଓ କୃଷି ବିକାଶ ପାଇଁ ଯୋଜନା କରଯାଉଛି। ହେଲେ ଅଧିକାରୀଙ୍କ ଅବହେଳା ଯୋଗୁ ଯାଜନାର ସୁଫଳ ମିଳୁନି। ସମ୍ବଲପୁର ଜିଲା ଟାମ୍ପରକେଲା ଅର୍ଏଁଲାମାଲ ଗ୍ରାମରେ ବିଜୁ କୃଷକ ଯୋଜନା ଦିଗହରା ହୋଇଛି। ଏହାକୁ ନେଇ ଚାଷୀମାନେ ଜିଲା ପ୍ରଶାସନ ପାଖରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ କ୍ରମେ ଅର୍ଏଁଲାମାଲ ଗଭୀରନଳକୂପ ସାହାଯ୍ୟରେ ପାଣି ଯୋଗାଇ ଦେବାକୁ ସରକାର ଯୋଜନା କରିଥିଲେ। ଚାଷୀମାନେ ଆବଶ୍ୟକ କାଗଜପତ୍ର ଉଠା ଜଳସେଚନ ଅଫିସରେ ଦାଖଲ କରିଥିଲେ। ପାଇପ ବିଛା ଓ ବିଦ୍ୟୁତ୍ ତାର ଟଣା କାମ କରାଯାଇଛି। ହେଲେ ବିଦ୍ୟୁତ୍ ବିଭାଗ ପକ୍ଷରୁ ସଂଯୋଗ ଦିଆଯାଉ ନାହିଁ। ଫଳରେ ଗଭୀର ନଳକୂପ କାମରେ ଆସି ପାରୁନାହିଁ। ଏବେ ଧାନଫସଲ ପାଇଁ ପାଣିର ନିହାତି ଆବଶ୍ୟକ ରହିଛି। ବିଦ୍ୟୁତ୍ ସଂଯୋଗ ଦିଆଗଲେ ପ୍ରାୟ ୧୬ ଚାଷୀଙ୍କ ୬୦ ଏକରରୁ ଅଧିକ ଫସଲ ପାଣି ଅଭାବରୁ ନଷ୍ଟ ହେବ ନାହିଁ। ଜିଲା ପ୍ରଶାସନ ଏ ନେଇ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଥିଲେ।

# ବିଜ୍ଞାନ ସେମିନାର

**ସମ୍ବଲପୁର,୧୯।୯(ବ୍ୟୁରୋ)**

ଝୁଝୁମୁରା ବ୍ଲକ କସ୍ତୁରବା ଗାନ୍ଧୀ ମାତୃନିକେତନ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଓ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ ଗିରିଧାରୀ ଡନସନାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଶାସନ ଯୁକ୍ତ ୨ କଲେଜ ଅଧାପକ ମନୋରଞ୍ଜନ ମିଶ୍ର ଯୋଗଦେଇଥିଲେ। ଶିକ୍ଷକ ଚିନ୍ତାମଣି ଭୋଇ ସଭା ପରିଚାଳନା କରିଥିବା ବେଳେ ବିରେନ୍ଦ୍ର କୁମାର ମେଣ୍ଡୁଲି ଧନ୍ୟବାଦ ଦେଇଥିଲେ। ଦୀପାଞ୍ଜଳି ଓରାମ, ବନିତା ପ୍ରଧାନ, ସସ୍ମିତା ପ୍ରିୟଦର୍ଶିନୀ, ପୁଷ୍ପା ପାତ୍ର, ସନ୍ତୋଷିନୀ ପଣ୍ଡା, ସଞ୍ଜୁକ୍ତା ବାରିକ ପ୍ରମୁଖ ସହଯୋଗ କରିଥିଲେ। ବିଚାରକ ଭାବେ ରାଜେଶ ପାଣିଗ୍ରାହୀ, କ୍ଷୀରୋଦ ଓଝା, ସୁବଳ ପ୍ରଧାନ, ପ୍ରଫୁଲ୍ଲ ପଣ୍ଡା ଯୋଗଦେଇଥିଲେ। ସେମିନାରରେ ଦିବ୍ୟଶଙ୍କର ସାହୁ ପ୍ରଥମ, ରୌପ୍ୟା ପାୟଲ ବିଶ୍ୱାଳ ଦ୍ୱିତୀୟ, ସମିକ୍ଷା ମିର୍ଦ୍ଧା ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ନାଟକରେ ଝୁଝୁମୁରା ହାଇସ୍କୁଲ ପ୍ରଥମ ସ୍ଥାନ ଅଧିକାର କରିଥିଲା ।

# ମେଘପାଲ ପଞ୍ଚାୟତରେ ଅଭିଯୋଗ ଶୁଣାଣି

**ସମ୍ବଲପୁର,୧୯।୯(ବ୍ୟୁରୋ)**

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ୍ ମେଘପାଲ ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡିଓ ନୀଳାମ୍ବର ମହାନନ୍ଦ ଓ ତହସିଲଦାର ଅଭିଷେକ ସାହୁ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ବ୍ୟକ୍ତିଗତ ୧୫ ଓ ଗୋଷ୍ଠୀଗତ ୧୦ ମୋଟ ୨୫ ଅଭିଯୋଗ ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟ ଜଳ ସମସ୍ୟା, ପିଡିଏସ୍ ସାମଗ୍ରୀ ନ ମିଳିବା, ରାସ୍ତା ନିର୍ମାଣ ଭଳି ସମସ୍ୟା ଉପରେ ଅଭିଯୋଗ ହୋଇଥିଲା। ଏଥିରେ ମେଘପାଲ ସହିତ ଛାମୁଣ୍ଡ, ଘେନୁପାଲି, ଟାମ୍ପରଗଡ, ଡଙ୍ଗରପଡା ପଞ୍ଚାୟତବାସୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ। ଅଭିଯୋଗର ସମାଧାନ ପାଇଁ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଜଣେ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ଦିଆଯାଇଥିଲା। ସେହିପରି ୬ଜଣଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ କରାଯାଇଥିଲା। ୫ ଗୋଟି ଏସ୍‌ଏଚ୍‌ଜିକୁ ୪ ଲକ୍ଷ ୫୦ ଟଙ୍କା ଲେଖାଏ ଋଣ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।


ମେଘପାଲ ଗ୍ରାମ ପଞ୍ଚାୟତରେ ଅଭିଯୋଗ ଶୁଣାଣି ।

# ଜବରଦଖଲରେ ଗୋଚର ଜମି


ଜିଲାପାଳଙ୍କ ଅଫିସ ସମ୍ମୁଖରେ କାଇଁଶିର ଗ୍ରାମବାସୀ।

**ସମ୍ବଲପୁର,୧୯।୯(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ କାଇଁଶିର ଗ୍ରାମବାସୀ ଗୋଚର ଜମି ଜବରଦଖଲ ହୋଇଥିବା ନେଇ ସୋମବାର ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ, କାଇଁଶିର ଗ୍ରାମ ନିକଟରେ ଥିବା ଗୋଚର ଜମିକୁ ସ୍ଥାନୀୟ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରିନେଇଛନ୍ତି। ହୀରାକୁଦ ବନ୍ଧ ନିର୍ମାଣ ସମୟରେ ବିସ୍ଥାପିତଙ୍କୁ ଜମି ଦିଆଯାଇଥିଲା। ସେ ସମୟରୁ ଲୋକମାନେ ନିଜ ପରିବାର ସହ ବସବାସ କରିଆସୁଛନ୍ତି। ଏବେ ପ୍ରଭାବଶାଳୀ ବ୍ୟକ୍ତି ଜଣକ ଜାଲିଆତି କରି ଜମି ଦଖଲ କରିବାକୁ ଯୋଜନା କରୁଛନ୍ତି। ଏପରି କି ପୋଲିସ ଲଗାଇ ଗିରଫ କରିବାକୁ ଧମକ ଦେଉଛନ୍ତି। ଉକ୍ତ ଜମିକୁ ବିକ୍ରି କରିବାକୁ ଯୋଜନା କରିଛନ୍ତି। ଏହି ଗୋଚର ଜମି ସହ ଗ୍ରାମର ସମସ୍ତ ସରକାରୀ ଜମି ସୁରକ୍ଷିତ ରଖିବା ପାଇଁ ଦାବି କରିଛନ୍ତି। ଲଳିତା ଭୁଏ, ସତ୍ୟବତି ବିଶ୍ୱାଳ, ସ୍ନେହଲତା ଭୋଇ, ତପସ୍ୱିନୀ ବଢ଼ାଇ, ବନିତା ପରେଖ, ପ୍ରଣତି ଛତ୍ରିଆ, ସୁକାନ୍ତି ଛତ୍ରିଆ, ସୁନିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷକଙ୍କ ସମସ୍ୟା ନେଇ ଜିଲାପାଳଙ୍କୁ ସ୍ମାରକପତ୍ର

**ସମ୍ବଲପୁର,୧୯।୯(ବ୍ୟୁରୋ)**

ସମ୍ବଲପୁର ଜିଲାରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ସମସ୍ୟା ଲାଗିରହିଛି। ଏହାର ସମାଧାନ ଦାବିରେ ସମ୍ବଲପୁର ଜିଲା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ୨୦୦୭ ଜୁନରୁ ୨୦୧୨ ଫେବୃୟାରୀ ପର୍ଯ୍ୟନ୍ତ ଶିକ୍ଷା ସହାୟକଙ୍କ ଦରମାରୁ ଇପିଏଫ୍ କଟାଯାଉଥିଲା। ହେଲେ ଏହାର ହିସାବ କାହାରି ପାଖରେ ନାହିଁ। ଜିଲାରେ ଶିକ୍ଷକମାନଙ୍କ ପଦବୀ ଖାଲିରହିଥିବାବେଳେ କେତେଜଣଙ୍କ ପଦୋନ୍ନତି କରାଯାଉନାହିଁ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଜିଲା ସଭାପତି ଲଳିତ ମୋହନ ପୃଷେଠଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ସାମିଲ ଥିଲେ।

# ରେଳମଣ୍ଡଳ ମହିଳା ସଙ୍ଗଠନ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

**ସମ୍ବଲପୁର,୧୯।୯(ବ୍ୟୁରୋ)**

ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଙ୍ଗଠନ ସମ୍ବଲପୁର ଶାଖା ପକ୍ଷରୁ ଜ୍ୟାକ ଆଣ୍ଡ ଜିଲ ସ୍କୁଲରେ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେଳ ବିଭାଗରେ କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀଙ୍କ ଝିଅପୁଅ ଭାଗ ନେଇଥିଲେ। ପିଲାମାନଙ୍କ ମଧ୍ୟରେ ସମାଲୋଚନାତ୍ମକ ଚିନ୍ତାଧାରା ବୃଦ୍ଧି କରିବା, ଏକ ବିଷୟରେ ବିଭିନ୍ନ ଦୃଷ୍ଟିକୋଣ ଓ ମତ କିପରି ଉପସ୍ଥାପନ କରିବେ ସେ ଲକ୍ଷ୍ୟନେଇ ପ୍ରତିଯୋଗିତାର ପରିକଳ୍ପନା କରାଯାଇଛି। ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ସମ୍ବଲପୁର ଅଧକ୍ଷା ଈଷା ମଲ୍ଲିକ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ପୂର୍ବତଟ ରେଳପଥ ମହିଳା ସଂଗଠନ ଟିମ୍ ଉପସଭାପତି ରୁଚିକା ଗଙ୍ଗୱାର ଓ ଅନ୍ୟ ସଦସ୍ୟା ଏଥିରେ ସହଯୋଗ କରିଥିଲେ।


ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଓ ପ୍ରତିଯୋଗୀ।

# କୋଇଲା ସଚିବଙ୍କୁ ଦାବିପତ୍ର ପ୍ରଦାନ

**ଝାରସୁଗୁଡ଼ା ଅଫିସ,୧୯।୯**

କୋଇଲା ଉଦ୍ୟୋଗରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କ ୧୩ଦଫା ଦାବିନେଇ ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍)ର ଆହ୍ୱାନକ୍ରମେ କୋଇଲା କମ୍ପାନୀ କର୍ତ୍ତୃପକ୍ଷଙ୍କ ଜରିଆରେ କୋଇଲା ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ବିଏମ୍‌ଏସ୍ ସହବନ୍ଧିତ ବ୍ରଜରାଜନଗର ଇବ୍ ଖାଦାନ ମଜଦୁର ସଂଘ ତରଫରୁ ସୋମବାର ଇବ୍‌ଭ୍ୟାଲି, ଲଖନପୁର ଓ ଓରିଏଣ୍ଟ କ୍ଷେତ୍ରର ପ୍ରବନ୍ଧକଙ୍କ ଜରିଆରେ କେନ୍ଦ୍ର କୋଇଲା ସଚିବଙ୍କୁ ଏହି ଦାବିପତ୍ର ଦିଆଯାଇଛି। ବିଆଇକେଏମ୍‌ଏସ୍ ସଭାପତି ସୁଜିତ କୁମାର ଝାଙ୍କ ନେତୃତ୍ୱରେ ସଂଘ କର୍ମକର୍ତ୍ତା ଓ ଠିକା କର୍ମଚାରୀ ଲଖନପୁର କ୍ଷେତ୍ର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦାବିପତ୍ର ନକଲ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, କୋଲ୍ ଉଦ୍ୟୋଗ ପ୍ରଭାରୀ କେ ଲକ୍ଷ୍ମା ରେଡ୍ଡୀ ପ୍ରମୁଖ ପ୍ରଦାନ କରାଯାଇଛି। ପ୍ରମୁଖ ଦାବି ମଧ୍ୟରେ କୋଇଲା ଉଦ୍ୟୋଗରେ ନିୟୋଜିତ ଠିକାଦାର ବଦଳି ହେଲେ ଏଥିରେ କାର୍ଯ୍ୟରତ କର୍ମଚାରୀଙ୍କୁ ବଦଳି କରା ନ ଯିବା, ଠିକା କର୍ମଚାରୀଙ୍କୁ ଏଚ୍‌ପିସି ବେତନଭୁକ୍ତ କରିବା, ଖନନ କାର୍ଯ୍ୟରେ ନିୟୋଜିତ ଠିକା କର୍ମଚାରୀଙ୍କ ଟେଣ୍ଡରକୁ ସିଭିଲ୍ ୱାର୍କଭୁକ୍ତ ନ କରିବା, ପ୍ରତିମାସରେ ପେମେଣ୍ଟ ସ୍ଲିପ୍ ପ୍ରଦାନ, ମେଡିକାଲ୍ ସର୍ଭିସ ବୁକ୍ ଓ ମାଗଣା ଚିକିତ୍ସା ବ୍ୟବସ୍ଥା ପ୍ରଦାନ ଆଦି ଅନ୍ୟତମ। ଏହି ଆନ୍ଦୋଳନରେ ବିଆଇକେଏମ୍‌ଏସ୍ ସାଧାରଣ ସମ୍ପାଦକ ମହେଶ୍ୱର ମହନ୍ତ, ସଞ୍ଜୀବ ସିଂହ, ସରୋଜ କୁମାର ପ୍ରଧାନ, ପବିତ୍ର ମୋହନ ମହନ୍ତ, ବାସନ୍ତୀ ଲୁହାର, ଅଜିତ ଓରାମ, ମୃତ୍ୟୁଞ୍ଜୟ ତିୱାରୀ, ସୁରେନ୍ଦ୍ର ତାଣ୍ଡିଆ ପ୍ରମୁଖ ସାମିଲ ହୋଇଥିଲେ।


ଲଖନପୁର କ୍ଷେତ୍ର ପ୍ରବନ୍ଧକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

## ବ୍ରିଟେନ୍‌ରେ ହିନ୍ଦୁ ବିରୋଧୀ ହିଂସାକୁ ଭାରତର ନିନ୍ଦା

ବ୍ରିଟେନର ଲିସେଷ୍ଟରରେ ହିନ୍ଦୁଙ୍କ ପ୍ରତି ହିଂସାତ୍ମକ ଅପରାଧ ଘଟଣାକୁ ଲଣ୍ଡନସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ ସୋମବାର ଦୃଢ଼ ନିନ୍ଦା କରିଛି। ହିନ୍ଦୁ ଧର୍ମସ୍ଥଳୀରେ ହିଂସା ଓ ଭଙ୍ଗାରୁଜା ଘଟଣାର ଦୃଢ଼ ପ୍ରତିବାଦ କରାଯାଉଛି ବୋଲି ଉଚ୍ଚାୟୁକ୍ତଙ୍କ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ବ୍ରିଟେନ୍ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଥିବା ଲିସେଷ୍ଟରଶାୟାର ପୋଲିସ କହିଛି।

**ସଂକ୍ଷେପରେ**

**ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ଭିଡିଓ ଲିକ୍ ମାମଲା**

## ତଦନ୍ତ ପାଇଁ ଏସ୍‌ଆଇଟି ଗଠିତ

ଚଣ୍ଡିଗଡ଼,୧୯।୯: ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ହଷ୍ଟେଲ୍ ୱାଶ୍‌ରୁମ୍‌ରୁ କେତେଜଣ ଛାତ୍ରୀଙ୍କ ଆପତ୍ତିଜନକ ଭିଡିଓ ଭାଇରାଲ ହେବା ଅଭିଯୋଗର ତଦନ୍ତ ପାଇଁ ପଞ୍ଜାବ ପୋଲିସ ସୋମବାର ୩ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଛି। ବରିଷ୍ଠ ଆଇପିଏସ୍ ଅଫିସର ଗୁରପ୍ରୀତ୍ କୌର ଦେଓଙ୍କ ତତ୍ତ୍ୱାବଧାନରେ ଗଠିତ ଟିମ୍‌ରେ ସବୁ ସଦସ୍ୟ ମହିଳା ଅଛନ୍ତି। ଭିଡିଓ ଭାଇରାଲ ଘଟଣାରେ ସମ୍ପୃକ୍ତ କୌଣସି ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ ବୋଲି ପଞ୍ଜାବ ପୋଲିସ ଡିଜି ଗୌରବ ଯାଦବ କହିଛନ୍ତି। ଆପତ୍ତିଜନକ ଭିଡିଓ ଭାଇରାଲ ଏବଂ କେତେଜଣ ଛାତ୍ରୀ ଆତ୍ମହତ୍ୟା କରିବା ଖବର ପ୍ରକାଶ ପରେ ଶନିବାର ରାତିରେ ୟୁନିଭର୍ସିଟି କ୍ୟାମ୍ପ୍‌ରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉତ୍ତେଜନା ଲାଗିରହିଥିବାରୁ ବିଶ୍ୱବିଦ୍ୟାଳୟକୁ ୨୪ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଭିଡିଓ ଭାଇରାଲ କରିଥିବା ଛାତ୍ରୀଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯିବା ପରେ ସେମାନଙ୍କୁ ୭ ଦିନ ପାଇଁ ପୋଲିସ ହାଜତକୁ ପଠାଇ ଦିଆଯାଇଛି। ଭିଡିଓ ଲିକ୍ ପରେ ୟୁନିଭର୍ସିଟିର ଛାତ୍ରୀମାନେ ୱାଶ୍‌ରୁମ୍ ବ୍ୟବହାର କରିବାକୁ ଭୟ କରୁଛନ୍ତି। ଅନେକ ଛାତ୍ରୀ ହଷ୍ଟେଲ ଛାଡ଼ି ଘରକୁ ପଳାଇଛନ୍ତି।

## କୋଭିଡ୍ ମହାମାରୀ ଶେଷ ହୋଇଛି: ବାଇଡେନ୍

ୱାଶିଂଟନ,୧୯।୯: ଆମେରିକାରେ କୋଭିଡ୍ ମହାମାରୀ ଶେଷ ହୋଇଥିବା ରାଷ୍ଟ୍ରପତି ଜୋ ବାଇଡେନ୍ ଘୋଷଣା କରିଛନ୍ତି। ଦେଶରେ ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ଆସିଛି। ଆଗାମୀ ଦିନରେ ଆମେରିକା ଅର୍ଥନୀତିରେ ଉନ୍ନତି ଆସିବାକୁ ଯାଉଛି ବୋଲି ଗୁରୁତ୍ୱପୂର୍ଣ୍ଣ ମଧ୍ୟବର୍ତ୍ତୀ ନିର୍ବାଚନର ୨ ମାସ ପୂର୍ବରୁ ବାଇଡେନ୍ ଏକ ସାକ୍ଷାତ୍କାରରେ କହିଛନ୍ତି। ଦରବୃଦ୍ଧି ରୋକିବା ପାଇଁ ଫେଡେରାଲ ରିଜର୍ଭ ସୁଧ ହାର ବୃଦ୍ଧି କରିଥିବାରୁ ଆର୍ଥିକ ଅଭିବୃଦ୍ଧିରେ ଦେଖାଦେଇଥିବା ଶିଥିଳତା ଦୂର ହେବାକୁ ଯାଉଛି ବୋଲି ସିବିଏସ୍‌କୁ ସାକ୍ଷାତ୍କାର ଦେଇ ବାଇଡେନ୍ କହିଛନ୍ତି।

## ସିବିଆଇ, ଇଡିର ଦୁରୁପଯୋଗ ପଛରେ ମୋଦିଙ୍କ ହାତ ଥିବା ବିଶ୍ୱାସ ହେଉନି: ମମତା



କୋଲକାତା,୧୯।୯: ପଶ୍ଚିମବଙ୍ଗରେ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକର ଦୁରୁପଯୋଗ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟୀ ବୋଲି ସେ ବିଶ୍ୱାସ କରୁ ନ ଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର କହିଛନ୍ତି। ତେବେ କେତେଜଣ ଭାଜପା ନେତା ନିଜ ସ୍ୱାର୍ଥକୁ ଚରିତାର୍ଥ କରିବା ଲାଗି ସିବିଆଇ, ଇଡି ଭଳି ସଂସ୍ଥାର ଅପବ୍ୟବହାର କରୁଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ଅଭିଯୋଗ କରିଛନ୍ତି। କେନ୍ଦ୍ର ସରକାରଙ୍କ ଏଜେଣ୍ଡା ସହ ନିଜ ଦଳର ସ୍ୱାର୍ଥ ଯେପରି ଯୋଡ଼ି ନ ହୁଏ, ତାହା ପ୍ରଧାନମନ୍ତ୍ରୀ ସୁନିଶ୍ଚିତ କରାଇବାକୁ ମମତା ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ସୋମବାର ଇଡି ପଶ୍ଚିମବଙ୍ଗର ପୂର୍ବତନ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କର ୪୬ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରିଥିବାବେଳେ ମମତାଙ୍କ ଏଭଳି ମନ୍ତବ୍ୟ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। କେନ୍ଦ୍ରୀୟ ସଂସ୍ଥାଗୁଡ଼ିକର ଅତିରିକ୍ତ ବ୍ୟବହାର ଉପରେ ବିଧାନସଭାରେ ଅଣାଯାଇଥିବା ପ୍ରସ୍ତାବର ଆଲୋଚନା ବେଳେ ଟିଏମ୍‌ସି ନେତ୍ରୀ ଉପରୋକ୍ତ ମତ ଦେଇଛନ୍ତି।

## ଶିବକୁମାରଙ୍କୁ ଇଡି ଜେରା

ନୂଆଦିଲ୍ଲୀ,୧୯।୯: ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅନ୍ୟ ଏକ ମନିଲଣ୍ଡରିଂ ମାମଲାରେ କର୍ଣ୍ଣାଟକ ପ୍ରଦେଶ କଂଗ୍ରେସ ସଭାପତି ଡି.କେ. ଶିବକୁମାରଙ୍କୁ ସୋମବାର ଜେରା କରିଛି। ଜେରା ପାଇଁ ୬୦ ବର୍ଷୀୟ କଂଗ୍ରେସ ନେତା ଦିଲ୍ଲୀର ଏ.ପି.ଜେ ଅବଦୁଲ କଲାମ ରୋଡ୍‌ରେ ଥିବା ଇଡି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ ସିବିଆଇ ୨୦୨୦ରେ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଏହାର ମନିଲଣ୍ଡରିଂ ଦିଗକୁ ନେଇ ଇଡି ତଦନ୍ତ ଚଳାଇଛି। ଶିବକୁମାର ଓ ତାଙ୍କ ପରିବାର ସଦସ୍ୟଙ୍କ ପାଖରେ ୭୪.୯୩ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଥିବା ନେଇ ସିବିଆଇ ମାମଲା ରୁଜୁ କରିଥିଲା। ଏହା ଉପରେ ଜେରା ପାଇଁ ଇଡି କଂଗ୍ରେସ ନେତାଙ୍କୁ ସମନ ଜାରି କରିଥିଲା।

# ତାଇୱାନ୍‌କୁ ସୁରକ୍ଷା ଦେବ ଆମେରିକା ସେନା

## ଚାଇନାକୁ ସ୍ପଷ୍ଟ ଶୁଣାଇଲେ ବାଇଡେନ୍



ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍



ଜୋ ବାଇଡେନ୍

ୱାଶିଂଟନ୍/ବେଜିଂ,୧୯।୯

ତାଇୱାନ୍ ପ୍ରସଙ୍ଗରେ ଆମେରିକା–ଚାଇନା ସମ୍ପର୍କ ବିଗିଡ଼ିବାରେ ଲାଗିଛି। ୱାନ୍ ଚାଇନା ପଲିସିକୁ ମାନୁଥିବା ଆମେରିକା ଚାଇନା–ତାଇୱାନ ପ୍ରସଙ୍ଗରେ ଆଭିମୁଖ୍ୟ ବଦଳାଉଥିବା ଦେଖିବାକୁ ମିଳୁଛି। ଗତ ଅଗଷ୍ଟ ୩ରେ ଆମେରିକା ହାଉସ୍ ସ୍ପିକର ନାନ୍ସି ପେଲୋସିଙ୍କ ତାଇୱାନ ଗସ୍ତ ପରଠାରୁ ଚାଇନା ରାଗିପାଚି ନିଆଁ ହୋଇଛି। ଏହି ସ୍ୱୟଂଶାସିତ ଦ୍ୱୀପରାଷ୍ଟ୍ରକୁ ବେଜିଂ ନିଜର କହିବା ସହ ଆକ୍ରମଣ କରି ତାହାକୁ ମୂଳ ଭୂଖଣ୍ଡରେ ମିଶାଇବାକୁ ଯୁକ୍ତିଯୁକ୍ତ ବୋଲି ଦାବି କରିଆସୁଛି। ଗଣତନ୍ତ୍ରର ଦେଶ ତାଇୱାନ ପ୍ରଣାଳୀରେ ଚାଇନା କ୍ରମାଗତ ସମରାଭ୍ୟାସ କରି ଡରାଇବାକୁ ଚେଷ୍ଟା କରୁଥିବାବେଳେ ଆମେରିକା ପୁଣି ତାଇପେଇ ସପକ୍ଷରେ ବାହାରିଛି। ଚାଇନା ତାଇୱାନ ଉପରେ ଆକ୍ରମଣ କଲେ ଆମେରିକା ସେନା ଏହି ଦ୍ୱୀପକୁ ରକ୍ଷା କରିବ ବୋଲି ରାଷ୍ଟ୍ରପତି ଜୋ ବାଇଡେନ୍ ସ୍ପଷ୍ଟ କରିଛନ୍ତି।

ଆମେରିକୀୟ ମିଡିଆ ସିବିଏସ୍‌କୁ ଏକ ସାକ୍ଷାତକାର ଦେବା ବେଳେ ବାଇଡେନ୍‌ଙ୍କୁ ତାଇୱାନ ପ୍ରସଙ୍ଗରେ ପ୍ରଶ୍ନ କରାଯାଇଥିଲା। ଯଦି ଚାଇନା ଆକ୍ରମଣ କରେ, ତେବେ ଆମେରିକା କ'ଣ ତାଇୱାନ୍‌କୁ ରକ୍ଷା କରିବ କି ବୋଲି ପଚରାଯାଇଥିଲା। ଉତ୍ତରରେ ବାଇଡେନ୍ କହିଥିଲେ, ହଁ, ନିଶ୍ଚିତ। ଯଦି ଅପ୍ରତ୍ୟାଶିତ ଭାବେ ତାଇୱାନ ଉପରେ ଆକ୍ରମଣ ହୁଏ ତେବେ ଆମେରିକା ସେନା ଏହି ଦ୍ୱୀପର ସୁରକ୍ଷା ମୋର୍ଚ୍ଚା ସମ୍ଭାଳିବ। ତାଇୱାନକୁ ସୁରକ୍ଷା ଦେବା ପାଇଁ ସୈନ୍ୟଙ୍କ ସମେତ ଆମେରିକା ନାଗରିକମାନେ ମଧ୍ୟ ବାହାରିବେ। ୟୁକ୍ରେନ୍‌କୁ ରୁଷିଆ ଆକ୍ରମଣରୁ ରକ୍ଷା କରିବା ପାଇଁ ଆମେରିକା ଏହାର ସୈନ୍ୟ ପଠାଇବାକୁ ମନା କରିଥିଲା। ତାଇୱାନ କ୍ଷେତ୍ରରେ ମଧ୍ୟ ୱାଶିଂଟନ୍ ସାମରିକ ସହାୟତା ପାଇଁ ନିଜ ସୈନ୍ୟ ପଠାଇବା ଉପରେ ପ୍ରଶ୍ନ ସୃଷ୍ଟି ହୋଇଥିଲା। ତେବେ ବାଇଡେନ୍ ତାଇୱାନ ପ୍ରସଙ୍ଗରେ ଅଦ୍ୟାବଧି ସବୁଠୁ ସ୍ପଷ୍ଟ ମତ ରଖିଥିବା କୁହାଯାଉଛି। ତାଇପେଇ ପ୍ରତି ଆମେରିକା ନୀତିରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ହ୍ୱାଇଟ୍‌ହାଉସ୍‌ର ଜଣେ ମୁଖପାତ୍ର କହିଛନ୍ତି। ତାଇପେଇକୁ ବାଇଡେନ୍‌ଙ୍କ ଖୋଲା ସମର୍ଥନ ଏବଂ ମଜଭୁତ ସୁରକ୍ଷା ପ୍ରତିବଦ୍ଧତା ପାଇଁ ତାଇୱାନ ଧନ୍ୟବାଦ ଦେଇଛି।

### ହସ୍ତକ୍ଷେପକୁ ବରଦାସ୍ତ କରିବୁନି

ୱାନ୍ ଚାଇନା ପଲିସିକୁ ବିଦେଶ ନୀତିର ମୂଳ ଆଧାର ମାନୁଥିବା ଏହି କମ୍ୟୁନିଷ୍ଟ ରାଷ୍ଟ୍ର ବାଇଡେନ୍‌ଙ୍କ ମନ୍ତବ୍ୟ ଉପରେ ତୀବ୍ର ପ୍ରତିକ୍ରିୟା ରଖିଛି। ଚାଇନା ସହ ତାଇୱାନର ଶାନ୍ତିପୂର୍ଣ୍ଣ ପୁନର୍ମିଳନ ପାଇଁ ବେଜିଂ ସଚ୍ଚୋଟତାର ସହ ପ୍ରୟାସ କରିବ। ଦେଶକୁ ବିଭାଜନ କରିବା ଉଦ୍ଦେଶ୍ୟରେ କୌଣସି ବାହ୍ୟ ଗତିବିଧି ବା ହସ୍ତକ୍ଷେପକୁ ଚାଇନା ସହିବ ନାହିଁ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାଓ ନିଙ୍ଗ୍ କହିଛନ୍ତି। ବାଇଡେନ୍‌ଙ୍କ ଏପରି ମନ୍ତବ୍ୟ ସିଧାସଳଖ ଭାବେ ୱାନ୍ ଚାଇନା ପଲିସିର ଉଲ୍ଲଂଘନ। ତାଇୱାନ ସ୍ୱାଧୀନତାକୁ ସମର୍ଥନ ନ କରିବା ପାଇଁ ଆମେରିକା ସହ ହୋଇଥିବା ସର୍ତ୍ତକୁ ବାଇଡେନ୍ ସମ୍ମାନ ଦେଉନାହାନ୍ତି। ଏହାଦ୍ୱାରା ତାଇୱାନ ସ୍ୱାଧୀନତା ଦାବି କରୁଥିବା ବିଚ୍ଛିନ୍ନତାବାଦୀଙ୍କୁ ଏକ ଭୁଲ୍ ସଙ୍କେତ ଯାଇଛି। କେବଳ ଗୋଟିଏ ଚାଇନା ରହିଛି ଏବଂ ତାଇୱାନ ଏହାର ଅଂଶ। ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନା (ପିଆର୍‌ସି) ହିଁ ସମ୍ପୂର୍ଣ୍ଣ ଚାଇନାର ଏକମାତ୍ର ସରକାର। ସାର୍ବଭୌମତ୍ୱ ରକ୍ଷା ପାଇଁ ଚାଇନାର ଦକ୍ଷତାକୁ କେହି ଅଣଦେଖା କରିବା ଉଚିତ ନୁହେଁ। ୧୪୦ କୋଟି ଚାଇନା ନାଗରିକଙ୍କ ବିରୋଧରେ ସେମାନେ ଛିଡ଼ା ହେବା କଥା ନୁହେଁ ବୋଲି ମାଓ କହିଛନ୍ତି। ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଆମେରିକା ବୁଝିବା ସହ ୱାନ ଚାଇନା ପଲିସିକୁ ସମ୍ମାନ ଦେଉ ବୋଲି ସେ ଅନୁରୋଧ କରିଛନ୍ତି।

## ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କୁ ବିମାନରୁ ଓହ୍ଲାଇ ଦିଆଗଲା

ଚଣ୍ଡିଗଡ଼,୧୯।୯

ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଫ୍ରାଙ୍କଫର୍ଟରୁ ଦିଲ୍ଲୀ ଫେରିବାକୁ ଥିବାବେଳେ ସେ ମଦ ପିଇଥିବାରୁ ତାଙ୍କୁ ଲୁଫଥାନ୍ସା ବିମାନରୁ ଓହ୍ଲାଇ ଦିଆଯାଇଥିବା ଖବର ପ୍ରକାଶ ପାଇଛି। ଏହାକୁ ରାଜ୍ୟର ବିରୋଧୀ ଦଳଗୁଡ଼ିକ ତୀବ୍ର ସମାଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ପଞ୍ଜାବୀମାନଙ୍କୁ ସାରା ବିଶ୍ୱରେ ଲଜ୍ଜିତ କରିଥିବା ସେମାନେ କହିଛନ୍ତି। ଖବର ଅନୁଯାୟୀ ମାନ୍ ରବିବାର ଅପରାହ୍ନ ୧.୪୦ ଫ୍ଲାଇଟ୍‌ରେ ଫ୍ରାଙ୍କଫର୍ଟରୁ ଦିଲ୍ଲୀ ଫେରିବାକୁ ଥିଲା। ମାନ୍‌ଙ୍କ ପାଇଁ ଉକ୍ତ ବିମାନ ପ୍ରାୟ ୩ ଘଣ୍ଟା ବିଳମ୍ବରେ ଫ୍ରାଙ୍କଫର୍ଟ ଛାଡ଼ିଥିଲା। ମାନ୍ ଅନ୍ୟ ଏକ ବିମାନରେ ସୋମବାର ଭୋର ସମୟରେ ନୂଆଦିଲ୍ଲୀ ଫେରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ମଦ୍ୟପାନ ଯୋଗୁ ଫେରିବା ବିଳମ୍ବ ହେବା ଅଭିଯୋଗକୁ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଖଣ୍ଡନ କରାଯାଇଛି। ସେ ଅସୁସ୍ଥ ଅନୁଭବ କରିବାରୁ ବିଳମ୍ବରେ ଫେରିଲେ ବୋଲି ମାନ୍‌ଙ୍କ ସହଯୋଗୀମାନେ ସଫେଇ ଦେଇଛନ୍ତି। ତେବେ ମଦ ପିଇଥିବାରୁ ମାନ୍‌ଙ୍କୁ ବିମାନରୁ ଓହ୍ଲାଇ ଦିଆଗଲା ବୋଲି ସହଯାତ୍ରୀମାନେ କହିଥିବା ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ବିଳମ୍ବରେ ଫେରିବାରୁ ସେ ଏଏପିର ଜାତୀୟ ସମ୍ମିଳନୀରେ ଯୋଗଦେଇ ପାରି ନ ଥିଲେ। ଏହି ଘଟଣା ସମସ୍ତ ପଞ୍ଜାବୀଙ୍କୁ ବିଶ୍ୱରେ ଲଜ୍ଜିତ କରିଛି ବୋଲି ଅକାଳୀ ଦଳ ନେତା ସୁଖବୀର ସିଂ ବାଦଲ ଟୁଇଟ୍ କରିଛନ୍ତି।

## ଚୁଟି କାଟିଲେ, ହିଜାବ ଜାଳିଲେ ମହିଳା



ଆନ୍ଦୋଳନକାରୀ ଇରାନୀୟ ମହିଳା।



ମାହ୍‌ସା ଆମିନି

ତେହରାନ୍,୧୯।୯

ହିଜାବ ନ ପିନ୍ଧିବାରୁ ମୁସ୍‌ଲିମ୍ ଦେଶ ଇରାନର ୨୨ ବର୍ଷୀୟା ଯୁବତୀ ମାହ୍‌ସା ଆମିନିଙ୍କ ମୃତ୍ୟୁ ଘଟଣାରେ ଆନ୍ଦୋଳନ ତୀବ୍ର ହୋଇଛି। ଶତାଧିକ ମହିଳା ରାସ୍ତାକୁ ଓହ୍ଲାଇ ଆମିନିଙ୍କ ପାଇଁ ନ୍ୟାୟ ଦାବି କରିଛନ୍ତି। ଏପରିକି ଆନ୍ଦୋଳନକାରୀ ସେମାନଙ୍କ ଚୁଟି କାଟିବା ସହ ସର୍ବସମ୍ମୁଖରେ ହିଜାବକୁ ଜାଳିଛନ୍ତି। କୌଣସି ମୁସ୍‌ଲିମ ଦେଶରେ ଏପରି ହିଜାବକୁ ଜାଳିବା ଘଟଣା ବିରଳ। ଏପରି କରି ମୁସ୍‌ଲିମ ମହିଳାଙ୍କ ଉପରେ ହେଉଥିବା ଦମନ ଲୀଳାକୁ ସେମାନେ ସାମ୍ନାକୁ ଆଣିଛନ୍ତି।

ଇରାନୀୟ ଆଇନରେ ମହିଳାମାନେ ସର୍ବସାଧାରଣ ସ୍ଥାନରେ ହିଜାବ ପିନ୍ଧିବା ବାଧ୍ୟତାମୂଳକ। ଉକ୍ତ ଆଇନକୁ କାର୍ଯ୍ୟକାରୀ କରୁଥିବା ପୋଲିସ ଗତ ମଙ୍ଗଳବାର ତେହରାନରେ ମାହସା ଅମିନିଙ୍କୁ ଗିରଫ କରିଥିଲା। ତାଙ୍କୁ ବଳପୂର୍ବକ ଗାଡ଼ିରେ ବସାଇ ନିଆଯାଉଥିବାର ଭିଡିଓ ସାମ୍ନାକୁ ଆସିଥିଲା। ଏହା ପରେ ସେ କୋମାକୁ ଚାଲିଯାଇଥିଲେ। ପୋଲିସ ହେପାଜତରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଇରାନ୍‌ରେ ଆନ୍ଦୋଳନ ମୁଣ୍ଡ ଟେକିଛି। ମହିଳାମାନେ ସରକାର ବିରୋଧୀ ନାରା ଦେଇ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଆନ୍ଦୋଳନକାରୀଙ୍କୁ ରୋକିବା ଲାଗି ସୋମନଙ୍କ ଉପରେ ଲୁହବୁହା ଗ୍ୟାସ୍ ପ୍ରୟୋଗ କରାଯାଉଛି। ଏହାର ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବାରେ ଲାଗିଛି।

**ମାହ୍‌ସା ଆମିନିଙ୍କ ମୃତ୍ୟୁକୁ ନେଇ ଇରାନରେ ନିଆଁ**

## ମୃତ୍ୟୁଦଣ୍ଡ: ଗାଇଡ୍‌ଲାଇନ ପାଇଁ ସାମ୍ବିଧାନିକ ପୀଠକୁ ଗଲା ମାମଲା

ନୂଆଦିଲ୍ଲୀ,୧୯।୯(ପି.ଟି.)

କୌଣସି ମାମଲାର ବିଚାର ବେଳେ କେଉଁ ପରିସ୍ଥିତିରେ ଅଦାଲତଗୁଡ଼ିକ ସର୍ବାଧିକ ଦଣ୍ଡ ସ୍ୱରୂପ ମୃତ୍ୟୁ ଦଣ୍ଡାଦେଶ ଦେଇପାରିବେ, ତାହା ଉପରେ ଗାଇଡ୍‌ଲାଇନ ପ୍ରସ୍ତୁତି ଲାଗି ସୁପ୍ରିମକୋର୍ଟ ନିଜଆଡୁ ନେଇଥିବା ଏକ ମାମଲାକୁ ସୋମବାର ୫ ଜଣିଆ ସାମ୍ବିଧାନିକ ପୀଠକୁ ପଠାଇଛନ୍ତି। ଏହି ମାମଲା ବୃହତ୍ତର ପୀଠରେ ଶୁଣାଣି ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିବା ପ୍ରଧାନ ବିଚାରପତି ଉଦୟ ଉମେଶ ଲଲିତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ମୃତ୍ୟୁଦଣ୍ଡ ଅପରିବର୍ତ୍ତନୀୟ ହୋଇଥିବାରୁ ଏ ସମ୍ପର୍କରେ ବିଚାର କଲାବେଳେ ପରିସ୍ଥିତିକୁ ଚାହିଁ ଏହାକୁ କେତେଦୂର ସମ୍ଭବ କମ୍ କରାଯାଇପାରିବ, ସେଥିପାଇଁ ଅଭିଯୁକ୍ତଙ୍କୁ ସମସ୍ତ ସୁଯୋଗ ଦିଆଯିବା ଆବଶ୍ୟକ। ଗତ ମାସ ୧୭ରେ ସୁପ୍ରିମକୋର୍ଟ ଏଭଳି ଏକ ରାୟକୁ ଖାରଜ କରିବା ଅବସରରେ ଉପରୋକ୍ତ ଟିପ୍ପଣୀ ଦେଇଥିଲେ। ମୃତ୍ୟୁଦଣ୍ଡ ଦେବା ପୂର୍ବରୁ ସମ୍ଭାବ୍ୟ ଉପଶମ ସ୍ଥିତିକୁ ବିଚାରକୁ ନେବା ପାଇଁ ଗାଇଡ୍‌ଲାଇନ ପ୍ରସ୍ତୁତି ନିମନ୍ତେ ବୃହତ୍ତର ଖଣ୍ଡପୀଠକୁ ମାମଲା ପଠାଯାଇଛି।



ମହାରାଣୀ ଏଲିଜାବେଥ୍‌ଙ୍କ ଶେଷକୃତ୍ୟରେ ସାମିଲ ହେବାକୁ ଯାଇଥିବା ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବକିଂହାମ୍ ପ୍ୟାଲେସ୍‌ରେ ବ୍ରିଟେନ୍ ରାଜା ଚାର୍ଲସ ୩ୟଙ୍କୁ ଭେଟୁଛନ୍ତି।

## ପାର୍ଥ ଚାଟାର୍ଜୀଙ୍କ ୪୬ କୋଟିର ସମ୍ପତ୍ତି ବାଜ୍ୟାପ୍ତ

କୋଲକାତା,୧୯।୯

ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ ଚଳାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସୋମବାର ପୂର୍ବତନ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କର ୪୬.୪୨ କୋଟି ଟଙ୍କାର ସମ୍ପତ୍ତିକୁ ବାଜ୍ୟାପ୍ତ କରିଛି। ବାଜ୍ୟାପ୍ତ ସମ୍ପତ୍ତି ମଧ୍ୟରେ ଫାର୍ମହାଉସ୍, ଫ୍ଲାଟ୍, କୋଲକାତାର ପ୍ରମୁଖ ସ୍ଥାନରେ ଥିବା ଜମି ଆଦି ୪୦ଟି ସ୍ଥାବର ସମ୍ପତ୍ତି ରହିଛି, ଯାହାର ମୂଲ୍ୟ ୪୦.୩୩ କୋଟି ଟଙ୍କା। ଏହା ବ୍ୟତୀତ ୩୫ଟି ବ୍ୟାଙ୍କ ଆକାଉଣ୍ଟରେ ଥିବା ୭.୮୯ କୋଟି ଟଙ୍କାକୁ ମଧ୍ୟ ଇଡି ଜବତ କରିଛି। ଜବତ ସମ୍ପତ୍ତି ମଧ୍ୟରୁ ଅଧିକାଂଶ ସେଲ୍ କମ୍ପାନୀ ଏବଂ ପାର୍ଥଙ୍କ ପ୍ରକ୍ସି ଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ ନାମରେ ପଞ୍ଜୀକୃତ ହୋଇଥିଲା। ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଇଡି ଜୁଲାଇରେ ପାର୍ଥ ଓ ତାଙ୍କ ସହଯୋଗୀ ଅର୍ପିତା ମୁଖାର୍ଜୀଙ୍କୁ ଗିରଫ କରିଥିଲା। ସେତେବେଳେ ଅର୍ପିତାଙ୍କ ଘରୁ ୪୯.୮୦ କୋଟି ନଗଦ ଟଙ୍କା ଏବଂ ୫୫ କୋଟି ଟଙ୍କାର ସୁନା ଅଳଙ୍କାର ଜବତ ହୋଇଥିଲା।

ଏହି ଦୁର୍ନୀତି ମାମଲାର ତଦନ୍ତ ଚଳାଇଥିବା ସିବିଆଇ ସୋମବାର ନର୍ଥ ବେଙ୍ଗଲ ୟୁନିଭର୍ସିଟିର କୁଳପତି ସୁବିରେଶ୍ ଭଟ୍ଟାଚାର୍ଯ୍ୟଙ୍କୁ ଗିରଫ କରିଛି।

# ମହାରାଣୀଙ୍କୁ ଅନ୍ତିମ ବିଦାୟ



ମହାରାଣୀ ଏଲିଜାବେଥ୍‌ଙ୍କ ଶବାଧାରକୁ ବ୍ରିଟେନ୍ ନୌସେନା ଯବାନମାନେ ଶେଷକୃତ୍ୟ ସ୍ଥଳକୁ ନେଉଛନ୍ତି।

- ୨ ମିନିଟ୍ ନୀରବିଲା ବ୍ରିଟେନ୍
- ୧୨୫ ହଲ୍‌ରେ ପ୍ରସାରଣ ହେଲା
- ସାମିଲ ହେଲେ ୨ ହଜାର ବିଶ୍ୱନେତା

ଲଣ୍ଡନ,୧୯।୯

ବ୍ରିଟେନ୍ ମହାରାଣୀ ଏଲିଜାବେଥ୍ ୨ୟଙ୍କୁ ସୋମବାର ଅନ୍ତିମ ବିଦାୟ ଦିଆଯାଇଛି। ରାଜ ପରିବାର ରୀତିନୀତି ଅନୁସାରେ ମହାରାଣୀଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ୱିଣ୍ଡସର କାସ୍‌ଲର ଐତିହାସିକ କିଙ୍ଗ୍ ଜର୍ଜ ୬ଷ୍ଠ ମେମୋରିଆଲ ଚାପେଲରେ ତାଙ୍କ କଫିନ୍‌କୁ ଦିବଂଗତ ସ୍ୱାମୀ ପ୍ରିନ୍ସ ଚାର୍ଲ୍ସଙ୍କ ନିକଟରେ ସମାଧି ଦିଆଯାଇଛି। ପ୍ରାୟ ୨ ହଜାର ବିଶ୍ୱ ନେତା ମହାରାଣୀଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଦେବାକୁ ଲଣ୍ଡନରେ ପହଞ୍ଚିଥିଲେ। ଭାରତ ପକ୍ଷରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ବହିର୍ବ୍ୟାପାର ସଚିବ ବିନୟ କ୍ୱାତ୍ରା ଶେଷକୃତ୍ୟରେ ସାମିଲ ହୋଇଥିଲେ। କିଙ୍ଗ୍ ଚାର୍ଲ୍ସ ୩ୟ, ପ୍ରିନ୍ସ ୱିଲିୟମ ଓ ତାଙ୍କ ପୁଅ ପ୍ରିନ୍ସ ଜର୍ଜ, ଝିଅ ପ୍ରିନ୍ସେସ୍ ଚାର୍ଲୋଟେ, ପ୍ରିନ୍ସ ହ୍ୟାରି, ପ୍ରିନ୍ସେସ୍ ଆନେ, ପ୍ରିନ୍ସ ଏଡ୍‌ୱାର୍ଡଙ୍କ ସମେତ ରାଜ ପରିବାର ସଦସ୍ୟ ଏଲିଜାବେଥ୍‌ଙ୍କୁ ବିଦାୟ ଜଣାଇଥିଲେ।

ସ୍କଟଲାଣ୍ଡରେ ଥିବାବେଳେ ୯୬ ବର୍ଷୀୟା ଏଲିଜାବେଥ ୨ୟଙ୍କ ସେପ୍ଟେମ୍ବର ୮ ତାରିଖରେ ପରଲୋକ ହୋଇଥିଲା। ପରେ ୧୧ ଦିନ ଧରି ବ୍ରିଟେନରେ ଜାତୀୟ ଶୋକ ପାଳନ କରାଯାଇଥିଲା। ପ୍ରଥମ କରି ବ୍ରିଟେନ ରାଜତନ୍ତ୍ରରେ ଏଲିଜାବେଥ ୨ୟ ୭ ଦଶନ୍ଧି ଧରି ଶାସନ ରହିଥିଲେ। ସୋମବାର ରାଜକୀୟ ଢଙ୍ଗରେ ମହାରାଣୀଙ୍କ ଶେଷକୃତ୍ୟ ପାଇଁ ଭବ୍ୟ ଆୟୋଜନ କରାଯାଇଥିଲା। ୱେଷ୍ଟମିନଷ୍ଟର ଆବେରୁ ୪୦ କିମି ରାସ୍ତାରେ ଯାତ୍ରା କରି ମହାରାଣୀଙ୍କ କଫିନ୍ ୱିଣ୍ଡସରରେ ପହଞ୍ଚିଥିଲା। ୬ ହଜାର ସଶସ୍ତ୍ର ସୈନ୍ୟ ତାଙ୍କୁ ଶେଷ ସମ୍ମାନ ଜଣାଇବା ପାଇଁ ପୂର୍ବରୁ ଅଭ୍ୟାସ କରିଥିଲେ। ଅନ୍ତିମ ଦର୍ଶନ ପାଇଁ ପ୍ରାୟ ୮ କିଲୋମିଟର ପର୍ଯ୍ୟନ୍ତ ଲୋକଙ୍କ ଲମ୍ବା ଲାଇନ ଲାଗିଥିଲା। ୧୨୫ ସିନେମା ହଲ୍‌ରେ ଅନ୍ତିମ ସଂସ୍କାର ବେଳର ଦୃଶ୍ୟ ଲାଇଭ ପ୍ରସାରଣ କରାଯାଇଥିଲା। ଅନ୍ତର୍ଜାତୀୟ ଟେଲିଭିଜନରେ ମଧ୍ୟ ଏହାର ଟେଲିକାଷ୍ଟ ହୋଇଥିଲା। ପୂରା ବ୍ରିଟେନ୍ ୨ ମିନିଟ୍ ସମ୍ପୂର୍ଣ୍ଣ ନୀରବ ରହି ମହାରାଣୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲା। ମହାରାଣୀଙ୍କ ଶେଷଯାତ୍ରାବେଳେ ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ)ର ଜାତୀୟ ସଙ୍ଗୀତ 'ଗଡ୍ ସେଭ୍ ଦ କିଙ୍ଗ୍' ଗାନ କରାଯାଇଥିଲା। ବିଶ୍ୱ ନେତା ଓ ଜନସାଧାରଣଙ୍କ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତୋପ ସଲାମୀ ଦିଆଯାଇଥିଲା। ୱେଷ୍ଟମିନଷ୍ଟର ଡିନ୍ ଡେଭିଡ୍ ହାୟଲ୍ ଅନ୍ତିମ ସତ୍କାରର ନେତୃତ୍ୱ ନେଇଥିଲେ। କାଣ୍ଟେବୁରୀର ଆର୍କ ବିଶପ୍ ଜଷ୍ଟିନ୍ ୱେଲ୍‌ବି ଧର୍ମ ଉପଦେଶ ଦେଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ୱିନ୍‌ସନ୍ ଚର୍ଚ୍ଚିଲଙ୍କ ମୃତ୍ୟୁ ପରେ ୧୯୬୫ଠାରୁ ପ୍ରଥମ କରି ବ୍ରିଟେନ୍‌ରେ ଐତିହାସିକ ଢଙ୍ଗରେ ଷ୍ଟେଟ୍ ଫ୍ୟୁନେରାଲ ଆୟୋଜିତ ହୋଇଛି। ବ୍ରିଟେନ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ ବାଇବେଲ୍‌ର ସନ୍ଦର୍ଭ ପାଠ କରିଥିଲେ।

ଶେଷକୃତ୍ୟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ସ୍ତ୍ରୀ ଜିଲ୍ ବାଇଡେନ୍, ଜାପାନ ରାଜା ନାରୁହିତୋ, ରାଣୀ ମାସାକୋ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରଁ, ସ୍ତ୍ରୀ ବ୍ରିଜ୍‌ଗେଟେ ମାକ୍ରଁ, କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲ୍‌ବାନିଜ୍, ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ସମେତ ଶତାଧିକ ରାଷ୍ଟ୍ରମୁଖ୍ୟ ସାମିଲ ହୋଇଥିଲେ।



ଶେଷକୃତ୍ୟରେ ରାଜା ଚାର୍ଲସ ୩ୟଙ୍କ ସହ ରାଜପରିବାର ସଦସ୍ୟ ସାମିଲ ହୋଇଛନ୍ତି।

## ଘୁନସରରେ ମାଓବାଦୀ ବ୍ୟାନର

ଲାଠୋର, (ଡି.ଏନ.ଏ.): ବଲାଙ୍ଗୀର ଜିଲା ଲାଠୋର ଥାନା ଘୁନସର ଏବଂ ପୁଟକେଲରୁଆଁ ମଧ୍ୟସ୍ଥ ସାପ୍ତାହିକ ହାଟ ପେଣ୍ଡାଲରେ ମାଓବାଦୀମାନେ ୩ଟି ବ୍ୟାନର ଲଗାଇଛନ୍ତି। ସୋମବାର ସକାଳେ ଲାଠୋର ପୋଲିସ ବ୍ୟାନର ସବୁକୁ ଜବତ କରିଛି। ଓଡ଼ିଆ ଏବଂ ହିନ୍ଦୀ ଭାଷାରେ ଲେଖାଥିବା ବ୍ୟାନରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୧୯ତମ ପ୍ରତିଷ୍ଠା ଦିବସକୁ ପ୍ରତି ଗ୍ରାମରେ ପାଳନ କରିବାକୁ କୁହାଯାଇଛି। ପୋଲିସକୁ ସୂଚନାଦାତାଙ୍କୁ ପ୍ରଜାକୋର୍ଟରେ ଦଣ୍ଡିତ କରିବା କୁହାଯାଇଛି। ବ୍ୟାନର ତଳେ ବିବିଏମ୍ ଡିଭିଜନାଲ କମିଟି ଲେଖାଯାଇଛି।

# ବାର୍‌କୁ ବିରୋଧ, ଥାନାରେ ମାମଲା

- ୧୧ଜଣଙ୍କ ବିରୋଧରେ ମାମଲା ରୁଜୁ
- ଜିଲାପାଳଙ୍କୁ ଅଞ୍ଚଳବାସୀଙ୍କ ଫେରାଦ
- ବନ୍ଦ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ


ଜିଲାପାଳଙ୍କୁ ଫେରାଦ ହୋଇଥିବା ରେଙ୍ଗାଲି କ୍ୟାମ୍ପବାସୀ ।

ବରଗଡ଼ ଅଫିସ୍,୧୯।୯

ବରଗଡ଼ ଜିଲା ଅତାବିରା ଥାନା ରେଙ୍ଗାଲିକ୍ୟାମ୍ପ ଛକରେ ଏକ ବାର୍ (ଅନ୍ ସପ୍ ମଦ ଦୋକାନ)କୁ ବିରୋଧ ସତ୍ତ୍ୱେ ଖୋଲିବାକୁ ଉଦ୍ୟମ କରାଯିବା ଘଟଣାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି । ଅନ୍ୟପଟେ ବାର୍‌କୁ ବିରୋଧ କରି ଶନିବାର ଆନ୍ଦୋଳନକୁ ଓହ୍ଲାଇଥିବା ଲୋକଙ୍କ ନାମରେ ପୋଲିସ ମାମଲା ରୁଜୁ କରିବା ପରେ ଅସନ୍ତୋଷ ଦ୍ୱିଗୁଣିତ ହୋଇଛି। ସୋମବାର ସ୍ଥାନୀୟ ଲୋକେ ଏ ନେଇ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନବୀନ କୁମାର ପଟେଲଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେହିପରି ବାର୍ ଖୋଲାଯିବାକୁ ବିରୋଧ କରି ସ୍ଥାନୀୟ ଲୋକେ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆରସି)ଙ୍କ ପାଖରେ ଦାଖଲ କରିଥିବା ପିଟିଶନ ବିଚାରାଧୀନ ଥିବାବେଳେ ସେଠାରେ ବଳପୂର୍ବକ ବାର୍ ଖୋଲାଯିବା ପାଇଁ ଚାଲିଥିବା ମସୁଧା ଚର୍ଚ୍ଚାର ବିଷୟ ହୋଇଛି ।

ପ୍ରକାଶ ଯେ, ଅତାବିରାରେ ବାର୍ ଖୋଲିବାରେ ବିଫଳ ହେବା ପରେ ଜଣେ ବ୍ୟବସାୟୀ କିଛି ଅବକାରୀ କର୍ମଚାରୀ ଏବଂ ସ୍ଥାନୀୟ ନେତାଙ୍କୁ ହାତ କରି ରେଙ୍ଗାଲି କ୍ୟାମ୍ପରେ ବାର୍ ଖୋଲିବାକୁ ଲାଇସେନ୍ସ ପାଇଥିଲେ। ସ୍ଥାନୀୟ ଲୋକେ ଏହା ଜାଣିବା ପରେ ଓଏଚ୍‌ଆରସି, ଅବକାରୀ କମିଶନର, ଜିଲାପାଳ, ଅବକାରୀ ଅଧୀକ୍ଷକଙ୍କୁ ଲିଖିତ ଭାବେ ଜଣାଇଥିଲେ। ଓଏଚ୍‌ଆରସିରେ ଏହି ମାମଲା ଚୂଡ଼ାନ୍ତ ନ ହେଉଣୁ ଶନିବାର ସମ୍ପୃକ୍ତ ବ୍ୟବସାୟୀ ସେଠାରେ ବାର୍ ଖୋଲିଥିଲେ। ଏହା ଜାଣିବା ପରେ ସ୍ଥାନୀୟ ଲୋକେ ସମ୍ପୃକ୍ତ ବାର୍ ସମ୍ମୁଖକୁ ଯାଇ ଧାରଣାରେ ବସି ପ୍ରତିବାଦ କରିଥିଲେ। ସେଠାକୁ ଅବକାରୀ ଅଧିକାରୀମାନେ ପହଞ୍ଚିଥିଲେ ଏବଂ ସମ୍ପୃକ୍ତ ବାର୍‌ରେ ତାଲା ପକାଇବା ସହିତ ଏହାର ସମାଧାନ ନ ହେବା ପର୍ଯ୍ୟନ୍ତ ବାର୍ ବନ୍ଦ ରହିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ହଟିଥିଲା। ଅପରପକ୍ଷେ ଅତାବିରା ପୋଲିସ ଏହି ଘଟଣାରେ ଆନ୍ଦୋଳନକୁ ଓହ୍ଲାଇଥିବା ୧୧ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଏହା ଜଣାପଡ଼ିବା ପରେ ଉକ୍ତ ଘଟଣାକୁ ନେଇ ପୁଣି ଆନ୍ଦୋଳନ ତେଜି ଉଠିଛି।

# ଜବରଦଖଲ ଉଚ୍ଛେଦ ସ୍ଥଗିତ

- ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଜବରଦଖଲକାରୀ
- ଶୁଣାଣିପାଇଁ ଉପଜିଲାପାଳଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଝାରସୁଗୁଡ଼ା ଅଫିସ,୧୯।୯

ଲଖନପୁର ତହସିଲର ବନ୍ଧବାହାଲ ଆର୍‌ଆଇ ସର୍କଲ ସରଣ୍ଡାମାଲ ପଞ୍ଚାୟତ ଅଞ୍ଚଳରେ କେତେକ ଲୋକ ସରକାରୀ ଜମି ଜବର ଦଖଲକରି ଘରଦ୍ୱାର କରି ରହିଛନ୍ତି। ଏ ନେଇ ଅନେ୍ୟକ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ଦେଖାଦେଉଛି। ତେଣୁ ସ୍ଥାନୀୟ ବାସିନ୍ଦାଙ୍କ ତରଫରୁ ଜବରଦଖଲ ଉଚ୍ଛେଦ ପାଇଁ ଦାବି ହୋଇଆସୁଛି। ଲଖନପୁର ତହସିଲ ତରଫରୁ ଉଚ୍ଛେଦ ପାଇଁ ୨୩ଜଣଙ୍କୁ ନୋଟିସ୍ ଜାରି କରାଯାଇଥିଲା । ଏହାର ସମୟସୀମା ସେପ୍ଟେମ୍ବର ୨୦ତାରିଖ ରହିଥିବାବେଳେ ଗୋଟିଏ ଦିନ ପୂର୍ବରୁ ସୋମବାର ସନ୍ଧ୍ୟାରେ ତହସିଲଦାର ବିଶ୍ୱକେଶନ ପାଣ୍ଡେଙ୍କ ଆହ୍ୱାନକ୍ରମେ ବନହରପାଲି ଥାନାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ତହସିଲଦାର ପାଣ୍ଡେ, ଆଇଆଇସି ଆନ୍ନା ମିଞ୍ଜ, ବନ୍ଧବାହାଲ ଫାଣ୍ଡି ଅଧିକାରୀ ରବି ଶଙ୍କର ଭଇଁସାଲ, ବନ୍ଧବାହାଲ ସରପଞ୍ଚ ଭାରତୀ ବେହେରା, ସମିତିସଭ୍ୟା ପଦ୍ମିନୀ ସିଂ, ସରଣ୍ଡାମାଲ ସରପଞ୍ଚ ଝରଣା ସେଠ୍, ସମିତିସଭ୍ୟ ରାଜେଶ୍ୱର ସିଂହ, ତେଲନପାଲି ସରପଞ୍ଚ ଆକାଶ ସାହୁ, ସମିତିସଭ୍ୟ ଅରୁଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ତହିସିଲଦାର ପାଣ୍ଡେ କହିଥିଲେ, ୨୩ଜଣ ଜବରଦଖଲକାରୀଙ୍କ ମଧ୍ୟରୁ ୧୩ଜଣ ଉଚ୍ଛେଦ ପୂର୍ବରୁ ସମୟ ଦିଆଯାଉ ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ରିପିଟିଶନ(ଡବ୍ଲୁପିସି) ଦାୟର କରିଛନ୍ତି। ଏହାକୁ ହାଇକୋର୍ଟ ଗ୍ରହଣକରି ଉପଜିଲାପାଳଙ୍କୁ ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ପରେ ଉପଜିଲାପାଳ ଯାହାକିଛି ନିଷ୍ପତ୍ତି ନେବେ ବୋଲି ତହସିଲଦାର ପାଣ୍ଡେ କହିଛନ୍ତି। ଏହାକୁ ନେଇ ସ୍ଥାନୀୟ ଜନପ୍ରତନିଧି ଓ ବୁଦ୍ଧିଜୀବୀ ଅସନ୍ତୋଷ ବ୍ୟକ୍ତକରି ଜିଲା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ଏହାର ଶୁଣାଣି ଜବର ଦଖଲକାରୀଙ୍କୁ ଉଚ୍ଛେଦ କରିବାକୁ ସେମାନେ ଦାବି କରିଛନ୍ତି।


ବନହରପାଲି ଥାନାରେ ଅନୁଷ୍ଠିତ ବୈଠକ।

## ସଂକ୍ଷେପରେ

### ମୃତ୍ୟୁ ପରେ ଚକ୍ଷୁଦାନ



ବରଗଡ଼ ଅଫିସ୍,୧୯।୯: ବରଗଡ଼ ବ୍ଲକ ଖୁଣ୍ଟୁଲିପାଲି ଗ୍ରାମର ସାମାଜିକ କର୍ମୀ ମନୋଜ ମହାପାତ୍ର(୪୫)ଙ୍କ ରବିବାର ରାତିରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ସୋମବାର ବରଗଡ଼ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଥିଲା। ସେ ଗତ ୧୦ତାରିଖରେ ଚକ୍ଷୁଦାନ ପାଇଁ ପଞ୍ଜୀକରଣ କରିଥିଲେ । ଫଳରେ ଡାକ୍ତରଖାନାର ଚକ୍ଷୁ ବିଶେଷଜ୍ଞମାନେ ତାଙ୍କ ଚକ୍ଷୁ ସଂଗ୍ରହ କରିଥିଲେ। ମୃତ୍ୟୁ ପରେ ସ୍ୱର୍ଗତ ମହାପାତ୍ରଙ୍କ ଚକ୍ଷୁଦାନ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ସାଜିଛି। ପ୍ରକାଶଥାଉକି, ରବିବାର ସନ୍ଧ୍ୟାରେ ସେ ଘରୁ ବାହାରି ବାଇକ୍ ଯୋଗେ ବରଗଡ଼ ସହର ଅଭିମୁଖେ ଆସୁଥିଲେ। ବାଟରେ ସେ ସରସରା ଛକ ନିକଟରେ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା ।

### ବରଗଡ଼ରେ ଅପେରା ପ୍ରଦର୍ଶନକୁ ବିରୋଧ

ବରଗଡ଼ ଅଫିସ୍,୧୯।୯: ବରଗଡ଼ ଜିଲାରେ ଜିଲା ବାହାର ଅପେରା ପ୍ରଦର୍ଶନ ଉପରେ ଦୀର୍ଘବର୍ଷ ପୂର୍ବରୁ ପ୍ରଶାସନ କଟକଣା ଜାରି କରିଛି। ଫଳରେ ଜିଲାରେ ଅପେରା ପ୍ରଦର୍ଶନ ବନ୍ଦ ରହିଥିଲା। ମାତ୍ର ଏବେ ଜିଲାରେ ଏହା ପ୍ରଦର୍ଶନ ପାଇଁ ଅନୁମତି ଦିଆଯିବା ନେଇ ମସୁଧା ଚାଲିଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ବରଗଡ଼ ଜିଲା ଓକିଲ ସଂଘ ଏହାକୁ ଗୁରୁତ୍ୱର ସହିତ ନେଇଛି। ବରଗଡ଼ରେ ଧନୁଯାତ୍ରା ଭଳି ମହୋତ୍ସବ ହେଉଥିବାରୁ ଏଠାରେ ଜିଲା ବାହାର ଅପେରା ପ୍ରଦର୍ଶନକୁ କୌଣସି ପ୍ରକାରରେ ସୁଯୋଗ ଦିଆଯିବ ନାହିଁ ବୋଲି ଓକିଲ ସଂଘ ନିଷ୍ପତ୍ତି ନେଇଛି। ଜିଲାରେ ଅପେରା ପ୍ରଦର୍ଶନ ପାଇଁ ଅନୁମତି ଦିଆଗଲେ ସଂଘ ତାକୁ ଦୃଢ଼ ବିରୋଧ କରିବ ବୋଲି ଜିଲା ଓକିଲ ସଂଘ ସମ୍ପାଦକ ହରିହର ପ୍ରଧାନ ସୂଚନା ଦେଇଛନ୍ତି। ସେହିପରି ଜିଲାରେ ଅପେରା ପ୍ରଦର୍ଶନ ବିରୋଧରେ ବିଭିନ୍ନ ସଙ୍ଗଠନ ଏକଜୁଟ୍ ହେଉଥିବା ସୂଚନା ମିଳିଛି ।

### ଡମ୍ପିଂୟାର୍ଡକୁ ପୁଣି ପଶିଲା ଆବର୍ଜନା ଗାଡ଼ି

ବରଗଡ଼ ଅଫିସ୍,୧୯।୯: ନ୍ୟାଶନାଲ ଗ୍ରୀନ ଟ୍ରିବୁନାଲ (ଏନ୍‌ଜିଟି) ନିର୍ଦ୍ଦେଶରେ ଏକ ଟିମ୍ ଗତ କିଛିଦିନ ତଳେ ବରଗଡ଼ ସହର ଉପକଣ୍ଠ ଧାଙ୍ଗେର ପଞ୍ଚାୟତ ମୁଣ୍ଡାପଡ଼ା ନିକଟସ୍ଥ ଡମ୍ପିଂୟାର୍ଡ ପରିଦର୍ଶନ କରିଥିଲେ। ସେହି ଟିମ୍‌ରେ ଥିବା ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ ଡମ୍ପିଂୟାର୍ଡ଼ରେ ଆଉ ଆବର୍ଜନା ନ ପକାଇବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିଲେ। କିନ୍ତୁ ପୁଣି ସେଠାରେ ଆବର୍ଜନା ପକାଯିବା ଘଟଣାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି ଅଭିଯୋଗ ନେଇ ମୁଣ୍ଡାପଡ଼ାର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନବୀନ କୁମାର ପଟେଲଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏନ୍‌ଜିଟି ଦେଇଥିବା ନିର୍ଦ୍ଦେଶକୁ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ମାରିୟମ ବାର୍ଲା, ରବିନ୍ଦ୍ର ମାଝି, ସୁରସେନ ସେଠ, ନବକିଶୋର ଦାଶ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

### ଆସ ଶିଖିବା, ଚାକିରି କରିବା ସଚେତନତା କାର୍ଯ୍ୟକ୍ରମ

ବିନିକା, ୧୯।୯(ଡି. ଏନ. ଏ.): ସୁବର୍ଣ୍ଣପୁର ଜିଲା ନିଯୁକ୍ତି ତାଲିମ କେନ୍ଦ୍ର ତରଫରୁ ବିନିକା ମହିଳା ଉଚ୍ଚ ମାଧମିକ ସ୍କୁଲ ଫୁଲମୁଠିରେ ଆସ ଶିଖିବା, ଚାକିରି କରିବା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ପଞ୍ଚାନନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ନିଯୋଜନ ଅ ଧିକାରୀ ସଞ୍ଜୁ କୁମାରୀ ସାହୁ, ଦକ୍ଷତା ବିକାଶ ଅଧିକାରୀ ବିଜୟ ନନ୍ଦ ମହାନ୍ତି, ଦକ୍ଷତା ଗତିଶୀଳ ଅଧିକାରୀ ବିରଞ୍ଚି ବାହାଲିଆ ଯୋଗଦେଇ ମାଗଣା ନିଯୁକ୍ତି ତାଲିମ ଉପରେ ଯୁବତୀ ଯୁବକ ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅଧାପିକା ବୈଯ୍ୟନ୍ତୀ ସାହୁ, ଅଧାପକ ଅଶୋକ ବିଶି, ସବ୍ୟସାଚୀ ଦନ୍ତା, ଶିବ ନାରାୟଣ ମେହେର, ଚୈତନ୍ୟ ମେହେର ପ୍ରମୁଖ ସହଯୋଗ କରିଥିଲେ ।

# ବରଗଡ଼ ଜିଲାବାସୀଙ୍କୁ ଟୋଲ୍ ଫ୍ରି


ଜିଲା ଓକିଲ ସଂଘରେ ଅନୁଷ୍ଠିତ ଦ୍ୱିପାକ୍ଷିକ ବୈଠକ ।

ବରଗଡ଼ ଅଫିସ୍,୧୯।୯

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା ଟୋଲ ପ୍ଲାଜା ବରଗଡ଼ ଜିଲାବାସୀଙ୍କ ଗାଡ଼ି ପାଇଁ ଟୋଲ ଦେୟମୁକ୍ତ କରିଛି । ଜିଲା ଓକିଲ ସଂଘ ସମ୍ମିଳନୀ କକ୍ଷରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ଦ୍ୱିପାକ୍ଷିକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସେହିପରି ଓକିଲ ସଂଘ ପକ୍ଷରୁ ହୋଇଥିବା ବିଭିନ୍ନ ଦାବି ପୂରଣ ଉପରେ ମଧ୍ୟ ଟୋଲପ୍ଲାଜା କର୍ତ୍ତୃପକ୍ଷ ସହମତି ପ୍ରକାଶ କରିଛନ୍ତି। ଏହାପରେ ଓକିଲ ସଂଘ ପକ୍ଷରୁ ଦୀର୍ଘ ୫ଦିନ ଧରି ଚାଲିଥିବା ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି । ଅନ୍ୟପଟେ ଟୋଲପ୍ଲାଜା କର୍ତ୍ତୃପକ୍ଷ ନିଷ୍ପତ୍ତିରୁ ପୁଣି ଓହରିଲେ ଆଗକୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଜିଲା ଓକିଲ ସଂଘ ଚେତାବନୀ ଦେଇଛି।

## ଦାବି ମାନିଲେ ଟୋଲପ୍ଲାଜା କର୍ତ୍ତୃପକ୍ଷ

ପ୍ରକାଶ ଯେ, ବରଗଡ଼ ଜିଲା ସୋହେଲା ବ୍ଲକ ଲୁହୁରାଚଟିଠାରୁ ସମ୍ବଲପୁର ଜିଲା ଅଇଁଠାପାଲି ପର୍ଯ୍ୟନ୍ତ ୮୮କି.ମି ଫୋର୍‌ଲେନ୍ ରାସ୍ତା ସମ୍ପୂର୍ଣ୍ଣ ନ କରି ବରାହଗୋଡ଼ା ସ୍ଥିତ ଟୋଲପ୍ଲାଜାରେ ରାସ୍ତା ନିର୍ମାଣକାରୀ ସଂସ୍ଥା ଅଶୋକା ବିଲ୍ଡକନ୍ ଟୋଲଟ୍ୟାକ୍ସ ଅସୁଲି କରୁଥିବା ଅଭିଯୋଗ ହୋଇଥିଲା। ସେହିପରି ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନ ଥିବା ଯୋଗୁ ପୂର୍ବରୁ ଅଞ୍ଚଳବାସୀଙ୍କ ଦାବିକ୍ରମେ ଜିଲାବାସୀଙ୍କ ଗାଡ଼ିରୁ ଟୋଲ ଅସୁଲି କରାଯାଉ ନ ଥିଲା। ମାତ୍ର ପରବର୍ତ୍ତୀ ସମୟରେ ବରଗଡ଼ ଜିଲାବାସୀଙ୍କଠାରୁ ଟୋଲ୍ ଅସୁଲି କରାଗଲା । ଏହାକୁ କେନ୍ଦ୍ର କରି ଗତ ୧୫ତାରିଖରୁ ଜିଲା ଓକିଲ ସଂଘ ଟୋଲ୍ ପ୍ଲାଜା କର୍ତ୍ତୃପକ୍ଷଙ୍କ ସେଭଳି ସ୍ୱେଚ୍ଛାଚାରିତାର ଦୃଢ଼ ପ୍ରତିବାଦ କରିଥିଲା। ଫଳରେ ଟୋଲପ୍ଲାଜାରେ ଟୋଲ ଅସୁଲି ବନ୍ଦ ହୋଇ ଯାଇଥିଲା। ଏହି ଘଟଣାକୁ ନେଇ ଜିଲା ଓକିଲ ସଂଘ ସମ୍ମିଳନୀ କକ୍ଷରେ ସୋମବାର ସନ୍ଧ୍ୟାରେ ଦ୍ୱିପାକ୍ଷିକ ବୈଠକ ହୋଇଥିଲା ଏବଂ ଦାବିଗୁଡ଼ିକୁ ପୂରଣ ପାଇଁ ଟୋଲପ୍ଲାଜା କର୍ତ୍ତୃପକ୍ଷ ରାଜି ହୋଇଥିଲେ। ଜିଲା ଓକିଲ ସଂଘ ସଭାପତି ଚନ୍ଦ୍ରଧ୍ୱଜ ଜାଲ, ସମ୍ପାଦକ ହରିହର ପ୍ରଧାନଙ୍କ ସମେତ ଅନ୍ୟ ସଦସ୍ୟ ଏବଂ ଅଶୋକା ବିଲ୍ଡକନ ପକ୍ଷରୁ ବିଭାଗୀୟ ଯନ୍ତ୍ରୀ ଚନ୍ଦନ କୁମାର, ସୁବାଷ ବାରିକ, ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡେଲକର ପ୍ରମୁଖ ଉପସ୍ଥିତ ଥିଲେ।

## ଗୀତା ଆବୃତ୍ତି ପ୍ରତିଯୋଗିତା

ଅମରପାଲି,୧୯।୯(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ହରିହରନନ୍ଦ ଗୁରୁକୂଳ ପୁରୀ (ପ୍ରଜ୍ଞାନ ମିଶନ) ଆନୁକୂଲ୍ୟରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମରୁ ସ୍ନାତକୋତ୍ତର ପର୍ଯ୍ୟନ୍ତ ବିଦ୍ୟାର୍ଥୀମାନେ ଗୀତାର ମୁଖ୍ୟ ଯୋଗର ନିର୍ଦ୍ଧାରିତ ଶ୍ଳୋକ ଆବୃତ୍ତି କରିଥିଲେ। କାର୍ଯ୍ୟକ୍ରମରେ ବିଚାରକଭାବେ ସାବିତ୍ରୀ ବର୍ମା, ସନ୍ତୋଷିନୀ ନାୟକ, ସନ୍ତୋଷ ରଥ, ସୁଶାନ୍ତ ମିଶ୍ର, ମାଗୁଣି ନନ୍ଦ ଓ ସୁଧାଂଶୁ ପଧାନ ଯୋଗଦେଇ ପ୍ରତିଯୋଗୀମାନଙ୍କ ଗୀତା ଆବୃତ୍ତିକୁ ମୂଲ୍ୟାୟନ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ଡୋଲାମଣି ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ରୁଦ୍ରାକ୍ଷ ସାହୁ, ଜିଲା ସଂଯୋଜକ ସିତାଂଶୁ ପୂଝାରି ଏବଂ ଆଲୋକ କୁମାର ପଧାନ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ହନୁମାନପାଲି ପ୍ରାଥମିକ ବିଦ୍ୟାଳୟର ଛାତ୍ର ରୁଷିରାଜ ମେହେର, ସ୍ଥାନୀୟ ସରସ୍ୱତୀ ବିଦ୍ୟାମନ୍ଦିରରୁ ଅର୍ଚ୍ଚିତା ପଟେଲ, ବୀରମହାରଜପୁର ମହାବିଦ୍ୟାଳୟରୁ ପିଙ୍କି ମେହେର ପ୍ରମୁଖ ପ୍ରତିଯୋଗୀ କୃତକାର୍ଯ୍ୟ ହୋଇଥିଲେ। କୃତିପ୍ରତିଯୋଗୀଙ୍କୁ ଆତିଥିମାନେ ମାନପତ୍ର ଓ ଆଧାତ୍ମିକ ପୁସ୍ତକ ପ୍ରଦାନ କରିଥିଲେ।

# ୪୪ ଅଭିଯୋଗ ପଞ୍ଜୀକୃତ

ନାକଟିଦେଉଳ,୧୯।୯(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ କ୍ଲଷ୍ଟର ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଟଗାଁ, ଜାମୁଯୋରୀ ଓ ସାଲେଭଟା ପଞ୍ଚାୟତର ଜନସାଧାରଣ ଯୋଗଦେଇ ଅଭିଯୋଗ ଦାଖଲ କରିଥିଲେ। ସମୁଦାୟ ୪୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସମସ୍ତ ଅଭିଯୋଗ ବ୍ୟକ୍ତିଗତ ରହିଥିଲା। ଘଟଣାସ୍ଥଳରେ ୪ଟି ଅଭିଯୋଗର ସମାଧାନ କରାଯାଇଥିଲା। ଶିବିରରେ ୧୬ ହିତାଧିକାରୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ଼, ୪ ମହିଳା ସ୍ୱଂୟସହାୟକ ଗୋଷ୍ଠୀଙ୍କୁ ୧୬ଲକ୍ଷ ଟଙ୍କା ଋଣ ଓ ୨୦ଜଣ ଚାଷୀଙ୍କୁ ୟୁରିଆ ସାର ପ୍ରଦାନ କରାଯାଇଥିଲା। ନାକଟିଦେଉଳ ବିଡିଓ ବିବେକାନନ୍ଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ରେଢ଼ାଖୋଲ ଉପଜିଲାପାଳ ପବିତ୍ର ବେହେରା ଯୋଗଦେଇ ଅଭିଯୋଗ ଶୁଣାଣି କରିବା ସହ ସମସ୍ୟା ସମାଧାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନାକଟିଦେଉଳ ତହସିଲଦାର ସୁକାନ୍ତ କୁମାର ନାଏକ, ବାଟଗାଁ ସରପଞ୍ଚ ସୌଦାମିନି ବେହେରା, ଜାମୁଯୋରୀ ସରପଞ୍ଚ ରୀନା ବିଶ, ସାଲେଭଟା ସରପଞ୍ଚ ପାଣ୍ଡବ ପ୍ରଧାନ ଉପସ୍ଥିତ ଥିଲେ।


ଶିବିରରେ ଯୋଗଦେଇଥିବା ଅଧିକାରୀ।

# କଳା ସଂସ୍କୃତିର ପରିଚୟ ନୂଆଁଖାଇ

ଅମରପାଲି,୧୯।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମୁଖ୍ୟଛକ ନିକଟରେ ସ୍ଥାନୀୟ କଳାକାରମାନଙ୍କର ସମ୍ମାନ ପାଇଁ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ନୂଆଁଖାଇ ଭେଟ୍‌ଘାଟ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥି, ବ୍ଲକ ଉପାଧକ୍ଷ ତଥା ଆୟୋଜକ ସମ୍ପାଦକ ନାରାୟଣ ଲୁହା, ବିଡିଓ ମୋତିଲାଲ ସୁଲିଆ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର, ଆମ୍ବା ଅଧକ୍ଷ ବିବସ୍ୱତି ପଣ୍ଡା, ଜିଲା ଯୁବ ବିଜେଡି ସଭାପତି ଅଶୋକ ନନ୍ଦ, କୃତ୍ତିବାସ ମିଶ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ବୀରମହାରାଜପୁର ଅଞ୍ଚଳ ଏକ ସଂସ୍କୃତି ସମ୍ପନ୍ନ ଅଞ୍ଚଳ। ନୂଆଁଖାଇ ଭେଟ୍‌ଘାଟ ମାଧ୍ୟମରେ ଏହାକୁ ବଞ୍ଚାଇ ରଖିବା ସହିତ ଅଂଚଳର କଳାକାରଙ୍କୁ ପ୍ରୋତ୍ସାହନ ଦେବା ଏହାର ମୁଖ୍ୟ ଲକ୍ଷ୍ୟ ହେଉ ବୋଲି ଆତିଥିମାନେ ମତପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଅଭିନେତା ପ୍ରଦ୍ୟୁମ୍ନ ସାହୁ, ସମ୍ବଲପୁରୀ ଗାୟକ ଶତୃଘ୍ନ ଲୁହା, ଡ.ପ୍ରଫୁଲ୍ଲ ରଥ, ପ୍ରାଣୀ ଚିକିତ୍ସକ ଡ.ସ୍ୱାଗତୀକା ମିଶ୍ର, ଏସଡିପିଓ ଡୋଲାମଣୀ ଭୋଇ, ଗୃହରକ୍ଷୀ ରଞ୍ଜିତ ଚାନ୍ଦ, ବିଶ୍ୱାମିତ୍ର ଜଗଦଲା, ଡ.ରବୀନ୍ଦ୍ର ନାଥ ପଣ୍ଡା ପ୍ରମୁଖଙ୍କୁ ସମ୍ମାନୀତ କରାଯାଇଥିଲା। ଚଳିତ ନିଟ୍‌ରେ କୃତକାର୍ଯ୍ୟ ହୋଇଥିବା ରାହୁଲ ପଧାନ, ସୁମନ ପଧାନ, ମଧୁସ୍ମିତା ମହାକୁର, ଦେବଦତ୍ତ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। କାର୍ଯ୍ୟକ୍ରମକୁ ଅବିନାଶ ହୋତା ସଂଯୋଜନା କରିଥିବା ବେଳେ ଲକ୍ଷ୍ମୀନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ନୂଆଁଖାଇ ଭେଟ୍‌ଘାଟରେ ମଞ୍ଚାସୀନ ଅତିଥି।

# ସଂସ୍କୃତି, ପରମ୍ପରା ବଜାୟ୍ ରଖିବାକୁ ଆହ୍ୱାନ



ଭେଟ୍‌ଘାଟରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବକ୍ତବ୍ୟ ଦେଉଛନ୍ତି ଏବଂ ମଞ୍ଚାସୀନ ଅତିଥି ବୃନ୍ଦ।

ସୋନପୁର,୧୯।୯(ନି.ପ୍ର.)

ଓଡିଶା ରାଜ୍ୟ ଡୁମାଳ ପରିଷଦ ଆନୁକୁଲ୍ୟରେ ସୋନପୁର ବ୍ଲକ ଜନମୁରା ଖୁକୁଡେଶ୍ୱର ମନ୍ଦିର ପାର୍ଶରେ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଡୁମାଳ ପରିଷଦ ବଲାଙ୍ଗୀର ଜିଲା ସଭାପତି ଲମ୍ବୋଦର ମହାକୁର ଅଧକ୍ଷତା କରିଥିଲେ। ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଓ ରାଜ୍ୟ ସଭା ଏମ୍‌ପି ନିରଞ୍ଜନ ବିଶି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡୁମାଳ ସମାଜର ସଂସ୍କୃତି ଓ ପରମ୍ପରା ଉପରେ ବକ୍ତବ୍ୟ ରଖିଥିଲେ। ମାହେଶ୍ୱରୀ ସଂସ୍କୃତି ଭବନ ନିର୍ମାଣ ପାଇଁ ଆର୍ଥିକ ସହାୟତା ପାଇଁ ଉଭୟେ ପ୍ରତିଶ୍ରୁତି ଦେଇଥିଲେ। ସମାଜର

## ଡୁମାଳ ପରିଷଦର ନୂଆଁଖାଇ ଭେଟ୍‌ଘାଟ

ରାଜ୍ୟ ସଭାପତି ଦେବାର୍ଚ୍ଚନ ଚାଉଳିଆ, ତରଭା ବ୍ଲକ ଅଧକ୍ଷ ସରୋଜ କର୍ମ, ଦେଓଗାଁ ବ୍ଲକ ଅଧକ୍ଷ ଦୟାନିଧି ଖମାରି, ସୁବର୍ଣ୍ଣପୁର ଜିଲା ପରିଷଦ ଉପାଧକ୍ଷ ଝସକେତନ ବଘାର, ଜିଲା ପରିଷଦ ସଭ୍ୟ ମଧୁସୂଦନ ଓତା, ସୋନପୁର ବ୍ଲକ ଅଧକ୍ଷ ପହଲାଦ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଡୁମାଳ ସମାଜର ଐତିହ ,ପରମ୍ପରା, ସଂସ୍କୃତି, ଗୋ ପାଳନ ଓ ବିଭିନ୍ନ ସାମାଜିକ ବ୍ୟବସ୍ଥା ପ୍ରସଙ୍ଗରେ ଆଲୋଚନା କରିଥିଲେ। ପଞ୍ଚାନନ ଦନ୍ତା ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଡୁମାଲ ସମାଜ ପରିଷଦ ପକ୍ଷରୁ ବରଗଡ଼ ଜିଲା ସଭାପତି ଦୟା ସାଗର ମେଣ୍ଡଲି, ସମ୍ବଲପୁର ଜିଲା ସଭାପତି ଦେବିଲାଲ ପ୍ରଧାନ, ସୁବର୍ଣ୍ଣପୁର ଜିଲା ସଭାପତି ଭୂଷଣ ପାତ୍ର, ବୌଦ୍ଧ ସଭାପତି ରମଣୀ ରଞ୍ଜନ ପ୍ରଧାନ, ଅନୁଗୋଳ ଜିଲା ସମ୍ପାଦକ ବିପିନ ପାତ୍ର, ରେଢ଼ାଖୋଲର ଗୌରୀ ଶଙ୍କର ପାତ୍ର, ବୌଦ୍ଧର କୃତ୍ତିବାସ ପଲିଆ, ବିଶିକେସନ ପ୍ରଧାନ, ମାଗୁଣି ଗାଇଗୌରିଆ, ବଡଗଡ଼ରୁ ଜିତେନ୍ଦ୍ର ପ୍ରଧାନ, ସୁବାଷ ମହାକୁର ପ୍ରମୁଖ ଯୋଗଦେଇ ଡୁମାଲ ସମାଜକୁ ଏକ ସୁଦୃଢ଼ ସଂଗଠନ ସହିତ ସମାଜର କଲ୍ୟାଣ ଦିଗରେ କାର୍ଯ୍ୟ କରିବା ପାଇଁ ମତପ୍ରକାଶ କରିଥିଲେ। ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ସନ୍ଧ୍ୟାରେ ଯୋଗଦାନ ମାହେଶ୍ୱରୀ ସଂସ୍କୃତି ଭବନ ନିର୍ମାଣ ପାଇଁ ୧୫ଲକ୍ଷ ଟଙ୍କା ତାଙ୍କ ଫଣ୍ଡରୁ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲାରୁ ପ୍ରାୟ ତିନି ହଜାର ଡୁମାଲ ପ୍ରତିନିଧି ମାନେ ଯୋଗ ଦେଇଥିଲେ। ସ୍ୱୟମ୍ଭୁନାଥ ଖଣ୍ଡଗିରି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଦେଶବନ୍ଧୁ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ହୃଷିକେଶ ପ୍ରଧାନ, ସମ୍ପାଦକ ମହନ କର୍ମୀ, ସଭ୍ୟ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବେଟିଖିଆ ଅମାତ, ମନୁରାଜ କର୍ମୀ, ଉପେନ୍ଦ୍ର ଶଙ୍ଖୁଆ ଓ ମାହେଶ୍ୱରୀ ସେନାର କର୍ମକର୍ତ୍ତାମାନେ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ସରକାରୀ ବାସଭବନରୁ ଜବରଦଖଲ ହଟିଲା

**ଟିଟିଲାଗଡ଼, ୧୯।୯(ଡି.ଏନ.ଏ.):** ଦୀର୍ଘଦିନ ଧରି ଟିଟିଲାଗଡ଼ ଶିକ୍ଷା ବିଭାଗ ଅଧୀନରେ ଥିବା ସରକାରୀ ବାସଗୃହରେ ରହି ଆସୁଥିବା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସୋମବାର ପ୍ରଶାସନ ତରଫରୁ ଉଚ୍ଛେଦ କରାଯାଇଛି। ଅବସର ଗ୍ରହଣ ପରେ ସରକାରୀ ବାସଗୃହକୁ ସେମାନେ ନ ଛାଡି ରହି ଆସୁଥିଲେ। ସେମାନଙ୍କ ମଧ୍ୟରୁ କେତେକ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚନ୍ୟାୟାଳୟ ଙ୍କ ନିର୍ଦ୍ଦେଶ ପରେ ବଲାଙ୍ଗୀର ଜିଲାପାଳ ସମସ୍ତଙ୍କୁ ସରକାରୀ ବାସଭବନ ଛାଡିବା ପାଇଁ ଟିଟିଲାଗଡ ପୌର ପରିଷଦକୁ ନିର୍ଦ୍ଦେଶ ଦେଇଥିଲେ। ଏଣୁ ପୌର ପରିଷଦ ସମସ୍ତଙ୍କୁ ନୋଟିସ୍ ଜରିଆରେ ଖାଲି କରିବାପାଇଁ ଜଣାଇଥିଲେ। ଖାଲି କରିଥିବା ସମସ୍ତ ଗୃହକୁ ଭାଙ୍ଗି ଦିଆଯାଇଛି। ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ତହସିଲଦାର ପ୍ରେମଲାଲ ହିଆଲଙ୍କ ଉପସ୍ଥିତିରେ ସମସ୍ତ ଗୃହ ଭଙ୍ଗା ଯାଇଥିଲା। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ବନ୍ଦୋବସ୍ତ କରାଯାଇଥିଲା।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଯୁବକଙ୍କ ମୃତ୍ୟୁ ଘଟଣା: ୩ କୋର୍ଟ ଚାଲାଣ

**ନର୍ଲା, ୧୯।୯(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ଅଲାବୁଲାଗାଁରେ ବାର୍ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କରୁଣାକର ପୁଟେଲ (୩୮), ରୁପାଧର୍ ପୁଟେଲ (୩୩), ରୁପେନ ପୁଟେଲ (୨୫)। ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଏକ ଟମାଟୋ ବୋଝେଇ ପିକ୍ଅପ୍ ଭ୍ୟାନ୍‌ରେ ସଞ୍ଜୀବ ରଣା ନାମକ ଯୁବକ ଏମ୍. ରାମପୁର ଅଭିମୁଖେ ଯାଉଥିଲେ। ଅଲାବୁଲାଗାଁ ନିକଟ ରାସ୍ତା କଡ଼ରେ ଗାଡ଼ି ରଖି ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ହେଲେ ପୂର୍ବରୁ ରାସ୍ତାରେ ସେହି ଅଞ୍ଚଳର କେତେଜଣ ବ୍ୟକ୍ତି ବାର୍ହା ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଇଥିଲେ। ସେହି ତାର ସଂସ୍ପର୍ଶରେ ଆସି ସଞ୍ଜୀବଙ୍କ ମୃତ୍ୟୁ ଘଟିଥିଲା। ସେ ଫେରିବା ବିଳମ୍ବ ହେବାରୁ ଗାଡିରେ ଥିବା ସହଯୋଗୀ ସୁରେନ୍ଦ୍ର ବାଗ ତାଙ୍କୁ ଖୋଜିବାକୁ ଯାଇଥିଲେ। ସେଠାରେ ସଞ୍ଜୀବ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିବା ଦେଖି ତାଙ୍କୁ ଉଦ୍ଧାର କରିବାକୁ ଯାଇ ସୁରେନ୍ଦ୍ର ମଧ୍ୟ ଆହତ ହୋଇଥିଲେ। ଏ ନେଇ ନର୍ଲା ପୋଲିସ ଏକ ମାମଲା (ନଂ.୧୬୪/୨୨) ରୁଜୁ କରିଥିଲା। ପୋଲିସ ଘଟଣାର ତଦନ୍ତ କରି ବୁରାଟ ଗ୍ରାମର ଗୋଇନ୍ତିଆପଡାର କରୁଣାକର, ରୁପାଧର୍, ରୁପେନଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ



**ମଦନପୁର, ୧୯।୯(ଡି.ଏନ.ଏ.):** କଳାହାଣ୍ଡି ଜିଲା ମ. ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ସଂକୀର୍ତ୍ତନ ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କେତକୀ ଦଣ୍ଡିଆ, କମ୍ବୁପାଣି ମିଶ୍ର, କୃଷି ସମବାୟ ସମିତି ସଭାପତି ହରି ମହାନନ୍ଦ, ପୂର୍ବତନ ସରପଞ୍ଚ ଜୟରାମ ମହାନନ୍ଦ ଓ ସାମାଜିକ କର୍ମୀ ସୁଦର୍ଶନ ଦଣ୍ଡିଆ ପ୍ରମୁଖ ଯୋଗଦାନ କରିଥିଲେ। ବିଦ୍ୟାଳୟର ଉନ୍ନତିକରଣ ସକାଶେ ମୁଖ୍ୟଅତିଥି ନିଜର ମନ୍ତବ୍ୟ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ପ୍ରତିଷ୍ଠା ଦିବସ ବିଷୟରେ ସମ୍ୟକ୍ ଧାରଣା ଦେଇଥିଲେ। ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମ ବିଦ୍ୟାଳୟ ଶିକ୍ଷକ ସରୋଜ କୁମାର ଦାସ, ଆଶିଷ କୁମାର ପଣ୍ଡା, ଗଣେଶ ଦୋରା, ମଳୟରଞ୍ଜନ ବାଗ, ମହେନ୍ଦ୍ର ବେସ୍ରା, ବାଦଲ ନାଏକ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ରୀଛାତ୍ର ଆର୍ଯ୍ୟନ ଷଡଙ୍ଗୀ, ଦେବରାଜ ସିଂଦେଓ, ଶ୍ରୀୟା ଆଚାରି ଓ ଶିତଳ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ।

# ବାର୍‌କୁ ବିରୋଧ, ଥାନାରେ ମାମଲା

■ ୧୧ଜଣଙ୍କ ବିରୋଧରେ ମାମଲା ରୁଜୁ
■ ଜିଲାପାଳଙ୍କୁ ଅଞ୍ଚଳବାସୀଙ୍କ ଫେରାଦ
■ ବନ୍ଦ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ



ଜିଲାପାଳଙ୍କୁ ଫେରାଦ ହୋଇଥିବା ରେଙ୍ଗାଲି କ୍ୟାମ୍ପବାସୀ।

**ବରଗଡ଼ ଅଫିସ, ୧୯।୯**

ବରଗଡ଼ ଜିଲା ଅତାବିରା ଥାନା ରେଙ୍ଗାଲିକ୍ୟାମ୍ପ ଛକରେ ଏକ ବାର୍ (ଅନ୍ ସପ୍ ମଦ ଦୋକାନ)କୁ ବିରୋଧ ସତ୍ତ୍ୱେ ଖୋଲିବାକୁ ଉଦ୍ୟମ କରାଯିବା ଘଟଣାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି । ଅନ୍ୟପଟେ ବାର୍‌କୁ ବିରୋଧ କରି ଶନିବାର ଆନ୍ଦୋଳନକୁ ଓହ୍ଲାଇଥିବା ଲୋକଙ୍କ ନାମରେ ପୋଲିସ ମାମଲା ରୁଜୁ କରିବା ପରେ ଅସନ୍ତୋଷ ଦ୍ୱିଗୁଣିତ ହୋଇଛି। ସୋମବାର ସ୍ଥାନୀୟ ଲୋକେ ଏ ନେଇ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନବୀନ କୁମାର ପଟେଲଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେହିପରି ବାର୍ ଖୋଲାଯିବାକୁ ବିରୋଧ କରି ସ୍ଥାନୀୟ ଲୋକେ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍ଆରସି)ଙ୍କ ପାଖରେ ଦାଖଲ କରିଥିବା ପିଟିଶନ ବିଚାରାଧୀନ ଥିବାବେଳେ ସେଠାରେ ବଳପୂର୍ବକ ବାର୍ ଖୋଲାଯିବା ପାଇଁ ଚାଲିଥିବା ମସୁଧା ଚର୍ଚ୍ଚାର ବିଷୟ ହୋଇଛି ।

ପ୍ରକାଶ ଯେ, ଅତାବିରାରେ ବାର୍ ଖୋଲିବାରେ ବିଫଳ ହେବା ପରେ ଜଣେ ବ୍ୟବସାୟୀ କିଛି ଅବକାରୀ କର୍ମଚାରୀ ଏବଂ ସ୍ଥାନୀୟ ନେତାଙ୍କୁ ହାତ କରି ରେଙ୍ଗାଲି କ୍ୟାମ୍ପରେ ବାର୍ ଖୋଲିବାକୁ ଲାଇସେନ୍ସ ପାଇଥିଲେ। ସ୍ଥାନୀୟ ଲୋକେ ଏହା ଜାଣିବା ପରେ ଓଏଚ୍ଆରସି, ଅବକାରୀ କମିଶନର, ଜିଲାପାଳ, ଅବକାରୀ ଅଧୀକ୍ଷକଙ୍କୁ ଲିଖିତ ଭାବେ ଜଣାଇଥିଲେ। ଓଏଚ୍ଆରସିରେ ଏହି ମାମଲା ଚୂଡ଼ାନ୍ତ ନ ହେଉଣୁ ଶନିବାର ସମ୍ପୃକ୍ତ ବ୍ୟବସାୟୀ ସେଠାରେ ବାର୍ ଖୋଲିଥିଲେ। ଏହା ଜାଣିବା ପରେ ସ୍ଥାନୀୟ ଲୋକେ ସମ୍ପୃକ୍ତ ବାର୍ ସମ୍ମୁଖକୁ ଯାଇ ଧାରଣାରେ ବସି ପ୍ରତିବାଦ କରିଥିଲେ। ସେଠାକୁ ଅବକାରୀ ଅଧିକାରୀମାନେ ପହଞ୍ଚିଥିଲେ ଏବଂ ସମ୍ପୃକ୍ତ ବାର୍‌ରେ ତାଲା ପକାଇବା ସହିତ ଏହାର ସମାଧାନ ନ ହେବା ପର୍ଯ୍ୟନ୍ତ ବାର୍ ବନ୍ଦ ରହିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ହଟିଥିଲା। ଅପରପକ୍ଷେ ଅତାବିରା ପୋଲିସ ଏହି ଘଟଣାରେ ଆନ୍ଦୋଳନକୁ ଓହ୍ଲାଇଥିବା ୧୧ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଏହା ଜଣାପଡ଼ିବା ପରେ ଉକ୍ତ ଘଟଣାକୁ ନେଇ ପୁଣି ଆନ୍ଦୋଳନ ତେଜି ଉଠିଛି।

# ଘୁନସରରେ ମାଓବାଦୀ ବ୍ୟାନର

**ଲାଠୋର, ୧୯।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲାଠୋର ଥାନା ଅନ୍ତର୍ଗତ ଘୁନସର ଏବଂ ପୁଟକେଲଚୁଆଁ ମଧ୍ୟସ୍ଥଳରେ ଥିବା ସାପ୍ତାହିକ ହାଟ ପେଣ୍ଡାଲରେ ମାଓବାଦୀମାନେ ୩ଟି ବ୍ୟାନର ଲଗାଇ ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି। ସୋମବାର ସକାଳେ ଏହା ଜଣାପଡ଼ିବା ପରେ ଲାଠୋର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବ୍ୟାନର ସବୁକୁ ଜବତ କରିଛି। ଓଡ଼ିଆ ଏବଂ ହିନ୍ଦୀ ଭାଷାରେ ଲେଖାଥିବା ବ୍ୟାନରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୧୯ତମ ପ୍ରତିଷ୍ଠା ଦିବସକୁ ପ୍ରତି ଗ୍ରାମରେ ଧୁମ୍‌ଧାମରେ ପାଳନ କରିବାକୁ କୁହାଯାଇଛି। ପାର୍ଟିକୁ ଧୋକା ଦେଇ ପୋଲିସକୁ ସୂଚନା ଦେଉଥିବା ସୂଚନାଦାତାଙ୍କୁ ପ୍ରଜାକୋର୍ଟରେ ଦଣ୍ଡିତ କରାଯିବା ସହ ଗାଁରୁ ତଡ଼ିଦେବାକୁ କୁହାଯାଇଛି। ବଲାଙ୍ଗୀର, ପାଟଣାଗଡ଼, ସମ୍ବଲପୁର ଜେଲରେ ରହିଥିବା ମାଓବାଦୀ କଏଦୀମାନଙ୍କୁ ରାଜନୈତିକ କଏଦୀର ମାନ୍ୟତା ସହ ସେମାନଙ୍କୁ ବିନା ସର୍ତ୍ତରେ ଛାଡ଼ି ଦେବାକୁ ଏଥିରେ ଦାବି କରାଯାଇଛି। ବ୍ୟାନର ତଳେ ବିବିଏମ୍ ଡିଭିଜନାଲ କମିଟି ଲେଖାଯାଇଛି। ଖବର ମିଳିବା ପରେ ବ୍ୟାନର ସବୁକୁ ଜବତ କରାଯାଇଥିବା ଲାଠୋର ଥାନା ଅଧିକାରୀ ଝସକେତନ ଭୋଇ କହିଛନ୍ତି।



ସାପ୍ତାହିକ ହାଟ ପେଣ୍ଡାଲରେ ମାଓବାଦୀ ଲଗାଇଥିବା ବ୍ୟାନର।

# ଟ୍ରକ୍ ଦୁର୍ଘଟଣା, ଶତାଧିକ ଗାଡ଼ି ଅଟକିଲା

**ବଲାଙ୍ଗୀର ଅଫିସ, ୧୯।୯**

ବଲାଙ୍ଗୀର-ଭବାନୀପାଟଣା ୨୬ ନମ୍ବର ଜାତୀୟ ରାଜପଥର ଖର୍ଲ୍ଲକାନୀ ନିକଟରେ ଏକ ମାଲବାହୀ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏଥିଯୋଗୁଁ ରାସ୍ତାର ଉଭୟ କଡରେ ଶତାଧିକ ଗାଡି ଅଟକି ରହିଥିଲା। ଫଳରେ ଦୀର୍ଘ ଘଣ୍ଟା ଧରି ଟ୍ରାଫିକ ଜାମ୍ ପରିସ୍ଥିତି ସୃଷ୍ଟି ହୋଇଥିଲା। ଦୁର୍ଘଟଣା ସ୍ଥଳରୁ ପ୍ରାୟ ୭ କିଲୋମିଟର ଦୂର ବଲାଙ୍ଗୀର ସହର ଭିତରକୁ ଟ୍ରକ୍, ମାଲବାହୀ ଗାଡି ଓ ଗାଡିମୋଟର ଅଟକି ରହିଥିଲା। ସେହିପରି ଦେଓଗାଁ ପଟକୁ ମଧ୍ୟ ଲମ୍ବା ଲାଇନ୍ ଅଟକି ରହିଥିଲା। ରାତି ପ୍ରାୟ ସାଢ଼େ ୭ଟାରେ ତିନି ହାଇୱେ ଲୁଟେରା ଉକ୍ତ ଟ୍ରକ୍ ଡ୍ରାଇଭରଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍ ଉଦ୍ୟମ କରିବାରୁ ଭାରସାମ୍ୟ ହରାଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଡ୍ରାଇଭର ଜଣକ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳକୁ ପୋଲିସ ଯାଇଥିଲେ ମଧ୍ୟ ଲୁଟେରାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିବା ଜଣାପଡିଛି। ରାତି ୮ଟାରୁ ଦିନ ପ୍ରାୟ ୧ଟା ପର୍ଯ୍ୟନ୍ତ ଏହି ରାସ୍ତାରେ ଯିବା ଆସିବା ବନ୍ଦ ହୋଇଯାଇଥିଲା। ବଲାଙ୍ଗୀରରେ ବାଇପାସ୍ ରାସ୍ତା ନଥିବାରୁ ଏଭଳି ଘଟଣା ବାରମ୍ବାର ଘଟୁଛି।



ଟ୍ରକ୍ ଦୁର୍ଘଟଣା ଯୋଗୁଁ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ ହୋଇପଡିଛି।

# ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି

**ଖପ୍ରାଖୋଲ, ୧୯।୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଭା ଗୃହରେ ଜିଲାପାଳ ଏବଂ ଏସ୍‌ପିଙ୍କ ବ୍ଲକସ୍ତରୀୟ ମିଳିତ ଜନଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି କୁଶଲକର ଶିବିରରେ ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ୧୩୭ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୧୨୦ଟି ବ୍ୟକ୍ତିଗତ ଓ ୧୭ଟି ଗୋଷ୍ଠିଗତ ଅଭିଯୋଗ ଥିଲା। ୧୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ସହାୟତା ମଞ୍ଜୁର କରାଯାଇଥିଲା। ଏହି ଅବସରରେ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସିଂ, ଭାରପ୍ରାପ୍ତ ପାଟଣାଗଡ ଉପଜିଲାପାଳ ମନୋଜ ମହାଜନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ଅଲେଖ ବିଶାଳ ଉପସ୍ଥିତ ଥିଲେ। ଜିଲା ଅତିରିକ୍ତ ମୁଖ୍ୟ ଯୋଗାଣ ଅଧିକାରୀ ଉପେନ୍ଦ୍ର ଭୋଇ, ଜିଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ କୁମାର ପାଣି, ପାଟଣାଗଡ କେନ୍ଦୁପାତ୍ର ବିଭାଗ ଡିଏଫଓ ସୁରେଶ ଚନ୍ଦ୍ର ସେଠୀ, ପାଟଣାଗଡ ଉପଖଣ୍ଡ ଯୋଗାଣ ଅଧିକାରୀ ମାୟାଧର ସାହୁ, ଉପଖଣ୍ଡ ପଞ୍ଚାୟତରାଜ ଅଧିକାରୀ ସରୋଜ ମେହେର, ବିଡିଓ ରଶ୍ମିରଞ୍ଜନ ରାଉତ, ଏସଡିପିଓ ଜ୍ୟୋତିର୍ମୟ ଭୁକ୍ତା, ଖପ୍ରାଖୋଲ ଥାନାଧିକାରୀ ରମାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପରିବେଶ ଅଭିବୃଦ୍ଧି ପାଇଁ କର୍ମଶାଳା

**ଖଡ଼ିଆଲ, ୧୯।୯(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଲ ସ୍ୱୟଂ ଶାସିତ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଏକ କର୍ମଶାଳା ପରିବେଶ ଅଭିବୃଦ୍ଧି ପାଇଁ ରସାୟନ ବିଜ୍ଞାନ ଉପରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ଼ା ତରୁଣ କୁମାର ପ୍ରଧାନଙ୍କୁ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଇଲିଂଶ ବିଭାଗ ମୁଖ୍ୟ ତଥା ଯୁକ୍ତ ୩ ଅଧ୍ୟକ୍ଷ ଅଶ୍ୱନୀ କୁମାର ପାଢ଼ି, ସମ୍ମାନିତ ଅତିଥି ଭାବେ ଡିନ ଡ଼ା ପଦ୍ମଲୋଚନ ବର୍ମା ଓ ଏକଡେମୀ ବରସର ପ୍ରଶାନ୍ତ କୁମାର ପଣ୍ଡା ଯୋଗଦେଇଥିଲେ। ପ୍ରଥମେ ଅଧ୍ୟାପିକା ରାଜଲକ୍ଷ୍ମୀ ରଥ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ପରିବେଶ ସୁରକ୍ଷା ପାଇଁ ରସାୟନ ବିଜ୍ଞାନର ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। କର୍ମଶାଳାରେ ୨୪ଜଣ ଛାତ୍ରୀଛାତ୍ର ତାଙ୍କର ପେପର ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନ କରିଥିଲେ। ଏଥିରେ ଯୁକ୍ତ ୩ ସମ୍ମାନ ଓ ପିଜିର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଅଧ୍ୟାପିକା ଲିପ୍ସା ବାରିକ, ବିକାଶ ନାୟକ, ପ୍ରେମାନନ୍ଦ ମେହେର, ଈଶର ଦାଣ୍ଡସେନା, ଦୁର୍ଯ୍ୟ ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକା ରଥ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ମେଗା ସ୍ୱାସ୍ଥ୍ୟ ଶିବିର

**ଖପ୍ରାଖୋଲ, ୧୯।୯(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ବେନକେରା ସେବାଶ୍ରମ ବିଦ୍ୟାଳୟ ପରିସରରେ ବଲାଙ୍ଗୀର ରୋଟାରୀ କ୍ଲବ ଆନୁକୁଲ୍ୟରେ ମେଗା ସ୍ୱାସ୍ଥ୍ୟ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପରାମର୍ଶଦାତା ସଦସ୍ୟ ନିରଞ୍ଜନ ବିଶି ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲ। ସ୍ୱାସ୍ଥ୍ୟ ଶିବିରରେ ଡ଼ା କୁବେର ଚନ୍ଦ୍ର ମହନ୍ତ, ଡ଼ା ତୁଷାରକାନ୍ତ ଠାକୁର, ଡ଼ା ଉତ୍କଳମଣି ମେହେର, ଡ଼ା ବାଳକୃଷ୍ଣ ପୁରୋହିତ, ଡ଼ା ବିନୟ ମେହେର, ଡ଼ା ସୌମ୍ୟ ପ୍ରତୀକ ଦୋରା ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ରୋଟାରୀ କ୍ଲବ ପକ୍ଷରୁ ବିଷ୍ଣୁ ପ୍ରସାଦ କେଡ଼ିଆ, କହ୍ନେୟା ଅଗ୍ରୱାଲ, ସଞ୍ଜୟ ଅଗ୍ରୱାଲ, ସୁନୀଲ ଅଗ୍ରୱାଲ, ସଞ୍ଜିତ ଅଗ୍ରୱାଲ , ଗଜେନ୍ଦ୍ର ଭମର, କୈଳାସ ଅଗ୍ରୱାଲ, ସୁଦୀସ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଆଦିବାସୀ କଲ୍ୟାଣ ସଂଘର ମହିଳା ସଭାନେତ୍ରୀ ଲକ୍ଷ୍ମୀ ଶବର, ଗିରିରାଜ ଭୋଇ, ଘନ ଭୁଏ, ସତ୍ୟଭାମା ମାଝି, ଯଦୁମଣି ବରିହା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଚିଲଡଙ୍ଗରିକୁ ରାଜସ୍ୱ ଗ୍ରାମ ମାନ୍ୟତା, ତହସିଲଦାରଙ୍କ କ୍ଷେତ୍ର ପରିଦର୍ଶନ

**କୋକସରା, ୧୯।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଫୁପଗାଁ ପଞ୍ଚାୟତ ଚିଲଡଙ୍ଗରି ଗ୍ରାମକୁ ଦୀର୍ଘବର୍ଷ ପରେ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଛି। ଗ୍ରାମବାସୀ ଦୀର୍ଘ ବର୍ଷରୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ଦାବି କରି ଆସୁଥିଲେ। ତେବେ ରାଜ୍ୟ ସରକାର ଚିଲଡଙ୍ଗରି ଗ୍ରାମକୁ ନୂତନ ରାଜସ୍ୱ ଗ୍ରାମ ନିମନ୍ତେ ବିବେଚିତ କରିଛନ୍ତି। ଏହା ଜଣାପଡ଼ିବା ପରେ ଗ୍ରାମବାସୀ ସରକାର ଓ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି। ସୋମବାର କୋକସରା ଭାରପ୍ରାପ୍ତ ତହସିଲଦାର ରାକେଶ ପରୁଆ ଏ ନେଇ ଚିଲଡଙ୍ଗରି ଗ୍ରାମ ପରିଦର୍ଶନ କରିବା ସହ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଛନ୍ତି। ଏହି ଅବସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲ, ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସରପଞ୍ଚ ଗଜାନନ ପୂଝାରୀ, ପୂର୍ବତନ ସରପଞ୍ଚ କୀର୍ତ୍ତନ ଶବର, ଗୋବିନ୍ଦ ନାଏକ, ସାମାଜିକ କର୍ମୀ ପ୍ରଣବ କୁମାର ବେହେରା, ରାଜସ୍ୱ ନିରୀକ୍ଷକ ରମଣୀ ରଞ୍ଜନ ପ୍ରଧାନୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହି ରାଜ୍ୟ ସରକାରଙ୍କୁ କୃତଜ୍ଞତା ଦେବା ସହ ରାଜସ୍ୱ ଗ୍ରାମର ସମସ୍ତ ପ୍ରକାର ମୌଳିକ ସୁବିଧା ଯୋଗାଇ ଦେବାକୁ ତହସିଲଦାରଙ୍କୁ ଦାବି କରିଥିଲେ।



ଚିଲଡଙ୍ଗରିକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିବା ପରେ ତହସିଲଦାରଙ୍କ ଗାଁ ପରିଦର୍ଶନ।

# ୩ରେ ମା' ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରା



ବୈଠକରେ ଛତର୍ ଯାତ୍ରା ପାଇଁ ଆଲୋଚନା ହେଉଛି।

## ଶାନ୍ତିଶୃଙ୍ଖଳା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଲେ ଜିଲାପାଳ

**ଭବାନୀପାଟଣା, ୧୯।୯(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ସୋମବାର ଅପରାହ୍ନରେ ଆସନ୍ତା ୩ ତାରିଖରେ ହେବାକୁ ଥିବା ମା' ମାଣିକେଶରୀଙ୍କ ଛତର ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ମାଣିକେଶରୀ ମନ୍ଦିର ପକ୍ଷରୁ ଜାରି ସୂଚନା ଅନୁସାରେ ଆସନ୍ତା ୨ ତାରିଖ ମହାଷ୍ଟମୀ ପୂଜା ପରେ ମଧ୍ୟରାତିରୁ ଜେନାଖାଲକୁ ମା' ଯିବେ। ପରେ ୩ ତାରିଖ ସକାଳ ୫ରେ ପୂଜା ଅର୍ଚ୍ଚନା ସାରି ମା'ଙ୍କ ପ୍ରସିଦ୍ଧ ଛତର ଯାତ୍ରା ମନ୍ଦିର ଅଭିମୁଖେ ବାହାରିବେ। ଏହି ସମୟରେ ଛତର ଯାତ୍ରା ଭକ୍ତମାନଙ୍କ ଗ୍ରହଣ ଦେଇ ସକାଳ ୧୦.୩୦ରେ ମନ୍ଦିର ପ୍ରବେଶ କରିବେ। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ସୁଶାନ୍ତ କୁମାର ପଟେଲ ଏଜେଣ୍ଡା ଅନୁଯାୟୀ ପ୍ରସ୍ତାବ ପାଠ କଲେ ଓ ଗୃହରେ ସମସ୍ତଙ୍କ ସହମତିରେ ପ୍ରସ୍ତାବ ଗ୍ରହଣ କରାଗଲା। ମା'ଙ୍କ ଛତର ଯାତ୍ରାକୁ ଶାନ୍ତିଶୃଙ୍ଖଳା ସହ ସମାପନ କରିବା ପାଇଁ ଜିଲାପାଳ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ମା'ଙ୍କ ଛତର ଯାତ୍ରାରେ ରାଜାବାଟି ଦ୍ୱାରା ପୁରସ୍କୃତ ପ୍ରଥମ ଓ ୨ୟ ଘୁମୁରା ଦଳ ବ୍ୟତିତ ପୋଲିସ ଦ୍ୱାରା ଚିହ୍ନଟ ଅନ୍ୟ ସାଂସ୍କୃତିକ ଦଳ ଅଂଶ ଗ୍ରହଣ କରିବେ। ବୈଠକରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଧର୍ମଗଡ଼ ଉପଜିଲାପାଳ ପାୱାର ସଚିନ ପାୱାର, ଭବାନୀପାଟଣା ପୌରପରିଷଦ ଅଧ୍ୟକ୍ଷା ସଂଯୁକ୍ତା ବେହେରା, କଳାହାଣ୍ଡି ତହସିଲଦାର ଉପେନ୍ଦ୍ର ଲୁହା, ଜିଲାପାଳଙ୍କ କାର୍ଯ୍ୟାଳୟ ବିଚାର ବିଭାଗୀୟ ଅଧିକାରୀ, ସହରର ବିଭିନ୍ନ ଦୁର୍ଗା ପୂଜା କମିଟି କର୍ମକର୍ତ୍ତା, ଓକିଲ ସଂଘ ସଭାପତି ସୁବ୍ରତ ବହିଦାର, ବରିଷ୍ଠ ଆଇଜୀବୀ ଜଗନ୍ନାଥ ମୁଣ୍ଡ, ସାମାଜିକ କର୍ମୀ ଉତ୍ସବ ସାହୁ, ମନ୍ଦିର କର୍ତ୍ତୃପକ୍ଷ ଅଶୋକ ନେଗି, ବଦ୍ରି ନାରାୟଣ ପଟ୍ଟନାୟକ, ସାମନ୍ତ ଖମାରୀ, ଜଗଦୀଶ ମଣ୍ଡଳ, ସତ୍ୟ ନାରାୟନ ମହାପାତ୍ର, ଡିଆଇପିଆର୍ଓ ମନୋଜ ବେହେରା, ଆଇ ଆଇ ସି ପ୍ରଦୀପ ଧରୁଆ, ଆରଟିଓ ରାମ ନିବାସ ସିକା, ଇଓ ବଳୟ ଦେହୁରୀ, ମସଜିଦ କମିଟି ସଭ୍ୟ, ବିଭାଗୀୟ ଅଧିକାରୀ ତଥା ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

## ସେନ୍‌ସେକ୍ସରେ ୩୦୦ ପଏଣ୍ଟ ବୃଦ୍ଧି

**ନୂଆଦିଲ୍ଲୀ:** ଗତ କିଛିଦିନ ହେବ ଶେୟାର ବଜାର କାରବାର ଉପର ତଳ ହେଉଛି। ଫଳରେ ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ ମଧ ଆଶା ଓ ଆଶଙ୍କା ମଧରେ ନିବେଶ କରୁଛନ୍ତି। ଚଳିତ ସପ୍ତାହର ୧ମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଷ୍ଟକ୍ ବଜାରର କାରବାର କିଛି ପରିମାଣରେ ବୃଦ୍ଧି ପାଇଛି। ଏପରିକି ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ପ୍ରାୟ ୧%ର ବଜାର ଶେୟାର ବୃଦ୍ଧି ଘଟିଥିବା ଜଣାପଡିଛି। ସୋମବାର ସେନ୍‌ସେକ୍ସ ୩୦୦ (୩୦୦.୪୪) ପଏଣ୍ଟ ବଢ଼ି ୫୯,୧୪୧.୨୩ ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ମଧ ୯୧ (୯୧.୪୦) ପଏଣ୍ଟ ବୃଦ୍ଧି ଘଟି ୧୭,୬୨୨.୨୫ ଅଙ୍କରେ ବଜାର ବନ୍ଦ ହୋଇଛି।

# ରୁଷିଆ ତେଲରୁ ୩୫,୦୦୦ କୋଟି ଲାଭ କରିଛି ଭାରତ

**ନୂଆଦିଲ୍ଲୀ,୧୯।୯**



ଅନ୍ତଃରାଷ୍ଟ୍ରୀୟ ତୈଳ ବଜାରରେ କଟକଣା ସାଙ୍ଗକୁ ରୁଷିଆ-ୟୁକ୍ରେନ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦର ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଲାଗି ରହିଥିବା ଯୁଦ୍ଧ କାରଣରୁ ସାରା ବିଶ୍ୱରେ ଅନେକ ସମସ୍ୟା ଦେଖାଦେଇଛି। ଏହି ସମୟ ମଧ୍ୟରେ ଭାରତ ମଧ ଅନେକ ସମସ୍ୟାର ସମ୍ମୁଖୀନ ହୋଇଛି। ହେଲେ ରୁଷିଆରୁ ରିହାତି ମୂଲ୍ୟରେ ଅଶୋଧିତ ତୈଳ ଆମଦାନୀ କରି ପ୍ରାୟ ୩୫,୦୦୦ କୋଟି ଟଙ୍କା ଲାଭ କରିଥିବା ଟାଇମ୍ସ ଅଫ୍ ଇଣ୍ଡିଆ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ କରାଯାଇଛି। ଉକ୍ତ ରିପୋର୍ଟ ଅନୁଯାୟୀ ରୁଷିଆର ଅଶୋଧିତ ତୈଳ ଆମଦାନୀ ପାଇଁ ଭାରତ ରାଜିହେବା ସହ କାରବାର ମଧ ଆରମ୍ଭ କରିଥିଲା। ଫଳରେ ଯୁଦ୍ଧ ବିବାଦ ଯୋଗୁ ମସ୍କୋ ତା'ର ପାରମ୍ପରିକ କ୍ରୟକାରୀମାନଙ୍କୁ ତୈଳ ଆମଦାନୀ ପାଇଁ ପ୍ରୋତ୍ସାହନ ଦେଇଥିଲା। ଏଭଳି ଘଟଣାକୁ ମଧ ବିକଶିତ ଦେଶଗୁଡ଼ିକ ବିରୋଧ କରିବା ସହ ଭାରତ ଉପରେ ଚାପ ପକାଇବା ପାଇଁ ପ୍ରୟାସ କରିଥିଲେ ମଧ ଭାରତ ରୁଷିଆରୁ ଅଶୋଧିତ ତୈଳ ଆମଦାନୀ କରିବାକୁ ପସନ୍ଦ କରିଥିଲା। ଅପରପକ୍ଷରେ ଚାଇନା ପରେ ରୁଷିଆର ସେହିପରି କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟରୁ ମିଳିଥିବା ତଥ୍ୟରୁ ଜଣାପଡିଛି ଯେ, ଏପ୍ରିଲରୁ ଜୁଲାଇ ମଧ୍ୟରେ ରୁଷିଆରୁ ଭାରତର ଖଣିଜ ତୈଳ ଆମଦାନୀ ୮ଗୁଣ ବୃଦ୍ଧି ପାଇ ୧୧.୨ ବିଲିୟନ ଡଲାରରେ ପହଞ୍ଚିଛି, ଯାହା ଗତ ବର୍ଷ ତୁଳନାରେ ୧.୩ ବିଲିୟନ ଡଲାର ଅଧିକ ରହିଛି। ମାର୍ଚ୍ଚଠାରୁ ଯେତେବେଳେ ଭାରତ ରୁଷିଆରୁ ତୈଳ ଆମଦାନୀକୁ ବୃଦ୍ଧି କଲା ଏବଂ ଆମଦାନୀ ପ୍ରାୟ ୧୨ ବିଲିୟନ ଡଲାରରେ ପହଞ୍ଚିଛି, ଯାହା ଗତ ବର୍ଷ ୧.୫ ବିଲିୟନ ଡଲାରରୁ ଅଧିକ ରହିଥିଲା। ଏହି ଆମଦାନୀର ପ୍ରାୟ ୭ ବିଲିୟନ ଡଲାର ଜୁନ୍ ଏବଂ ଜୁଲାଇରେ ହୋଇଥିଲା। ଆମଦାନୀ ମାଧ୍ୟମରେ ୮୩% ଚାହିଦା ପୂରଣ କରୁଥିବାରୁ ଭାରତ ପାଇଁ ତୈଳ ମୂଲ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହା ଅର୍ଥନୀତିକୁ ସୁରକ୍ଷିତ କରିଥାଏ। ୨୦୨୧-୨୨ରେ ଦେଶର ତୈଳ ଆମଦାନୀ ବିଲ୍ ଦ୍ୱିଗୁଣିତ ହୋଇ ୧୧୯ ବିଲିୟନ ଡଲାରରେ ପହଞ୍ଚିଛି।

# ଟାଟା ଷ୍ଟିଲ୍‌ର ଖଣ୍ଡବନ୍ଧ ଖଣି ସମ୍ମାନିତ

**ଭୁବନେଶ୍ୱର,୧୯।୯**

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ଟାଟା ଷ୍ଟିଲର କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ଖଣ୍ଡବନ୍ଧ ଲୌହ ଓ ମାଙ୍ଗାନିଜ ଖଣିକୁ ପରିବେଶ ଉପଯୋଗୀ କାର୍ଯ୍ୟକଳାପ ପାଇଁ ସମ୍ମାନିତ କରାଯାଇଛି। ବିଶେଷକରି ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ (ଓଏସ୍‌ପିସିବି)ର ୩୯ତମ ପ୍ରତିଷ୍ଠା ଦିବସ ଅବସରରେ ଓଏସ୍‌ପିସିବି ପକ୍ଷରୁ 'ଖଣି' ବର୍ଗରେ ମର୍ଯ୍ୟାଦାଜନକ 'ପ୍ରଦୂଷଣ ନିୟନ୍ତ୍ରଣ ଉତ୍କର୍ଷ ପୁରସ୍କାର-୨୦୨୨'ରେ ଟାଟା ଷ୍ଟିଲକୁ ସମ୍ମାନିତ କରାଯାଇଛି। ଏହି ଅବସରରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବ ସୁଶାନ୍ତ ନନ୍ଦ ଏବଂ ଓଏସ୍‌ପିସିବିର ସଚିବ ସଦସ୍ୟ କେ. ମୁର୍ଗେସନ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଖଣ୍ଡବନ୍ଧ ମାଇନିଂ ଅପରେସନ୍ସ ବିଭାଗ ମୁଖ୍ୟ ଶୁଭ୍ରାଂଶୁ ଶେଖର ମିଶ୍ର ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କଠାରୁ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ।





ଜନ୍ମଦିନର ଶୁଭେଚ୍ଛା



(ସାଇ, ସୋନୁ)

ପ୍ରାଂଶୁ ଦାଶ

ମିଶ୍ରପଡ଼ା, ଅନୁଗୋଳ

ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥକୁ କୁସୁମିତ କରି ତୋତେ ଦୀର୍ଘାୟୁ କରନ୍ତୁ।

-:ଶୁଭେଚ୍ଛା ସହ:-

ଜେପା, ଜେମା, ଆଈ, ବାପା, ବୋଉ ଓ ସାନଭାଇ: ପ୍ରନୀଲ, ବନ୍ଧୁ ଓ ପରିବାରବର୍ଗ।

ଧ-୧୫୬୮


# କ୍ଷୁଦ୍ର, ମଧ୍ୟମ ବ୍ୟବସାୟରେ ବଢ଼ିଛି ନିଯୁକ୍ତି

**ଭୁବନେଶ୍ୱର,୧୯।୯**

ଦେଶର ପ୍ରମୁଖ ନିଯୁକ୍ତି ଓ ପେସାଦାର ନେଟ୍‌ୱର୍କିଂ ପ୍ଲାଟ୍‌ଫର୍ମ ଆପ୍‌ନା ଡଟ୍ କମ୍‌ର ସୂଚନା ଅନୁଯାୟୀ ଚଳିତ ତ୍ରୈମାସିକରେ ଭୁବନେଶ୍ୱରରେ ଏହାର ନିଯୁକ୍ତିଦାତାଙ୍କ ସଂଖ୍ୟାରେ ୪୮% ବୃଦ୍ଧି ହୋଇଛି। ଏହି ସହରରେ ଗତ ୯୦ ଦିନ ମଧ୍ୟରେ ୭୦୦୦ରୁ ଅଧିକ ନିଯୁକ୍ତି ସୃଷ୍ଟି କରାଯାଇଛି। ଏହି ନିଯୁକ୍ତି ମଧ୍ୟରୁ ଅଧିକାଂଶ କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟ କ୍ଷେତ୍ରରେ ଦେଖିବାକୁ ମିଳିଛି। ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବାର ଲକ୍ଷ୍ୟରେ ସେମାନେ ଆପ୍‌ନାର ପ୍ରମୁଖ ସହଯୋଗରେ ପରିଣତ ହୋଇଛନ୍ତି। ଏ ସମ୍ପର୍କରେ ଆପ୍‌ନା ଡଟ୍ କୋର ଚିଫ୍ ବିଜନେସ୍ ଅଫିସର ମାନସ ସିଂହ କହିଛନ୍ତି, ଭୁବନେଶ୍ୱରରେ ବିଶେଷକରି କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀଙ୍କ ଯେଉଁଭଳି ହଠାତ ଶ୍ରମ ଶକ୍ତି ଚାହିଦାରେ ବୃଦ୍ଧି ହୋଇଛି ତାହା କୋଭିଡ୍ ପରବର୍ତ୍ତୀ ସମୟରେ ଓଡ଼ିଶା ଅର୍ଥନୀତିରେ ସୁଧାରକୁ ଚମତ୍କାର ଢଙ୍ଗରେ ପ୍ରଦର୍ଶନ କରିଛି। ଆମ ସହିତ ସହଯୋଗିତା ସ୍ଥାପନ କରୁଥିବା ନିଯୁକ୍ତିଦାତାଙ୍କ ସଂଖ୍ୟାରେ ଆମେ ଉଲ୍ଲେଖନୀୟ ବୃଦ୍ଧି ହାସଲ କରିଛୁ।

# ବିଓଆଇ ପକ୍ଷରୁ ଗ୍ରାହକ ସଂଯୋଗୀକରଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୯।୯**




ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ନିକଟରେ ଏକ ଗ୍ରାହକ ସଂଯୋଗୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ମୁମ୍ବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅତନୁ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରାହକମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ବ୍ୟାଙ୍କ ପ୍ରତି ଥିବା ଗ୍ରାହକମାନଙ୍କର ସମର୍ଥନ ଓ ପ୍ରତିବଦ୍ଧତା ପାଇଁ ସେ ଧନ୍ୟବାଦ ଜଣାଇଥିଲେ। ଏପରିକି ବ୍ୟାଙ୍କର ବ୍ୟବସାୟରେ ସମର୍ଥନ ଓ ଲୋକମାନଙ୍କର ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାକୁ ବିଓଆଇ ନିରନ୍ତର ଉଦ୍ୟମ ଜାରି ରଖିଛି ବୋଲି ଦାସ ମତପ୍ରକାଶ କରିଥିଲେ।

ସେହିଭଳି ସରକାରୀ ଫ୍ଲାଗ୍‌ଶିପ୍ ଏବଂ ଆତ୍ମନିର୍ଭର ଭାରତ ଯୋଜନା ଆଦି ବିଭିନ୍ନ ପ୍ରାଥମିକ ଋଣ କ୍ଷେତ୍ରରେ ଓଡ଼ିଶା ଅଧୀନରେ ଥିବା ବ୍ୟାଙ୍କର ୪ଟି ଜୋନ୍ ଯଥା ଭୁବନେଶ୍ୱର, କେନ୍ଦୁଝର, ସମ୍ବଲପୁର ଓ ବାରିପଦାର ଗ୍ରାହକମାନଙ୍କୁ ବ୍ୟାଙ୍କ ପକ୍ଷରୁ ୨୦୦କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ଏପରିକି ନ୍ୟାଶନାଲ ବ୍ୟାଙ୍କିଙ୍ଗ୍ ଗ୍ରୁପ (ଏନ୍‌ବିଜି)ର ଇଷ୍ଟ ଜୋନ ଅଧୀନରେ ଆୟୋଜିତ ଏହି ସଂଯୋଗୀକରଣ କାର୍ଯ୍ୟକ୍ରମରେ ମୋଟ ୩୫୦କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ୨୦୦ ଗ୍ରାହକଙ୍କୁ ପ୍ରଦାନ କରାଯାଇଥିଲା। ଅପରପକ୍ଷରେ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା ଆଦିର ବାଧ୍ୟତାମୂଳକ ବଜେଟ ମଧ ଅତିକ୍ରମ କରିସାରିଛି। ବିଓଆଇ ଏନ୍‌ବିଜି ଇଷ୍ଟ ଜୋନ୍ ପିଏମ୍‌ଏସ୍‌ବିୱାଇ, ପିଏମ୍‌ଜେଜେବିୱାଇ ଓ ଏପିୱାଇ ଅଧୀନରେ ୫୦୦୦ଜଣ ନାମାଙ୍କନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇ ଗ୍ରାହକମାନଙ୍କୁ ସ୍ୱାଗତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ଗ୍ରାହକ ଯୋଗ ଦେଇଥିଲେ।

# ଖସୁଛି ବୈଦେଶିକ ମୁଦ୍ରା ଭଣ୍ଡାର

**ନୂଆଦିଲ୍ଲୀ,୧୯।୯**

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ୟୁକ୍ରେନ୍-ରୁଷିଆ ଯୁଦ୍ଧ ଯୋଗୁ ଭାରତୀୟ ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏପରି ସମୟରେ ଦେଶର ବିଭିନ୍ନ କ୍ଷେତ୍ର ଉପରେ ମଧ ତା'ର ଖରାପ ପ୍ରଭାବ ପଡିଛି। କିନ୍ତୁ ବିନିମୟ ମୁଦ୍ରା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ବୋଲି କୁହାଯାଇଛି। ଯାହାକୁ ଯଥାସମ୍ଭବ ସବଳ ରଖିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଗଚ୍ଛିତ ବୈଦେଶିକ ମୁଦ୍ରା ଭଣ୍ଡାରରୁ ମୁଦ୍ରା ବାହାର କରିବାକୁ ବାଧ ହେଉଛି। ଫଳରେ ଯୁଦ୍ଧ ପରେ ମୁଦ୍ରା ଭଣ୍ଡାରରୁ ୮୦୦୦ କୋଟି ଡଲାର ବାହାର କରାଯାଇସାରିଲାଣି। ବର୍ତ୍ତମାନ ସମୟରେ ବ୍ୟାଙ୍କ ନିକଟରେ ଯେତିକି ମୁଦ୍ରା ରହିଛି ତାହା ୨ ବର୍ଷରେ ସବୁଠୁ କମ୍ ବୋଲି କୁହାଯାଇଛି। ଆରବିଆଇର ସୂଚନା ଅନୁଯାୟୀ ଗଚ୍ଛିତ ବୈଦେଶିକ ମୁଦ୍ରା ଭଣ୍ଡାରରେ ଏବେ ୫୫,୦୮୭ କୋଟି ଡଲାରର ବିଦେଶୀ ମୁଦ୍ରା ରହିଛି।

# ଭୁବନେଶ୍ୱରରେ ମେଟା କ୍ରିଏଟର ମିଟ୍‌ଅପ୍

**ଭୁବନେଶ୍ୱର,୧୯।୯**

ଦେଶର ପ୍ରମୁଖ ସୋସିଆଲ ମିଡିଆ ଫେସ୍‌ବୁକ (ମେଟା)ର ବ୍ୟବହାରକୁ ସଫଳ ଭାବେ ଉପଯୋଗ କରି ଓଡ଼ିଶାର କ୍ରିଏଟରମାନେ ଜଣେ ଜଣେ ସଫଳ ଉଦ୍ୟୋଗୀ (ଷ୍ଟାର୍ଟଅପ) ଭାବେ ମଧ ପରିଚୟ ସୃଷ୍ଟି କରିପାରିଛନ୍ତି। ଉକ୍ତ ସଫଳତାର ସଫଳ କାହାଣୀକୁ ସମସ୍ତଙ୍କ ସହ ଶେୟାର କରିବା ପାଇଁ ମେଟା ପକ୍ଷରୁ ନିକଟରେ ସ୍ଥାନୀୟ ପାତ୍ରପଡାଠାରେ ଏକ ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଥିଲା। ବିଶେଷକରି ଓଡ଼ିଶାର କ୍ରିଏଟରମାନେ ରିଲ୍ସର ଗ୍ଲୋବାଲ ଭୂମିକାକୁ ପାଳନ କରିବା ଉଦ୍ଦେଶ୍ୟରେ ସେଠାରେ ଏକତ୍ର ହୋଇଥିଲେ। ଏପରିକି ଉକ୍ତ ସମାରୋହରେ ସବୁ ବର୍ଗର କ୍ରିଏଟରମାନେ ଯୋଗ ଦେଇଥିଲେ। ସେହିଭଳି ଇନଷ୍ଟାଗ୍ରାମ ଓ ଫେସବୁକର ରିଲ୍ସ ହେଉଛି ଏକ ବିଶ୍ୱସ୍ତରୀୟ ପର୍ଯ୍ୟାୟ ଓ ମେଟାର ପ୍ଲାଟଫର୍ମରେ ଲୋକ ଓ ବ୍ୟବସାୟ ପାଇଁ ସର୍ବୋତ୍ତମ ସ୍ଥାନ ହାସଲ କରିଛି। ଓଡ଼ିଶାର ବିଭିନ୍ନ ବିଷୟ ବସ୍ତୁକୁ କ୍ରିଏଟରମାନେ ରିଲ୍‌ସରେ ସୁନ୍ଦର ଭାବେ ନିଜର ପ୍ରତିଭା ପ୍ରଦର୍ଶନ କରୁଛନ୍ତି। ଏପରିକି ଟ୍ରେଣ୍ଡ ସୃଷ୍ଟି ସହ ଇନଷ୍ଟାଗ୍ରାମ ତଥା ଫେସବୁକରେ ଏକ ସ୍ଥାନୀୟ ତଥା ରାଷ୍ଟ୍ରୀୟ ଗୋଷ୍ଠୀ ମଧ ଗଠନ କରୁଛନ୍ତି। ଏ ସମ୍ପର୍କରେ ଫେସବୁକ ଇଣ୍ଡିଆ(ମେଟା)ର ମୁଖ୍ୟ-କ୍ରିଏଟର ପାର୍ଟନରଶିପ ଅଙ୍କୁର ବୈଶ କହିଛନ୍ତି, ଆଜି ରିଲ୍ସ ହେଉଛି ଏକ ଗ୍ଲୋବାଲ ପ୍ଲାଟଫର୍ମ, ଯେଉଁଥିରେ ଓଡ଼ିଶାର କ୍ରିଏଟରମାନେ ସେମାନଙ୍କ ସୃଜନଶୀଳତାର ପରିଚୟ ସୃଷ୍ଟି କରିପାରିଛନ୍ତି। ଉକ୍ତ ସମାରୋହ ଜରିଆରେ ସେମାନଙ୍କୁ ଉତ୍ସାହ ପ୍ରଦାନ କରିବା ଓ ପରସ୍ପର ସହ ସହଯୋଗିତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଆମେ ମଧ ଆଶା କରୁ ଯେ ଏହି ପ୍ଲାଟଫର୍ମ ନେଟୱର୍କିଂ ଅଧିକ ସଦୃଢ଼ ହୋଇ ପ୍ରତିଷ୍ଠିତ ତଥା ଉଦୀୟମାନ କ୍ରିଏଟରଙ୍କ ପ୍ରତିଭାକୁ ଦ୍ୱିଗୁଣିତ କରିବ ବୋଲି ବୈଶ ମତବ୍ୟକ୍ତ କରିଛନ୍ତି।

## ଫୁର୍‌ସତ୍

# ଦୃଷ୍ଟିହୀନ ହେବା ପୂର୍ବରୁ ବିଶ୍ୱ ଭ୍ରମଣ

**ଓଟାୱା**



## ବିରଳ ରୋଗରୁ ମଧ ବୟସ୍କରେ ଦୃଷ୍ଟିଶକ୍ତି ହରାଇବେ ୩ ସନ୍ତାନ

କାନାଡା ଦମ୍ପତି ସେବାଷ୍ଟିନ୍ ପେଲ୍‌ଟିଅର୍, ଇଡିଥ୍ ଲେମେ ନିଜର ୪ ସନ୍ତାନ ମିଆ, କୋଲିନ, ଲରେଣ୍ଟ ଓ ଲେଓଙ୍କୁ ଧରି ୬ ମାସିଆ ବିଶ୍ୱ ଭ୍ରମଣରେ ବାହାରିଛନ୍ତି। ପେଲ୍‌ଟିଅର୍‌ଙ୍କ ୩ ସନ୍ତାନ ରେଟିନିଟିଜ୍ ପିଗ୍‌ମେଣ୍ଟୋସା ନାମକ ଏକ ବିରଳ ରୋଗରେ ଆକ୍ରାନ୍ତ। ଏହି ରୋଗ କାରଣରୁ ସେମାନେ ଆଗାମୀ ଦିନରେ ନିଜ ଦୃଷ୍ଟିଶକ୍ତି ହରାଇ ଦେବେ । ଏହି ରୋଗ କାରଣରୁ ଆଖିରେ ଥିବା ରେଟିନା ଟିସୁ ସବୁ କ୍ଷୟ ହୋଇଯାଇଥାଏ, ଯାହା ଫଳରେ ରୋଗୀ ଧୀରେ ଧୀରେ ନିଜ ଦୃଷ୍ଟିଶକ୍ତି ହରାଇ ଦୃଷ୍ଟିହୀନ ହୋଇଯାଏ। ବର୍ତ୍ତମାନ ସୁଦ୍ଧା ଚିକିତ୍ସା ବିଜ୍ଞାନରେ ଏହି ରୋଗକୁ ଭଲ କରିବା ପାଇଁ କୌଣସି ଚିକିତ୍ସା କିମ୍ବା ଔଷଧ ବାହାରି ନାହିଁ। ୪୦ରୁ ୬୦ ବର୍ଷ ବୟସ ବେଳକୁ ୩ ପିଲା ସମ୍ପୂର୍ଣ୍ଣ ଭାବେ ଅନ୍ଧ ହୋଇଯିବେ ବୋଲି ପେଲ୍‌ଟିଅର କହିଛନ୍ତି। ଡାକ୍ତରଙ୍କ ପରାମର୍ଶ ଅନୁସାରେ, ଏହି ପିଲାମାନଙ୍କ ମଧ୍ୟରେ ଯେତେ ଭିଜୁଆଲ ମେମୋରି ତିଆରି କରାଯିବ, ତାହା ସେମାନଙ୍କ ପାଇଁ ଭଲ ହେବ। ଘରେ ରହି ମଧ ବହୁ କ୍ୱାଲିଟି ଟାଇମ୍ ତିଆରି କରାଯାଇପାରିବ କିନ୍ତୁ ଭ୍ରମଣ ସବୁଠାରୁ ଉତ୍କୃଷ୍ଟ। କାରଣ ଏହାଦ୍ୱାରା ସେମାନେ ବିଭିନ୍ନ ପ୍ରକାର ଲୋକଙ୍କୁ ଦେଖିବା ସହ ସେମାନଙ୍କ ପରମ୍ପରା ବିଷୟରେ ମଧ ଜାଣିବାର ସୁଯୋଗ ପାଇବେ। ଚଳିତବର୍ଷ ମାର୍ଚ୍ଚରୁ କାନାଡୀୟ ଦମ୍ପତି ୪ ପିଲାଙ୍କୁ ଧରି ନାମିବ୍ୟାରୁ ସେମାନଙ୍କ ବିଶ୍ୱ ଭ୍ରମଣ ଆରମ୍ଭ କରିଛନ୍ତି। ଏହାପରେ ସେମାନେ ମଙ୍ଗୋଲିଆରୁ ଇଣ୍ଡୋନେସିଆ ଯାଇଛନ୍ତି। ୱାର୍ଲ୍ଡ ଟୁର୍ ନେଇ ପିଲାମାନେ ଏକ ସୂଚୀ ତିଆରି କରିଛନ୍ତି, ଯେଉଁଥିରେ ସେମାନେ ଘୋଡ଼ା ସବାର ହେବାଠାରୁ ଆରମ୍ଭ କରି କେଉଁଠାରେ ଫଳରସ ପିଇବେ ତାହା ଲେଖିଛନ୍ତି। ପରିବାର ସହ ବିଶ୍ୱ ଭ୍ରମଣକୁ ଉପଭୋଗ କରୁଥିବା ପେଲ୍‌ଟିଅର କହିଛନ୍ତି।

# ଅକ୍ଟୋବରରେ 'କୋଡ୍ ନେମ୍: ତ୍ରିରଙ୍ଗା'



ପରିଣୀତି ଚୋପ୍ରା

**ମୁମ୍ବାଇ**

ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରାଙ୍କ ଆଗାମୀ ଫିଲ୍ମ 'କୋଡ୍ ନେମ୍: ତ୍ରିରଙ୍ଗା' ଅକ୍ଟୋବର ୧୪ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି। ଫିଲ୍ମରେ ପରିଣୀତିଙ୍କ ବିପକ୍ଷରେ ଅଭିନୟ କରିଛନ୍ତି ପଞ୍ଜାବୀ ସିଙ୍ଗର ଓ ଆକ୍ଟର ହାର୍ଡି ସାନ୍ଧୁ। ରିଭୁ ଦାସଗୁପ୍ତା ଏଥିରେ ନିର୍ଦ୍ଦେଶନା ଦେଇଛନ୍ତି। ଏହା ଏକ ଆକ୍ସନ୍ ଫିଲ୍ମ। ପରିଣୀତି ଏଥିରେ ଜଣେ ର' ଏଜେଣ୍ଟ ଭୂମିକାରେ ନଜରକୁ ଆସିବାକୁ ଥିବାବେଳେ ହାର୍ଡି ସାନ୍ଧୁଙ୍କ କ୍ୟାରେକ୍ଟରକୁ ଗୋପନ ରଖାଯାଇଛି। ନାୟିକା ଜଣକ ଫିଲ୍ମର ଏକ ଫଟୋ ଓ ରିଲିଜ୍ ଡେଟ୍ ନିଜ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ତେବେ ଫିଲ୍ମକୁ ସିନେପ୍ରେମୀଙ୍କ ଭଲପାଇବା ମିଳିବା ନେଇ ନିର୍ଦ୍ଦେଶକ ରିଭୁ ଆଶା ରଖିଥିବା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି। ଶରଦ କେଲକର, ରଜିତ କାପୁର, ଦିବ୍ୟେନ୍ଦୁ ଭଟ୍ଟାଚାର୍ଯ୍ୟ, ଶିଶିର ଶର୍ମା, ସବ୍ୟସାଚୀ ଚକ୍ରବର୍ତ୍ତୀ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ପରଣୀତି ଶେଷଥର ପାଇଁ ଫିଲ୍ମ 'ସାଇନା'ରେ ଦେଖାଯାଇଥିଲେ, ଯାହାର କାହାଣୀ ଟେନିସ୍ ପ୍ଲେୟର୍ ସାଇନା ନେହୱାଲଙ୍କ ଜୀବନୀ ଉପରେ ଆଧାରୀତ ଥିଲା।


CLASSIFIED DISPLAY

MORE SPACE * SAME PRICE

TARIFF GST 5%

GALAXY TOWER

ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।

Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା

Bansal Market Complex, B wing, Bangalore, Karnataka-400021

8901110759

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଗୋଟିଏ ଭିଡିଓ ପାଇଁ ମିଳୁଛି ୬ କୋଟି ଟଙ୍କା



**ୱାଶିଂଟନ୍:** ସୋସିଆଲ ମିଡିଆ ଖାଲି ମନୋରଞ୍ଜନ ଲାଗି ଏକ ମାଧ୍ୟମ ନୁହେଁ, ଏହା ଜରିଆରେ ଅନେକ ୟୁଜର୍ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ଇଟାଲୀର ଖାବି ଲାମେ ବର୍ତ୍ତମାନ ସମୟରେ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚିତ ଚେହେରା। ତାଙ୍କର ଗୋଟିଏ ଭିଡିଓ ପାଇଁ ସୋସିଆଲ ମିଡିଆ ଆପ୍ କମ୍ପାନୀ ତାଙ୍କୁ ପାଖାପାଖି ୬ କୋଟି ଟଙ୍କା ଦେଉଛି। ୨୨ ବର୍ଷୀୟ ଖାବି ଏବେ କୋଟିପତି। ଇଟାଲୀର ଏକ କାରଖାନାରେ ଖାବି ମେଶିନ୍ ଅପରେଟର ଭାବେ କାର୍ଯ୍ୟ କରୁଥିଲେ। ସେ ସମୟରେ ଖାବି ଟାଇମ୍ ପାସ୍ ପାଇଁ ଟିକ୍‌ଟକ୍ ଭିଡିଓ ତିଆରି କରୁଥିଲେ। କିନ୍ତୁ ଯେତେବେଳେ କରୋନା ପାଇଁ କମ୍ପାନୀ ବନ୍ଦ ହୋଇଗଲା ସେ ସମୟରେ ଖାବି ଟିକ୍‌ଟକ୍‌ରେ ଅଧିକ ସକ୍ରିୟା ହୋଇଥିଲେ। ଧୀରେ ଧୀରେ ଖାବିଙ୍କ ପ୍ରଶଂସକଙ୍କ ସଂଖ୍ୟା ବଢ଼ିବାକୁ ଲାଗିଲା। ସେ ଅନୁସାରେ ଖାବିଙ୍କ ରୋଜଗାର ମଧ ବଢ଼ିବା ଆରମ୍ଭ ହୋଇଥିଲା। କୋଭିଡ୍ ସମୟରେ ସେ ତାଙ୍କର ଏକ ଚ୍ୟାନେଲ ତିଆରି କରିଥିଲେ, ଯାହାର ନାମ ସେ 'ଡୁଏଟ୍ ଆଣ୍ଡ ଷ୍ଟିଚ୍' ରଖିଥିଲେ। ମ୍ୟାଜିକ୍ ଟ୍ରିକ୍‌ରେ ଯେଉଁ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି ତାହାର ନକଲ କରି ଖାବି ଭିଡିଓ ତିଆରି କରିବା ଆରମ୍ଭ କରିଥିଲେ। ଖାବିଙ୍କ ମୁଖ୍ୟ ଉଦ୍ଦେଶ୍ୟ ହଲିଉଡ୍‌ରେ କାମ କରିବା। ସେ ଆମେରିକୀୟ ଅଭିନେତା ସ୍ମିଥ୍‌ଙ୍କ ସହ ଫିଲ୍ମ କରିବାକୁ ଚାହାଁନ୍ତି।

# ଉଡ଼ନ୍ତା ବାଇକ୍



**ୱାଶିଂଟନ୍**

ଜାପାନ୍‌ର ଷ୍ଟାର୍ଟଅପ୍ କମ୍ପାନୀ ଏଇର୍ୱିନ୍ସ ଟେକ୍ନୋଲୋଜି ପକ୍ଷରୁ ଏକ ନିଆରା ଫ୍ଲାଇଙ୍ଗ୍ ବା ଉଡ଼ନ୍ତା ବାଇକ୍ ତିଆରି କରାଯାଇଛି। ଏହି ବାଇକ୍‌ଟିକୁ କମ୍ପାନୀ ପକ୍ଷରୁ ଆମେରିକାରେ ଲଞ୍ଚ କରାଯାଇଛି। ବାଇକ୍‌ର ମୂଲ୍ୟ ୬.୧୯ କୋଟ ଟଙ୍କା। ଉଡ଼ନ୍ତା ବାଇକ୍‌ର ନାମ ରହିଛି 'ସତୁରିସ୍ମୋ'। ପେଟ୍ରୋଲ ଚାଳିତ ଏହି ବାଇକ୍ ଘଣ୍ଟା ପ୍ରତି ୧୦୦ କି.ମି ବେଗରେ ଚାଲୁଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏହା ଏକକାଳୀନ ୩୦ରୁ ୪୦ ମିନିଟ୍ ପର୍ଯ୍ୟନ୍ତ ଆକାଶରେ ଉଡ଼ିପାରିବ। ବାଇକ୍‌ର ଓଜନ ୩୦୦ କିଲୋଗ୍ରାମ୍ ହୋଇଥିବାବେଳେ ଏହା ପାଖରେ ୧୦୦ କେ.ଜି ପର୍ଯ୍ୟନ୍ତ ଭାର ବହନ କରିବାର କ୍ଷମତା ରହିଛି। ତେବେ ଆଗାମୀ ୨୦୨୫ ବେଳକୁ ଏହା ଭାରତ ସମେତ ଚାଇନା ଓ କାନାଡା ବଜାରରେ ଉପଲବ୍ଧ ହେବ ବୋଲି କୁହାଯାଉଛି। ଅନ୍ୟପକ୍ଷେ ଚାଇନାର ସାଉଥ-ୱେଷ୍ଟ ଚେଙ୍ଗଡୁରେ ଥିବା ଜିଆଓଟୋଙ୍ଗ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ଉଡନ୍ତା କାର୍ ତିଆରି କରିଛନ୍ତି। ଗତ ସପ୍ତାହରେ ୟୁନିଭର୍ସିଟି ପକ୍ଷରୁ ଏହି କାର୍‌ର ଟେଷ୍ଟିଂ କରାଯାଇଛି। କଣ୍ଡକ୍ଟର ରେଲ ସହାୟତାରେ ସଡ଼କରୁ ୩୫ ମିଲିମିଟର ଉପରେ ଚାଲୁଛି ଏହି ଉଡ଼ନ୍ତା କାର୍। କାର୍‌ଟିକୁ ମ୍ୟାଗ୍ନେଟିକ୍ ଲେଭିଟେଶନ୍ ଟେକ୍ନୋଲୋଜି (ମାଗ୍‌ଲେଭ୍) ବ୍ୟବହାର କରି ତିଆରି କରାଯାଇଛି। ଘଣ୍ଟାପ୍ରତି ୨୩୦ କି.ମି ବେଗରେ ଏହି କାର୍ ଗତି କରୁଛି।


ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସରୋଜିନୀ ଚୌଧୁରୀ

ସହିଦ ନଗର, ଭୁବନେଶ୍ୱର

ତିରୋଧାନ: ୦୯।୦୯।୨୦୨୨

ବୋଉ, ତୋର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ତୁମ ଆଶୀର୍ବାଦ ଲୋଡ଼ା ସବୁଦିନ
ଆମରି ଚଲା ପଥରେ,
ତୁମରି ପ୍ରେରଣା ଜାରି ରହିଥାଉ
ସର୍ବଦା ଆମ ଭିତରେ।

ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ ପରିବାରବର୍ଗ ।

ଧ-୧୫୬୩

ଧରିତ୍ରୀ
DHARITRI
ମଙ୍ଗଳବାର, ୨୦ ସେପ୍ଟେମ୍ବର, ୨୦୨୨



# ପେଟ ମାଡ଼ି ଶୋଉଥିଲେ

ପେଟମାଡ଼ି ଶୋଇବା ଅଭ୍ୟାସ ଅନେକଙ୍କଠାରେ ଦେଖିବାକୁ ମିଳେ। ହେଲେ ଆପଣ ଜାଣନ୍ତି କି ଏପରି ଶୋଇବା ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିପାରେ। ଜାଣିରଖନ୍ତୁ ସେ ସମ୍ପର୍କରେ...



❖ପେଟ ମାଡ଼ି ଶୋଇବା ଦ୍ୱାରା ମାଂସପେଶୀଗୁଡ଼ିକ ଚାପିହୋଇ ରହିବା ସହ ବଡି ପୋଜିଶନ ଠିକ୍ ଭାବେ ନ ରହୁ ଥିବାରୁ ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇପାରେ ନାହିଁ। କେବେ କେବେ ଏଥିପାଇଁ ମସଲ କ୍ରାମ୍ପ୍ ହୋଇ ଖୁବ୍ ଯନ୍ତ୍ରଣା ହୋଇଥାଏ । ତା' ଛଡ଼ା ହୃତ୍‌ପିଣ୍ଡରୁ ମସ୍ତିଷ୍କକୁ ଭଲ ଭାବେ ରକ୍ତ ସଞ୍ଚାଳନ ହେବାରେ ବାଧା ଉପୁଜିଥାଏ। ଫଳରେ ମୁଣ୍ଡବିନ୍ଧା ହୋଇଥାଏ।

❖ପେଟ ଚାପିହୋଇ ରହୁଥିବାରୁ ଖାଦ୍ୟ ଭଲ ଭାବେ ହଜମ ହେବାରେ କଷ୍ଟ ହୋଇଥାଏ। ବାରମ୍ବାର ଏପରି ହେଲେ ଧୀରେ ଧୀରେ ଗ୍ୟାସ୍, ବଦହଜମି ଭଳି ଅନେକ ସମସ୍ୟା ସୃଷ୍ଟି ହୋଇଥାଏ।

❖ଏହାଦ୍ୱାରା ମେରୁଦଣ୍ଡରେ ଚାପ ପଡ଼ିଥାଏ। ଫଳରେ କିଛିଦିନ ପରେ ଧୀରେ ଧୀରେ ପିଠି ଯନ୍ତ୍ରଣା ସମସ୍ୟା ଆରମ୍ଭ ହୋଇଥାଏ। ତୁରନ୍ତ ଏପରି ଶୋଇବା ନ ବଦଳାଇଲେ ବେକରୁ ଅଣ୍ଟା ପର୍ଯ୍ୟନ୍ତ ଯନ୍ତ୍ରଣା ଜଟିଳ ହେବା ଆଶଙ୍କା ବୃଦ୍ଧି ପାଇଥାଏ।

❖ଏହାଦ୍ୱାରା ମୁହଁ ଚାପିହୋଇ ରହୁଥିବାରୁ ମୁହଁକୁ ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ ମିଳିପାରେ ନାହିଁ। ଫଳସ୍ୱରୂପ ବ୍ରଣ, ଦାଗ ଭଳି ସମସ୍ୟା ସହ ଅଳ୍ପ ବୟସରୁ ଏଜ୍‌ଲାଇନ୍ ଏବଂ ରିଙ୍କିଲ୍ ମାର୍କ ଦେଖାଦେଇଥାଏ।

# ବର୍ଷାରେ ଗର୍ଭବତୀଙ୍କ ଯତ୍ନ

ବର୍ଷାଦିନେ ଗର୍ଭବତୀଙ୍କୁ ନିଜ ସହିତ ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟରକ୍ଷା ନିମନ୍ତେ କେତେକ ଦିଗ ପ୍ରତି ସଚେତନ ରହିବା ଆବଶ୍ୟକ। ଜାଣି ରଖନ୍ତୁ ସେ ସମ୍ପର୍କରେ...



➤ବର୍ଷାରେ ଅନେକେ ଥଣ୍ଡା ଲାଗୁଥିବାରୁ ଭଲ ଭାବେ ଗାଧାନ୍ତି ନାହିଁ। ହେଲେ ଏପରି ନ କରି ପ୍ରତିଦିନ ଗାଧେଇଲେ ଚର୍ମ ପରିଷ୍କାର ହୁଏ ଓ କୌଣସି ଜୀବାଣୁ ଚର୍ମ ଭିତରକୁ ଯାଇପାରେ ନାହିଁ। କୌଣସି କାରଣରୁ ବାହାରେ ବର୍ଷାରେ ଭିଜିଗଲେ ନିଜ ଶରୀରକୁ ଟାୱେଲରେ ପୋଛି ଶୁଖିଲା କରିବା ପରେ ଉଷୁମ ପାଣିରେ ଗାଧୋଇବା ଦ୍ୱାରା ସଂକ୍ରମଣ ହୋଇ ନ ଥାଏ।

➤କେବଳ ସ୍ନାନ, ଶୌଚ ଠିକ୍ ଭାବେ କରିବା ନୁହେଁ ନଖକାଟିବା, ରାନ୍ଧିବା ଓ ଖାଇବା ଆଗରୁ ଡିସ୍-ଇନଫ୍ୟାକ୍ଟାଂଟ ହ୍ୟାଣ୍ଡୱାଶ୍ ଲଗାଇ ହାତ ଧୋଇବା ଆବଶ୍ୟକ। ଯାହାକି ନିଜ ସହ ଗର୍ଭସ୍ଥ ଶିଶୁକୁ ବି ନିରୋଗ ରଖିଥାଏ।

➤ସେହିପରି ନିଜର ଘରଦ୍ୱାର ଓ ଆଖପାଖ ସ୍ଥାନ ମଧ୍ୟ ପରିଷ୍କାର ରଖନ୍ତୁ।କାର୍ବୋଲିକ୍ ସାବୁନର ଦ୍ରବଣରେ ଘରଦ୍ୱାର ପୋଛି ସଫା କରିବା ଦ୍ୱାରା ଜୀବାଣୁମୁକ୍ତ ରହିଥାଏ।

➤ବିଛଣା ଚଦର ଓ ତଉଲିଆ ଆଦି ସଫା ରଖିବା ଆବଶ୍ୟକ । ମ୍ୟାଲେରିଆ ଓ ଡେଙ୍ଗୁ ରୋଗରୁ ରକ୍ଷା ପାଇଁ ମଶାରୀ ଟାଣବା ସହ ଆବଶ୍ୟକ ସ୍ଥଳେ ମଶାଧୂପ ଓ ମଶାକ୍ରୀମ ବ୍ୟବହାର କରିପାରିବେ।

ଖାଦ୍ୟରୁଚି

# ମସଲା ଛୋଲେ ଚାଟ୍



**ଆବଶ୍ୟକ ସାମଗ୍ରୀ:** ୨କପ୍ ଛୋଲେ, ୧/୨ ଚାମଚ କଶ୍ମୀର ଲଙ୍କା, ୧/୪ ଚାମଚ ଜିରା ପାଉଡର, ୧ ଚାମଚ କଟା ଧନିଆପତ୍ର, ୧/୨ ଚାମଚ ଚାଟ୍ ମସଲା, ୨ ଚାମଚ ତେନ୍ତୁଳି ଚଟଣି, ୨ ଚାମଚ ଲେଖାଏଁ କଟା ପିଆଜ, ଟମାଟୋ, କାକୁଡ଼ି, ୩ ଚାମଚ କଟା ସିଝା ଆଳୁ, ୧ଟି ଛୋଟ କଟା ହୋଇଥିବା କଞ୍ଚାଲଙ୍କା, ୨ ଚାମଚ ଛଣା ସେଓ, ଗାଣ୍ଠିଆ, ୧ ଚାମଚ ତେଲ, ସ୍ୱାଦାନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବୁଟକୁ ଭଲ ଭାବେ ଭିଜାଇଦିଅନ୍ତୁ। ଏହାକୁ ସିଝାଇ ଦିଅନ୍ତୁ। ଚୁଲାରେ ଏକ ପ୍ୟାନ୍ ବସାଇ ତେଲ ପକାନ୍ତୁ । ସେଥିରେ କଟା ପିଆଜ ପକାଇ ଲାଲ୍ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ସେଥିରେ କଟା ଧନିଆପତ୍ର, ଟମାଟୋ, ଲଙ୍କା, ଜିରା ପାଉଡର ପକାଇ ଭାଜନ୍ତୁ। ସେଥିରେ ସିଝା ଆଳୁ ପକାଇ ଘାଣ୍ଟନ୍ତୁ। ଅଳ୍ପ ପାଣି ଓ ତେନ୍ତୁଳି ଚଟଣି ପକାଇ ଘାଣ୍ଟନ୍ତୁ। ସେଥିରେ ଆବଶ୍ୟକ ମାତ୍ରାରେ ଲୁଣ, ଚାଟ୍ ମସଲା ପକାଇ ଗୋଳାନ୍ତୁ। ବର୍ତ୍ତମାନ ଚୁଲା ବନ୍ଦକରି ଏହାକୁ ପ୍ଲେଟ୍‌ରେ କାଢ଼ନ୍ତୁ। ଏହା ଉପରେ କଟାହୋଇଥିବା ପିଆଜ, କାକୁଡ଼ି ଏବଂ ସେଓ ଗାଣ୍ଠିଆ ପକାଇ ଖାଇବାର ମଜା ନିଅନ୍ତୁ।

ସୌନ୍ଦର୍ଯ୍ୟ

# ତ୍ୱଚାରେ ରହିବନି ଦାଗ



ସ୍ପଟ୍‌ଲେସ୍ ସ୍କିନ୍ ପାଇବାକୁ କିଏ ବା ନ ଚାହେଁ। ଏଥିପାଇଁ ମହିଳାମାନେ ବିଭିନ୍ନ ପ୍ରକାର ସୌନ୍ଦର୍ଯ୍ୟ ପ୍ରସାଧାନ ବ୍ୟବହାର କରିବାକୁ ମଧ ପଛାନ୍ତି ନାହିଁ। ହେଲେ ଆପଣ ଚାହିଁଲେ କେତେକ ଘରୋଇ ଉପଚାର ଦ୍ୱାରା ମୁହଁକୁ ଦାଗମୁକ୍ତ କରିପାରିବେ...

➤ବାରମ୍ବାର ଫେସ୍‌ୱାସ୍ ଲଗାଇ ମୁହଁ ଧୁଅନ୍ତୁ ନାହିଁ। ଏହାଦ୍ୱାରା ସ୍କିନ୍ ଡ୍ରାଏ ହୋଇଯିବ। ବିଶେଷକରି ଯେଉଁମାନଙ୍କର ଡ୍ରାଏ ସ୍କିନ୍ ସେମାନେ ଏପରି ଆଦୌ କରିବା ଠିକ୍ ନୁହେଁ।

➤ଏକ ଚାମଚ କ୍ଷୀରରେ ୪-୫ ଟୋପା ମହୁ ମିଶାଇ ଲଗାଇଲେ ତ୍ୱଚା ଦାଗ ମୁକ୍ତ ହେବା ସହ ଉଜ୍ଜ୍ୱଳ ଲାଗିବ।

➤ବାଦାମକୁ ପାଉଡର କରି ସେଥିରେ ମହୁ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୫-୬ ମିନିଟ୍ ରଖିବା ପରେ ପାଣିରେ ଧୀରେ ଧୀରେ ଧୋଇଦିଅନ୍ତୁ। କିଛିଦିନ ଏପରି କରିବା ପରେ ଆପଣ ଫରକ ନିଜେ ଜାଣିପାରିବେ।

➤୨ ଚାମଚ ଓଟ୍ ନେଇ ଏହାକୁ ଗୁଣ୍ଡ କରିଦିଅନ୍ତୁ। ସେଥିରେ ଅଳ୍ପ କ୍ଷୀର ମିଶାଇ ପ୍ୟାକ୍ ପ୍ରସ୍ତୁତ କରି ମୁହଁରେ ଲଗାନ୍ତୁ। ୧୦ ମିନିଟ୍ ପରେ ଥଣ୍ଡାପାଣିରେ ଧୀରେ ଧୀରେ ଧୋଇ ଦିଅନ୍ତୁ। ମନେରଖନ୍ତୁ ମୁହଁକୁ ଆଦୌ ରଗଡ଼ନ୍ତୁ ନାହିଁ ନଚେତ୍ ଏହା ଡ୍ରାଏ ହୋଇଯିବ। କିଛି ଦିନ ଏହି ପ୍ୟାକ୍ ବ୍ୟବହାର କଲେ ଧୀରେ ଧୀରେ ଦାଗ ଦୂର ହୋଇଯିବ।

➤୧ ଚାମଚ ଶୁଖିଲା ଲିମ୍ବପତ୍ର ଗୁଣ୍ଡ,୨ ଚାମଚ ଲେଖାଏଁ ଯଅ ଅଟା, ଚଣା ଅଟା ଏବଂ ମୁଲତାନୀ ମାଟି, ଅଧା ଚାମଚ ମହୁ, ଅଳ୍ପ ଲେମ୍ବୁରସ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ସପ୍ତାହକୁ ୨ରୁ ୩ ଥର ମୁହଁରେ ଲଗାଇଲେ ଦାଗ ସମସ୍ୟା ଦୂର ହୋଇଥାଏ।



# ପିଲାଙ୍କ ଆୟା



ବର୍ତ୍ତମାନ ସମୟ ଅଭାବରୁ କେତେଜଣ କର୍ମଜୀବୀ ମା' ସେମାନଙ୍କ ଅନୁପସ୍ଥିତିରେ ପିଲାଙ୍କ ଦାୟିତ୍ୱ ବୁଝିବା ଲାଗି ବେବି ସିଟର ବା ଆୟାଙ୍କ ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳୁଛି। ହେଲେ ଏହାଦ୍ୱାରା ମଧ ବିଭିନ୍ନ ସମସ୍ୟା ଉପୁଜୁଥିବା ଦେଖାଯାଉଛି। ତେଣୁ ଆୟା ରଖୁଥିଲେ ପିଲାଙ୍କ ସୁରକ୍ଷା ପ୍ରତି ସଜାଗ ରହିବା ଆବଶ୍ୟକ...

ବର୍ତ୍ତମାନ ଅଧିକାଂଶ ମହିଳା କର୍ମଜୀବୀ। ତେଣୁ ସେମାନଙ୍କୁ ଉଭୟ ପରିବାର ଏବଂ ଅଫିସ୍ କାର୍ଯ୍ୟ ତୁଲାଇବାକୁ ପଡ଼ିଥାଏ। ବିଶେଷକରି ଘରେ ଛୋଟ ପିଲା ଥିବା ମା'ଙ୍କୁ କେବେ କେବେ ପିଲାଙ୍କ ଦାୟିତ୍ୱ ନେବା ସହ ଅନ୍ୟାନ୍ୟ କାର୍ଯ୍ୟ ସମ୍ଭାଳିବା କଷ୍ଟକର ହୋଇଥାଏ। ତେବେ ଏମିତିରେ ଘରେ ସହଯୋଗ କରିବା ଲାଗି ପରିବାରର ଅନ୍ୟ କେହି ସଦସ୍ୟ ନ ଥିଲେ ଉଭୟ ମାତାପିତାଙ୍କ ଅନୁପସ୍ଥିତିରେ ପିଲାଙ୍କ ଯତ୍ନ ନେବା ଲାଗି ଆୟା ଉପରେ ନିର୍ଭର କରିବାକୁ ପଡ଼ିଥାଏ। ଯଦିଓ ଏହାଦ୍ୱାରା ସେମାନଙ୍କୁ ପିଲାଙ୍କୁ ଏକା ଛାଡ଼ିଯିବାର ଭୟ ଦୂର ହେଉଛି, ହେଲେ ଅପରପକ୍ଷେ ଅନ୍ୟାନ୍ୟ ଅସୁବିଧାର ସମ୍ମୁଖୀନ ହେବାର ମଧ ନଜିର ରହିଛି। ନିକଟରେ ବମ୍ବେରେ ଏକ କର୍ମଜୀବୀ ଦମ୍ପତି ଆୟାଙ୍କ ପାଖରେ ପିଲାକୁ ଛାଡ଼ି ଅଫିସ୍ ଯାଇଥିବା ବେଳେ ପିଲାକୁ ଆୟା ଜଣଙ୍କ ଭିକ ମାଗିବା କାର୍ଯ୍ୟ ଲାଗି ବ୍ୟବହାର କରୁଥିବା ଘଟଣା ବେଶ୍ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଠିକ୍ ସେହିପରି ଜଣେ ଆୟା ଶାନ୍ତିରେ ଟିଭି ଦେଖିବା, ପିଲାଙ୍କ ଖାଦ୍ୟ ଖାଇଦେବା, ଘରୁ ଟଙ୍କା ଓ ବିଭିନ୍ନ ସାମଗ୍ରୀ ଚୋରି କରିବା କିମ୍ବା ଅନ୍ୟାନ୍ୟ କାମ ଲାଗି ପିଲାଙ୍କୁ ନିଶାଦ୍ରବ୍ୟ ଦେଇ ଶୁଆଇ ଦେଉଥିବା ଘଟଣା ମଧ୍ୟ ଦେଖିବାକୁ ମିଳିଥିଲା। ତେବେ ଜଣେ ଆୟା ପିଲାକୁ ମାଡ଼ ମାରି ରକ୍ତାକ୍ତ କରିଥିବା ଭାଇରାଲ୍ ଭିଡିଓ ଆୟା ରଖୁଥିବା ପ୍ରତ୍ୟେକ ଅଭିଭାବକଙ୍କ ପାଇଁ ଚିନ୍ତାର କାରଣ ସାଜିଥିଲା। ତେଣୁ ଆୟା ରଖିବା ସମୟରେ କେତୋଟି କଥା ପ୍ରତି ଧ୍ୟାନଦେବା ଆବଶ୍ୟକ...

**ନିଅନ୍ତୁ ପରିଚିତଙ୍କ ସାହାଯ୍ୟ:** ଯଦି ଆୟା ବା ବେବି ସିଟର ରଖିବା ସେତିକି ଜରୁରୀ ତେବେ କୌଣସି ଅଚିହ୍ନାଙ୍କୁ ରଖିବା ପରିବର୍ତ୍ତେ ପ୍ରଥମେ ନିଜ ସାଙ୍ଗସାଥୀ କିମ୍ବା ପରିଚିତଙ୍କ ଘରେ ପିଲାଙ୍କ ଦେଖାଶୁଣା କରୁଥିବା ଆୟାଙ୍କୁ ରଖିପାରିବେ। ଏହାଦ୍ୱାରା ସେ ବିଶ୍ୱସ୍ତ କି ନୁହେଁ ଜାଣିବା ଆପଣଙ୍କ ଲାଗି ସହଜ ହେବ।

**ରେଜିଷ୍ଟର୍ଡ ଏଜେନ୍ସି ଭଲ ମାଧ୍ୟମ:** ଯେକୌଣସି ସ୍ଥାନରେ ଆୟା ମିଳିବା ସହଜ ହୋଇ ନ ଥିବାରୁ ଏଥିପାଇଁ ବିଭିନ୍ନ ଏଜେନ୍ସି କାର୍ଯ୍ୟ କରୁଛି। ଯଦି ଆପଣ ବି ସେମାନଙ୍କ ସାହାଯ୍ୟ ନେଉଛନ୍ତି, ତେବେ ସୁରକ୍ଷା ଦୃଷ୍ଟିରୁ ଏଜେନ୍ସିର ଆଇଡେଣ୍ଟିଟି ପ୍ରୁଫ୍ ସହିତ ଆୟାଙ୍କର ଆଧାରକାର୍ଡ କିମ୍ବା ଭୋଟର କାର୍ଡ, ଠିକଣା, ଫୋନ୍ ନମ୍ବର, ମେଡିକାଲ ରିପୋର୍ଟ ଏବଂ ଅନ୍ୟାନ୍ୟ ଦରକାରୀ କାଗଜପତ୍ରକୁ ଭଲ ଭାବେ ଯାଞ୍ଚ କରିବାକୁ ଭୁଲନ୍ତୁ ନାହିଁ।

**କରାନ୍ତୁ ପୋଲିସ ଭେରିଫିକେଶନ:** ଜବ୍ କିମ୍ବା ଅନ୍ୟ କାର୍ଯ୍ୟରେ ଯଦି ବାହାରେ ରହୁଛନ୍ତି, ତେବେ ନୂଆ ଜାଗାରେ କୌଣସି ଅଚିହ୍ନା ଆୟାଙ୍କୁ ରଖିବା ପୂର୍ବରୁ ପ୍ରଥମେ ତାଙ୍କ ଠିକଣା, ବୟସ, ପରିବାର, ସେ ପୂର୍ବରୁ କେଉଁଠି କାର୍ଯ୍ୟ କରୁଥିଲେ, ଅଭିଜ୍ଞତା ଆଦି ବିଷୟରେ ଭଲ ଭାବେ ତଥ୍ୟ ସଂଗ୍ରହ କରନ୍ତୁ। ସୁରକ୍ଷା ଦୃଷ୍ଟିରୁ ପୋଲିସ ଭେରିଫିକେଶନ କରାଇ ନେବା ସବୁଠୁ ଭଲ।



**ଘରେ ଲଗାନ୍ତୁ ସିସିଟିଭି:** ପିଲାଙ୍କୁ ଆୟା ପାଖରେ ଛାଡ଼ିଯାଉଥିଲେ ସେ ଠିକ୍ ଭାବେ ଖାଇବାକୁ ଦେଉଛି ନା ନାହିଁ, ମାରପିଟ କିମ୍ବା କୌଣସି ଅବହେଳା କରୁନାହିଁ ତ ଜାଣିବା ଲାଗି ଘରେ ସିସିଟିଭି ବ୍ୟବସ୍ଥା କରନ୍ତୁ ଏବଂ ମଝିରେ ମଝିରେ ଆୟା ସହିତ ଯୋଗାଯୋଗ ରଖି ପିଲାର କଥା ବୁଝନ୍ତୁ।

**ତଦାରଖ କରନ୍ତୁ:** କେବଳ ଏତିକି ନୁହେଁ, ବର୍ତ୍ତମାନ ଅନେକେ ଘରେ ନ ଥିବା ବେବି ସିଟରମାନେ ପିଲାଙ୍କୁ ଶୁଆଇ ଦେଇ ବାହାରକୁ ଚାଲି ଯାଉଛନ୍ତି କିମ୍ବା ଅନ୍ୟମାନଙ୍କୁ ଘରକୁ ଡକାଉଛନ୍ତି। ଏହା ପିଲା ପାଇଁ ବିପଦପୂର୍ଣ୍ଣ। ତେଣୁ ଅନ୍ତତଃ ପକ୍ଷେ ସପ୍ତାହରେ ଥରେ ସମୟ ବାହାର କରି ହଠାତ୍ ଘରେ ପହଞ୍ଚି ଆୟାର କାର୍ଯ୍ୟ ତଦାରଖ କରନ୍ତୁ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯଦି ଆୟା ପିଲାକୁ ବାହାରକୁ ବୁଲାଇବାକୁ ନେଉଛି ଏବଂ କୌଣସି ଦିନ ଆୟାର ବ୍ୟବହାର ସନ୍ଦେହଜନକ ଲାଗୁଛି ତେବେ ଯଥାଶୀଘ୍ର ସତର୍କ ହୋଇଯାଆନ୍ତୁ। ଅବଶ୍ୟକ ସ୍ଥଳେ ଆୟା ବଦଳାଇଦେବା ବି ଭଲ।

**ପିଲାଙ୍କ ଖାଦ୍ୟ ନିଜେ ରଖନ୍ତୁ:** ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ଆୟା ଯେପରି ପିଲାଙ୍କ ଖାଦ୍ୟରେ ଆବଶ୍ୟକତାଠାରୁ ଅଧିକ ତେଲମସଲା ବ୍ୟବହାର ନ କରନ୍ତି ସେଥିପ୍ରତି ଧ୍ୟାନ ଦିଅନ୍ତୁ। କେଉଁ ସମୟରେ ପିଲା କ'ଣ କରୁଛି ସେଥିପାଇଁ ଆବଶ୍ୟକ ସାମଗ୍ରୀ ନିଜେ କାଢ଼ି ଦେବାକୁ ଚେଷ୍ଟା କରନ୍ତୁ।

**ରୁହନ୍ତୁ ସତର୍କ:** ବର୍ତ୍ତମାନ ଅନେକେ ଆୟା ସହିତ ଘରର ଅନ୍ୟାନ୍ୟ କାର୍ଯ୍ୟ କରିପାରୁଥିବା ବ୍ୟକ୍ତି ରଖିବାକୁ ବେଶି ପସନ୍ଦ କରୁଛନ୍ତି। ଏଭଳି ମହିଳା କେବଳ ପିଲାଙ୍କ ରୁମ୍ ନୁହେଁ ଅନ୍ୟ ସବୁ ରୁମ୍‌ର ପ୍ରତ୍ୟେକ ଜିନିଷ ସହ ମଧ ପରିଚିତ। ତେଣୁ ନିଜର ସମସ୍ତ ଜରୁରୀ କାଗଜପତ୍ର, ଟଙ୍କା ଏବଂ ମୂଲ୍ୟବାନ୍ ସାମଗ୍ରୀ ଖୋଲାରେ ନ ରଖି ଆଲମିରାରେ ଲକ୍ କରି ରଖନ୍ତୁ। ନଚେତ୍ ସାମାନ୍ୟ ଅସାବଧାନତା ଯୋଗୁ ଆପଣଙ୍କୁ ଭାରି ମୂଲ୍ୟ ଦେବାକୁ ପଡ଼ିପାରେ।

## କ'ଣ କରନ୍ତି ଏମାନେ



**ଦେବସ୍ମିତା ଦାଶ**(ଭଦ୍ରକ) - ଶିକ୍ଷକତା କରୁଛି। ମୋର ଯାଆଁଳା ଝିଅ। ସେଥିପାଇଁ ସେମାନଙ୍କୁ ଛାଡ଼ି ସ୍କୁଲ ଯିବାକୁ ମୋତେ ବହୁତ ଅସୁବିଧା ହେଉଛି। ଦୁଇଜଣଙ୍କୁ ଏକା ଛାଡ଼ି ଯିବାକୁ ଭୟ ବି ଲାଗୁଛି। ତେଣୁ ଜଣେ ବେବି ସିଟରଙ୍କୁ ରଖିଛି। ସେ ଦୁଇ ଝିଅଙ୍କର ଖାଇବା ପିଇବା ବୁଝିବା ସହ ଯତ୍ନ ମଧ ନେଉଛନ୍ତି। କିଛି ଅସୁବିଧା ହେଲେ ମୋତେ ଫୋନ୍ କରି ମଧ ଜଣାନ୍ତି। ବ୍ରେକ୍ ଟାଇମ୍‌ରେ ଆସି ଦୁଇ ଝିଅଙ୍କୁ ଦେଖାକରି ଯାଏ। ବେବି ସିଟର ଭାବରେ ରଖିଥିବା ଶାନ୍ତିଦିଦି ମୋର ଦୁଇ ଝିଅଙ୍କୁ ବହୁତ ଭଲ ପାଆନ୍ତି।



**ସୁକାନ୍ତି ସୁଚରିତା ଷଡ଼ଙ୍ଗୀ** (ଡାକ୍ତର, ମଞ୍ଚେଶ୍ୱର, ଭୁବନେଶ୍ୱର)- ଉଭୟ ବାପାମାଆ କର୍ମଜୀବୀ ହୋଇଥିବାରୁ ପିଲାଙ୍କ ଯତ୍ନ ନେବା ପାଇଁ ଜଣେ ଆୟାଙ୍କ ଆବଶ୍ୟକତା ରହିଛି। ହେଲେ ସମ୍ପୂର୍ଣ୍ଣ ତାଙ୍କ ଭରଷାରେ ପିଲାଙ୍କୁ ଛାଡି ଯିବା ନିରାପଦ ନୁହେଁ। ତେଣୁ ଜେଜେମା' କିମ୍ବା ଆଇ ପାଖରେ ରୁହନ୍ତି। ତା' ଛଡା ସୁରକ୍ଷା ଦୃଷ୍ଟିରୁ ପିଲାଙ୍କ ରୁମ୍‌ରେ କ୍ୟାମେରା ଲଗାଇଛୁ। କର୍ମକ୍ଷେତ୍ରରେ ଥିଲେ ସୁଦ୍ଧା ମଝିରେ ମଝିରେ ଫୋନ୍‌ରେ ପିଲାଙ୍କ ଖାଇବା ଏବଂ ଅନ୍ୟାନ୍ୟ କଥା ବୁଝିବାକୁ ପଡିଥାଏ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୯ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ସେପ୍ଟେମ୍ବର ୨୦/୨୦୨୨ Sambalpur, Tuesday, September 20/ 2022

# ମିଡିଲ ଅର୍ଡର, ଷଷ୍ଠ ବୋଲର ଉପରେ ନଜର

**ମୋହାଲି, ୧୯।୯(ପି.ଟି.)**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ୍ ମଙ୍ଗଳବାରଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଛି। ଆଗକୁ ଟି୨୦ ବିଶ୍ୱକପ୍ ଆସୁଥିବାରୁ ଭାରତ ପାଇଁ ଏହି ଘରୋଇ ସିରିଜ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦିଓ କେତେକ ଫାଷ୍ଟ ବୋଲର ବିଶ୍ରାମ ନେଇଛନ୍ତି ତଥାପି ଦଳରେ ଷଷ୍ଠ ବୋଲର ଏବଂ ମିଡିଲ ଅର୍ଡର ବ୍ୟାଟିଂ ସମସ୍ୟା ସୁଧାରିବା ଉପରେ ମୁଖ୍ୟତଃ ନଜର ରହିବ। ଏହାପରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ମଧ୍ୟ ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍ ଖେଳିବ ଭାରତ। ତେଣୁ ବିଶ୍ୱକପ୍ ପାଇଁ କମ୍ବିନେଶନ ଶର୍ଟଆଉଟ କରିବାକୁ ଏହା ଶେଷ ସୁଯୋଗ।

ଏସିଆ କପ୍‌ରେ ଭାରତ ଯଦିଓ ଭଲ ବ୍ୟାଟିଂ କରିଥିଲା ତେବେ ବୋଲିଂ ବିଭାଗର ଦୁର୍ବଳତା ପଦାରେ ପଡ଼ିଥିଲା। ତେବେ ବିଶ୍ୱକପର ପିଚ୍ ଓ ପରିବେଶ ଭିନ୍ନ ରହିବ। ଯଶପ୍ରୀତ୍ ବୁମ୍‌ରା ଓ ହର୍ଷଲ ପଟେଲଙ୍କ ପ୍ରତ୍ୟାବର୍ତ୍ତନ ଫଳରେ ଦଳର ବୋଲିଂ ଆକ୍ରମଣ ମଜଭୁତ ହୋଇଛି। ଲୋକେଶ ରାହୁଲ ତାଙ୍କ ଓପ୍‌ନିଂ ପାର୍ଟନର ରହିବେ ବୋଲି ରୋହିତ୍ ଶର୍ମା ଯଦିଓ ସ୍ପଷ୍ଟ କରିଛନ୍ତି ତେବେ ବିରାଟ କୋହଲି ଇନିଂସ୍ ଓପନ୍ କରିବା ସମ୍ଭାବନା ମଧ୍ୟ ରହିଛି। ଏସିଆ କପ୍‌ରେ କୋହଲି କ୍ୟାରିୟରର ପ୍ରଥମ ଅନ୍ତର୍ଜାତୀୟ ଟି୨୦ ଶତକ ହାସଲ କରିଥିବାରୁ ତାଙ୍କ ପାଇଁ ଟପ୍ ଅର୍ଡରେ ସ୍ଥାନ ଉନ୍ମୁକ୍ତ ରହିବ। ବ୍ୟାଟିଂରେ ଟପ୍-୪ ସ୍ଥାନ ଯଦିଓ ସ୍ଥିର ହୋଇସାରିଛି ତେବେ ପ୍ଲେଇଂ ଇଲେଭେନରେ ଉଇକେଟ କିପର ଭାବେ ରିଷଭ ପନ୍ତ ରହିବେ ନା ଦୀନେଶ କାର୍ତ୍ତିକ ଖେଳିବେ ତାହା ଏବେ ମଧ୍ୟ ଅସମାହିତ ରହିଛି। ରବୀନ୍ଦ୍ର ଜାଡେଜା ଆହତ ଥିବାରୁ ବାମହାତୀ ବ୍ୟାଟର ଭାବେ ପନ୍ତଙ୍କ ପଲା ଭାରି ରହିବ କି ନାହିଁ ତାହା ଉପରେ ଏବେ ନଜର। ଏସିଆ କପ୍‌ରେ କାର୍ତ୍ତିକ ଖୁବ୍ କମ୍ ବ୍ୟାଟିଂ ସୁଯୋଗ ପାଇଥିଲେ। ତେଣୁ ଆଗାମୀ ୨ ସପ୍ତାହ ତାଙ୍କ ପାଇଁ ଭଲ ରହିବ ବୋଲି ସେ ନିଶ୍ଚିତ ଆଶା କରିବେ। ଦୀପକ ହୁଡା ଯଦିଓ ୟୁଏଇରେ ସୁପର ୪ ପର୍ଯ୍ୟାୟର ସମସ୍ତ ମ୍ୟାଚ୍ ଖେଳିଥିଲେ ତଥାପି ତାଙ୍କ ଭୂମିକାକୁ ନେଇ ସ୍ପଷ୍ଟ ଚିତ୍ର ଏପର୍ଯ୍ୟନ୍ତ ମିଳିନାହିଁ।

ଜାଡେଜା ଆହତ ଥିବାରୁ ଏସିଆ କପ୍‌ରେ ଭାରତର ବୋଲିଂ ସନ୍ତୁଳନ ବିଗିଡ଼ି ଯାଇଥିଲା। ଭାରତ ବାଧ୍ୟହୋଇ ୫ ବୋଲରଙ୍କୁ ନେଇ ଖେଳିଥିଲା। ଭାରତ ଯଦି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହିତ ଜାଡେଜାଙ୍କ ବଦଳ ଖେଳାଳି ଅକ୍ଷର ପଟେଲଙ୍କୁ ନେବ ତେବେ ଦଳରେ ଅତିରିକ୍ତ ବୋଲିଂ ବିକଳ୍ପ ଉନ୍ମୁକ୍ତ ରହିବ। ଏ କ୍ଷେତ୍ରରେ ବୁମ୍‌ରା, ଭୁବନେଶ୍ୱର କୁମାର, ହର୍ଷଲ ଓ ହାର୍ଦ୍ଦିକ ପେସ୍ ଆକ୍ରମଣ ଏବଂ ଯୁଜ୍‌ବେନ୍ଦ୍ର ଚହଲ ଓ ଅକ୍ଷର ସ୍ପିନ୍ ବିଭାଗ ଦାୟିତ୍ୱ ସମ୍ଭାଳିବେ। ଅଷ୍ଟ୍ରେଲିଆର ପରିବେଶ ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ ରହିବ। ତେଣୁ ଏହାକୁ ଦୃଷ୍ଟିରେ ରଖି ଟିମ୍ ମ୍ୟାନେଜ୍‌ମେଣ୍ଟ ଯାହାକିଛି ନିଷ୍ପତ୍ତି ନେବ।

ଅନ୍ୟପକ୍ଷରେ ଡେଭିଡ ୱାର୍ନରଙ୍କ ସମେତ କେତେକ ସିନିୟର ଖେଳାଳିଙ୍କୁ ବିଶ୍ରାମ ଦେଇ ଅଷ୍ଟ୍ରେଲିଆ ଏଠାକୁ ଆସିଛି। ମିଚେଲ ଷ୍ଟାର୍କ, ମାର୍କସ ଷ୍ଟୋଇନିସ ଓ ମିଚେଲ ମାର୍ଶ ଆହତ ଥିବାରୁ ଭାରତ ଆସିନାହାନ୍ତି। ତେବେ ଅନ୍ତର୍ଜାତୀୟ ଦିନିକିଆରୁ ନିକଟରେ ଅବସର ନେଇଥିବା ଅଧିନାୟକ ଆରୋନ ଫିଞ୍ଚ୍ ବ୍ୟକ୍ତିଗତ ଭାବେ ଅଧିକରୁ ଅଧିକ ରନ୍ କରିବା ଉପରେ ଲକ୍ଷ୍ୟ ରଖିବେ ନିଶ୍ଚିତ। ଆଉ ଜଣେ ଖେଳାଳି ଆକର୍ଷଣର କେନ୍ଦ୍ରରେ ରହିବେ। ସେ ହେଲେ ଟିମ୍ ଡାଭିଡ। ସିଙ୍ଗାପୁର ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିବା ପରେ ସେ ଏବେ ଅଷ୍ଟ୍ରେଲିଆରୁ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି।

**ଭାରତୀୟ ଦଳ:** ରୋହିତ୍ ଶର୍ମା (ଅଧିନାୟକ), ଲୋକେଶ ରାହୁଲ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଦୀପକ ହୁଡା, ରିଷଭ ପନ୍ତ, ଦୀନେଶ କାର୍ତ୍ତିକ, ହାର୍ଦ୍ଦିକ ପାଣ୍ଡ୍ୟା, ରବିଚନ୍ଦ୍ରନ ଅଶ୍ୱିନ, ଯୁଜ୍‌ବେନ୍ଦ୍ର ଚହଲ, ଅକ୍ଷର ପଟେଲ, ଭୁବନେଶ୍ୱର କୁମାର, ହର୍ଷଲ ପଟେଲ, ଦୀପକ ଚହର, ଯଶପ୍ରୀତ୍ ବୁମ୍‌ରା, ଉମେଶ ଯାଦବ।

**ଅଷ୍ଟ୍ରେଲିଆ ଦଳ:** ଆରୋନ ଫିଞ୍ଚ୍ (ଅଧିନାୟକ), ସିଅନ ଆବୋଟ, ଅଷ୍ଟନ ଅଗର, ପ୍ୟାଟ୍ କମିନ୍ସ, ଟିମ୍ ଡାଭିଡ, ନାଥାନ ଏଲିସ, କାମେରନ ଗ୍ରୀନ୍, ଜୋଶ୍ ହାଜେଲଉଡ୍, ଜୋଶ୍ ଇଂଲିଶ୍, ଗ୍ଲେନ ମ୍ୟାକ୍ସୱେଲ, କେନ୍ ରିଚାର୍ଡସନ, ଡାନିଏଲ ସାମ୍ସ, ଷ୍ଟିଭ୍ ସ୍ମିଥ, ମାଥ୍ୟୁ ୱାଡେ, ଆଡାମ ଜାମ୍ପା।

**ଭାରତ-ଅଷ୍ଟ୍ରେଲିଆ ଟି୨୦ ସିରିଜ ଆଜିଠାରୁ**
**ମ୍ୟାଚ୍ ଆରମ୍ଭ: ରାତି ୭ଟା ୩୦**



ସୋମବାର ନେଟ୍ସ ସେସନ ଅବସରରେ ରିଷଭ ପନ୍ତ ଓ ହର୍ଷଲ ପଟେଲ।

## ଭାରତୀୟ ଯୁବ ବକ୍ସରଙ୍କୁ ୧୯ ପଦକ

**ନୂଆଦିଲ୍ଲୀ, ୧୯।୯ (ପି.ଟି.):** ସର୍ବିୟାରେ ଚାଲିଥିବା ୪୦ତମ ଗୋଲ୍ଡେନ ଗ୍ଲୋଭ୍ ଅଫ୍ ଭୋଜଭିନା ଯୁଥ୍ ବକ୍ସିଂ ଟୁର୍ନାମେଣ୍ଟର ଅନ୍ତିମ ଦିବସରେ ଭାରତୀୟ ଯୁବ ବକ୍ସରମାନେ ୧୦ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଫଳରେ ଦଳର ମୋଟ୍ ପଦକ ସଂଖ୍ୟା ୧୯ରେ ପହଞ୍ଚିଛି। ମହିଳା ବିଭାଗରେ ସମସ୍ତ ୧୨ ପ୍ରତିଯୋଗୀ ପଦକ ଜିତିଛନ୍ତି। ସେମାନଙ୍କ ମଧ୍ୟରୁ ଭାବନା ଶର୍ମା (୪୮କେଜି), ଦେବିକା ଘୋରପୋଡେ (୫୨କେଜି), କୁଞ୍ଜରାଣୀ ଦେବୀ (୬୦କେଜି), ରବିନା (୬୩କେଜି) ଓ କୀର୍ତ୍ତି (୮୧କେଜି+) ସ୍ୱର୍ଣ୍ଣ ହାସଲ କରିଛନ୍ତି। ମୁସ୍କାନ (୭୫କେଜି) ଓ ପ୍ରଞ୍ଜଲ ଯାଦବ (୮୧କେଜି) ସେମାନଙ୍କ ଫାଇନାଲ ହାରିବା ପରେ ରୌପ୍ୟ ପଦକ ପାଇଛନ୍ତି। ସେହିପରି ମହିଳା ବିଭାଗର ଅନ୍ୟ ୫ ପଦକଧାରୀ କାଶିସ (୫୦କେଜି), ନିରୁ (୫୪କେଜି), ଆର୍ୟା (୫୭କେଜି), ପ୍ରିୟଙ୍କା (୫୪କେଜି) ଓ ଲାଶୁ (୭୦କେଜି) ପ୍ରମୁଖ ଗୋଟିଏ ଲେଖାଏଁ ବ୍ରୋଞ୍ଜ ଜିତିଛନ୍ତି। ଦେଶର ପୁରୁଷ ବକ୍ସରମାନେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସମସ୍ତ ୫ ବକ୍ସର ଫାଇନାଲରେ ବିଜୟ ଲାଭ କରିଛନ୍ତି। ବିଶ୍ୱନାଥ, ଆଶିଷ ଓ ସାହିଲ ପ୍ରମୁଖ ଫାଇନାଲରେ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ୫-୦ରେ ବିଜୟ ଲାଭ କରିଛନ୍ତି।

## ଏଆଇଏଫ୍‌ଏଫ୍‌ର ବିଭିନ୍ନ କମିଟିରେ ଓଡ଼ିଶାରୁ ୬


ଅଭିଜିତ୍ ପାଲ୍

**ଭୁବନେଶ୍ୱର, ୧୯।୯ (କ୍ରୀଡ଼ା ପ୍ରତିନିଧି):** ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍)ର କାର୍ଯ୍ୟକାରିଣୀ କମିଟି ବୈଠକ ସୋମବାର କୋଲ୍‌କାତାରେ ଅନୁଷ୍ଠିତ ହୋଇଯାଇଛି। ଦେଶରେ ଫୁଟ୍‌ବଲର ବିକାଶ ଏବଂ କାର୍ଯ୍ୟକ୍ରମଗୁଡ଼ିକ ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି। ପ୍ରଶାସକ ଓ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳିଙ୍କୁ ମିଶାଇ ଓଡ଼ିଶାରୁ ମୋଟ ୬ ଜଣ ବିଭିନ୍ନ କମିଟିରେ ସ୍ଥାନ ପାଇଛନ୍ତି। ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶାର ଯୁଗ୍ମ ସମ୍ପାଦକ ତଥା ଏଆଇଏଫ୍‌ଏଫ୍ କାର୍ଯ୍ୟକାରୀ କମିଟି ସଦସ୍ୟ ଅଭିଜିତ୍ ପାଲ୍‌ଙ୍କୁ ରାଜ୍ୟ ଉନ୍ନୟନ କମିଟିର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଏହା ବ୍ୟତୀତ ଅଭିଜିତ୍ ଏଆଇଏଫ୍‌ଏଫ୍‌ର ଫାଇନାନ୍ସ କମିଟିରେ ସ୍ଥାନ ପାଇଥିବାବେଳେ ଆଡ୍‌ଭାଇଜରି କମିଟି (ଫୁଟ୍‌ବଲ ଡେଭେଲପମେଣ୍ଟ)ରେ ରାଜେନ୍ଦ୍ର ପ୍ରସାଦ ସିଂ, ଫୁଟ୍‌ସାଲ କମିଟିରେ ମହମ୍ମଦ ସହିଦ ଜବାର, ବିଚ୍ ସକର କମିଟିରେ ଅନୁପ ପାତ୍ର, ମହିଳା କମିଟିରେ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଏବଂ କମ୍ପିଟିଶନ କମିଟିରେ ସସ୍ମିତା ମଲିକ ସ୍ଥାନ ପାଇଛନ୍ତି।

## ଦିଲୀପଙ୍କ ପ୍ରତିଦ୍ୱନ୍ଦ୍ୱୀ ରାକେଶ, ଭୋଳାନାଥ

**ଭୁବନେଶ୍ୱର, ୧୯।୯ (କ୍ରୀଡ଼ା ପ୍ରତିନିଧି)**

ଅକ୍ଟୋବର ୧ରେ ହେବାକୁଥିବା ହକି ଇଣ୍ଡିଆ ନିର୍ବାଚନ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ସୋମବାର ପ୍ରକାଶ ପାଇଛି। ହକି ଇଣ୍ଡିଆ ତଥ୍ୟ ଅନୁସାରେ ଓଡ଼ିଶାର ଦିଲୀପ ତିର୍କୀଙ୍କ ସହିତ ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ ନଏଡାର ରାକେଶ କାଟୟାଲ ଓ ଝାଡ଼ଖଣ୍ଡର ଭୋଳାନାଥ ସିଂ। ସେହିପରି ଉପସଭାପତି ପଦ ପାଇଁ ଅସୀମା ଅଲ୍ଲୀ, ଏସ୍.ଭି.ଏସ୍. ସୁବ୍ରମଣ୍ୟ ଗୁପ୍ତା ଏବଂ ମହାସଚିବ ପଦ ଲାଗି ହିତେଶ ସିନ୍ଧ୍ୱାନୀ, ଭୋଳାନାଥ ସିଂ, ମନୋଜ ଭି. ଭୋରେ ନାମାଙ୍କନ ଭରିଛନ୍ତି। ଅର୍ଥାତ୍ ଭୋଳାନାଥ ଉଭୟ ସଭାପତି ଓ ମହାସଚିବ ପଦ ନିମନ୍ତେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି କୋଷାଧ୍ୟକ୍ଷ ପଦ ପାଇଁ ସେକର ଜେ. ମନୋହରନ, ଯୁଗ୍ମ ସମ୍ପାଦକ ପାଇଁ ଆରତି ସିଂ, ରେଣୁ, ସୁନୀଲ ମଲିକ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ଲାଗି ଭି. ସୁନୀଲ କୁମାର, କଲ୍ୟାଣୀ ଡେକା, ଆଶ୍ରିତା ଲାକ୍ରା, ତପନ କୁମାର ଦାସ, ଅରୁଣ କୁମାର ସାରସ୍ୱତ, ଗୁରପ୍ରୀତ୍ କୌର ମନୋନୟନ ପତ୍ର ଦାଖଲ କରିଛନ୍ତି।

ପ୍ରକାଶ ଯେ, ୧ ସଭାପତି, ୨ ଉପସଭାପତି (ଜଣେ ଲେଖାଏ ମହିଳା ଓ ପୁରୁଷ), ୧ ମହାସଚିବ, ୧ କୋଷାଧ୍ୟକ୍ଷ, ୨ ଯୁଗ୍ମ ସମ୍ପାଦକ (ଜଣେ ଲେଖାଏ ମହିଳା ଓ ପୁରୁଷ) ଏବଂ ୫ କାର୍ଯ୍ୟକାରିଣୀ ସଦସ୍ୟ ପଦ ପାଇଁ ନିର୍ବାଚନ ହେବ। ୨୦ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ ହେବ, ୨୧ ଓ ୨୨ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ୨୩ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଯେଉଁ ପଦ ପାଇଁ ଆବଶ୍ୟକ ପଡ଼ିବ ଅକ୍ଟୋବର ୧ରେ ନିର୍ବାଚନ କରାଯିବ। ଗତ ଅଗଷ୍ଟରେ ହକି ଇଣ୍ଡିଆ ଏହାର ନିର୍ବାଚନ ପରିଚାଳନା ପାଇଁ ଅଜୟ ନାୟକଙ୍କୁ ରିଟର୍ନିଂ ଅଫିସର ନିଯୁକ୍ତ କରିଥିଲା। ଅଜୟ ହେଉଛନ୍ତି ବିହାର ସରକାରଙ୍କ ପୂର୍ବତନ ଚିଫ୍ ଇଲେକ୍ଟୋରାଲ ଅଫିସର। ଏ.କେ. ମଜୁମ୍‌ଦାରଙ୍କୁ ସହକାରୀ ରିଟର୍ନିଂ ଅଫିସର ଭାବେ ନିଯୁକ୍ତି ମିଳିଛି।

**ହକି ଇଣ୍ଡିଆ ନିର୍ବାଚନ**

## ଆଇନଗତ ପଦକ୍ଷେପ ନେଇପାରନ୍ତି ଭୂଟିଆ

**କୋଲ୍‌କାତା, ୧୯।୯(ପି.ଟି.)**

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଭାରତର ପୂର୍ବତନ ଅଧିନାୟକ ବାଇଚୁଙ୍ଗ ଭୂଟିଆଙ୍କ ଅନୁରୋଧକୁ ଟାଳି ଦେଇଥିବାରୁ ସେ ହୁଏତ ଆଇନଗତ ପଦକ୍ଷେପ ନେଇପାରନ୍ତି। ଏଠାରେ ସୋମବାର ଅନୁଷ୍ଠିତ ଏଆଇଏଫ୍‌ଏଫ୍‌ର କାର୍ଯ୍ୟନିର୍ବାହୀ କମିଟି ବୈଠକରେ ସାଧାରଣ ସମ୍ପାଦକ ପଦବୀରେ ଶାଜି ପ୍ରଭାକରନଙ୍କୁ କାହିଁକି ନିଯୁକ୍ତି ଦିଆଗଲା ସେ ପ୍ରସଙ୍ଗରେ ଆଲୋଚନା କରିବାକୁ ସେ ଅନୁରୋଧ କରିଥିଲେ। ପ୍ରଭାକରନ ଫୁଟ୍‌ବଲ ଦିଲ୍ଲୀର ଜଣେ ପ୍ରତିନିଧି ଭାବେ ଇଲେକ୍ଟୋରାଲ କଲେଜର ଜଣେ ସଦସ୍ୟ ଅଟନ୍ତି। ସେପ୍ଟେମ୍ବର ୨ରେ ସଭାପତି ପଦବୀ ପାଇଁ ହୋଇଥିବା ନିର୍ବାଚନରେ ଭାରତର ପୂର୍ବତନ ଗୋଲ୍‌କିପର କଲ୍ୟାଣ ଚୌବେ ଭୂଟିଆଙ୍କୁ ୩୩।୧ ଭୋଟ୍ ବ୍ୟବଧାନରେ ପରାସ୍ତ କରି ନିର୍ବାଚିତ ହେବା ପରେ ପ୍ରଭାକରନଙ୍କୁ ଏଆଇଏଫ୍‌ଏଫ୍‌ର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳିଥିଲା। ଭୂଟିଆ କହିଛନ୍ତି ଯେ, ଜଣେ ଭୋଟରଙ୍କୁ ମହାସଂଘର ଏକ ବେତନପ୍ରାପ୍ତ ପଦବୀରେ ନିଯୁକ୍ତି ଦିଆଯିବା ଯଥାର୍ଥ ନୁହେଁ। ଏହା ପଛରେ କିଛି ମୁଲ୍‌ଚାଲ ହୋଇଥିବା ତାଙ୍କର ସନ୍ଦେହ ହେଉଛି। ଏ ବିଷୟ ଏଠାରେ ସୋମବାର ଅନୁଷ୍ଠିତ କାର୍ଯ୍ୟନିର୍ବାହୀ କମିଟି ବୈଠକର ଏଜେଣ୍ଡାରେ ସାମିଲ କରିବା ଲାଗି ଭୂଟିଆ ୨/୩ ଦିନ ପୂର୍ବରୁ ଏଆଇଏଫ୍‌ଏଫ୍‌କୁ ଅନୁରୋଧ କରିଥିଲେ। ମାତ୍ର ବୈଠକରେ ଏହି ପ୍ରସଙ୍ଗ ଆଦୌ ଉଠାଗଲାନାହିଁ, ଯାହା ତାଙ୍କୁ ନିରାଶ କରିଛି। ସେ ତାଙ୍କ ହିତାକାଂକ୍ଷୀମାନଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ଭୂଟିଆ କହିଛନ୍ତି। ୨୦୧୧ରେ ଅବସର ନେବା ପୂର୍ବରୁ ଭୂଟିଆ ଭାରତୀୟ ଫୁଟ୍‌ବଲର ଜଣେ 'ପୋଷ୍ଟର ବୟ' ରୂପେ ପରିଚିତ ଥିଲେ। ସେ କହିଛନ୍ତି, ଏଆଇଏଫ୍‌ଏଫ୍ ନିର୍ବାଚନରେ ପ୍ରଭାକରନ କେବଳ ଜଣେ ଭୋଟର ନ ଥିଲେ, ସେ କଲ୍ୟାଣ ଚୌବେଙ୍କ ପାଇଁ ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କୁ ବେତନପ୍ରାପ୍ତ ପଦବୀରେ ନିଯୁକ୍ତି ଦିଆଯିବା ଏକ ଖରାପ ଉଦାହରଣ ସୃଷ୍ଟି କରିଛି। ପ୍ରଭାକରନଙ୍କୁ ଯଦି କୌଣସି ଅବୈତନିକ ପଦବୀରେ ନିଯୁକ୍ତି ଦିଆଯାଇଥାନ୍ତା ତେବେ ତାଙ୍କର କୌଣସି ଆପତ୍ତି ନ ଥିଲା। ଭୂଟିଆ ଆହୁରି ମଧ୍ୟ ଏଆଇଏଫ୍‌ଏଫ୍‌ର ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଦଳକୁ ବାର୍ସିଲୋନା ପଠାଇବା ନିଷ୍ପତ୍ତିକୁ ନାପସନ୍ଦ କରିଛନ୍ତି। ଏଥିରୁ ଖେଳାଳିମାନେ ଉପକୃତ ହେବେ ନାହିଁ ବୋଲି ସେ କହିଛନ୍ତି।


ବାଇଚୁଙ୍ଗ ଭୂଟିଆ


ଶାଜି ପ୍ରଭାକରନ

**ଶାଜିଙ୍କୁ ନିଯୁକ୍ତି ପ୍ରସଙ୍ଗ**

## ନିରପେକ୍ଷ ପ୍ରଶାସକ ଚଳାଇବେ ଆଇଓଏ

**ନୂଆଦିଲ୍ଲୀ, ୧୯।୯ (ପି.ଟି.):** ବର୍ତ୍ତମାନ ସମୟରେ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ପ୍ରଶାସନ ଚଳାଇବା ଲାଗି ସୁପ୍ରିମ୍‌କୋର୍ଟ ଜଣେ ନିରପେକ୍ଷ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବେ। ଏହି ପ୍ରସଙ୍ଗରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସହ ଆଲୋଚନା କରିବା ଲାଗି କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ଆଇଓସି ସେପ୍ଟେମ୍ବର ୮ରେ ଏହାର ଅନ୍ତିମ ଚରମବାଣୀ ଶୁଣାଇଥିଲା। ପରିଚାଳନାଗତ ସମସ୍ୟା ଦୂର କରିବା ଏବଂ ଡିସେମ୍ବର ସୁଦ୍ଧା ନିର୍ବାଚନ କରାଇବାରେ ବିଫଳ ହେଲେ ବିଶ୍ୱ କ୍ରୀଡ଼ା ପରିଷଦ ଭାରତକୁ ବାସନ୍ଦ କରିବ ବୋଲି କୁହାଯାଇଥିଲା। ଆଇଓସିର କାର୍ଯ୍ୟନିର୍ବାହୀ ବୈଠକ ସୁଇଜରଲାଣ୍ଡର ଲାଉସାନେରେ ବସିଥିଲା। ନରିନ୍ଦର ବାତ୍ରା ବହିଷ୍କୃତ ହେବା ପରେ କୌଣସି କାମଚଳା ଅବା ଅନ୍ତରୀଣ ସଭାପତିଙ୍କୁ ସ୍ୱୀକୃତି ଦିଆଯିବନାହିଁ। ଆଇଓସି ଏ ସମସ୍ତ ବ୍ୟାପାରରେ ବର୍ତ୍ତମାନ କେବଳ ସାଧାରଣ ସମ୍ପାଦକ ରାଜୀବ ମେହେଟ୍ଟାଙ୍କ ସହ ଯୋଗାଯୋଗ କରିବ ବୋଲି ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।




## ପ୍ରଶଂସକଙ୍କ ମନୋରଞ୍ଜନ ଜାରି ରଖିବି: ସେହ୍ୱାଗ୍

**ଭୁବନେଶ୍ୱର, ୧୯।୯ (ସ୍ପୋର୍ଟ୍ସ ବ୍ୟୁରୋ)**

ଆଦାନି ସ୍ପୋର୍ଟ୍ସ ଲାଇନ୍ ମାଲିକାନାରେ ଥିବା ଗୁଜରାଟ ଜାଏଣ୍ଟ୍ସ ଚଳିତ ଲିଜେଣ୍ଡ୍ସ ଲିଗ୍ କ୍ରିକେଟରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ନିଜର ପ୍ରଥମ ମ୍ୟାଚ୍‌ରେ ଏହି ଦଳ ଇଣ୍ଡିଆ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ଟୁର୍ନାମେଣ୍ଟରେ ଅନ୍ତର୍ଜାତୀୟ କ୍ରିକେଟ୍ କିମ୍ବଦନ୍ତୀମାନେ ପୁଣିଥରେ ପଡ଼ିଆକୁ ଓହ୍ଲାଇଥିବାବେଳେ ଭାରତର ଅନ୍ୟତମ ମହାନ୍ ଓପନର ବୀରେନ୍ଦ୍ର ସେହ୍ୱାଗ୍ ନିଜ ଟିମ୍ ପାଇଁ ରନ୍ ସ୍କୋର୍ କରି ପୁଣିଥରେ ତାଙ୍କ ପ୍ରଶଂସକଙ୍କୁ ପ୍ରଭାବିତ କରିବାକୁ ପ୍ରସ୍ତୁତ ଅଛନ୍ତି। ସେହ୍ୱାଗ କହିଛନ୍ତି ଯେ, "ଏହା ଏକ ଭଲ ଆରମ୍ଭ ଥିଲା। କେଭିନ୍ ଓ' ବ୍ରାଏନ୍ ଶତକ ହାସଲ କରିଥିବାବେଳେ ଆମ ବୋଲରମାନେ ମଧ୍ୟ ଭଲ ଖେଳିଥିଲେ। କ୍ରିକେଟ୍ ପଡ଼ିଆକୁ ଫେରିବାର ଏହି ସୁଯୋଗ ସହିତ ମୁଁ ବ୍ୟାଟିଂ ମାଧ୍ୟମରେ ପୁଣିଥରେ ମୋର ପ୍ରଶଂସକମାନଙ୍କ ମନୋରଞ୍ଜନ କରିବାକୁ ଚେଷ୍ଟା କରିବି। ଆମ ଦଳ ଭଲ ପ୍ରଦର୍ଶନ ଜାରି ରଖି ଟ୍ରଫି ଜିତିବା ନେଇ ମୁଁ ଆଶାବାଦୀ।" ଟିମ୍ ସମ୍ପର୍କରେ କୋଚ୍ ଭେଙ୍କଟେଶ ପ୍ରସାଦ କହିଛନ୍ତି, "ଗୁଜରାଟ ଜାଏଣ୍ଟ୍ସ ସହ ଜଡ଼ିତ ହେବା ମୋ ପାଇଁ ଏକ ସୁଯୋଗ ସଦୃଶ। ଏହି କ୍ରିକେଟରମାନେ କେବଳ କିମ୍ବଦନ୍ତୀ ନୁହନ୍ତି ବରଂ କ୍ରୀଡ଼ାକ୍ଷେତ୍ରରେ ଜଣେ ଜଣେ ମହାନ୍ ଖେଳାଳି। ଗୁଜରାଟ ଜାଏଣ୍ଟ୍ସର ମ୍ୟାଚ୍ ଦେଖୁଥିବା ଓ ଏହାକୁ ଅନୁସରଣ କରୁଥିବା ଦର୍ଶକମାନଙ୍କୁ ମନୋରଞ୍ଜନ ପ୍ରଦାନ କରିବା ଆମର ମୁଖ୍ୟ ଲକ୍ଷ୍ୟ।"


ବୀରେନ୍ଦ୍ର ସେହ୍ୱାଗ

## ଭିଲ୍‌ୱାରା କିଙ୍ଗ୍ସ ୩ ଉଇକେଟରେ ବିଜୟୀ

**ଲକ୍ଷ୍ନୌ, ୧୯।୯**

ଲିଜେଣ୍ଡ୍ସ ଲିଗ୍ କ୍ରିକେଟର ରବିବାର ଅନୁଷ୍ଠିତ ଏକ ମ୍ୟାଚରେ ଭିଲ୍‌ୱାରା କିଙ୍ଗ୍ସ ୩ ଉଇକେଟରେ ମନିପାଲ ଟାଇଗର୍ସଙ୍କୁ ପରାସ୍ତ କରିଛି। ଟାଇଗର୍ସ ଦଳ ୨୦ ଓଭରରେ ୭ ଉଇକେଟ ହରାଇ ୧୫୩ ରନ କରିଥିବାବେଳେ କିଙ୍ଗ୍ସ ୧୯.୪ ଓଭରରେ ୭ ଉଇକେଟ ହରାଇ ୧୫୬ ରନ ସଂଗ୍ରହ କରି ନେଇଥିଲା। ବିଜୟୀ ଦଳ ପକ୍ଷରୁ ୟୁସୁଫ ପଠାନ ୨୮ ବଲ୍‌ରୁ ସର୍ବାଧିକ ୪୪ (୪ ଚୌକା, ୨ ଛକା), ତନ୍ମୟ ଶ୍ରୀବାସ୍ତବ ୨୮ ଏବଂ ଇରଫାନ ପଠାନ ଓ ଟିନୋ ବେଷ୍ଟ ୧୫* ରନ ଲେଖାଏ ସ୍କୋର କରିଥିଲେ। ମନିପାଲ ଟାଇଗର୍ସ ବୋଲରଙ୍କ ମଧ୍ୟରେ ର୍ୟାନ ସାଇଡବଟମ ୩ଟି, କ୍ରିସ ମୋପୋଫୁ ୨ଟି ଉଇକେଟ ନେଇଥିଲେ। ଟସ୍‌ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା ମନିପାଲ ଟାଇଗର୍ସ। ଟପ୍ ଅର୍ଡରରେ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ଦଳ ମହମ୍ମଦ କୈଫଙ୍କ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ ସମ୍ମାନଜନକ ସ୍କୋର କରିଥିଲା। କୈଫ ୫୯ ବଲ୍‌ରୁ ୧୦ ଚୌକା ସହାୟତାରେ ୭୩ ଏବଂ ପ୍ରଦୀପ ସାହୁ ୧୯ ବଲ୍‌ରୁ ୩୦ (୨ ଚୌକା, ୧ ଛକା) ରନ କରିଥିଲେ। ବିପକ୍ଷ ଦଳର ଫିଡେଲ ଏଡୱାର୍ଡ୍ସ ସର୍ବାଧିକ ୪ଟି ଉଇକେଟ ନେଇଥିବାରୁ ଶେଷରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ଲିଜେଣ୍ଡ୍ସ ଲିଗ୍ କ୍ରିକେଟ**

**ସଂକ୍ଷିପ୍ତ ସ୍କୋର**

ମନିପାଲ ଟାଇଗର୍ସ ୨୦ ଓଭରରେ ୧୫୩/୭ (ମହମ୍ମଦ କୈଫ-୭୩, ଫିଡେଲ ଏଡୱାର୍ଡ୍ସ-୪/୩୦)। ଭିଲ୍‌ୱାରା କିଙ୍ଗ୍ସ ୧୯.୪ ଓଭରରେ ୧୫୬/୭)।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ